RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

'ଛୁମନ୍ତର'ରେ
ଅଭୟ-ଅନନ୍ୟା
▶ପୃଷ୍ଠା ୨ ଦେଖନ୍ତୁ...

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-48 ◆MONDAY ◆11 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୪୮ ◆ସୋମବାର ◆୧୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ଦୁଇ ବର୍ଷରେ ଏଆଇ ଖାଇଯିବ ୫ ଲକ୍ଷ ଚାକିରି !

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବର୍ଦ୍ଧିତ ବ୍ୟବହାର ସହିତ ଭାରତର ଆଇଟି କ୍ଷେତ୍ରରେ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଯାଇଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ୨-୩ ବର୍ଷ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୋଗୁଁ ଏହି ୨୮୩ ବିଲିୟନ ଡଲାରର ଆଇଟି କ୍ଷେତ୍ରରେ ପ୍ରାୟ ୫ ଲକ୍ଷ ଲୋକେ ଚାକିରି ହରାଇବେ। ଏହି କ୍ଷେତ୍ର ବର୍ତ୍ତମାନ ପର୍ଯ୍ୟନ୍ତ ୫୬ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଥିଲା ଏବଂ ଦେଶର ଅର୍ଥନୀତିରେ ୭%ରୁ ଅଧିକ ଅବଦାନ ରଖୁଛି।

(ବିବରଣୀ: ପୃ-୧୧)

ଉତ୍ତରକାଶୀ ବିପର୍ଯ୍ୟୟ: ୨୪ ଜଣ ସହପାଠୀ ଏବେବି ନିଖୋଜ

■ **ପୁନେ, ୧୦।୮ (ଏଜେନ୍ସି):** ଉତ୍ତରାଖଣ୍ଡ ଉତ୍ତରକାଶୀ ଧରାଲି ଗ୍ରାମର ପ୍ରଳୟଙ୍କରୀ ଦୃଶ୍ୟ ଲୋକଙ୍କ ହୃଦୟକୁ ଦୋହଲାଇ ଦେଇଛି। ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଏହି ପ୍ରାକୃତିକ ବିପର୍ଯ୍ୟୟ ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ଏବେ ବି ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ମହାରାଷ୍ଟ୍ର ପୁନେ ଅନ୍ତର୍ଗତ ଅୱାସାରୀ ଖୁର୍ଦ୍ଦ ଗାଁ ସ୍କୁଲର ୨୪ ଜଣ ପୁରୁଣା ସହପାଠୀ ନିଖୋଜ ଅଛନ୍ତି। ୩୫ ବର୍ଷ ପରେ ଏମାନେ ଏକାଠି ହୋଇ ଉତ୍ତରାଖଣ୍ଡ ବୁଲିବାକୁ ଯାଇଥିଲେ। ରିପୋର୍ଟ ଅନୁଯାୟୀ ଅୱାସାରି ଖୁର୍ଦ୍ଦର ବାସିନ୍ଦା ଅଶୋକ ଭୋର ଏବଂ ୧୯୯୦ ମସିହା ଦଶମ ଶ୍ରେଣୀର ତାଙ୍କର ସବୁ ▶ପୃଷ୍ଠା-୧୦

୩୫ ବର୍ଷ ପରେ ଏକାଠି ହୋଇଥିଲେ

ପେଟ୍ରୋଲ, ଡିଜେଲ୍ ବିକିବ ଆଦାନୀ ଗ୍ରୁପ୍

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆଦାନୀ ଗ୍ରୁପ ବିକ୍ରି କରିବ ପେଟ୍ରୋଲ-ଡିଜେଲ। ଏଥିପାଇଁ ଖୋଦ୍ କେନ୍ଦ୍ର ସରକାର ଉଦ୍ଦିଷ୍ଟ ଲାଇସେନ୍ସ ନିୟମରେ କେତେକ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଭାରତରେ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ବ୍ୟବସାୟ ପାଇଁ ନିୟମ ଖୁବ୍ ଶୀଘ୍ର ପରିବର୍ତ୍ତନ ହୋଇପାରେ। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ଲାଇସେନ୍ସ ମାନଦଣ୍ଡରେ ଛାଡ଼ କରିବା ବିଷୟରେ ବିଚାର କରୁଛି। ନୂତନ ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକ ପେଟ୍ରୋଲ ପମ୍ପ ଖୋଲିବାକୁ ଆହୁରି ସହଜ କରିପାରିବ।

(ବିବରଣୀ: ପୃ-୧୧)

ପ୍ରତିଶୋଧ ନେବ ଭାରତ

ଆମେରିକା ଉପରେ ଲଗାଇବ ୫୦% ଜବାବୀ ଶୁଳ୍କ

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ଅନିଶ୍ଚିତତାରେ ୩୫୦୦୦ କୋଟିର ବୋଇଂ କ୍ରୟ

ସ୍ଥଗିତ ହୋଇପାରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆମେରିକା ଗସ୍ତ

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପ ▶ପୃଷ୍ଠା-୧୦

ଭାରତ ଉପରେ ତତ୍କାଳ ଶୁଳ୍କ; ଚୀନକୁ ୯୦ ଦିନର ମହଲତ

■ **ନୂଆଦିଲ୍ଲୀ,୧୦।୮ (ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ ।।ହେବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ୍ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି।

ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ, ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍ଟିଆର)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ▶ପୃଷ୍ଠା-୧୦

ବିହାର ଭୋଟର ତାଲିକା ସଂଶୋଧନ ବିବାଦ

ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ

ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ

ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ▶ପୃଷ୍ଠା-୧୦

ଚନ୍ଦ୍ରଭାଗାରେ ଭାସି ୩ ମୃତ

■ **କୋଣାର୍କ, ୧୦।୮ (ସମିସ):** ଗାଧୋଇବା ବେଳେ ସମୁଦ୍ର ଲହଡ଼ିରେ ଭାସି ୩ ଜଣ ପ୍ରାଣ ହରାଇଛନ୍ତି। ରବିବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଚନ୍ଦ୍ରଭାଗାରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକମାନେ ହେଲେ, ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର ରାହୁଲ ସେନାପତି ଓ ଅରୂପାନନ୍ଦ ଜେନା। ଏମାନେ ଭିନ୍ନଭିନ୍ନ ସ୍ଥାନରେ ଗାଧୋଉଥିବା ବେଳେ ସମୁଦ୍ର ଲହଡ଼ି ପ୍ରଥମେ ଆକାଶଙ୍କୁ ଟାଣି ନେଇଥିଲା। ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ବେଳେ ଲହଡ଼ିରେ ଭାସି ଯାଇଥିଲେ। ଏହା ଦେଖି ସେମାନଙ୍କ ସହ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ଭୟରେ ଫେରିଯିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ରାହୁଲ ଓ ଅରୂପାନନ୍ଦଙ୍କୁ ▶ପୃଷ୍ଠା-୧୦

ସମୁଦ୍ରରେ ଭାସିଗଲେ ୫ ନାବାଳକ

■ **ପୁରୀ, ୧୦।୮ (ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ରାଜହଂସ ନିକଟ ପିତାଖାଲ ନିକଟରେ ସମୁଦ୍ରରେ ଗାଧୋଇବା ବେଳେ ୫ଜଣ ନାବାଳକ ଭାସି ଯାଇଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀ ସେମାନଙ୍କ ମଧ୍ୟରୁ ୪ଜଣଙ୍କୁ ଉଦ୍ଧାର କରିଥିବା ବେଳେ ଜଣେ ନାବାଳକ ନିଖୋଜ ହୋଇଯାଇଛି।

୪ ଉଦ୍ଧାର; ଜଣେ ନିଖୋଜ

ସୂଚନା ମୁତାବକ, ଆଲୁପାଟଣ ଗ୍ରାମର ୫ ନାବାଳକ ସାଙ୍ଗ ହୋଇ ବଣଭୋଜି କରିବାକୁ ରାଜହଂସ ନିକଟକୁ ଯାଇଥିଲେ। ପିତାଖାଲ ନିକଟ ସମୁଦ୍ରରେ ଗାଧୋଉଥିବାବେଳେ ଅସାବଧାନତାବଶତଃ ସମସ୍ତେ ଗଭୀର ଜଳରାଶିକୁ ଚାଲି ଯାଇଥିଲେ।

ପଛକୁ ପଛ ଆସୁଛି ଲଘୁଚାପ

୧୨ରୁ ପୁଣି ଭିଜିବ ଓଡ଼ିଶା

■ **ଭୁବନେଶ୍ୱର, ୧୦।୮ (ସମିସ):** ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଦୁଇଟି ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧୩ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତା'ର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ▶ପୃଷ୍ଠା-୧୦

ପଟ୍ଟାମୁଣ୍ଡାଇ ଛାତ୍ରୀ ଆତ୍ମଦାହ ମାମଲା

ଜେଲ୍ ଗଲା ପ୍ରେମିକ

ଅଭିଯୁକ୍ତ ମୋବାଇଲରେ ୬୦ ଅଶ୍ଳୀଳ ଭିଡିଓ

■ **କେନ୍ଦ୍ରାପଡ଼ା / ପଟ୍ଟାମୁଣ୍ଡାଇ, ୧୦।୮ (ସମିସ):** ବଡ଼ପଡ଼ା ପଞ୍ଚାୟତ କାଠିଆପଡ଼ା ଗ୍ରାମର ଶଶିକାନ୍ତ ପରିଡ଼ାଙ୍କ ଝିଅ ପି.ଡି ସଂଗୀତାଙ୍କ ଆତ୍ମଦାହ ଘଟଣା ଆଜି ନୂଆ ମୋଡ଼ ନେଇଛି। ଏହି ଘଟଣାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ସଂଗୀତାଙ୍କ ପ୍ରେମିକ କୁହାଯାଉଥିବା ତେରୋହୀ ଗାଁର ପ୍ରମୋଦ ବେହେରାକୁ ଗିରଫ କରିଛି। ଗିରଫ ଅଭିଯୁକ୍ତକୁ ଏସ୍‌ଡିଜେଏମ୍‌ଙ୍କ ଠାରେ ହାଜର କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତାକୁ ବାରିମୂଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

▶ପୀଡ଼ିତାଙ୍କ ବାପା ସମେତ ୬ଜଣଙ୍କୁ ପଠାଇଥିଲା ଭିଡିଓ: ଏସ୍‌ପି

▶ଗିରଫଦାରୀ ପ୍ରତିବାଦରେ ଥାନା ଆଗରେ ଗ୍ରାମବାସୀଙ୍କ ଧାରଣା

▶ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଅଭିଯୁକ୍ତ ପ୍ରମୋଦ ଦୀର୍ଘଦିନ ଧରି ସଂଗୀତାଙ୍କୁ ବ୍ଲାକମେଲ୍ କରି ଆସୁଥିଲା। ଏପରିକି, ଆତ୍ମହତ୍ୟା କରିବା ପାଇଁ ସେ ତାଙ୍କୁ ଉସୁକାଇଥିଲା ବୋଲି ପୁଲିସ କହିଛି। ପ୍ରମୋଦ ମୋବାଇଲରୁ ପୁଲିସ୍‌କୁ ସଂଗୀତାଙ୍କ ୬୦ଟି ଅଶ୍ଳୀଳ ଭିଡିଓ ମିଳିଛି। ଗତ ଜୁଲାଇ ୧୭ରେ ପ୍ରମୋଦ ସେହି ଭିଡିଓରୁ ଗୋଟିଏ ▶ପୃଷ୍ଠା-୧୦

ଜମି ଜବରଦଖଲକୁ କେନ୍ଦ୍ର କରି ତୁମୁଳକାଣ୍ଡ

ବୋମାମାଡ଼ରେ ଥରିଲା ଶ୍ୟାମପୁର

■ **ଭୁବନେଶ୍ୱର, ୧୦।୮ (ସମିସ):** କିଛି ଦିନର ନିରବତା ପରେ ପୁଣି ଅଶାନ୍ତ ହୋଇଛି ରାଜଧାନୀ। ସ୍ୱଚ୍ଛ ଦିବାଲୋକରେ ପୁଲିସକୁ ଚ୍ୟାଲେଞ୍ଜ ଦେଇଛନ୍ତି ଅସାମାଜିକ ଯୁବକ। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦକୁ ନେଇ ଶ୍ୟାମପୁର ଆଜି ଥରହର ହୋଇଛି। ଗୋଟିଏ ଗୋଷ୍ଠୀ ଘନଘନ ବୋମାମାଡ଼ କରିଥିବା ବେଳେ ଅପରଗୋଷ୍ଠୀର ଯୁବକମାନେ ୩ଟି ବାଇକ୍ ଜାଳି ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବଜରଙ୍ଗୀ କ୍ଲବର ସଦସ୍ୟମାନେ ଶ୍ୟାମପୁର ମୌଜାରେ ଲିଜ୍ ରଦ୍ଦ ହୋଇଥିବା ଜମିକୁ ଶାଗ ମାଛ ଦରରେ ବିଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଛନ୍ତି। ହେଲେ ପୂର୍ବରୁ ଲିଜ୍ ପାଇଥିବା ବ୍ୟକ୍ତିମାନେ ଅନ୍ଧାରୁଆର କିଛି ଯୁବକଙ୍କୁ ନିୟୋଜିତ କରି ନିଜ ଜମିରେ ପାଚେରି ନିର୍ମାଣ କରୁଛନ୍ତି। ଏହାକୁ ନେଇ ଅନ୍ଧାରୁଆର ଯୁବକ ଓ ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ଅନ୍ଧାରୁଆ ପିଲାମାନେ ଶ୍ରମିକଙ୍କ ଦ୍ୱାରା ପାଚେରି ନିର୍ମାଣ କରୁଥିବା ବେଳେ ବଜରଙ୍ଗୀ କ୍ଲବର ସୁନୀଲ, ଅନିଲ, ଅଜୁ, ଆଶିଷ ସମେତ ପ୍ରାୟ ୨୦ ଜଣ ଯୁବକ କାର୍ ଓ ବାଇକ୍ ଯୋଗେ ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝି ଆଗରୁ ହଠାତ୍ ବୋମାମାଡ଼ ▶ପୃଷ୍ଠା-୧୦

ଅଳ୍ପକେ ବର୍ତ୍ତିଲେ ୬ ଯୁବକ

ଅପରଗୋଷ୍ଠୀ ଜାଳିଦେଲେ ୩ ବାଇକ୍

ମେଟ୍ରୋ ରେଳ ପ୍ରକଳ୍ପ

ଦେଶସାରା ଚାଲିଛି; ଓଡ଼ିଶା ବେଳକୁ କୁନ୍ଥକୁନ୍ଥ

ଭୁବନେଶ୍ୱର, ୧୦।୮ (ସମିସ):

ଦେଶର ଗମନାଗମନ ବ୍ୟବସ୍ଥା ଧୀରେ ଧୀରେ ସ୍ମାର୍ଟ ହେଉଥିବା ବେଳେ ଦେଶ ସହ ତାଳ ଦେଇ ରାଜ୍ୟଗୁଡ଼ିକ ନିଜର ପରିବହନ ବ୍ୟବସ୍ଥାକୁ ଉନ୍ନତ କରିବାରେ ଲାଗିଛନ୍ତି। ଏକ୍ଷେତ୍ରରେ ଏକାଧିକ ବିଜେପି ଶାସନାଧୀନ ରାଜ୍ୟ ସରକାର ମଧ୍ୟ ମେଟ୍ରୋ ସହ ଅନ୍ୟାନ୍ୟ ପ୍ରକଳ୍ପକୁ ଗୁରୁତ୍ୱ ଦେଉଛନ୍ତି। ମାତ୍ର ଓଡ଼ିଶାରେ ବିଜେପି ସରକାରଙ୍କ ଓଲଟା କାର୍ଯ୍ୟକଳାପ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ରଖିଥିବା ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସନ୍ତୋଷଜନକ ନୁହେଁ ବୋଲି ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି।

ନିକଟରେ ଆନ୍ଧ୍ରପ୍ରଦେଶ ସରକାର ଭାଇଜାକ୍ ମେଟ୍ରୋ ପାଇଁ ଟେଣ୍ଡର ଆହ୍ୱାନ କରିଥିବା ବେଳେ ବିଜୟୱାଡା ପାଇଁ ଟେଣ୍ଡର ଡାକିବାକୁ ପ୍ରସ୍ତୁତ ହେଉଛନ୍ତି। ସେହିପରି ମଧ୍ୟପ୍ରଦେଶର ଭୋପାଳରେ ମେଟ୍ରୋ ପ୍ରକଳ୍ପ ଜାରି ରହିଥିବା ବେଳେ ଏହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ବିହାର ପାଟନାରେ ମଧ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଉତ୍ତରପ୍ରଦେଶର ୬ଟି ସହରରେ ମେଟ୍ରୋ ଗଢ଼ୁଥିବା ବେଳେ ଏହାକୁ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରେ ନମ୍ମା ମେଟ୍ରୋ ଅଧୀନରେ ୟେଲୋ ଲାଇନର ଉଦ୍‌ଘାଟନ କରିଛନ୍ତି। ତାମିଲନାଡୁ ସରକାର ମେଟ୍ରୋ କରିଡର୍ ପାଇଁ ନକ୍ସା ପ୍ରସ୍ତୁତ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ମଧ୍ୟ ମେଟ୍ରୋ ସେବା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ଓଡ଼ିଶାରେ ଦେଢ଼ ବର୍ଷ ପୂର୍ବରୁ ମେଟ୍ରୋ ପାଇଁ ତତ୍କାଳୀନ ନବୀନ ପଟ୍ଟନାୟକ ସରକାର ଆରମ୍ଭ କରିଥିବା ଏହି ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

ଆସନ୍ତା ୫ବର୍ଷ ମଧ୍ୟରେ ବି ପ୍ରକଳ୍ପ ଆଶା କ୍ଷୀଣ

୨୦୨୪ରେ ଶୁଭ ଦେଇଥିଲେ ନବୀନ ପଟ୍ଟନାୟକ

୨୦୨୭ ମସିହାରେ ଶେଷ ହୋଇଥା'ନ୍ତା ପ୍ରକଳ୍ପ

ବିଜେଡି ସରକାର ୨୦୨୭ ସୁଦ୍ଧା ରାଜଧାନୀରେ ମେଟ୍ରୋ ରେଳ ଗଡ଼ାଇବାକୁ ପ୍ରତିବଦ୍ଧତାର ସହ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢ଼ାଇଥିବା ବେଳେ ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକଳ୍ପର ଆବଶ୍ୟକତା ନାହିଁ ବୋଲି ଶାସକ ଦଳର ବିଧାୟକ ମନ୍ତବ୍ୟ ଦେଉଛନ୍ତି। ରାଜ୍ୟ ସରକାର ମଧ୍ୟ ଏହି ପ୍ରକଳ୍ପ ପାଇଁ ଅନାଗ୍ରହୀ ଥିବା ଦେଖାଯାଉଛି। ରାଜ୍ୟ ସରକାରଙ୍କ ଏପରି ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦ୍ୱୈତନଗରୀ ମେଟ୍ରୋରେ କଟକ ଓ ଭୁବନେଶ୍ୱରବାସୀ ସବୁଠାରୁ ଅଧିକ ଉପକୃତ ହେବା ଆପାତତଃ ନିଶ୍ଚିତ। ମାତ୍ର ଶାସକ ଦଳ ତଥା ଖୋଦ୍ ରାଜଧାନୀର ବିଧାୟକ ଆସନ୍ତା ୨୦/୩୦ ବର୍ଷ ଯାଏ ଭୁବେଶ୍ୱରରେ ମେଟ୍ରୋ ରେଳ ସେବାର ଆବଶ୍ୟକତା ନାହିଁ ବୋଲି ଟିପ୍ପଣୀ ସାଧାରଣ ଲୋକଙ୍କୁ ନିରାଶ କରିଛି। ଏହି ସମୟରେ ପୂର୍ବ ସରକାର ମେଟ୍ରୋ ରେଳ ପାଇଁ କରିଥିବା ଟେଣ୍ଡରକୁ ବର୍ତ୍ତମାନର ସରକାର ବାତିଲ କରି ଦେଇଛନ୍ତି।

କେବଳ ସେତିକି ନୁହେଁ; ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ▶ପୃଷ୍ଠା-୧୦

ସକାଳ THE SAKALA

www.sakalaepaper.com

ଗରିବ କଲ୍ୟାଣ ଓ ବିକାଶ ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଛତ୍ରପୁର, ୧୦।୮ (ସମିସ): ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ହାଇସ୍କୁଲ ପଡ଼ିଆଠାରେ ରବିବାର ଗରିବ କଲ୍ୟାଣ ଓ ବିକାଶ ସମାବେଶ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେଯେ, ଆଜି ମହାନ ଜନନାୟକ ତଥା ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଭି.ଭି.ଗିରିଙ୍କ ଜନ୍ମ ଦିନ। ଗଞ୍ଜାମ ଜିଲ୍ଲାର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବିଶ୍ୱନାଥ ଦାସ, ଶଶୀ ଭୂଷଣ ରଥ, ବିନାୟକ ଆଚାର୍ଯ୍ୟ, ବିଜୁ ପଟ୍ଟନାୟକ, ସଂଯୁକ୍ତା ପାଣିଗ୍ରାହୀ, ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଆଦିବାସୀ ଜନନାୟକ ଚକରା ବିଷୋୟୀ ଆଦି ଗଞ୍ଜାମ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ମାନଙ୍କୁ ସର୍ବ ପ୍ରଥମେ ପ୍ରଣାମ ଜଣାଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଅପାର ସମ୍ଭାବନାର ଅଞ୍ଚଳ ଗଞ୍ଜାମ ହେଉଛି କଳା, ଦକ୍ଷତା ଏବଂ ପରିଶ୍ରମୀ ଲୋକଙ୍କ ସହର। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ପଡ଼ିଥିଲା କଟକର ଇଦ୍‌ଗା ପଡ଼ିଆରେ। ତେବେ ଏହା ପୂର୍ବରୁ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ଉଦ୍ୟମରେ ରମ୍ଭା ରାଜ ପ୍ରସାଦରେ ପ୍ରଥମ ରମ୍ଭା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଆନୁଷ୍ଠାନିକ ସମିତି ଗଠନ ଲାଗି ପ୍ରସ୍ତାବ ଦିଆଯାଇଥିଲା। ଆଜି ସେଭଳି ଭୂମିକୁ ମୋର ପ୍ରଣାମ ଜଣାଉଛି ବୋଲି ମଧ୍ୟ ଶ୍ରୀ ପ୍ରଧାନ କହିଥିଲେ। ରଷିକୂଲ୍ୟାର ଜଳକୁ ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ହେବ। ଏ ଅଞ୍ଚଳର ପର୍ଯ୍ୟଟନ, କୃଷି ଭିତ୍ତିକ ଉତ୍ପାଦନ, ଶ୍ରମ, ଖଣିଜ ସମ୍ପଦ ଆଦିର ସମ୍ଭାବନା ରହିଛି। ଆମ ସମସ୍ତଙ୍କ ମିଳିତ ସହଯୋଗରେ ଗଞ୍ଜାମର ବିକାଶ ଘଟିବ ବୋଲି କହିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ କହିଥିଲେଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଜିଲ୍ଲାରେ ଶିଳ୍ପର ବିକାଶ ହୋଇଛି। ଶିଳ୍ପର ବିକାଶ ହେଲେ ଜିଲ୍ଲାର ବିକାଶ ହେବ। ସମାବେଶରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସାଂସଦ ଆସ୍କା ଅନୀତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବିଧାୟକ ସୋରଡା ନୀଳମଣୀ ବିଷୋୟୀ, ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାର ସୁଭଦ୍ରା ଯୋଜନା, ପେନସନ ଯୋଜନା, ରାସନକାର୍ଡ, ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ଆୟୁଷ୍ମାନ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା, ମିଶନ୍ କାର୍ଡ ଯୋଜନା ଆଦିର ବହୁ ହିତାଧିକାରୀ, ବିଭିନ୍ନ ବିଭାଗର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାରାୟଣ ମହାରଣା ଓ ସୁକାନ୍ତ ବେହେରାଙ୍କୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ପ୍ରମାଣ ପତ୍ର, ଛତ୍ରପୁର ବ୍ଲକ ର ସି.ଏଚ୍ ଆଦିଆମ୍ମା, ରେଖୀ ଦାସ, ଲକ୍ଷ୍ମଣ ବେହେରାଙ୍କୁ ଭତ୍ତା (ପେନସନ୍), ଛତ୍ରପୁର ବ୍ଲକର ପଞ୍ଚିକାମନା, କବିତା ସ୍ୱାଇଁ, ଜୟନ୍ତୀ ପ୍ରଧାନଙ୍କୁ ରାସନ୍ କାର୍ଡ, ସିମାଞ୍ଚଳ ବେହେରା, ଉମାକାନ୍ତ ବେହେରାଙ୍କୁ ଆୟୁଷ୍ମାନ କାର୍ଡ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଏସ୍. ରେଣାବାବୁ ରେଡ୍ଡି, ଡି.ମହେଶ ଏବଂ ଗଞ୍ଜାମ ବ୍ଲକ ର କେ. ଭାରତୀ ରେଡ୍ଡି, ଶିବାନୀ ସାହୁ ଓ ସୋନାଲୀ ମହାନ୍ତିଙ୍କୁ ମିଶନ୍ କାର୍ଡ ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

'ଡିସାଲାଇନେସନ୍ ଏସ୍‌ଡବ୍ଲୁଆର୍‌ଓ ଜଳ ବିତରଣ ପ୍ରକଳ୍ପ' ଶୁଭାରମ୍ଭ

'ମଧୁର ଜଳରେ ପରିଣତ ହେବ ସମୁଦ୍ରର ଲୁଣି ପାଣି'

ଛତ୍ରପୁର, ୧୦।୮ (ସମିସ)

ଦୁଇଦିନିଆ ଗଞ୍ଜାମ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଛତ୍ରପୁର ଉପକଣ୍ଠ ମାଟିଖାଲ ସ୍ଥିତ ଆଇଆର୍‌ଇଏଲ (ଇଣ୍ଡିଆ) ଲିମିଟେଡ୍ ପରିସରରେ ସମୁଦ୍ରର ଲୁଣି ପାଣିକୁ ବିଶୋଧନ କରି ମଧୁର ଜଳରେ ପରିଣତ କରିବା ଦିଗରେ ଏକ ଡିସାଲାଇନେସନ୍ ଏସ୍‌ଡବ୍ଲୁଆରଓ ଜଳ ବିତରଣ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଶ୍ରୀ ପ୍ରଧାନ ଏହି ୱାଟର୍ ୟୁନିଟ ପରିଦର୍ଶନ କରିବା ସହ ପାଣି ବିଶୋଧନ ପରେ ତା'ର ସ୍ୱାଦ ମଧ୍ୟ ଚାଖିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆଜି ଯେଉଁ ପଦକ୍ଷେପର ଶୁଭାରମ୍ଭ ହୋଇଛି ତାହା ସାମୁଦ୍ରିକ ଲୁଣି ଜଳକୁ ମଧୁର ଜଳରେ ପରିଣତ କରିବା ଦିଗରେ ପ୍ରକ୍ରିୟାକରଣର ଏକ ପ୍ରକଳ୍ପ। ଗଞ୍ଜାମ ଏକ ଉପକୂଳବର୍ତ୍ତୀ ଜିଲ୍ଲା ହୋଇଥିବାରୁ ବିଭିନ୍ନ ଜଳ ସମସ୍ୟାର ସମ୍ମୁଖୀନ ହୋଇଥାଏ। ସମୁଦ୍ର ନିକଟତର ହେବା ସତ୍ତ୍ୱେ ଭୂତଳ ଜଳରେ ଲୁଣିଆ ସ୍ତର ଅଧିକ ଏବଂ ସୀମିତ ମଧୁର ଜଳ ସମ୍ପଦ ଯୋଗୁଁ ସ୍ୱଚ୍ଛ ପାନୀୟ ଜଳର ଉପଲବ୍ଧତା ଏକ ସ୍ଥାୟୀ ସମସ୍ୟା ହୋଇରହିଛି। ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ଏକ ମୌଳିକ ଆବଶ୍ୟକତା। ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳର ଜଳ ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପ୍ରକଳ୍ପ ଶୁଭାରମ୍ଭ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର, ଆଇଆରଇଏଲର ସିଏମଡି ଶାରଦା ଭୂଷଣ ମହାନ୍ତି, ସିଜିଏମ ଏଚ୍‌ଆରଏମ ଶ୍ରୀ ରାୟ ଭରଗିଶ ଓ ଓସକମ ମୁଖ୍ୟ ସିଭିଆର ମୂର୍ତ୍ତିଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ବନ୍ୟଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ସଚେତନତା

ଖଲ୍ଲିକୋଟ, ୧୦।୮ (ସମିସ): ଡକ୍ଟର ଏ.ପି.ଜେ ଅବଦୁଲ କଲାମ ଜନକଲ୍ୟାଣ ଚାରି ଟେବୁଲ ଟ୍ରଷ୍ଟ ତରଫରୁ ସ୍ଥାନୀୟ ଗ୍ରାମ୍ୟଦେବୀ ପ୍ରାଥମିକ ବିଦ୍ୟାଳୟରେ ବନ୍ୟଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଏସିର ୭ ନମ୍ବର ୱାର୍ଡ କାଉନସିଲର ସନ୍ତୋଷୀ ଦାସ, ବିଜୟ କୁମାର ବିଶ୍ୱାଳ, ମହିଳା ସ୍ୱାସ୍ଥ୍ୟ କର୍ମୀ ଲକ୍ଷ୍ମୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ପଞ୍ଚାନନ ସୁର ସଭାର ଉଦ୍ଦେଶ୍ୟ ସମ୍ପର୍କରେ ତଥା ବନ୍ୟଜନ୍ତୁ ସୁରକ୍ଷା ଓ ବୃକ୍ଷରୋପଣ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ବନ୍ୟଜନ୍ତୁ ସଂରକ୍ଷଣ ଓ ବୃକ୍ଷରୋପଣ ସଚେତନତା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଦୁଃଖୀଶ୍ୟାମ ଦାସ, ମଙ୍ଗୁଳ ଦାସ, ସୁକାନ୍ତ ଦାସ, ଧ୍ରୁବଚରଣ ଦାସ, ଝୁନୁ ଦାସ, ମଞ୍ଜୁଲତା ଦାସ, ପ୍ରତିମା ଦାସ ପ୍ରମୁଖ ସହଯୋଗ କରିଥିଲେ। ଲକ୍ଷ୍ମୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଗ୍ୟାସ୍ ବିତରକ ଓ ହୋଟେଲ ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା

ହୋଟେଲରେ ବ୍ୟବହାର ହେଉଛି ବିପୁଳ ଘରୋଇ ଗ୍ୟାସ୍ ସିଲିଣ୍ଡର

ବ୍ରହ୍ମପୁର, ୧୦।୮ (ସମିସ): ସହରରେ ଗଢି ଉଠିଛି ମାଳ ମାଳ ହୋଟେଲ, ରେଷ୍ଟୁରାଣ୍ଟ, ଫାଷ୍ଟଫୁଡ୍ ଓ ଟିଫିନ ଦୋକାନ। ଏଗୁଡିକର ରୋଷେଇଶାଳକୁ ପ୍ରତିଦିନ ଆବଶ୍ୟକ ହୋଇଥାଏ ଏକାଧିକ ଗ୍ୟାସ ସିଲିଣ୍ଡର। ନିୟମ ମୁତାବକ ଏହିସବୁ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡିକରେ ବାଣିଜ୍ୟିକ ବା କମର୍ସିଆଲ ଗ୍ୟାସ ସିଲିଣ୍ଡର ବ୍ୟବହାର କରାଯିବା କଥା। କିନ୍ତୁ ସହରର ଅଧିକାଂଶ ବ୍ୟବସାୟୀକ ପ୍ରତିଷ୍ଠାନରେ ଯୋଗାଣ ବିଭାଗର ଏହି ନିୟମର ଖୋଲାଖୋଲି ଉଲଂଘନ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଯେ ଯୋଗାଣ ବିଭାଗ ଅବଗତ ନୁହେଁ ଏହା ମଧ୍ୟ ନୁହେଁ। ସବୁଜାଣି ବିଭାଗ ଚୁପ ବସିଥିବା ଅଭିଯୋଗ ହୋଇଛି। ଯାହାର ଫଳସ୍ୱରୂପ ସହରରେ ଦିର୍ଘ ବର୍ଷ ଧରି ଯୋଗାଣ ବିଭାଗ ପକ୍ଷରୁ କୌଣସି ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ଅତର୍କିତ ଚଢଉ ମଧ୍ୟ ହୋଇନଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢ଼ଉ ହୋଇଥିଲେ ଏଭଳି ବେଆଇନ କାରବାରକୁ ରୋକାଯାଇପାରନ୍ତା। ଯୋଗାଣ ବିଭାଗର ଏଭଳି ଖାମଖିଆଲି ନୀତିର ସୁଯୋଗ ନେଇ ଗ୍ୟାସ ସିଲିଣ୍ଡରର କଳାବଜାରୀ ତଥା

ବେନିୟମ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯୋଗ୍ୟ ଯେ' ବାଣିଜ୍ୟିକ ବା କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ତୁଳନାରେ ଘରୋଇ ବା ଡୋମେଷ୍ଟିକ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ଯଥେଷ୍ଟ କମ୍। ଫଳରେ ମୁନାଫାଖୋର୍ ବ୍ୟବସାୟୀମାନେ ଯୋଗାଣ ବିଭାଗର ଆଖିରେ ଆଙ୍ଗୁଠି ଗେଞ୍ଜି ଏଭଳି ବେନିୟମ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ବ୍ୟବସାୟିକ ତଥା ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର୍‌ର ଦାମ୍ ୧୯କେଜିକୁ ୧୮୩୪ଟଙ୍କା ଥିବାବେଳେ ସାଧାରଣ ଘରୋଇ ଗ୍ୟାସ୍ ସିଲିଣ୍ଡର ୧୪.୨କେଜିକୁ ୯୦୦ଟଙ୍କା ରହିଛି। ସେହିଭଳି ଉଜ୍ଜ୍ୱଳା ହିତାଧିକାରୀଙ୍କୁ ମିଳୁଥିବା ଗ୍ୟାସ୍ ମଧ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଗ୍ୟାସ ସିଲିଣ୍ଡର ପିଛା ପ୍ରାୟ ୯ଶହ ଟଙ୍କା ଫରକ ରହୁଥିବାରୁ ବ୍ୟବସାୟୀମାନେ ଗ୍ୟାସ୍ ବିତରକଙ୍କ ସହିତ ହାତ ମିଳାଇ ପ୍ରତ୍ୟହ ଶତାଧିକ ସିଲିଣ୍ଡର କାରବାର ହେଉଥିବା ଜଣାପଡ଼ିଛି। ନିୟମ ଅନୁସାରେ ବୁକିଂ କରିବାର ୨୪ଘଣ୍ଟା ଭିତରେ ସିଲିଣ୍ଡର ମିଳିବାର ବ୍ୟବସ୍ଥା ରହିଥିବା ବେଳେ ଘରୋଇ ଉପଭୋକ୍ତାଙ୍କୁ ଦୁଇରୁ ତିନିଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ହୋଟେଲ ବ୍ୟବସାୟୀ ଓ ଗ୍ୟାସ୍ ବିତରକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଥିବାରୁ ସଠିକ ସମୟରେ ବ୍ରହ୍ମପୁର ସହର ସମେତ ଉପକଣ୍ଠର ଗ୍ରହକଙ୍କୁ ନିର୍ଦ୍ଧାରିତ ସମୟରେ ଗ୍ୟାସ ମଳିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି। ଏନେଇ ଗ୍ୟାସ୍ ଏଜେନ୍ସି ପାଖରେ ଅଭିଯୋଗ କଲେ ସେମାନେ ବିଭିନ୍ନ ଆଳ ଦେଖାଇ ଉପଭୋକ୍ତାଙ୍କୁ ଫେରାଇ ଦେଉଛନ୍ତି। ଗ୍ୟାସ୍ ଏଜେନ୍ସିମାନେ ଘରୋଇ ଉପଭୋକ୍ତାଙ୍କ ତୁଳନାରେ ବ୍ୟବସାୟୀମାନଙ୍କୁ ପ୍ରାଥମିକତା

ସବୁଜାଣି ଚୁପ ବସିଛି ଯୋଗାଣ ବିଭାଗ

ବର୍ଷ ବର୍ଷ ଧରି ହେଉନି ଚଢଉ କିମ୍ବା କାର୍ଯ୍ୟାନୁଷ୍ଠାନ

ଭିତ୍ତିରେ ଯୋଗାଇ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟବସାୟୀକ ପ୍ରତିଷ୍ଠାନ ଗୁଡ଼ିକରେ ଖୁବ୍‌ଶୀଘ୍ର ଚଢ଼ଉ କରାଯିବ। ଏବଂ ଧରାପଡ଼ିଲେ ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ବିଭାଗ ମାର୍କେଟିଂ ଇଣ୍ଟେଲିଜେନ୍ସ ଇନ୍ସପେକ୍ଟର ରଞ୍ଜନ ସେଠୀ କହିଛନ୍ତି।

ଜମିଜମା ବିବାଦରୁ ମରଣାନ୍ତକ ଆକ୍ରମଣ

ଜଗନ୍ନାଥପ୍ରସାଦ, ୧୦।୮ (ସମିସ): ଜଗନ୍ନାଥପ୍ରସାଦ ଥାନା ଅଧୀନ ଛାମୁଣ୍ଡା ଗ୍ରାମ ମୁଖ୍ୟ ରାସ୍ତାରେ ଜମିଜମା ବିବାଦରୁ ପରିବାରର ମୁଖିଆକୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତରଙ୍କୁ ସ୍ଥାନୀୟ ଗୋଷ୍ଠୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଛାମୁଣ୍ଡା ଗ୍ରାମର ଶିବରାମ ନାୟକଙ୍କ ପରିବାର ଓ ଅଭିମନ୍ୟୁ ନାୟକଙ୍କ ପରିବାର ସହିତ ଜମିଜମା ବିବାଦ ଲାଗି ରହିଥିଲା। ଏନେଇ ଗତ ୭ ତାରିଖ ଦିନ ଉଭୟ ମାମଲା ଥାନାରେ ପହଞ୍ଚିଥିଲା। ଘଟଣା ତଦନ୍ତ ପରେ ଉଭୟ ପରିବାରଙ୍କୁ ବୁଝାସୁଝା କରି ଲିଖିତ ରାଜିନାମା ମଧ୍ୟ ହୋଇଥିଲା। ଆଜି ଅପରାହ୍ନ ୪ରେ ଅଭିମନ୍ୟୁ ନିଜ ଗ୍ରାମ ଛାମୁଣ୍ଡା ଏକ ପାନ ଦୋକାନରେ ବସିଥିବା ବେଳେ ଗ୍ରାମର ସୂର୍ଯ୍ୟନାରାୟ ନାୟକ ଏକ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ପରେ ବୁଲି ନାୟକ, ଦାଶରଥି ନାୟକ ଏବଂ ଶିବରାମ ନାୟକ ମିଳିତ ଭାବେ ଆକ୍ରମଣ କରି ଡ୍ରେନରେ ପକାଇ ଦେଇଥିଲେ। ପରିବାର ପକ୍ଷରୁ ଅଭିମନ୍ୟୁଙ୍କ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏପରିକି ଅଭିମନ୍ୟୁ ତଳେ ପଡ଼ିଯିବା ପରେ ପକେଟରେ ଥିବା କିଛି ଟଙ୍କାକୁ ଛଡେଇ ନେବା ସହ ଓ ତାଙ୍କ ମୋବାଇଲ ଭାଙ୍ଗି ଥିବା ଗୁରୁତରଙ୍କ ଧର୍ମପତ୍ନୀ ଗୋଲାପ ନାୟକ ଲିଖିତ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥର ଅଭିମନ୍ୟୁଙ୍କ ପରିବାର ଉପରେ ଆକ୍ରମଣ ହୋଇଥିବାରୁ ତାଙ୍କର ନାବାଳିକା ଝିଅ, ପୁଅ ଏବଂ ପରିବାର ଭୟଭୀତ ଥିବା ଧର୍ମପତ୍ନୀ ସୂଚନା ଦେଇଛନ୍ତି। ଏପରିକି ଶିବରାମଙ୍କ ପରିବାର ପକ୍ଷରୁ ଆଗୁଆ ଏତଲା ଥାନାରେ ଦିଆଯାଇଥିବା ଥାନା ପକ୍ଷରୁ ସୂଚନା ରହିଛି।

ସନ୍ଦେହ ଘେରରେ ବୃଦ୍ଧାଙ୍କ ମୃତ୍ୟୁ

ମା'କୁ ଭାଇ ହତ୍ୟା କରିଥିବା ଅଭିଯୋଗ କଲେ ଭଉଣୀ

ଆସିକା, ୧୦।୮ (ସମିସ): ସମ୍ପତି ପାଇଁ ଜନ୍ମ କଲା ମା'କୁ ପୁଅ ତଣ୍ଟି ଚିପି ହତ୍ୟା କରିଥିବା ଭଉଣୀ ଅଭିଯୋଗ କରିଛି। ମୃତକ ହେଲେ ଆସିକା ଥାନା ଅନ୍ତର୍ଗତ ଦନ୍ତକ୍ଷରି ବଗଡ଼ା ଗ୍ରାମର ଲକ୍ଷ୍ମୀ ବାଡ଼ତ୍ୟା(୭୫)। ବୃଦ୍ଧାଙ୍କ ମୃତ୍ୟୁ ସନ୍ଦେହ ଘେରରେ ଥିବାବେଳେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

ମୃତ ଲକ୍ଷ୍ମୀଙ୍କ ଝିଅ ଝୁନୁ ସାହୁଙ୍କ ଅଭିଯୋଗ ପ୍ରକାରେ ଲକ୍ଷ୍ମୀଙ୍କ ତିନି ପୁଅ ଓ ତିନି ଝିଅ ଅଟନ୍ତି। ତିନି ପୁଅ ମଧ୍ୟରୁ ସାନ ଓ ମଝିଆ ପୁଅଙ୍କ ମୃତ୍ୟୁ ହୋଇସାରିଛି। ଏବେ କେବଳ ବଡ଼ ପୁଅ ପ୍ରମୋଦ ବାଡ଼ତ୍ୟା ଘରେ ରହୁଥିଲେ। ତେବେ ସମ୍ପତ୍ତି ନିଜେ ଅକ୍ତିଆର କରିବା ପାଇଁ ମା ସହ ଝଗଡ଼ା ହୋଇ ମା'ର ଗୋଡ଼ ଭାଙ୍ଗି ଜେଲ ମଧ୍ୟ ଯାଇଥିଲା। ଶନିବାର ରାତିରେ ଜମି ବାଡ଼ି ଓ ଭତ୍ତା ଟଙ୍କା ହଡପ କରିବାକୁ ପାଟିତୁଣ୍ଡ ଚାଲିଥିଲା। ବଚସାରୁ ପାଟି ତୁଣ୍ଡ ହୋଇଥିଲା। ପୁଅ ପ୍ରମୋଦ ଓ ତାର ସ୍ତ୍ରୀ ମା' ଲକ୍ଷ୍ମୀଙ୍କୁ ଆକ୍ରମଣ କରିବା ସହ ତଣ୍ଟି ଚିପିବା ପାଇଁ ଯାଇଥିବା ବେଳେ ସେଠାରେ ଉପସ୍ଥିତ ଥିବା ଭଉଣୀମାନେ ଭାଇ କି ଅଟକାଇ ଥିଲେ ମଧ୍ୟ ସଫଳ ହୋଇ ପାରି ନଥିଲେ। ପରେ ଗୁରୁତର ଅବସ୍ଥାରେ ଲକ୍ଷ୍ମୀଙ୍କୁ ଆସିକା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରସୂତି ମହିଳା ଓ ନବଜାତ ଶିଶୁ ମୃତ୍ୟୁ ଘଟଣା : ପୁଣି ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଗିରଫ

ଦିଗପହଣ୍ଡି, ୧୦।୮ (ସମିସ): ଦିଗପହଣ୍ଡି ଥାନା ସାନଖେମୁଣ୍ଡି ବ୍ଲକ ଡେଙ୍ଗାଓସ୍ତା ଗ୍ରାମ ମୁଖ୍ୟ ରାସ୍ତାରେ ରହିଥିବା ସାହାରା ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁଁ ଜଣେ ପ୍ରସୂତି ମହିଳା ଓ ତାଙ୍କ ନବଜାତ ଶିଶୁର ମୃତ୍ୟୁ ଘଟଣାରେ ପୁଲିସ ରବିବାର ଦିନ ପୁଣି ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ (ଏଏନଏମ୍)ଙ୍କୁ ଗିରଫ କରିଛି। ଗିରଫ ସ୍ୱାସ୍ଥ୍ୟକର୍ମୀ ଜଣକ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଲୁହାଗୁଡି ନିକଟସ୍ଥ ବାଲିବଡ଼ ଗ୍ରାମର ପ୍ରମୋଦିନୀ ଗମାଙ୍ଗ (୨୨)। ପୂର୍ବରୁ ଏହି ମାମଲାରେ ଦିଗପହଣ୍ଡି ପୁଲିସ ଡେଙ୍ଗାଓସ୍ତା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟକର୍ମୀ ମଧୁମିତା ପଟ୍ଟନାୟକଙ୍କୁ ଗତ ମେ' ୧୯ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଖବରନୁଯାୟୀ, ଡେଙ୍ଗାଓସ୍ତା ଗ୍ରାମ ନିକଟସ୍ଥ ସିଙ୍ଗାପୁର ଗ୍ରାମର ମାଗୁଣି ନାୟକଙ୍କ ଝିଅ ରୋଜି କରାଖଣ୍ଡି ଗ୍ରାମର ବାବୁ ନାୟକଙ୍କୁ ବିବାହ କରିଥିଲେ। ମେ' ୧୧ରେ ରୋଜିଙ୍କୁ ତାଙ୍କ ବାପା ଘର ଲୋକେ ସାହାରା ନର୍ସି ହୋମରେ ପ୍ରସବ ପାଇଁ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟକର୍ମୀ ପ୍ରମୋଦିନୀ ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ଏହାପରେ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ ମଧୁମିତା ଦିଦି ଉକ୍ତ ନର୍ସି ହୋମ୍ ଆସିଥିଲେ। ଏହାପରେ ଦୁଇ ମହିଳା ସ୍ୱାସ୍ଥ୍ୟକର୍ମୀ ସମେତ କ୍ଲିନିକ୍ ମାଲିକ ମଙ୍ଗୁଲୁ ଚରଣ ପ୍ରଧାନ ମିଶି ପ୍ରସବ କରାଇବାକୁ ରୋଜିଙ୍କ ପରିବାରକୁ କହିଥିଲେ। ସେଠାରେ ତାଙ୍କ ପ୍ରସବ ପରେ ସନ୍ଧ୍ୟାରେ ଏକ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରେ ରାତି ପ୍ରାୟ ୧୦ ଟାରେ ରୋଜିଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ନର୍ସିହୋମ କର୍ତ୍ତୃପକ୍ଷ ଅବସ୍ଥା ସଂକଟାପନ୍ନ ଥିବା ଦର୍ଶାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ନର୍ସି ହୋମ୍ ନିକଟରେ ଉତ୍ତେଜନା ଦେଖାଯିବା ସହ ମୃତକଙ୍କ ସ୍ୱାମୀ ବାବୁ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ପୂର୍ବରୁ ମଧୁମିତା ଦିଦିଙ୍କୁ କୋର୍ଟଚାଲାଣ କରିଥିବା ବେଳେ ରବିବାର ପ୍ରମୋଦିନୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେଠାରେ ଜାମିନ ଆବେଦନ ଖାରଜ ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ଗତ ଅଗଷ୍ଟ ୮ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ ନର୍ସି ହୋମକୁ ସିଲ୍ କରାଯାଇଥିବା ବେଳେ ମାଲିକ ମଙ୍ଗୁଲୁ ମୃତକଙ୍କ ପରିବାରକୁ କେସ୍ ଉଠାଇବାକୁ ଧମକ ଦେଉଥିବା ନେଇ ଥାନାରେ ମାଲିକଙ୍କ ନାମରେ ମାମଲା ରୁଜୁ ହୋଇଛି।

ମାଲକାନଗିରିରେ ବିଜୁଳି ଯୋଗାଣକୁ ବିଶ୍ୱସନୀୟ କରୁଛି ଟିପିଏସ୍‌ଓଡିଏଲ୍

ଏମଭି-୭, ପରଜାଗୁଡ଼ା ଓ ସଦାଶିବପୁରରେ ନୂଆ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର

ବ୍ରହ୍ମପୁର, ୧୦।୮ (ସମିସ)

ଦକ୍ଷିଣ ଓଡ଼ିଶାର ଗ୍ରାମୀଣ ଓ ଆଭ୍ୟନ୍ତରୀଣ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ପହଞ୍ଚାଇବା ଲକ୍ଷ୍ୟରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଭୌଗୋଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡ଼ିକୁ ପ୍ରାଥମିକତା ଦେଇ କମ୍ପାନୀ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରଖିଛି। ବର୍ଦ୍ଧିତ ବିଜୁଳି ଚାହିଦାକୁ ଦୃଷ୍ଟିରେ ରଖି ଟିପିଏସ୍‌ଓଡିଏଲ୍ ମାଲକାନଗିରିର ଦୂରନ୍ତ ଗ୍ରାମରେ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ସ୍ଥାପନ କରିଛି। ଏମଭି୭ ଗ୍ରାମରେ ୧୧କେଭି ଓ ଏଲଟି ଲାଇନ ସହ ନୂଆ ୧୦୦କେଭି ଡିଟିଆର୍ କାର୍ଯ୍ୟକ୍ଷମ କରାଯାଇଛି। ପରଜାଗୁଡ଼ା ନର୍ସରୀ ରାସ୍ତାରେ ୧୦୦କେଭି ଟ୍ରାନ୍ସଫର୍ମର ବସିଛଇ। ସେହିଭଳି ସଦାଶିବପୁର ଗ୍ରାମରେ ବିଜୁଳି ଯୋଗାଣକୁ ଅଧିକ ଭରସାଯୋଗ୍ୟ କରିବା ପାଇଁ ଅତିରିକ୍ତ ୬୩ କେଭିଏ ଡିଟିଆର୍ କାର୍ଯ୍ୟକ୍ଷମ ହୋଇଛି। ସମୃଦ୍ଧ ଆଦିବାସୀ ଐତିହ୍ୟ, ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ପାଇଁ ଜଣାଶୁଣା ମାଲକାନଗିରି ଜିଲ୍ଲାରେ ବିଜୁଳି ଯୋଗାଣ ଏକ ଆହ୍ୱାନପୂର୍ଣ୍ଣ କାର୍ଯ୍ୟ ହୋଇଥିଲେ ସୁଦ୍ଧା ଟିପିଏସ୍‌ଓଡିଏଲ୍ ଭିତ୍ତିଭୂମି ବିକାଶ ଉପରେ ଲଗାତାର ଧ୍ୟାନ ଦେବା ସହ ଗୁଣାତ୍ମକ ସେବାକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ଜାରି ରଖିଛି। ଏହି ନୂତନ ବିଜୁଳି ଭିତ୍ତିଭୂମିଗୁଡ଼ିକ ସେହି ଅଞ୍ଚଳର ଶତାଧିକ ବାସିନ୍ଦାଙ୍କୁ ଉନ୍ନତ ବିଜୁଳି ସେବା ଯୋଗାଇବା ସହ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ମଧ୍ୟ ଲାଭପ୍ରଦ ହୋଇପାରୁଛି। ଏହିକ୍ରମରେ ସେମାନଙ୍କର ଜୀବନଧାରଣର ମାନରେ ଉନ୍ନତି ଆସିବ ବୋଲି କମ୍ପାନୀ ଆଶା କରୁଛି। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, 'ଦକ୍ଷିଣ ଓଡ଼ିଶାର ସୀମାନ୍ତ ଓ ଦୁର୍ଗମ ଜିଲ୍ଲା ଗୁଡ଼ିକରେ ବିଦ୍ୟୁତ ଭିତ୍ତିଭୂମି ବିକାଶ ଓ ସେବା ବିଶ୍ୱସନୀୟତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରହିଛି। ଏହି ଭିତ୍ତିଭୂମି ଉନ୍ନତିକରଣ କେବଳ ବର୍ତ୍ତମାନର ବିଜୁଳି ଚାହିଦାକୁ ପୂରଣ କରିବାକୁ ଉଦ୍ଦିଷ୍ୟ ନୁହେଁ ବରଂ ଏହି ଅଞ୍ଚଳବାସୀମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଓ ସମଗ୍ର ଅଞ୍ଚଳର ଅନ୍ତର୍ଭୁକ୍ତ ବିକାଶ ଦିଗରେ କାର୍ଯ୍ୟ କରିବା ଏହାର ଲକ୍ଷ୍ୟ ଅଟେ। ଦକ୍ଷିଣ ଓଡ଼ିଶାରେ ଏକ ସୁଦୃଢ଼ ବିଜୁଳି ବିତରଣ ନେଟୱାର୍କ ନିର୍ମାଣ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ ରହିଛି। ଦୂରନ୍ତ ଅଞ୍ଚଳ ଗୁଡ଼ିକରେ ଗୁଣାତ୍ମକ ବିଜୁଳି ଯୋଗାଣ ଦିଗରେ। କମ୍ପାନୀ କାର୍ଯ୍ୟ ଜାରି ରଖିଛି।

ଦୁର୍ଗମ ଅଞ୍ଚଳରେ ବିଦ୍ୟୁତ୍ ଭିତ୍ତିଭୂମି ଉନ୍ନତିକରଣକୁ ଗୁରୁତ୍ୱ

ଘରୋଇ ଉପଭୋକ୍ତା ଓ କ୍ଷୁଦ୍ର ଉଦ୍ୟୋଗକୁ ଗୁଣାତ୍ମକ ସେବା

ମଙ୍ଗଳପୁର ଗ୍ରାମରେ ଚାରାରୋପଣ

ଭଞ୍ଜନଗର, ୧୦।୮ (ସମିସ): ମଙ୍ଗଳପୁର ଗ୍ରାମଠାରେ ଥିବା ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରକାଶ ଚନ୍ଦ୍ର ପାଠୀଙ୍କ ନିଜସ୍ୱ ଜମିରେ ତାଙ୍କ ଆଗ୍ରହକ୍ରମେ ପ୍ରାୟ ୧୦୦ ରୁ ଅଧିକ ଚାରାରୋପଣ କରାଯାଇଥିଲା। ଜୟ ଜବାନ, ଜୟ କିଷାନ ନାରା ସହିତ ପରିବେଶ ସୁରକ୍ଷା ଏବଂ ଚାରାରୋପଣ କରି ତାର ସୁରକ୍ଷା ସକାଶେ ସମାଜସେବୀ ସୁଶାନ୍ତ କୁମାର ମହାପାତ୍ର, ସ୍ଥାନୀୟ ବାଲିପଦର ସେକ୍ସନ ବନପାଳ ଏବଂ ବନରକ୍ଷୀ ଚାରାରୋପଣର ପ୍ରଣାଳୀ ବୁଝେଇବା ସହିତ ଚାରା ରୋପଣରେ ସହଯୋଗ କରିଥିଲେ। ଭଞ୍ଜନଗରରୁ ଆସିଥିବା ଶାନ୍ତି ସ୍ରୋତ ଭବନରୁ ଆସିଥିବା ମୁଖ୍ୟ ପରିଚାଳିକା ବି. କେ. ସନ୍ତୋଷିନୀ ଭଉଣୀ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜାପାଠ ସହିତ ଆଜିର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ପାଠୀଙ୍କ ସହିତ ପ୍ରଥମ ଚାରାରୋପଣ କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ଶ୍ରୀମାନ ପାଠୀ ଏବଂ ଅତିଥି ସୁଶାନ୍ତ ମହାପାତ୍ର ନିଜ ନିଜର ମତ ପ୍ରକାଶ କରିଥିଲେ। ଶେଷରେ ଦକ୍ଷିଣ ଘୁମୁସୁର ବନଖଣ୍ଡ ଏବଂ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବାଲିପଦର ସେକ୍ସନ ବନପାଳ ସୁକାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବ ଶତ୍ରୁତାରୁ ଛୁରାମାଡ଼; ଅଭିଯୁକ୍ତ ଗିରଫ

କଟକ, ୧୦।୮ (ସମିସ)

ବିଡ଼ାନାସୀ ଥାନା ଅନ୍ତର୍ଗତ ମୁଣ୍ଡାସାହିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଆଜି ଛୁରାମାଡ଼ ହୋଇଛି। ଜଣେ ମାଛ ବ୍ୟବସାୟୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ପରିବା ବିକ୍ରେତା ଛୁରୀରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ମାଛ ବେପାରୀ ଜଣକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ସିଟି ହସ୍ପିଟାଲ୍ ପରେ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ମୁଣ୍ଡାସାହିର ଗୋବିନ୍ଦ ମଲ୍ଲିକ(୨୨)କୁ ପୁଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହାର ହୋଇଥିବା ଛୁରୀକୁ ପୁଲିସ ଜବତ କରିଛି। ଘଟଣାରେ ମାଛ ବ୍ୟବସାୟୀଙ୍କ ପତ୍ନୀ ଆହତ ହୋଇଥିବା ଜଣାପଡ଼ିଛି।

ପୁଲିସ ସୂଚନା ଅନୁସାରେ, ମୁଣ୍ଡାସାହିର ସୁକଦେବ ଦଳେଇ(୩୫) ମାଛ ବେପାର କରନ୍ତି। ସେହିପରି ଅଭିଯୁକ୍ତ ଗୋବିନ୍ଦ ଜଣେ ପରିବା ବେପାରୀ। ୨ ଜଣ ମୁଣ୍ଡାସାହିରେ ରହୁଥିବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଦେଖା ଦେଇଥିଲା। ଟଙ୍କା ନେଣଦେଣକୁ ନେଇ ଏହି ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି। ୪ ଦିନ ପୂର୍ବରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ପରେ ଏହାର ସମାଧାନ ପାଇଁ ଉଭୟ ପକ୍ଷ ବସି ଆଲୋଚନା କରିଥିଲେ। ହେଲେ ବିବାଦ ତୁଟି ନଥିଲା। ଆଜି ସକାଳ ୬ଟାରେ ଉଭୟ ବେପାର କରିବାକୁ ଯିବା ବେଳେ ନୂଆସାହି ପାଖରେ ଭେଟ ହୋଇଥିଲେ। ଏତିକି ବେଳେ ଦୁହେଁ କଥା କଟାକଟି ହେବାରୁ ଜୋରଦାର ପାଟିତୁଣ୍ଡ ହୋଇଥିଲା। ଖବର ପାଇ ସୁକଦେବଙ୍କ ପତ୍ନୀ ସେଠାରେ ପହଞ୍ଚିଥିଲେ। ୨ଜଣଙ୍କ ମଧ୍ୟରେ ଗଣ୍ଡଗୋଳକୁ ତୁଟାଇବାକୁ ଉଦ୍ୟମ କରିଥିଲେ। ଆଉ ଏତିକି ବେଳେ ଗୋବିନ୍ଦ ପାଖରେ ରଖିଥିବା ଏକ ଛୁରୀରେ ସୁକଦେବକୁ ଆକ୍ରମଣ କରିଥିଲା। ଏଥିରେ ସୁକଦେବଙ୍କ ବେକ, ହାତ, ପିଠି ଓ ଛାତିରେ ଛୁରୀ ଆଘାତ ଲାଗିଥିଲା। ସେ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଗୋବିନ୍ଦଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସୁକଦେବଙ୍କ ପତ୍ନୀଙ୍କ ହାତରେ ମଧ୍ୟ ସାମାନ୍ୟ ଆଘାତ ଲାଗିଛି। ଘଟଣା ପରେ ଖବର ପାଇ ପୁଲିସ ପହଞ୍ଚି ଆହତ ସୁକଦେବକୁ ପ୍ରଥମେ ସିଟି ହସ୍ପିଟାଲ୍ ଓ ପରେ ଏସ୍‌ସିବିକୁ ନେଇଥିଲା। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ଅନ୍ୟପଟେ ସୁକଦେବଙ୍କ ପତ୍ନୀ ଦେଇଥିବା ଏତଲା ଅନୁସାରେ ଗୋବିନ୍ଦକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଅସିତ ବଳବନ୍ତରାୟ ସୂଚନା ଦେଇଛନ୍ତି।

ଟଙ୍କା ଦେଣନେଣକୁ ନେଇ ଲାଗି ରହିଥିଲା ବିବାଦ

୫୨ନଂ ୱାର୍ଡରେ ୩ଟି ପ୍ରକଳ୍ପ ଉଦ୍‌ଘାଟିତ

କଟକ, ୧୦।୮ (ସମିସ): ମହାନଗର ନିଗମ ଅନ୍ତର୍ଗତ ୫୨ନଂ ୱାର୍ଡସ୍ଥିତ ରାଜେନ୍ଦ୍ର ନଗର ଅଞ୍ଚଳରେ ସିଏମସି ପକ୍ଷରୁ ୨୫ ଲକ୍ଷ ଟଙ୍କା ବ୍ୟୟରେ ପିଏସ ଲେନ, ପଣ୍ଡିତ ଲେନ ଏବଂ ପାଇକରାୟ ଲେନରେ ସ୍ମାର୍ଟ ପେଭର ବ୍ଲକ ରୋଡ ଏବଂ ଆରସିସି ଡ୍ରେନର ଶୁଭ ଉଦଘାଟନ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସିଟି ଇଂଜିନିୟର ଅତନୁ ସାମନ୍ତ, ସାହି ମୁରବୀ ଉଲ୍ଲାସ ପାଇକରାୟ, ଶ୍ରଦ୍ଧାନନ୍ଦ ପରିଜା, ଗୋବିନ୍ଦ ପତି, ଶରତ ଚନ୍ଦ୍ର ପତି, ରମେଶ ଚୌଧୁରୀ, ଦୀପକ ଲେଙ୍କା, ଗଜେନ୍ଦ୍ରନାଥ ନାୟକ, ମଙ୍ଗଳା ମନ୍ଦିର ମହଲା ସଭାର ସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ର, ବିଭୂତି ଭୂଷଣ ନାୟକ, ବାପୁ ଦାସ, ରଞ୍ଜିତ ସୁବୁଦ୍ଧି, ସଞ୍ଜୟ ପାତ୍ର, ଅଜିତ ନାୟକ, ପ୍ରଦୀପ ସେଠୀ, ଫିରୋଜ ମହାପାତ୍ର, ଟୁକୁ ମହାପାତ୍ର, ବୁଲୁ ରାଉତରାୟ, ପ୍ରମୋଦ ଛାଟୋଇ, ରାଜେନ୍ଦ୍ର ମହାପାତ୍ର, ନଗେନ ଦାସ, ସୁଶାନ୍ତ ବେହେରା, ରବୀନ୍ଦ୍ର ମହାନ୍ତି, ପ୍ରଭାତୀ ଦତ୍ତ, ରେଖା ଦାସ, ରିଙ୍କି ଗୌଡ଼, ଟୁନା ମଲ୍ଲିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ୍ ଉଦ୍‌ଯାପିତ

କଟକ, ୧୦।୮ (ସମିସ): ଦୁଇଦିନ ବ୍ୟାପୀ ଚାଲିଥିବା ୨୦୨୫ର ଷଷ୍ଠ ନିର୍ମଳ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ୍‌ର ଉଦଯାପିତ ହୋଇଛି। ବରିଷ୍ଠ ସିନେମାଟୋଗ୍ରାଫର ତଥା ପୂର୍ବତନ ନିର୍ଦ୍ଦେଶକ ବିଜୁ ପଟ୍ଟନାୟକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ, କଟକର ସୁରେନ୍ଦ୍ର କୁମାର ସାହୁ ଏବଂ ବଲିଉଡ ଅଭିନେତା ଗୋବିନ୍ଦ ନାମଦେବଙ୍କୁ ଜୀବନବ୍ୟାପୀ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିବା ଚଳଚ୍ଚିତ୍ର ଗୁଡିକ ହେଲା, ସର୍ବୋତ୍ତମ କ୍ଷୁଦ୍ର ଚଳଚ୍ଚିତ୍ର ଅନୁବାବା, ଶ୍ରେଷ୍ଠ ନିର୍ଦ୍ଦେଶକ ଦୀପ୍ତି ଅଶ୍ୱିନୀ ଉପାଧ୍ୟାୟ ଏବଂ ଅଶ୍ୱିନୀ କୁମାର ଉପାଧ୍ୟାୟ 'ନିର୍ବାକ୍'। ସର୍ବୋତ୍ତମ ସିନେମାଟୋଗ୍ରାଫର ରଣଜିତ୍ କୁମାର ରଥ 'ଆଦମିଆ'। ସର୍ବୋତ୍ତମ ସମ୍ପାଦନା ତେଜୁସ୍ ଆଶା ରାଜନ 'ମୋ ମାତା ମୋର ବିଶ୍ୱ'। ଶ୍ରେଷ୍ଠ ଲେଖକ ଅକ୍ଷୟ କୈଳାଶ ଯାଦବ 'ଖାରା ମୋଡାକ୍'। ଶ୍ରେଷ୍ଠ ଅଭିନେତା (ପୁରୁଷ) ବିବେକ ଉପାଧ୍ୟାୟ 'ଆଡିୟୁ'। ଶ୍ରେଷ୍ଠ ଅଭିନେତା (ମହିଳା) ଇ ସଞ୍ଚିତା ପାତ୍ରା 'ଅଦମ୍ୟ'। ସର୍ବୋତ୍ତମ ସଙ୍ଗୀତ ଦିପ୍ତିମାନ 'ଅନୁବାବା'। ଶ୍ରେଷ୍ଠ ଲେଖକ ଅଜୟ ମହାପାତ୍ର, ଚଳଚ୍ଚିତ୍ର ଭୋଟ୍ ସର୍ବୋତ୍ତମ ସଙ୍ଗୀତ, ଅଭିଜିତ୍ ମଜୁମଦାର ଚଳଚ୍ଚିତ୍ର ଆଭା, ଶ୍ରେଷ୍ଠ ସମ୍ପାଦକ, ଅସୀମ କୁମାର ସିହ୍ନା, ଚଳଚ୍ଚିତ୍ର ଚାମ୍ବଲ୍ ପ୍ୟାର। ଶ୍ରେଷ୍ଠ ସିନେମାଟୋଗ୍ରାଫର, ନୀତେଶ ରାଓ୍ୱତ ଚଳଚ୍ଚିତ୍ର, ବାଦଗୁମାନ। ଶ୍ରେଷ୍ଠ ଅଭିନେତା (ପୁରୁଷ) ଅଭିଷେକ ଆର୍ଯ୍ୟ ଚଳଚ୍ଚିତ୍ର ଚାମ୍ବଲ୍ ପ୍ୟାର। ଶ୍ରେଷ୍ଠ ଅଭିନେତା (ମହିଳା) ତ୍ରିପୁରୀ ଯାଦବ, ବାଦଗୁମାନ, ସୋନା ମଲିକ୍, ଚଳଚ୍ଚିତ୍ର ଆଭା, ଶ୍ରେଷ୍ଠ ନିର୍ଦ୍ଦେଶକ ପାଲ୍ଲାଭ ରୟ ଚଳଚ୍ଚିତ୍ର ଆଭା, ସର୍ବୋତ୍ତମ ଫିଚର୍ ଫିଲ୍ମ, ଆଭା ସାମାଜିକ ସଚେତନତା ପାଇଁ ବିଶେଷ ଉଲ୍ଲେଖ। ବଲିଉଡ ତଥା ଭାରତର ବିଶିଷ୍ଟ ଅଭିନେତା ନିର୍ମଳ ପାଣ୍ଡେଙ୍କ ସ୍ମୃତିକୁ ସମର୍ପିତ ଏହି ଉତ୍ସବ ତାଙ୍କର ସ୍ୱର୍ଣ୍ଣିମ ଅଭିନୟ ଓ କଳାକୁ ସ୍ମରଣ କରିଥିଲା। ଲାଲଗାଲିଚାରେ (ରେଡ୍ କାର୍ପେଟ୍) ବଲିଉଡ୍ ଓ ଭାରତୀୟ କଳାଜଗତର କେତେକ ପ୍ରମୁଖ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ପୂର୍ବତନ ବିପିଏଫଟିଆଇଓର ନିର୍ଦ୍ଦେଶକ ଓ ଭାରତର ପ୍ରସିଦ୍ଧ କ୍ୟାମେରାମ୍ୟାନ୍ ସୁରେନ୍ଦ୍ର ସାହୁ, ବଲିଉଡ୍ ପ୍ରଡକ୍ସନ୍ ଡିଜାଇନର୍ ସଞ୍ଜୟ ବତ୍ରା, ଅଭିନେତା ମହେନ୍ଦ୍ର ସିଂହ ରଘୁବଂଶୀ, ଅଲ୍ ଇଣ୍ଡିଆ ଆର୍ଟିଷ୍ଟ୍ସ ଆସୋସିଏସନ୍, ଶିମଲା, ଉପାଧ୍ୟକ୍ଷ ରେଖା ରୋହିତାଶୀ ଗୌର, ଆଓ ନେକ୍ସଟ ପ୍ରତିଷ୍ଠାତା ଓ ସିଇଓ କୌଶିକ ଦାସ, ବିପିଏଫଟିଆଇଓର ନିର୍ଦ୍ଦେଶକ ସୁବ୍ରଞ୍ଜନ ରାୟ, ଅଭିନେତ୍ରୀ ପିଙ୍କି ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ଅମୋଦ କୃଷ୍ଣ ଭଟ୍ଟ, ଗାୟିକା ସୁଭଶ୍ରୀ ଭଟ୍ଟ, ଓଡ଼ିଆ ସିନେ-ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୋର୍ଯ୍ୟ ଯୋଗଦେଇଥିଲେ।

ଡ୍ରିମ୍‌ସ ନର୍ସିଂ ସ୍କୁଲରେ ସଂକଳ୍ପ ପାଠ ଉତ୍ସବ

କଟକ, ୧୦।୮ (ସମିସ): କର୍ତ୍ତବ୍ୟ ନିଷ୍ଠା, ସମର୍ପଣ ଭାବ ଓ ସମୟାନୁବର୍ତ୍ତିତା ହିଁ 'ସେବା'କୁ ଆଗକୁ ନେଇଥାଏ। ଏହାକୁ ନିଜର ବୃତ୍ତିଗତ ଜୀବନରେ ପ୍ରଦର୍ଶନ କରୁଥିବା ସେବିକା ହିଁ ହୁଏ ସମାଜରେ ସ୍ୱତନ୍ତ୍ର ସମ୍ମାନର ଅଧିକାରିଣୀ। ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ଆୟୋଜିତ ସଂକଳ୍ପ ପାଠ ଓ ଲ୍ୟାମ୍ପ ଲାଇଟିଂ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ଏହି ମତ ପୋଷଣ କରିଛନ୍ତି। ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ ଉତ୍ସବ ପ୍ରାରମ୍ଭରେ ଅତିଥିମାନେ କର୍ମଯୋଗୀ ଧନେଶ୍ୱର ରଥ ଓ ମହାନ୍ ସେବିକା ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ନିମନ୍ତ୍ରିତ ଅତିଥି, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ମୁଖ୍ୟଅତିଥି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନର 'ଡିନ' ପ୍ରଫେସର ଡା. ରେଖା ଦାସ, ସମ୍ମାନିତ ଅତିଥି 'ଫ୍ଲୋରେନ୍ସ ନାଇଟିଙ୍ଗେଲ ଜାତୀୟ ପୁରସ୍କାର' ବିଜୟିନୀ ସୁଦୂର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭାରପ୍ରାପ୍ତ ଅଧୀକ୍ଷକ ଭାବରେ କାର୍ଯ୍ୟରତ ସେବିକା ସଂଯୁକ୍ତା ସେଠୀ ଯୋଗଦେଇ ନିଜ ସାଧନା ଓ ଦୀର୍ଘ ୩୦ ବର୍ଷର ଚାକିରୀ ଜୀବନର ଅଭିଜ୍ଞତା ବର୍ଣ୍ଣନାରେ କହିଲେ ସେବାକୁ ଭଲ ପାଇବାର ମାନସିକତା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମର୍ପଣ ଭାବ ନେଇ କାର୍ଯ୍ୟ କରି ନିଜର ଓ ପିତାମାତାଙ୍କ ଗୌରବାନ୍ୱିତ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା. ପ୍ରକାଶ କୁମାର ହୋତା ନର୍ସିଂ ବୃତ୍ତିର ମହନୀୟତା ସମ୍ପର୍କରେ ଉଲ୍ଲେଖ କରି ଏହାକୁ ଆହ୍ୱାନ ଭାବରେ ଗ୍ରହଣ କରି ଆଗକୁ ବଢ଼ିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା ବକ୍ତବ୍ୟ ପ୍ରଦାନ କରି 'ମାନବ ସେବା ହିଁ ମାଧବ ସେବା' ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପ୍ରଥିମା ପ୍ରକାଶମ୍ ସ୍ୱାଗତ ଅଭିଭାଷଣ ଓ ଉପାଧ୍ୟକ୍ଷା ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଏସ୍‌ଏନ୍‌ଏଆଇ ବିବରଣୀ ଉପସ୍ଥାପନ କରିଥିଲେ। ବିଏସ୍‌ସି ନର୍ସିଂର ଇପସିତା ପ୍ରିୟଦର୍ଶିନୀ ସେଠୀ ଓ ପିୟୂଷ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଚିତ୍ରଶିଳ୍ପୀ ଅର୍ଜୁନ ମହାରଣାଙ୍କ ପରଲୋକ



କଟକ, ୧୦।୮ (ସମିସ): ରାଜ୍ୟର ପ୍ରମୁଖ ତଥା ପୁରୁଖା ଚିତ୍ରଶିଳ୍ପୀ ଅର୍ଜୁନ ମହାରଣା (୭୧)ଙ୍କ ଫୁଲନଖରାର ସୋମ-୨ ଘରୋଇ ଡାକ୍ତରଖାନାରେ କିଡନି ରୋଗରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ପ୍ରମିଳା ମହାରଣା, ଦୁଇ କନିଷ୍ଠ ଭ୍ରାତା, ତିନି ପୁତ୍ର ଓ ପୁତ୍ରବଧୂ, କନ୍ୟା, ଜାମାତା, ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାରଣା ଜଣେ ଲୋକପ୍ରିୟ ଚିତ୍ରଶିଳ୍ପୀ, ଆଧ୍ୟାତ୍ମିକପ୍ରେମୀ, ଧର୍ମପରାୟଣ ମିଷ୍ଟଭାଷୀ ବ୍ୟକ୍ତି ରୂପେ ସ୍ଥାନୀୟ ମାନପୁର, ତିଗିରିଆ ଅଞ୍ଚଳରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ମାନପୁର, ବିନ୍ଧାଣିମା, ମାଣିଆବନ୍ଧ, ତିଗିରିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ସିଡିଏ ବରିଷ୍ଠ ନାଗରିକ ମହାସଂଘର ମହାସଚିବ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ମହାସଂଘ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାରଣାଙ୍କ ସାନ ଭାଇ ରାଜ୍ୟର ପ୍ରମୁଖ ଚିତ୍ରଶିଳ୍ପୀ, ପ୍ରାକ୍ତନ ଚିତ୍ରକଳା ଅଧ୍ୟାପକ କେନ୍ଦ୍ରୀୟ ବିଦ୍ୟାଳୟ କଟକ-୧ ତଥା ସିଡିଏ ବରିଷ୍ଠ ନାଗରିକ ମହାସଂଘର ଉପସଭାପତି ନକୁଳ ଚନ୍ଦ୍ର ମହାରଣା ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ତାଙ୍କ ଶେଷକୃତ୍ୟ ନିଜ ଗ୍ରାମ ଶ୍ମଶାନରେ ଜ୍ୟେଷ୍ଠ ପୁତ୍ର ସୁରେନ୍ଦ୍ର ମହାରଣାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘର ବୈଠକ

କଟକ, ୧୦।୮ (ସମିସ): ରେଭେନ୍ସା ବିଶ୍ୱବିଦ୍ୟାଳୟର ଥିବା ୧୩ଟି ହଷ୍ଟେଲର ବିଭିନ୍ନ ସମସ୍ୟା ପାଇଁ ଛାତ୍ରାବାସ କର୍ମଚାରୀ ସଂଘର ଏକ ଜରୁରୀ ବୈଠକ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସମ୍ପାଦିକା ମୀନା ପଣ୍ଡା, ବିଶ୍ୱନାଥ ଦାସ, କ୍ଷମାନିଧୀ ବେହେରା, ଦୀପକ ଦାସ, ସଞ୍ଜୁବାଳା ପ୍ରଧାନ, ବସନ୍ତ ବାରିକ, ସୁଦର୍ଶନ ବାରିକ, ଚିନ୍ମୟୀ ଦାସ, ଚିତ୍ତ ସାମନ୍ତରା ପ୍ରମୁଖ ଆଲୋଚନା କରିଥିଲେ। ଏକ ବର୍ଷ ଧରି ଅବସର ନେଇଥିବା କର୍ମଚାରୀଙ୍କୁ ପ୍ରାପ୍ୟ ପ୍ରଦାନ, ହଷ୍ଟେଲ ଗୁଡିକରେ ଖାଲିଥିବା ପଦ ପୂରଣ, ସର୍ବନିମ୍ନ ମଜୁରୀ ପ୍ରଦାନ, ଘରଭଡ଼ା ନେଇ ବାହାରେ ରହୁଥିବା କର୍ମଚାରୀଙ୍କୁ କ୍ୟାମ୍ପସ ପରିସରରେ ଗୃହ ପ୍ରଦାନ କରିବା ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା।

ଟ୍ରକ୍ ଦୁର୍ଘଟଣାରେ ମାନସିକ ଅନଗ୍ରସର ବ୍ୟକ୍ତିଙ୍କ ମୃତ୍ୟୁ

କଟକ, ୧୦।୮ (ସମିସ): ମଧୁପାଟଣା ଥାନା ଅନ୍ତର୍ଗତ ସମ୍ରାଟ ସିନେମା ହଲ୍ ନିକଟରେ ଟ୍ରକ ଧକ୍କାରେ ଜଣେ ମାନସିକ ଅନଗ୍ରସରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଲିଙ୍ଗରାଜ ସାମନ୍ତ। ପୁଲିସ ଏହି ଘଟଣାରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ପ୍ରେସ ଛକରୁ ଚାଉଳିଆଗଞ୍ଜ ଆଡ଼କୁ ମଧୁପାଟଣା ଓଭରବ୍ରିଜ ଉପରେ ଏକ ଟ୍ରକ୍ ଯାଉଥିଲା। ସମ୍ରାଟ ସିନେମା ହଲ୍ ନିକଟରେ ଜଣେ ମାନସିକ ଅନଗ୍ରସର ବ୍ୟକ୍ତି ରାସ୍ତା ପାର୍ ହେଉଥିବା ବେଳେ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ ଧକ୍କାରେ ଘଟଣାସ୍ଥଳରେ ସେହି ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମଧୁପାଟଣା ଥାନା ପୁଲିସ ପକ୍ଷରୁ ଓଏପିଏଫ୍ କର୍ମଚାରୀ ରାଜେନ୍ଦ୍ର ହେମ୍ବ୍ରମ୍ ଏ ନେଇ ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଏତଲା ଆଧାରରେ ଏକ ମାମଲା ରୁଜୁ କରି ଟ୍ରକ ଚାଳକ ଲିଙ୍ଗରାଜ ସାମନ୍ତକୁ ଗିରଫ କରିଥିବା ସୂଚନା ମିଳିଛି।

ଟ୍ରକ୍ ଜବତ: ଚାଳକ ଗିରଫ

ଆସୁଛନ୍ତି ଗଜାନନ | ଚାନ୍ଦିରେ ଚମକିବ ଶୁଣ୍ଢ, କାନ, ଦାନ୍ତ

କଟକ,୧୦।୮ (ସମିସ)

ପାର୍ବଣର ପ୍ରଥମ ପର୍ଯ୍ୟାୟ ଭାଦ୍ରବ ଶୁକ୍ଳ ଚତୁର୍ଥୀ ଦିନରେ ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଟାଉ ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗଣେଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡ଼ି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ.. ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଘୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା, ଘଣ୍ଟ ସଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ଭାଇଚାରା ସହର କଟକରେ ରୟାଲ ବ୍ରଦର୍ସ କ୍ଲବ ସ୍ୱତନ୍ତ୍ର ପରିଚୟ ଜାହିର କରିଛି। ଶଙ୍କରପୁର ଅଞ୍ଚଳର ଯୁବଗୋଷ୍ଠୀଙ୍କୁ ନେଇ ଗଢ଼ି ଉଠିଥିବା ଏହି କ୍ଲବ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ପ୍ରମୁଖ ଭୂମିକା ତୁଲାଉଛି। ଚଳିତବର୍ଷ ଗଣେଶ ପୂଜା ପାଳିବା ପାଇଁ କ୍ଲବ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇ ସାରିଲାଣି। ଏଥର କ୍ଲବରେ ପ୍ରଭୁ ଗଜାନନଙ୍କ ଶୁଣ୍ଢ, କାନ ଓ ଦାନ୍ତ ଚାନ୍ଦିରେ ଚମକିବ। ୨୦୧୪ ମସିହାରେ ହାତଗଣତି ଯୁବକଙ୍କୁ ନେଇ କ୍ଲବ ପ୍ରତିଷ୍ଠା ହୋଇଥିଲା। ଏବେ ସଦସ୍ୟଙ୍କ ସଂଖ୍ୟା ଶହେ ଉପରେ। ଚଳିତଥର ଗଣେଶ ପୂଜା ନିମନ୍ତେ ୫ଲକ୍ଷ ୭୫ହଜାର ଟଙ୍କାର ବଜେଟ ଧାର୍ଯ୍ୟ ହୋଇଛି। ପ୍ରଭୁ ଗଜାନନଙ୍କ ପାଇଁ ଚାନ୍ଦି ଅଳଙ୍କାର ପ୍ରସ୍ତୁତ କରାଯାଇଥିବା ବେଳେ ଭସାଣ ଉତ୍ସବ ମଧ୍ୟ ଧୁମଧାମରେ କରାଯିବ। ବ୍ରହ୍ମପୁର ପ୍ରସିଦ୍ଧ ରୟାଲ ବ୍ରାଣ୍ଡ, ସମ୍ବଲପୁରରୁ ମା ଘଣ୍ଟେଶ୍ୱରୀ ମାଦଳ, ପୁରୀ ନାଗା ନୃତ୍ୟ କଳାକାର, କେନ୍ଦୁଝରରୁ କଳସ ନୃତ୍ୟ କଳାକାର, ପିପିଲିରୁ ଘୋଡା ନାଚ କଳାକାର, ଜଟଣୀରୁ ବାଘ ନାଚ କଳାକାର ଏବଂ ସାଲେପୁରରୁ ଘଣ୍ଟୁଆ ଦଳ ଭସାଣୀ ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲଟିବେ। ତେବେ କ୍ଲବର ଅନ୍ୟ ଏକ ବିଶେଷତ୍ୱ ଏହା ଯେ, ପୂଜା ବଜେଟରୁ ଯାହା ଅର୍ଥ ବଳକା ରହିବ ତାହା ସାମାଜିକ କାର୍ଯ୍ୟରେ ନିୟୋଜିତ ହେବ। ନିରାଶ୍ରୟ, ଅପରିଚିତ ଓ ମାନସିକ ବିକୃତ ଲୋକଙ୍କ ହିତରେ ବଳକା ଅର୍ଥ ଖର୍ଚ୍ଚ କରାଯିବ ବୋଲି କ୍ଲବର ସଭାପତି ରାକେଶ ରାଉତ, ସମ୍ପାଦକ ଲୋକନାଥ ଘୋଷ, ଉପସଭାପତି ରମେଶ ରାଉତ, ସହ ସମ୍ପାଦକ ଅନୀଲ ଘୋଷ, କୋଷାଧ୍ୟକ୍ଷ ଅନୀଲ ବେହେରା ସୂଚନା ଦେଇଛନ୍ତି।

ରୟାଲ ବ୍ରଦର୍ସ କ୍ଲବ୍

ମହାନଦୀବିହାର ପେନ୍‌ସନ୍ ଆସୋସିଏସନ୍ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



କଟକ, ୧୦।୮ (ସମିସ): ମହାନଦୀବିହାର ପେନସନ ଆସୋସିଏସନ ପକ୍ଷରୁ ୪୨ମୌଜା, ବେଣ୍ଟକାର ସ୍ଥିତ ବେଲେଶ୍ୱର ମୂକ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଖାତା, କଲମ ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ମାନ ବଣ୍ଟନ କରାଗଲା। ଆଜିର ଏହି କାର୍ଯ୍ୟକ୍ରମରେ ଆସୋସିଏସନର ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କର, ଯୁଗ୍ମ ସମ୍ପାଦକ ମହେନ୍ଦ୍ରନାଥ ପଣ୍ଡା ଓ ଅନ୍ୟାନ୍ୟ ବରିଷ୍ଠ ସଭ୍ୟ ଯଥା ପ୍ରକାଶ ଚନ୍ଦ୍ର ନାୟକ, ନିମାଇଁ ଚରଣ ମହାନ୍ତି, ତାପସ ଚନ୍ଦ୍ର ସାମନ୍ତ, ଅତନୁ ଚନ୍ଦ୍ର ଦାସ, ଶରତ ପାଣି, ପ୍ରଭାକର ରଣା, ପ୍ରମୁଖ ଉପସ୍ଥିତ ଥିଲେ। ଏମଡିଏର ବରିଷ୍ଠ ସଭ୍ୟ ଗୋଲେଖ ଚନ୍ଦ୍ର କାନୁନଗୋ ମଧ୍ୟ ଉପସ୍ଥିତ ରହିଥିଲେ।

ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ



କଟକ, ୧୦।୮ (ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ କଟକ ଆନୁକୂଲ୍ୟରେ ଏକ ଆଇନ ସାହାଯ୍ୟତା କେନ୍ଦ୍ର କଟକ ବକ୍ସି ବଜାରସ୍ଥିତ ଜିଲ୍ଲା ସୈନିକ ବୋର୍ଡ ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ର ଉପସ୍ଥିତ ରହି ଏହି ସହାୟତା କେନ୍ଦ୍ରଟିର ଉଦଘାଟନ କରିଥିଲେ। ଏହି ଆଇନ ସହାୟତା କେନ୍ଦ୍ରରେ ଆମ ଦେଶକୁ ସୁରକ୍ଷା ଦେଉଥିବା ସୈନିକମାନେ ଏବଂ ସେମାନଙ୍କ ପାରିବାରକୁ ଆଇନ ସହାୟତା ଦେବାରେ ସହାୟକ ହେବ। ଏହି ଉଦଘାଟନ ଉତ୍ସବରେ ସୈନିକ ବୋର୍ଡର ଲେଫ୍‌ନାଣ୍ଟ ବିଏନ ପାତ୍ର ଯୋଗଦେବା ସହିତ ବୋର୍ଡର ଅନ୍ୟାନ୍ୟ କର୍ମଚାରୀ, ପ୍ୟାନେଲ ଆଇନଜୀବୀ, ପିଏଲଭି ଓ ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ଥିଲେ। କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଆଜିର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ

ବଜ୍ରାଘାତରେ ୪ ବଳଦ ମୃତ

ଟିକିରି,୧୦।୮(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନକଟିଗୁଡା ପଞ୍ଚାୟତ ଅନ୍ତର୍ଗତ ନକଟିଗୁଡା ଗ୍ରାମରେ ରବିବାର ଅପରାହ୍ନ ସମୟର ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଘରପଛ ବାଡିରେ ବନ୍ଧା ହୋଇଥିବା ୪ଗାଈ ମୃତ୍ୟୁବରଣ କରିଥିବା ବେଳେ ଜଣେ ଆହତ ହୋଇଛନ୍ତି। ଆହତ ଜଣଙ୍କ ହେଲେ ଉକ୍ତ ଗ୍ରାମର ଲେକପତି ମାଝୀ (୪୫)। ହଳ ପରେ ଅପରାହ୍ନରେ ଖାଇବାକୁ ଦେଇ ଗାଈ ବାନ୍ଧିଥିବା ବେଳେ ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ସରକାର ତରଫରୁ କ୍ଷତିପୂରଣ ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ରାୟଗଡ଼ା,୧୦।୮(ସମିସ): ରାୟଗଡା ସହର ସ୍ଥିତ ବଂଶୀକ୍ରିଷ୍ଣା ମଣ୍ଡପ ଠାରେ ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘ ର ୩୫ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଶାଖାରେ ଅବସ୍ଥାପିତ କର୍ମଚାରୀଙ୍କୁ ବିଭିନ୍ନ ଦାୟିତ୍ୱ ଦେଇ ପ୍ରବନ୍ଧକ ଏଭିଏସ ଗିରି ସହଯୋଗୀଙ୍କ ସାହାଯ୍ୟରେ ଏହି ସମ୍ମିଳନୀକୁ ସୁଚାରୁ ରୂପେ ତୁଲାଇଥିଲେ। ଏହି ସଭାରେ ବ୍ରହ୍ମପୁର ମଣ୍ଡଳ ଅଧିନସ୍ଥ ୧୪ ଶାଖା ଯାହା କି ୧୦ଟି ଜିଲ୍ଲାରେ ଅବସ୍ଥିତ ସମସ୍ତ ଶାଖା କାର୍ଯ୍ୟାଳୟ ର ସଦସ୍ୟ ଓ ସଦସ୍ୟା ଯୋଗ ଦେଇ ସଂଗଠନକୁ ସଶକ୍ତ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସମ୍ମିଳନୀରେ ପୂର୍ବ କେନ୍ଦ୍ରୀୟ କ୍ଷେତ୍ର ବୀମା ସଂଗଠନର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା. କୋଷାଧକ୍ଷ ସାଧବ ମିଶ୍ର. ଭୁବନେଶ୍ୱର ବୀମା କର୍ମଚାରୀ ସଂଗଠନ ନେତୃତ୍ୱ ଯୋଗଦେଇ ସଂଗଠନକୁ ମାର୍ଜିତ କରିବାର ସୂତ୍ରପାତ କରି ଥିଲେ। ବ୍ରହ୍ମପୁର ମଣ୍ଡଳ ବୀମା କର୍ମଚାରୀ ସଂଘର ସଭାପତି ଭବାନୀ ଶଙ୍କର ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଡ.ପରେଶ ରଥଙ୍କୁ ସରଳା ଦେବୀ ସମ୍ମାନ

ଜୟପୁର,୧୦।୮(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ବାସିନ୍ଦା ତଥା ଐତିହାସିକ, ଗବେଷକ, ସାମ୍ବାଦିକ, ଲେଖକ ଡ. ପରେଶ ରଥଙ୍କୁ ରାଜ୍ୟର ଶ୍ରେଷ୍ଠ ସରଳା ଦେବୀ ସମ୍ମାନରେ ସମ୍ମାନୀତ କରାଯାଇଛି। ଗତକାଲି ଭୁବନେଶ୍ୱର ଭଞ୍ଜ ମଣ୍ଡପ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସରଳା ଦେବୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ଚିକିତ୍ସକ ଡା. ଦୀନେଶ ଷଡଙ୍ଗୀ, ମୁଖ୍ୟଅତିଥି ପୂର୍ବତନ ସାଂସଦ ସୌମ୍ୟ ରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବୀ ପ୍ରସାଦ ଦାଶ , ସମ୍ମାନିତଅତିଥି ବିଶିଷ୍ଟ କବି ମନୋରମା ବିଶ୍ୱାଳ ମହାପାତ୍ର, ବାଲିକୁଦା ଏରସମା ବିଧାୟକ ସାରଦା ଜେନା, କନ୍ନଡ ସିନେମାର ନିର୍ମାତା ସମାଜ ସେବୀ ରମେଶ ନାଗଥିହଲି ପ୍ରମୁଖ ଉପସ୍ଥିତ ଥିଲେ। ଏହିପରି ଗବେଷକ ତଥା ଲେଖକ ଡ.ରଥ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଐତିହାସିକ ପୀଠ, ଆଦିବାସୀ ସଂସ୍କୃତି ଏବଂ ଜୟପୁର ମହାରାଜାଙ୍କ ବଂଶାବଳୀକୁ ନେଇ ଇଂରାଜୀ ଏବଂ ଓଡିଆରେ ବିଭିନ୍ନ ପୁସ୍ତକ ଲେଖିବା ସହ ଆଦିବାସୀ ସଂସ୍କୃତିକୁ ନେଇ ଗବେଷଣା କରିବା ସହ ଦୁଇଥର ପିଏଚଡି ଉପାଧି ପାଇଥିଲେ। ଏହିପରି କୋଟସର ଅସୋସିଏଟ ପ୍ରଫେସର ଭାବେ ଆଦିବାସୀ ଓ ସଂସ୍କୃତି ନେଇ ଶିକ୍ଷା ପ୍ରଦାନ କରୁଛନ୍ତି। ଏହିପରି ସମ୍ମାନରେ ସମ୍ମାନୀତ ହେବା ପରେ ଜୟପୁର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରେ ତାଙ୍କର ପ୍ରଶଂସକ ଏବଂ ଶୁଭାକାଂକ୍ଷୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।।

ଶ୍ୱେତ ସୁବର୍ଣ୍ଣ କ୍ଷେତ୍ରରେ ଝୁଲଣ ଯାତ୍ରା ଉଦ୍‌ଯାପିତ

ଦାମନଯୋଡ଼ି,୧୦।୮ : ଶ୍ୱେତ ସୁବର୍ଣ୍ଣ କ୍ଷେତ୍ର, ଦାମନଯୋଡ଼ିର ନାଲ୍‌କୋ ଟାଉନସିପ ସେକ୍ଟର ୧ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ସପ୍ତାହେ ବ୍ୟାପି ଚାଲିଥିବା ଝୁଲଣ ପର୍ବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିବର୍ଷ ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଭାଦ୍ରବ ମାସ କୃଷ୍ଣପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ୭ ଦିନଧରି ଝୁଲଣ ପର୍ବ ପାଳିତ ହୋଇଥାଏ। ରବିବାର ସନ୍ଧ୍ୟାରେ ଆଳତୀ ପରେ ଶ୍ରୀ ରାଧାକୃଷ୍ଣଙ୍କୁ ଘଣ୍ଟଘଣ୍ଟା, ଆଳଟ, ଚାମର ଓ ହରିବୋଲ ହୁଳହୁଳି ମଧ୍ୟରେ ମୁଖ୍ୟ ମନ୍ଦିରରୁ ଝୁଲଣ ମଣ୍ଡପକୁ ନିଆଯାଇଥିଲା। ସେଠାରେ ଏକ ସୁସଜ୍ଜିତ ଝୁଲଣ ବିମାନରେ ବସାଇ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ଠାକୁରଙ୍କୁ ଝୁଲାଇ ଥିଲେ। ସନ୍ଧ୍ୟାରେ ପାରମ୍ପରିକ ଚମ୍ପୁ,ଛାନ୍ଦ ଓ ପୁରାତନ ଝୁଲଣର ରାସଗୀତ ସହିତ ଭଜନ ପରିବେଷଣ କରାଯାଇଥିଲା। ପୂଜକ ଅଜୟ କୁମାର ପଣ୍ଡା,ବିଜୟ କୁମାର ପଣ୍ଡା, ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ଦିର କମିଟି ପକ୍ଷରୁ ନାଲକୋ କର୍ମଚାରୀ ତଥା ମନ୍ଦିରର ମହାପ୍ରଭୁଙ୍କ ବିଭିନ୍ନ ଯାନିଯାତ୍ରାରେ ସେବା ଯୋଗାଇ ଆସୁଥିବା ଦିଲୀପ କୁମାର ଭୂୟାଁ ଓ ବିଶିଷ୍ଟ ତବଲା ବାଦକ ଗୋପୀନାଥ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକ, ଉପସଭାପତି ବିଚ୍ଛନ୍ଦ ଚରଣ ଦାଶଙ୍କ ସହିତ ସମ୍ପାଦକ କୈଳାସ ସେନାପତି,ଯୁଗ୍ମ ସମ୍ପାଦକ ତ୍ରିଲୋଚନ ଚୌଧୁରୀ ଓ ଅନ୍ୟ ସଦସ୍ୟ, ଶ୍ରଦ୍ଧାଳୁ ଉପସ୍ଥିତ ରହି ପରିଚାଳନା କରିଥିଲେ।

ଯବାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ

ସେମିଳିଗୁଡା, ୧୦।୮ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭ ଫର ଅଦର୍ସ ତରଫରୁ ରାଖୀ ପୂର୍ଣ୍ଣିମା ଉପଲକ୍ଷେ ଦୁଇ ଦିନ ଧରି ସଦସ୍ୟମାନେ ଗୃହ ବିଭାଗ ଅଧିନସ୍ଥ ପୋଲିସ, କେନ୍ଦ୍ରୀୟ ୨୦୨ କୋବ୍ରା ବାହିନୀ, ଓଏସଏପି ଯବାନ, ସିଆଇଏସଏଫ କମାଣ୍ଡାଣ୍ଟଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ରଙ୍କୁ୨୦୨ କୋବ୍ରାର ଫଳକ ଦେଇ ସମ୍ମାନିତ କରିଥିଲେ। ଦେଶ ମାତୃକାର ସେବା ଓ ସୁରକ୍ଷା ପାଇଁ ଅହରହ ସଂଗ୍ରାମ କରୁଥିବା ବୀର ଭାଇମାନଙ୍କୁ ରାଖୀ ବାନ୍ଧି ଅନୁଷ୍ଠାନର ସଦସ୍ୟମାନେ ଖୁସି ପ୍ରକଟ କରିଛନ୍ତି।

ରାଇଘର ନର୍ସିଂ ଛାତ୍ରୀ ମୃତ୍ୟୁକୁ ନେଇ ବିଜେଡିର ୧୨ ଘଣ୍ଟିଆ ରାଇଘର ବନ୍ଦ ଆଜି

ଛାତ୍ରୀଙ୍କ ମୃତ୍ୟୁ; ବିଜେପି ସରକାରୀ ପ୍ରାୟୋଜିତ ହତ୍ୟା : ପ୍ରଦୀପ

ନବରଙ୍ଗପୁର, ୧୦।୮(ସମିସ): ଓଡ଼ିଶାରେ ଛାତ୍ରୀ, ନାବାଳିକା ଗଣ ଦୁଷ୍କର୍ମ ଘଟଣାକୁ ନେଇ ସରକାରଙ୍କୁ ଘେରିଛି ବିଜୁ ଜନତା ଦଳ। ଆଜି ସ୍ଥାନୀୟ ବିନୋଦ ପ୍ୟାଲେସ ସମ୍ମିଳନୀ ଗୃହ ଠାରେ ପୂର୍ବତନ ସାଂସଦ ତଥା ବିଜେଡି ରାଷ୍ଟ୍ରୀୟ ପ୍ରବକ୍ତା ତଥା ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ ରାଜ୍ୟ ସରକାର ଛାତ୍ରୀ, ନାବାଳିକା, ମହିଳା ମାନଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ ବିଫଳ ହୋଇଥିବା ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ରାଜ୍ୟରେ ଘଟିଥିବା ଛାତ୍ରୀ, ନାବାଳିକା, ମହିଳା ମାନଙ୍କ ନର୍ଯାତନା କେସରେ ପୀଡ଼ିତା କିମ୍ବା ପୀଡିତା ପରିବାରଙ୍କ ପ୍ରଥମେ ଏଫଆଇଆର ଦେଇ ପୋଲିସର ସହଯୋଗ, ସହାୟତା ଲୋଡିଛନ୍ତି। କିନ୍ତୁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ ପୀଡ଼ିତା ମାନେ ଦୀର୍ଘଦିନ ସଂଘର୍ଷ କରିବା ପରେ ଶେଷରେ ବାଧ ହୋଇ କିଏ ଆତ୍ମହତ୍ୟା, କିଏ କୀଟନାଶକ ଔଷଧ ପିଇ, ଆଉ କିଏ ଜାଳି ହୋଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ଓଡ଼ିଶା ଇତିହାସରେ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଇଘର ନର୍ସିଂ ଛାତ୍ରୀ କୀଟନାଶକ ଔଷଧ ପିଇ ମୃତ୍ୟୁବରଣ କରିଛନ୍ତି। ଏହା ଆତ୍ମହତ୍ୟା ନୁହେଁ, ପ୍ରଶାସନ ଅବହେଳା ଯୋଗୁଁ ପୀଡିତା ନ୍ୟାୟ ନ ପାଇ ଆତ୍ମହତ୍ୟା କରିବାକୁ ବାଧ ହୋଇଛି । ସରକାର ଚାହିଁ ଥିଲେ ଏହି ଛାତ୍ରୀଙ୍କ ଜୀବନ ବଞ୍ଚାଇ ଦେଇ ପାରିଥାନ୍ତେ। ପୀଡିତା ଦୁଇ ଦୁଇ ଥର ଏତଲା ଦେବା ପରେ ମଧ ଅଭିଯୁକ୍ତ ବିରୋଧରେ ପୁଲିସ ପ୍ରଶାସନ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୀଡିତା କୀଟନାଶକ ଔଷଧ ପିଇ ଆଇହତ୍ୟା କରିବାକୁ ବାଧ ହୋଇଥିଲା ବୋଲି ଶ୍ରୀ ମାଝୀ କହିଛନ୍ତ। ଭୁବେନେଶ୍ୱର ଏମ୍‌ସରେ ନର୍ସିଙ୍ଗ ଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ପୀଡ଼ିତାଙ୍କ ପରିବାରକୁ ଶବ ହସ୍ତାନ୍ତର କରାଯାଉ ନାହିଁ । ସରକାରଙ୍କ ଏହି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ଶୀଘ୍ର ତାଙ୍କ ଶବକୁ ବ୍ୟବଚ୍ଛେଦ କରି ତାର ଜନ୍ମମାଟି ରାଇଘର ପଠାଯାଉ, ନଚେତ ଜୋରଦାର ଆନ୍ଦୋଳନ କରିଯିବା ବୋଲି ସରକାରଙ୍କୁ ଚେତାବନୀ ଦେବାସହ ପୀଡ଼ିତା ପରିବାରକୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ପୂର୍ବତନ ସାଂସଦ ଶ୍ରୀ ମାଝୀ ଦାବି କରିଛନ୍ତି। ବର୍ତ୍ତମାନର ଡବଲ ଇଞ୍ଜିନ ବିଜେପି ସରକାର ଏଭଳି ସରକାରୀକୃତ ହତ୍ୟା ଘଟାଇ ବର୍ତ୍ତମାନ ଏକ ପ୍ରକାର ଇତିହାସ ରଚିବାକୁ ଯାଉଛି ବୋଲି ସେ କହିବା ସହିତ ରାଇଘର ଡୁମରିମୁଣ୍ଡା ନର୍ସି ଛାତ୍ରୀର ମୃତ୍ୟୁ ଘଟଣା ଯୋଗୁଁ ସରକାର ଓଡ଼ିଶାରେ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କୁହାଯାଇଛି। ଏଥିପାଇଁ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ, ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇସ୍ତଫା ଦେବା, ରାଇଘର ନର୍ସିଂ ପୀଡ଼ିତାକୁ ୧ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ରାଜ୍ୟରେ ନାରୀଙ୍କ ସୁରକ୍ଷା ଓ ନିର୍ସିଂ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆସନ୍ତାକାଲି ନବରଙ୍ଗପୁର ଜିଲ୍ଲା ରାଇଘରରେ ୧୨ ଘଣ୍ଟା ବନ୍ଦ ଡାକରା ଦେଇଛି ବିଜେଡି । ଏହି ବନ୍ଦ ଡାକରା ସମୟରେ କେବଳ ଅଗ୍ନିଶମ ,ଆମ୍ବୁଲାନ୍ସ ଭଳି ଜରୁରୀ ସେବାକୁ ବାଦ୍ ଦେଲେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ, ଦୋକାନ, ବଜାର, ସ୍କୁଲ୍ କଲେଜ୍, ଯାନବାହନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି କହିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ। ଆଜିର ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ବିଧାୟିକା ପ୍ରାର୍ଥୀନୀ କୌଶଲ୍ୟା ପ୍ରଧାନୀ, ଜିଲ୍ଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପିଣ୍ଟୁ ମିଶ୍ର, କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, କାଉନସିଲର ଅଲେଖ ସୌରା, ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ବରିଷ୍ଠ ନେତା ରବି ପଟ୍ଟନାୟକ, ସରୋଜ ପାତ୍ର, ପୌର ଉପାଧକ୍ଷା ସୌମ୍ୟ ମହାପାତ୍ର, ଜିଲ୍ଲା ଉପ ସଭାପତି ମିଟୁ ପାତ୍ର , ସମ୍ପାଦକ ଉତ୍ତମ ତ୍ରିପାଠୀ , ସମ୍ପାଦକ ଭୀମ ହରିଜନ, ଲାଲୁ ତ୍ରିପାଠୀ, ୯ ନମ୍ବର୍ ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ, ସୁମିତ ପୂଜାରୀ, ଚନ୍ଦ୍ର ମଲ୍ଲିକ, ରାମ ପଟ୍ଟନାୟକ, ଟୁଲୁ ପଣ୍ଡା ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଏବଂ କର୍ମୀ ଉପସ୍ଥିତ ରହିଥିଲେ।

ଡ୍ରେନ୍ ଉପରୁ ପଡ଼ି ଜଣେ ମୃତ

ଡାବୁଗାଁ, ୧୦।୮(ସମିସ): ରବିବାର ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମୁଖରେ ଥିବା ଜଣେ ଓଲ୍‌ଡିଂ ଦୋକାନୀ ଡ୍ରେନ୍ ଉପରୁ ପଡିଯାଇ ପ୍ରାଣ ହରାଇଛନ୍ତି। ସୂଚନାଯୋଗ୍ୟ, ଉତ୍ତର ପ୍ରଦେଶ ରାଜ୍ୟର କାନପୁର ସହରର ଅମଜାଦ ଖାନ (୩୫) ୫ ବର୍ଷରୁ ଅଧିକ ସମୟ ହେଲା ଡାବୁଗାଁ ବ୍ଲକ ସଦର ମହକୁମାଠାରେ ରହି ବ୍ଲକ ସମ୍ମୁଖରେ ଏକ ଛୋଟ ଗ୍ୟାସ ଓଲ୍‌ଡିଂ ଦୋକାନ କରି ପରିବାର ପରିବାର ପ୍ରତିପୋଷଣ କରୁଥଲେ। ଅପରାହ୍ନ ୫ଘଡ଼ି ସମୟରେ ଦୋକାନ ଆଗରେ ଥିବ ଡ୍ରେନ ବସିଥିଲେ। ହଠାତ ଡ୍ରେନ ଉପରୁ ତଳକୁ ପଡି ଯାଇ ବେହୋସ ହୋଇଯାଇଥିଲେ। ପରେ ଡାବୁଗାଁ ଅଗ୍ନିଶମ ଗାଡି ଆସି ତାଙ୍କୁ ନେଇ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ଯାଞ୍ଚ କରି ମୃତ ଘୋଷଣା କରିଥିଲେ। ଖବରପାଇ ଡାବୁଗାଁ ଓ ପାପଡାହାଣ୍ଡି ର ମୁସଲିମ ସମ୍ପ୍ରଦାୟର ଲୋକେ ଡାବୁଗାଁ ଡାକ୍ତରଖାନାରେ ପହଞ୍ଚି ଏକ ବେସରକାରୀ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ କାନପୁର ପଠାଇବାର ବ୍ୟବସ୍ଥା କରୁଥିବା ସୂଚନା ମିଳିଛି।

ବିଷାକ୍ତ ସାପ ଉଦ୍ଧାର

ବୈପାରୀଗୁଡ଼ା, ୧୦।୮(ସମିସ): ନାଗ ସାପ ଉଦ୍ଧାର କଲେ ସ୍ନେକ୍ ହେଲ୍ପ ଲାଇନ କର୍ମକର୍ତ୍ତା । ରାଞ୍ଚି -ବିଜୟୱାର୍ଡ ୩୨୬ ନମ୍ବର ଜାତୀୟ ରାଜପଥ ରାସ୍ତା କଡ଼ରେ ତଥା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ଢ଼ାବାରେ ନାଗ ସାପ ଉଦ୍ଧାର ହୋଇଛି। ଢ଼ାବାର ରୋଷେଇ ସ୍ଥାନରେ ନାଗ ସାପ ରହିଥିବା ସନ୍ଦେହ କରି ଢ଼ାବା ମାଲିକଙ୍କୁ ଜଣାଇଥିଲେ ରୋଷେୟା। ଢ଼ାବା ମାଲିକ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ବନ ବିଭାଗ ସହ ଯୋଗାଯୋଗ କରିଥିଲେ। ବୈପାରୀଗୁଡା ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗେ ସଙ୍ଗେ ସ୍ନେକ୍‌ହେଲ୍ପଲାଇନ କର୍ମକର୍ତ୍ତା ଦମ୍ବୁରୁ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଦୀର୍ଘ ଏକ ଘଣ୍ଟା କାଳ ପରିଶ୍ରମ ପରେ ୫ ଫୁଟିଆ ନାଗ ସାପ ଉଦ୍ଧାର କରିଥିଲେ। ଉଦ୍ଧାର ସାପ ଟିକୁ ପେଟା ଘାଟି ତିନି ବାଙ୍କ ମଧୁବନରେ ସୁରକ୍ଷିତ ଭାବେ ଛାଡି ଦେଇଛନ୍ତି ସ୍ନେକ୍ ହେଲ୍ପ ଲାଇନ କର୍ମକର୍ତ୍ତା ଦମ୍ବୁରୁ ।

ଗୁଣପୁରରେ ଉତ୍କଳ ସମ୍ମିଳନୀର ବୈଠକ

ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉପରେ ଗୁରୁତ୍ୱ

ଗୁଣପୁର,୧୦।୯(ସମିସ): ଉତ୍କଳ ସମ୍ମିଳନୀ ଗୁଣପୁର ଶାଖାର ଆୟୋଜନ କ୍ରମେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ସ୍ଥାନୀୟ ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲ୍ଲା ଉତ୍କଳ ସମ୍ମିଳନୀର ସଭାପତି ବ୍ରଜ କିଶୋର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଯେତିକି ଉଦ୍ୟମ କରାଯିବ କଥା ତାହା କରାଯାଉ ନଥିବାରୁ ଓଡ଼ିଆ ଭାଷା ସାହିତ୍ୟ ବିପଦରେ ରହିଛି। ତେଣୁ ଏହାକୁ ବିକଶିତ କରିବା ପାଇଁ ପ୍ରତ୍ୟେକ ଓଡ଼ିଆ ଆଗେଇ ଆସିବାକୁ ବୈଠକରେ ଆହ୍ୱାନ ଦେବା ସହ ଆନ୍ଧ୍ର ଓଡ଼ିଶା ସୀମାନ୍ତରେ ରହୁଥିବା ଓଡ଼ିଆଙ୍କୁ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦେବା ସହ ସେମାନଙ୍କ ସ୍ଥିତିକୁ ପରଖିବାକୁ ଆଗକୁ ବଢିବାକୁ ପଡ଼ିବ ବୋଲି ଆଲୋଚନା କରାଯାଇଥିଲା। ଏହି ବୈଠକରେ ରାୟଗଡ଼ାରୁ କିଶୋର ପଣ୍ଡା, ରାଜେଶ ପାଢ଼ୀ ,ମଦନ ମୋହନ ପାଢି, ବିନାୟକ କର , ସବ୍ୟସାଚୀ ସାହୁ, ଯୋଗେଶ୍ୱର ଦାସ, ଅରୁଣ ପାଣିଗ୍ରାହୀ, ଶିବ ମିଶ୍ର ପ୍ରମୁଖ ଯୋଗ ଦେଇ ସଂଗଠନକୁ ଆଗକୁ ନେବାକୁ ଓ ଓଡ଼ିଆ ଭାଷା ସାହିତ୍ୟ ଓ ପରମ୍ପରାକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ବଂଶଧାରା ସାହିତ୍ୟ ସମାଜର ସଭାପତ ପ୍ରଭାତ କୁମାର ଶତପଥୀ ବସ୍ ଗୁଡ଼ିକରେ ଓଡ଼ିଆ ଭାଷାରେ ଭୁଲ୍ ଲେଖିବା ଦ୍ୱାରା ଓଡ଼ିଆ ଭାଷା ତାର ଗାରିମା ହରାଇଛି ବୋଲି ମତ ବ୍ୟକ୍ତ କରିଥିଲେ। ପଦ୍ମପୁର ଶିକ୍ଷକ ନେତା ରମେଶ ପଣ୍ଡା ପ୍ରତ୍ୟେକ ବସତି ଗୁଡ଼ିକର ନାମ କୁ ଓଡ଼ିଆ ମହାପୁରୁଷଙ୍କ ନାମରେ ନମିତା କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଆଇନଜୀବୀ ସରୋଜ ପାଣିଗ୍ରାହୀ ଉତ୍କଳ ଦିବସକୁ ପ୍ରତି ସ୍କୁଲରେ ଆଡମ୍ବରର ସହ ପାଳନ କହିଥିଲେ। ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ଓ ଉମା ଶଙ୍କର ଦାସ ସହରରେ ପାରଳା ମହାରାଜା, କୃଷ୍ଣଚନ୍ଦ୍ର ଗଜପତିଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ବାଇପାସ୍ ଛକକୁ ତାଙ୍କ ନାମରେ ନାମିତ କରିବା ପାଇଁ ଦେଇଥିବା ପ୍ରସ୍ତାବ କୁ ସମସ୍ତ ଙ୍କ ପୂର୍ଣ୍ଣ ମାତ୍ର ରେ ଶହ ମତ ମିଳିଥିଲା। ଏହି ପ୍ରସ୍ତାବ କୁ ପୌର ପରିଷଦ ର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ଓ ବରିଷ୍ଠ କାଉନସିଲର ତଥା ଆଇନଜୀବୀ ଦେବୀ ପ୍ରସାଦ ଆଚାର୍ଯ୍ୟ ଗ୍ରହଣ କରିବା ସହ ଉତ୍କଳ ସମ୍ମିଳନୀ କୁ ସକ୍ରୀୟ କରିବା କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀ ର ଗୁଣପୁର ଶାଖା ର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ଅକ୍ଷୟ ଦାସ ଓଡ଼ିଶାର ଗାରିମା ମୟ ଇତିହାସ କୁ ଆଗାମୀ ପିଢ଼ି ଯେମିତି ଜାଣିବେ ସେଥି ପାଇଁ ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରା କୁ ଉଜ୍ଜୀବିତ ରଖିବାକୁ ହେବ ବୋଲି କହିଥିଲେ। ଓଡ଼ିଆ ରେ କହିବା ଓ ଲେଖିବା ସ୍?ାଭିମାନ ର ସହ ବଞ୍ଚିବା କୁ ସେ ଆହ୍ୱାନ ଦେଇ ଥିଲେ। ବୈଠକ ରେ ବରିଷ୍ଠ ଓକିଲ ରାଜେନ୍ଦ୍ର ପ୍ରସାଦ ପାଢ଼ି, ବ୍ରହ୍ମା ନନ୍ଦ ପଟ୍ଟନାୟକ, ଅଧାପକ ଡଃ ସୂର୍ଯ୍ୟ ନାରାୟଣ ପଣ୍ଡା, ଦେବୀ ଆଚାର୍ଯ୍ୟ, ମୁନା ପାଣି, ଇନ୍ଦ୍ରାକ୍ଷୀ ଦାସ, ରାଜୀବ ସାହୁ, ଅନିଲ ସାହୁକାର, ତିରୁପତି ରଥଙ୍କ ସହ ବହୁ ମାନ୍ୟଗଣ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ। ଶେଷରେ ସହଦେବ ରଥ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜିତ ପାଢି ପରିଚାଳନା କରିଥିଲେ। ବୈଠକରେ ସଫ୍ଟୱେର ଇଞ୍ଜିନିୟର ଚିଣ୍ଟୁ ଦାସ ଗଜପତି ମଳର୍ତ୍ତୀ ସ୍ଥାପନା ପାଇଁ ୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୨୪ ତାରିଖ ଦିନ ରାୟଗଡ଼ା ଠାରେ ଉତ୍କଳ ସମ୍ମିଳନୀର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ ବୋଲି ସଭାପତି ବ୍ରଜ ନାୟକ ସୂଚନା ଦେଇଥିଲେ।

ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ରିକେଟ୍ ମ୍ୟାଚ

ଗୁଣୁପୁର,୧୦।୮(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଗୁଣପୁର ଓ ରାୟଗଡା ଉପଖଣ୍ଡ ରାଜସ୍ୱ କ୍ଷେତ୍ର କର୍ମଚାରୀ ଦଳ ମଧ୍ୟରେ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗୁଣୁପୁର ଉପଖଣ୍ଡ ଦଳ ରାଜସ୍ୱ ପରିଦର୍ଶକ ଶିବାନନ୍ଦ ଦାସଙ୍କ ନେତୃତ୍ୱରେ ଏବଂ ରାୟଗଡା ଉପଖଣ୍ଡ ଦଳ ରାଜସ୍ୱ ନିରୀକ୍ଷକ ବାଳକୃଷ୍ଣ ରଥଙ୍କ ନେତୃତ୍ୱରେ ଖେଳିଥିଲେ। ରାୟଗଡା ଦଳ ଟସ୍ ଜିତି ପ୍ରଥମେ ୧୨୫ ରନର ଟାର୍ଗେଟ ରଖିଥିଲେ ଏବଂ ଶିବାନନ୍ଦ ଦାସଙ୍କ ଚମତ୍କାର ଅଧିନାୟକତ୍ୱରେ ଗୁଣୁପୁର ଦଳ ଏହାକୁ ପିଛା କରି ୪ ୱିକେଟ୍ ବାକି ରଖି ବିଜୟୀ ହୋଇଥିଲେ ଏବଂ ସ୍ୱୟଂ ଅଧିନାୟକ ଗୋଟିଏ ପାଶ୍ୱର୍ରେ ନଟ୍ ଆଉଟ୍ ରହିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ମନୋଜ ରଥ ଏବଂ ଶ୍ରେଷ୍ଠ ବୋଲର ଭାବେ ବୋମନା ଆନନ୍ଦ ବିବେଚିତ ହୋଇଥିଲେ। ଶେଷରେ ବିବେଚିତ ଦଳ ଓ ଶ୍ରେଷ୍ଠ ଖେଳାଳି କୁ ଅତିଥି ତହସିଲଦାର, ରାମନାଗୁଡ଼ା ପ୍ରାଣ କୃଷ୍ଣ ପାଣିଗ୍ରାହୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡମ୍ବରୁଧର ଗୌଡ ପରିଚାଳନା କରିଥିଲେ।

ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

କୋଷାଗୁମୁଡା,୧୦।୮(ସମିସ): ଚଳିତ ବର୍ଷ କୋଷାଗୁମୁଡା ସଦର ମହକୁମାର ଦୁର୍ଗା ପୂଜା ତଥା ଦଶହରା ପର୍ବ ପାଳନ ପାଇଁ ସ୍ଥାନୀୟ ଜନସାଧାରଣ ଓ କମିଟି ସଦସ୍ୟଙ୍କ ଉପସ୍ଥିତିରେ ରବିବାର ସନ୍ଧ୍ୟା ୬ଟା ୩୦ରେ ପ୍ରଥମ ବୈଠକ ଦୁର୍ଗା ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୂର୍ବ ବର୍ଷର ଖର୍ଚ୍ଚ ବିବରଣୀର ଉପସ୍ଥାପନ ସହ ଚଳିତ ବର୍ଷର ମା ଦୁର୍ଗାଙ୍କ ମୂର୍ତ୍ତି, ମଣ୍ଡପ, ପେଣ୍ଡାଲ, ମୁଖ୍ୟ ଆକର୍ଷଣ ଫାଟକ, ରଙ୍ଗୀନ ଆଲୋକ ,ତୋରଣ,ବାଦ୍ୟ, ଡିଜେ, ରାବଣ ପୋଡି, ମେଲୋଡି, ଆଦିବାସୀ ନାଟକ ପରିବେଷଣ, ପ୍ରସାଦ ସେବନ ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ଉପରେ ଆଲୋଚନା ହୋଇଥିଲା। ଏହି ପୂଜାର ପରିଚାଳନା ପାଇଁ ନୂତନ କମିଟିକୁ କାର୍ଯ୍ୟଭାର ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପୂଜାକମିଟିର ସଭାପତି ହରିବନ୍ଧୁ ମାଝୀ, ମଧୁସୂଦନ ଭତ୍ରା, ସୁରେଶ ପାତ୍ର, ଟୁଟୁ ପରିଡ଼ା, ଏମ.ମୋହନ ରାଓ, ସନ୍ତୋଷ କୁମାର, ତ୍ରିଲୋଚନ ଧାକୋଡ଼, ଚନ୍ଦନ ସାହୁ, ବାଲାଜୀ ପଟ୍ଟନାୟକ, ଭୁବନେଶ୍ୱର ନାୟକ, ହୋଟେଶ୍ୱର ବେହେରା, ରବି ନାୟକ, ବଳବାନ ସିଂ, ସନ୍ତୋଷ ଅଗ୍ରୱାଲ, କିଶୋର ସାହୁ, ପ୍ରସାଦ ବିଶୋଇ, ସତ୍ୟ ନାରାୟଣ ଚୌଧୁରୀ ପ୍ରମୁଖ ଙ୍କ ସହ ସ୍ଥାନୀୟ ମିସ୍ତ୍ରୀ ସଙ୍ଘ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀଙ୍କ କୋରାପୁଟ ଗସ୍ତର ଦ୍ୱିତୀୟ ଦିନ

ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ

କୋରାପୁଟ,୧୦।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୋରାପୁଟ ଜିଲ୍ଲା ଗସ୍ତର ଆଜି ଦ୍ୱିତୀୟ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ କୋରାପୁଟ ସରକାରୀ ଡିଏଭି କଲେଜ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟ ରଖି ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନୋମିକ କରିଡୋର ୬ ଲେନ ବିଶିଷ୍ଟ ରାସ୍ତା ଖୁବ ଶୀଘ୍ର ନିର୍ମାଣ ହେବ ବୋଲି ଘୋଷଣା କରିବା ସହ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଖାଲି ପଡ଼ିଥିବା ସମସ୍ତ ପଦବୀ ଖୁବ ଶୀଘ୍ର ପୂରଣ ହେବ ବୋଲି ଜନ ସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି। ଏହା ମାଧମରେ ରାଜ୍ୟର ୩ କୋଟି ୪୬ ଲକ୍ଷ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି। ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଅଧିକ ୮ ୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଯୋଗଦେଇ କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା ହିତାଧିକାରୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ,ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, କୋଟପାଡ଼ ବିଧାୟକ ରୂପୁ ଭତ୍ରା, ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ପ୍ରମୁଖ ଯୋଗ ଦେଇଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ।

ଖୁଣ୍ଟରେ ଚଢ଼ି କାମ କଲାବେଳେ ଲାଇନ୍ ମ୍ୟାନ୍ ମୃତ

ରାଉରକେଲା, ୧୦।୮ (ସମିସ): କୁଆଁରମୁଣ୍ଡା ଅଞ୍ଚଳରେ ଖୁଣ୍ଟରେ ଚଢ଼ି କାମ କଲା ବେଳେ ଜଣେ ଲାଇନ୍ ମ୍ୟାନଙ୍କର ମୃତ୍ୟୁ ଘଟିଛି। ଏନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସହକର୍ମୀ ଏବଂ ଗ୍ରାମବାସୀ ଦାବି କରିଥିଲେ। ସେପଟେ କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରଦାନ ଏବଂ ମୃତ ଲାଇନ ମ୍ୟାନଙ୍କ ପତ୍ନୀଙ୍କୁ ଚାକିରି ପ୍ରଦାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ କୁଆଁରମୁଣ୍ଡା ଅଞ୍ଚଳରେ ମିଥିଳା ଆଣ୍ଡ ମିଥିଳା କମ୍ପାନୀର ଲାଇନ୍ ମ୍ୟାନ୍ ରବି ଟପ୍ପୋ ବିଦ୍ୟୁତ ଖୁଣ୍ଟରେ ଚଢ଼ି କାମ କରୁଥିଲେ। ହଠାତ ସେଠାରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ସହକର୍ମୀମାନେ ତାଙ୍କୁ ସେଠାରୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ସୂଚନା ପାଇବା ପରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ପଶ୍ଚିମ ଓଡ଼ିଶା ସମ୍ପାଦକ ତାପସ ନାଥ ଓ ସଦସ୍ୟ ଏବଂ ଗ୍ରାମବାସୀ ଡାକ୍ତରଖାନାରେ ପହଞ୍ଚିଥିଲେ। ଯେହେତୁ କାର୍ଯ୍ୟରତ ସମୟରେ ରବିଙ୍କର ମୃତ୍ୟୁ ଘଟିଛି, ତେଣୁ ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ରବିଙ୍କ କ୍ରିୟା କର୍ମ, ଛୁଆଙ୍କ ପାଠପଢ଼ା ଏବଂ କ୍ଷତିପୂରଣ ବାବଦକୁ ମିଥିଳା ଆଣ୍ଡ ମିଥିଳା କମ୍ପାନୀ ୨୧ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ସହମତି ପ୍ରକାଶ ପାଇଥିଲା। ଏହାସହ ରବିଙ୍କ ପତ୍ନୀଙ୍କୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ମିଥିଳା ଆଣ୍ଡ ମିଥିଳା କମ୍ପାନୀରେ ଚାକିରି ଦେବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସୂଚନା ମିଳିଛି।

ଚାକିରି ସହ କ୍ଷତିପୂରଣ ପ୍ରତିଶ୍ରୁତି

ଜରାଜୀର୍ଣ୍ଣ ଅବସ୍ଥାରେ 'କୃଷକ ବଜାର'

ଛାତରୁ ଖସୁଛି ସିମେଣ୍ଟ ଅତଡ଼ା

ରାଉରକେଲା, ୧୦।୮ (ସମିସ)

ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ସିଭିଲ ଟାଉନସିପସ୍ଥିତ ପାନପୋଷ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ 'କୃଷକ ବଜାର'। 'କୃଷକ ବଜାର'ର ଛାତରୁ ସିମେଣ୍ଟ ଅତଡ଼ା ଖସିବା ଦ୍ୱାରା ଭୟଭୀତ ଅବସ୍ଥାରେ ରହିଛନ୍ତି ଚାଷୀକୁଳ। ଫଳରେ ଖୋଲା ଆକାଶତଳେ ବସି ଚାଷୀମାନେ ସେମାନଙ୍କ ବିଲବାଡ଼ିରୁ ଉତ୍ପାଦିତ ପନିପରିବାକୁ ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ସୂଚନାଯୋଗ୍ୟ ଯେ ସିଭିଲ ଟାଉନସିପସ୍ଥିତ ଏହି କୃଷକ ବଜାରରେ ମୋଟ୍ ୬ଟି ସେଡ୍‌ରେ ୧୨ଟି ପିଣ୍ଡି ରହିଛି। ଏହି ପିଣ୍ଡିଗୁଡ଼ିକରେ ୧୫୦ରୁ ଅଧିକ ଚାଷୀ ପନିପରିବାର ବିକିବାର ବ୍ୟବସ୍ଥା କରାଯାଇଛି। ହେଲେ ମରାମତି ଅଭାବରୁ ବିପଦସଙ୍କୁଳ ଅବସ୍ଥାରେ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି କୃଷକ ବଜାର। ପିଣ୍ଡିର ଛାତଗୁଡ଼ିକରୁ ସିମେଣ୍ଟ ଅତଡ଼ା ଖସୁଛି। ଏଭଳି ସ୍ଥିତିରେ କେଉଁ ମୁହୂର୍ତ୍ତରେ ଛାତଭାଙ୍ଗି ଗଳିପଡ଼ିବ ତାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏନେଇ ଚାଷୀ ଓ ବିଭିନ୍ନ ରାଜନୈତିକ ଦଳ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାତ୍ର କମିଟି ପକ୍ଷରୁ କୌଣସି ଧ୍ୟାନ ଦିଆଯାଉନି। ପିଣ୍ଡି ଛାତରୁ ସିମେଣ୍ଟ ଅତଡ଼ା ଭାଙ୍ଗି ଖସିବା ଦ୍ୱାରା ଭୟରେ ଚାଷୀମାନେ ବାଧ ହୋଇ ପିଣ୍ଡି ସମ୍ମୁଖରେ ତଳେବସି ପରିବା ବିକ୍ରି କରୁଛନ୍ତି। ବର୍ଷବର୍ଷ ଧରି ଖରାବର୍ଷାରେ ଚାଷୀମାନେ ଏମିତି ହରାଇଣ ହରକତ ହେଉଥିଲେ ହେଁ, ଏମାନଙ୍କ ଦୁଃଖ ଦୁଃଖରେ ରହିଯାଇଛି। ଡବଲ ଇଞ୍ଜିନ ସରକାର ଆସିବା ପରେ କୃଷକ ବଜାର, ମାର୍କେଟ ୟାର୍ଡଗୁଡ଼ିକର ବିକଶିତ ହେବ ବୋଲି ଯେଉଁ ଆଶା କରାଯାଉଥିବା, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଛି। ସେହିପରି ଏଠାରେ ମିନି ଶୀତଳଭଣ୍ଡାର ନିର୍ମାଣ, କେବଳ ପ୍ରସ୍ତାବରେ ଅଟକି ରହିଛି। ସେପଟେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ବାଲିଘାଟ ଠାରେ ବହୁ ପ୍ରତିକ୍ଷିତ ରାଉରକେଲାର କୃଷକ ବଜାର ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୨୫ କୋଟି ମଞ୍ଜୁର ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟାରମ୍ଭ ପାଇଁ ଡିଏମ୍ଏଫ୍ ରାଉରକେଲା ସ୍ମାର୍ଟସିଟିର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ)ଙ୍କୁ ଚିଠି ଲେଖି ପ୍ରକଳ୍ପର ବିସ୍ତୃତ ତଥ୍ୟ (ଡିପିଆର୍) ମାଗିଥିଲେ। ରାଉରକେଲା ମହାନଗର ନିଗମ (ଆର୍ଏମ୍ସି) ଦ୍ୱାରା ଏହିକାମ କରାଯିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଖୁବ୍‌ଶୀଘ୍ର ନିୟନ୍ତ୍ରିତ ବଜାର କମିଟି (ଆର୍ଏମ୍ସି)ର ସମ୍ପାଦଙ୍କ ଦ୍ୱାରା ଡିପିଆର୍ ପ୍ରସ୍ତୁତି କରି ପ୍ରଦାନ ପାଇଁ ଚିଠିରେ କୁହାଯାଇଥିଲା। ଉଲ୍ଲେଖଯୋଗ୍ୟ, ସହରର ଟ୍ରାଫିକ ବ୍ୟବସ୍ଥା ସୁଧାରିବା ସହ କୃଷକମାନଙ୍କର ଆର୍ଥିକ ବିକାଶ ପାଇଁ ବାଲୁଘାଟ ନିକଟରେ ପ୍ରାୟ ୧୦ ଏକର ପରିମିତ ଜାଗାରେ ଆର୍ଏମ୍ସି ପକ୍ଷରୁ ହୋଲ୍‌ସେଲ୍‌ଫ କୃଷକ ବଜାର ନିର୍ମାଣ ପାଇଁ ଗତ ୨୦୧୪ ଫେବୃୟାରୀ ୨୩ ତାରିଖରେ ଶିଳାନ୍ୟାସ ହୋଇଥିଲା। ସରକାରଙ୍କ ପକ୍ଷରୁ ପାଚେରି ଓ ଅନ୍ୟାନ୍ୟ କାମ ପାଇଁ ୯୮ କୋଟି ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ପାଚେରି ନିର୍ମାଣ କାମ ଆରମ୍ଭ ହେବାର କିଛି ଦିନ ପରେ ବିସ୍ଥାପିତମାନେ ନିଜର ଜାଗା ବୋଲି ଦାବି କଡ଼ା ବିରୋଧ କରିଥିଲେ। ଫଳରେ ଅଧପନ୍ତରିଆ ପାଚେରି କୃଷକ ବଜାର ନିର୍ମାଣ କାମ ଅଟକି ରହିଥିଲା। ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କାମଶେଷ ହୋଇ ପାରିନାହିଁ। ଯାହାକି ଏହା ଅଧାପନ୍ତରିଆ ଭାବେ ପଡ଼ିରହିଛି।

ଖୋଲା ଆକାଶ ତଳେ ବିକ୍ରି କରୁଛନ୍ତି ଚାଷୀ

ବରିଷ୍ଠ ଆଇନଜୀବୀ ପ୍ରବୀର ମିଶ୍ରଙ୍କ ଦେହାନ୍ତ

ରାଉରକେଲା, ୧୦।୮ (ସମିସ): ରାଉରକେଲା ଓକିଲ ସଂଘର ପ୍ରାକ୍ତନ ସଭାପତି ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ମିଶ୍ରଙ୍କ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ତାଙ୍କର ଏକମାତ୍ର ପୁତ୍ର ଦେବାଶିଷ ମିଶ୍ର ଓକିଲାତି କରୁଛନ୍ତି। ଦୀର୍ଘ ୪୫ ବର୍ଷ ଧରି ସେ ରାଉରକେଲା କୋର୍ଟରେ ଓକିଲାତି କରି ବହୁ ଗୁରୁତ୍ୱପୂର୍ଣ୍ଣ ମୋକଦ୍ଦମା ପରିଚାଳନା କରିଛନ୍ତି। ତାଙ୍କ ବିୟୋଗରେ ରାଉରକେଲା କୋର୍ଟ ପରିସରରେ ଶୋକର ଛାୟା ଖେଳିଯାଇଛି। ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ସମ୍ପାଦକ ଦେବାନନ୍ଦ ତନ୍ତୀ, କୈଳାସ ସାବତ, ତାପସ ପରିଡ଼ା, ବ୍ରିଜେଶ ମିଶ୍ର, ପ୍ରତାପ ନାୟକ, ଦିନବନ୍ଧୁ ଭୋଳ, ଏମ୍ ମାଲେଶ୍ୱରମ୍, ବିଜୟ ଦାସ, ଇଶ୍ୱର ମହାନ୍ତି, ଓ୍ୱାଇ. ନବୀ, ଚତୁର୍ଭୁଜ ନାୟକ, ରବିଶଙ୍କର ମିଶ୍ର, ଅକ୍ଷୟ ସାହୁ, ସନ୍ତୋଷ ଭଦ୍ର, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଶଶୀ ନାୟକ, ଉପେନ ନାୟକ, ବବିତା ମହାପାତ୍ର, ଭିଷ୍ମୟ ଦାସ, ଅନୁପ ସାହୁ, ବିଭୂତି ପଲେଇ, ଶାନ୍ତନୁ ଦାସଙ୍କ ସମେତ ବହୁ ସଂଖ୍ୟାରେ ଆଇନଜୀବୀ ଶେଷ ଦର୍ଶନ କରିଥିଲେ।

ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜିଲ୍ଲା ସମ୍ମିଳନୀ

ପରମାଣୁ ମୁକ୍ତ ବିଶ୍ୱ ପାଇଁ ଆହ୍ୱାନ

ରାଉରକେଲା, ୧୦।୮ (ସମିସ) : ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ୫ମ ସୁନ୍ଦରଗଡ଼ ଜିଲ୍ଲା ସମ୍ମିଳନୀ ଉଦିତ୍‌ନଗରସ୍ଥିତ ଆଇଟିଡିଏ ସଭାକକ୍ଷରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀକୁ ଇସ୍‌କଫ୍‌ର ଜାତୀୟ ସାଧାରଣ ସମ୍ପାଦକ ବିଜୟ ପଡ଼ିହାରୀ ଉଦ୍‌ଘାଟନ କରି ବିଶ୍ୱଶାନ୍ତି ଓ ଭାତୃତ୍ୱ, ପରିବେଶ ସୁରକ୍ଷା ପାଇଁ ଆନ୍ଦୋଳନ, ପରମାଣୁ ମୁକ୍ତବିଶ୍ୱ ଇସ୍‌କଫ୍ ସଂଗଠନର ମୂଳ ମନ୍ତ୍ରବୋଲି କହିବା ସହ ଯୁକ୍ତରାଷ୍ଟ୍ର ଆମେରିକା ଓ ତାର ମିତ୍ର ରାଷ୍ଟ୍ରମାନେ ଯୋଉଁଭଳି ଭାବେ ଯୁଦ୍ଧ, ହିଂସା ଓ ସାମ୍ରାଜ୍ୟବାଦ ନିତିଦ୍ୱାରା ଅନ୍ୟରାଷ୍ଟ୍ରରେ ଅଶାନ୍ତି ସୃଷ୍ଟି କରୁଛନ୍ତି ସେ ନିନ୍ଦା କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ସଦାନନ୍ଦ ସାହୁ ସ୍ୱାଗତଭାଷଣ ସହ ସମ୍ପାଦକୀୟ ରିପୋର୍ଟ ଉପସ୍ଥାପନା କରିଥିଲେ। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ମହାନ୍ତି, ପଶୁପତିନାଥ ଚାଟାର୍ଜି, ଅଗସ୍ତି କାନୁନ୍‌ଗୋ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବିଶ୍ୱର ପ୍ରଥମ ଆଣବିକ ବୋମା ନିକ୍ଷେପଣର ୮୦ ବର୍ଷ ବିଷୟ ବସ୍ତୁ ଉପରେ ଅଧ୍ୟାପକ ଡ. ପ୍ରଭାତ ମଲ୍ଲିକ ଆଲୋଚନା କରିଥିଲେ। ଖଦାଳ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ୧୩୦ ପ୍ରତିନିଧି ଯୋଗ ଦେଇଥିବାବେଳେ ୧୫ରୁ ଉର୍ଦ୍ଧ୍ୱ ଉକ୍ତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ, ଆଗାମୀବର୍ଷ ପାଇଁ ଏକ ୨୭ ଜଣିଆ ପରିଷଦ ସହ ଡ.ପ୍ରଭାତ ମଲ୍ଲିକ ସଭାପତି ଓ ସଦାନନ୍ଦ ସାହୁ ସାଧାରଣ ସମ୍ପାଦକ ଭାବେ ପର୍ନବାର ନିର୍ବାଚିତ ହୋଇଛନ୍ତି। ପଶୁପତି ନାଥ ଚାଟାର୍ଜୀ ଓ ଡ. କିଶୋରୀ ଦାସ ଉପସଭାପତି ଓ ଖଦାଳ ସେଠୀ, ବୁଧୁଆ ଯୋଯୋ, ସନ୍ତୋଷ ଆଚାର୍ଯ ସମ୍ପାଦକ, ସୁରେଶ ଦାସ କୋଷାଧକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ରବି ନାରାୟଣ, ଅପର୍ଣ୍ଣା ରାଉତରାୟ, ଡ.ଚନ୍ଦ୍ରକାନ୍ତୀ ନାୟକ, ଗୋଲାପ ମାଝୀ, ରାଜା ମୁନା, ବିଜୟ ରାମ ଦାସ, ବିଦ୍ୟାନନ୍ଦ ପ୍ରଧାନ, ସାକୀର ହୁସେନ, ଭାଗ୍ୟଧର ରାଉତ, ଅରୁଣ କୁଶଳ ସହଯୋଗ କରିଥିଲେ।

ଉପଖଣ୍ଡସ୍ତରୀୟ ବିଶ୍ୱ ଆଦିବାସୀ ଦିବସ

ବଣାଇଁ, ୧୦।୮ (ସମିସ): ବିଶ୍ୱ ଆଦିବାସୀ ଦିବସ ପାଳନ ପରିପ୍ରେକ୍ଷୀରେ ବଣାଇଁ ଉପଖଣ୍ଡର ଚାରୋଟି ବ୍ଲକ ଗୁରୁଣ୍ଡିଆ, କୋଇଡା, ଲହୁଣୀପଡ଼ା, ବଣାଇଁ ଅଞ୍ଚଳର ସମସ୍ତ ଆଦିବାସୀ ଭାଇଭଉଣୀମାନଙ୍କୁ ନେଇ ବଣାଇଁ ସହର ସ୍ଥିତ ଆଇଟିଡିଏ ସଭାଗୃହ ଠାରେ ଉପଖଣ୍ଡସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳନ ହୋଇଯାଇଛି। ପାରମ୍ପାରିକ ଢଙ୍ଗରେ ଢୋଲ ନିଶାଣ ବାଦ୍ୟର ତାଳେ ତାଳେ ହାଇସ୍କୁଲ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଆଇଟିଡିଏ ସଭାଗୃହଠାରେ ପହଞ୍ଚିବା ପରେ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରି ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବଣାଇଁ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ସ୍ୱଦୀପ କୁମାର ଟପ୍ପୋ, ମୁଖ୍ୟବକ୍ତା ଭାବେ ଏଡିଡବ୍ଲୁଓ ବାବୁଲାଲ ମାଝୀ, ବଣାଇଁ ସରକାରୀ ଡାକ୍ତରଖାନାର ଡ. କେର୍କେଟା, ଗୁରୁଣ୍ଡିଆ ମୂଳି ପାଡହାର ସଭାପତି ଲାଖ ଓରାମ, ବଣାଇଁ କିସାନ ସମାଜ ସମ୍ପାଦକ ତଥା ଆଇନଜୀବୀ ସୁରେନ୍ଦ୍ର କିସାନ, ଖଡିଆ ସମାଜ ସଭାପତି ତେଲେଶ୍ୱର ସୋରେଙ୍ଗ, ଲୋହାର ସମାଜ ର ସଭାପତି ଅମିତ୍ ଲୋହାର, କନ୍ଧ ସମ୍ପ୍ରଦାୟର ସଭାପତି ଭୀମସେନ ନାୟକ, ଗଣ୍ଡ ସମାଜ ର ସଭାପତି ଘନଶ୍ୟାମ ନାଏକ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମକୁ ହରିହର କିସାନ, ଚୈତୁ କିସାନ, ରମେଶ ଚନ୍ଦ୍ର କିସାନ, କାରଲୁସ ଟପ୍ପୋ, ରିନୁଶ ସିନ୍ଦୂର ଉଦ୍ୟୋକ୍ତା ଭାବେ ପରିଚାଳନା କରିଥିବା ବେଳେ ନରହରି କିସାନ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଆଦିବାସୀ ଯୋଗଦେଇ ଥିଲେ।

ଜନଜାତୀୟ ଗୌରବ ଦିବସରେ ବିଜୟ ଟପ୍ପୋ ସମ୍ବର୍ଦ୍ଧିତ

ରାଉରକେଲା, ୧୦।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବିଶିଷ୍ଟ ଆଦିବାସୀ ନେତା, ଶିକ୍ଷାବିତ ପ୍ରଫେସର ବିଜୟ କୁମାର ଟପ୍ପୋଙ୍କୁ ଏନ୍ଆଇଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନ୍ଆଇଟିର ପିପି ହଲରେ ଆୟୋଜିତ ଜନଜାତୀୟ ଗୌରବ ଦିବସରେ ପ୍ରଫେସର ଟପ୍ପୋଙ୍କ ନିଷ୍ଠା ତ୍ୟାଗ ଓ ସମର୍ପିତ ମନୋଭାବକୁ ପାଥେୟ କରି ଏନ୍ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଯୋଗ୍ୟ ଯେ ପ୍ରଫେସର ଟପ୍ପୋ ବିଗତ ୪୦ ବର୍ଷ ହେଲା ଦେଶ ମାତୃକାର ସେବାରେ ଶହୀଦ ହୋଇଥିବା ଆଦିବାସୀଙ୍କ ଭଗବାନ ବୀର ବିର୍ସାମୁଣ୍ଡାଙ୍କ ବାର୍ତ୍ତାକୁ ଦେଶରେ ପ୍ରଚାର କରିବା ଓ ଆମ୍‌କୋ-ସିମ୍‌କୋରେ ବ୍ରିଟିଶ ଗୁଳିରେ ସହୀଦ ହୋଇଥିବା ୪୯ ଜଣ ନିରିହ ଆଦିବାସୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଅହରହ କାର୍ଯ୍ୟ କରିଆସୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଏନ୍ଆଇଟି କୁଳସଚିବ ରୋହନ ଧିମାନ, ନୋଡେଲ ଅଫିସର ପ୍ରଫେସର ରାମକୃଷ୍ଣ ବିଶ୍ୱାଳ, ସଂଯୋଜକ ରଶ୍ମୀ ମିଞ୍ଜ ତଥା ଅନ୍ୟନ୍ୟା କର୍ମଚାରୀ ଓ ଛାତ୍ରଛାତୀ ଉପସ୍ଥିତ ଥିଲେ।

ଆଧୁନିକ ମେଟାଲିକ କର୍ମଚାରୀଙ୍କ ଦରମା ବୃଦ୍ଧି

ରାଉରକେଲା, ୧୦।୮ (ସମିସ): ଆଧୁନିକ ମେଟାଲିକ୍ କର୍ପୋରେଟ ହାଉସ ଲିବଟ୍ରି ଓ ଆଧୁନିକ ମେଟଲିକ ଓ୍ୱାର୍କସ ୟୁନିଅନର ଦ୍ୱିପାକ୍ଷିକ ଚୁକ୍ତିନାମା ଜୁଲାଇରେ ସ୍ୱାକ୍ଷରିତ ହୋଇଥିଲା ବେଳେ ଏହି କ୍ରମରେ ସମସ୍ତ କର୍ମଚାରୀଙ୍କ ଦରମା ୧୫ ଶହ ଟଙ୍କା ବୃଦ୍ଧି ହୋଇଥିବା ସୂଚନା ମିଳିଛି। ୨୦୧୫ରେ ଦରମା ବୃଦ୍ଧି ହୋଇଥିବାବେଳେ ୨୦୨୨ରେ ବିଏମଏସ ୟୁନିଅନ ବିଜୟ ପରେ ୨୦୨୩ରେ ଶ୍ରମିକଙ୍କ ୭ ପ୍ରତିଶତ ଦରମା ବୃଦ୍ଧି କରିବାକୁ କର୍ତ୍ତୃପକ୍ଷଙ୍କ ସହ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ୨୦୨୪ରେ ୨ ହଜାର ୨୦୦ ଟଙ୍କା ବୃଦ୍ଧି ସହ ମେଡିକ୍ଲେମ୍ ବାବଦରେ ୧ ଲକ୍ଷ ୫୦ ହଜାର ଟଙ୍କା ଇନ୍ସୁରାନ୍ସ କରାଯାଇଥିଲା। ବର୍ତ୍ତମାନ୍ ସୁଦ୍ଧା ୟୁନିଅନ ୫ ହଜାର ଟଙ୍କା ଦରମା ବୃଦ୍ଧି କରିଛି। ଭିଡିଏ ଲାଗୁ କରିବା ଓ ଆଗାମୀ ଦୁର୍ଗା ପୂଜା ବୋନସ ନେଇ ମଧ୍ୟ ଆଲୋଚନା କରାଯିବ। ୟୁନିଅନ ଆସିବା ପରେ ୨୦୨୩ରେ ୯ ହଜାର ୫୦୦, ୨୦୨୪ରେ ୧୧ ହଜାର ୨୦୦ ଟଙ୍କା ବୋନସ କରାଯାଇଥିବା ବେଳେ ଚଳିତବର୍ଷ ୨୦ ହଜାର ପାଇଁ ଦାବି ରଖାଯାଇଛି। ଶ୍ରମିକଙ୍କ ସମର୍ଥନ ଯୋଗୁଁ ଏସବୁ ସମ୍ଭବ ହୋଇପାରିଛି ବୋଲି ଉପଦେଷ୍ଟା ହିମାଂଶୁ ବଳ, ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ସଭାପତି ଅନିଲ କୁମାର ଭଞ୍ଜ, ଉଦୟ ଓରାମ, ଅଲେଖ ବେହେରା, ମନୋଜ ସ୍ୱାଇଁ, ମାନସ ସାହୁ, ଚନ୍ଦ୍ର କିସାନ୍, ତ୍ରିଲୋଚନ ସାହୁ, ପ୍ରମୋଦ ଖୁଣ୍ଟିଆ ପ୍ରମୁଖ କହିଛନ୍ତି।

ଆର୍‌ଏସ୍‌ପିର ନୂତନ ସମ୍ମିଳନୀ କକ୍ଷ 'ସମାଗମ' ଉଦ୍‌ଘାଟିତ

ରାଉରକେଲା, ୧୦।୮ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ)ଙ୍କ ଭବନରେ ଏକ ନୂତନ ସମ୍ମିଳନୀ କକ୍ଷ 'ସମାଗମ' ଆର୍ଏସ୍‌ପି ଡିଆଇସି ଆଲୋକ ବର୍ମାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡ. ଜେକେ ଆଚାର୍ଯ୍ୟ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତାଙ୍କ ସହିତ ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ବର୍ମା କହିଛନ୍ତି ଯେ ସେ କକ୍ଷରେ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ମାନସ ମନ୍ଥନ ଅଧିବେଶନଗୁଡିକୁ ଦେଖିପାରିବେ। ଅତ୍ୟନ୍ତ ଆଧୁନିକ ସମ୍ମିଳନୀ କକ୍ଷମାନର ପ୍ରତିଷ୍ଠା ଆରଏସ୍‌ପିର ଭିତ୍ତିଭୂମିଗୁଡିକର ଅଭିବୃଦ୍ଧି ପାଇଁ ଶୁଭ ସୂଚକ ଅଟେ। ଉଲ୍ଲେଖନୀୟ ଯେ, ସଂସ୍କୃତରୁ ଉଦ୍ଧୃତ 'ସମାଗମ' ନାମର ଅର୍ଥ 'ଏକତ୍ର ହେବା' କିମ୍ବା 'ବୈଠକ' ଯାହା ଏହି ନାମ ଆଲୋଚନା, ଉପସ୍ଥାପନା, ବୈଷୟିକ କର୍ମଶାଳା ଏବଂ ମାନସ ମନ୍ଥନର ସ୍ଥାନ ଭାବରେ କକ୍ଷର ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି, ଯାହାର ଲକ୍ଷ୍ୟ ସହଯୋଗୀ ଆଦାନପ୍ରଦାନ ମାଧ୍ୟମରେ ସଂଗଠନକୁ ଶୀର୍ଷକୁ ନେବା। ଏହି ସମ୍ମିଳନୀ କକ୍ଷକୁ ନବସୃଜନ, ବୃତ୍ତିଗତ ବିକାଶ ଏବଂ ଦୃଢ଼ ସାଂଗଠନିକ ବନ୍ଧନ ପାଇଁ ଏକ ଉତ୍ପ୍ରେରକ ଭାବରେ କଳ୍ପନା କରାଯାଇଛି।

ଆଞ୍ଚଳିକ ଭଲିବଲ ପ୍ରତିଯୋଗିତା : ଭାଗନେଲେ ୨୦୦ ଖେଳାଳି

ରାଉରକେଲା, ୧୦।୮ (ସମିସ)

ଜଲଦାସ୍ଥିତ କାର୍ମେଲ ସ୍କୁଲଠାରେ ଆଞ୍ଚଳିକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷା ସିଷ୍ଟର ଜୟସିଲିଆଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହାସହ ସେ ବ୍ୟାପକ ଚାରାରୋପଣ ସହ ପ୍ଲାଷ୍ଟିକ ବ୍ୟବହାର ବର୍ଜନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେକ୍ଟର - ୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧକ୍ଷା ସୁଶ୍ରିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅଧକ୍ଷା ସିଷ୍ଟର ଜୟସିଲିଆ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ସିଆଇଏସସିଇ ପରିଚାଳିତ ଏହି ଆଞ୍ଚଳିକ ଭଲିବଲ ପ୍ରତିଯୋଗିତାରେ ବାଲେଶ୍ୱର, ଝାରସୁଗୁଡ଼ା ଓ ରାଉରକେଲାର ଉଭୟ ବାଳକ ଓ ବାଳିକା ବିଭାଗରେ ପ୍ରାୟ ୨୦୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ସ୍କୁଲର ଉପାଧକ୍ଷ ସିଷ୍ଟର ଆପୋଲୋନିକା, ସିଷ୍ଟର ବିନୟ ଏସି, ସିଷ୍ଟର ପ୍ରିସିଲା ଏସି, ସିଷ୍ଟର ଦିବ୍ୟା ଗୁଲାବ ଏସି, ସେଣ୍ଟ ଜୋନ୍ ସ୍କୁଲର ଫାଦର କୁଲକାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାକୁ ରେଫ୍ରି ନିରଞ୍ଜନ ବେହେରା, ଜେ ମହନ୍ତ, ଆଦିକନ୍ଦ ପରିଡ଼ା, ସସ୍ମିତା ଦାସ, ସୁଶାନ୍ତ ଶେଖର ଗୌଡ଼, ଆନ୍ନା କେରକେଟା, ଅଶ୍ୱିନୀ ଲେଙ୍କା ଓ ଶରତ ପ୍ରମୁଖ ପରିଚାଳନା କରିଥିଲେ।

ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନା ଚେନ୍

ଧର୍ମଶାଳା, ୧୦।୮ (ସମିସ): ଧର୍ମଶାଳା ଥାନା ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଆଜି ସନ୍ଧ୍ୟା ସମୟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟି ନେଇ ଫେରାର ହୋଇଯାଇଛନ୍ତି ଲୁଟେରା। ଏ ନେଇ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟବଧି କୌଣସି ଅଭିଯୁକ୍ତ ଧରାପଡ଼ିନାହାଁନ୍ତି। ସୂଚନା ମୁତାବକ ଧର୍ମଶାଳା ଥାନା କୋତପୁର ଗ୍ରାମର ନୃସିଂହ ଚରଣ ସାହୁଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନିଜ ବାପ ଘରକୁ କୁଆଖିଆ ଥାନା ସୁଳିଆ ଗାଁରେ ଯାଇଥିଲେ। ଗତକାଲି ରାକ୍ଷୀ ବାନ୍ଧ? ସାରିବା ପରେ ଆଜି ନିଜ ଭାଇ ପ୍ରଦୀପଙ୍କ ସଂଗେ ଘରକୁ ସଂଧ୍ୟା ସମୟରେ ଫେରୁଥିଲେ। ସଂଧ୍ୟା ସାଢେ ଛଟା ସମୟରେ କେତେ ଜଣ ଦୁର୍ବୃର୍ତ୍ତ ଆସି ଅନ୍ନପୂର୍ଣ୍ଣାଙ୍କ ବେକରୁ ସୁନା ଚେନ ଲୁଟି ନେବାରେ ସଫଳ ହୋଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଖୋଳତାଡ ହୋଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କ ପତ୍ତା ମିଳିପାରିନାହିଁ।

ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି କଟକଣା

ସମସ୍ୟା ଭୋଗୁଛନ୍ତି ଗ୍ରାମାଞ୍ଚଳ ଗାଡ଼ି ଚାଳକ

ଦଶରଥପୁର, ୧୦।୮ (ସମିସ): ଦଶରଥପୁର ବ୍ଲକ ଅଞ୍ଚଳରେ କିଛି ବ୍ୟବସାୟୀ ଲୁଚା ଛପାରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି କରୁଥିଲେ ମଧ୍ୟ କୌଣସି ଯାଞ୍ଚ ହେଉନାହିଁ। ଯାହା ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ଯୋର ଧରିଛି। ସରକାର ପ୍ଲାଷ୍ଟିକ ବୋତଲରେ ଗ୍ରାହକଙ୍କୁ ପେଟ୍ରୋଲ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାର ଏହା ଘୋଷଣା କରିବା ପରେ ମୁଖ୍ୟତଃ ବାଇକ୍ ଏବଂ କାର ଚାଳକ ବହୁ ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେବଳ ଅସୁବିଧାରେ ପଡୁନାହାନ୍ତି ବରଂ ଅନେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଟାଙ୍କି କର୍ମଚାରୀ ଏବଂ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବାକୁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ଗାଁ ଗହଳିରେ ସରକାରଙ୍କ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ ନିୟମକୁ ନେଇ ଏତେଟା ସମସ୍ୟା ନଥିଲେ ମଧ୍ୟ ବ୍ଲକ ଅଧୀନ ପ୍ରମୁଖ ରାସ୍ତା ପାର୍ଶ୍ୱରେ ଯେଉଁ ବ୍ୟବସାୟୀ ଖୋଲାରେ ପେଟ୍ରୋଲ ବିକ୍ରି କରୁଥିଲେ ସରକାରଙ୍କ ନୂତନ ନିର୍ଦ୍ଦେଶନାମା ଯୋଗୁଁ ଭୟରେ ସେମାନେ ପେଟ୍ରୋଲ ବିକ୍ରି ବନ୍ଦ କରି ଥିବାରୁ ରାସ୍ତାରେ ଯାତାୟାତ କରୁଥିବା ବାଇକ ଓ କାର୍ ଚାଳକ ଯାନରେ ତେଲ ଶେଷ ହେବା ପରେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। କିଛି ବର୍ଷ ପୂର୍ବେ ହେଲମେଟ ପିନ୍ଧିବା ନିୟମକୁ ସରକାର କଡ଼ାକଡ଼ି କରିବା ସହିତ ହେଲମେଟ୍ ନ ପିନ୍ଧିଲେ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ମିଳିବ ନାହିଁ ବୋଲି ନିୟମ ଧାର୍ଯ୍ୟ କରିଥିଲେ। ମାତ୍ର ଧୀରେ ଧୀରେ ଏହି ନିୟମ ହୁଗୁଳି ଗଲା। ତେଣୁ ସରକାର ଆଣିଥିବା ନୂଆ ନିୟମ ଯେପରି ସବୁଠି ପାଳନ ହେବ ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଘା ରଖିବାକୁ ଦାବି ହୋଇଛି।

ନିରଞ୍ଜନ ମହାନ୍ତି ସାଂସଦଙ୍କ ତହସିଲ ପ୍ରତିନିଧି

ବାଲିଚନ୍ଦ୍ରପୁର, ୧୦।୮ (ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ନିରଞ୍ଜନ ମହାନ୍ତିଙ୍କୁ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଦର୍ପଣ ତହସିଲ କାର୍ଯ୍ୟାଳୟର ନିଜର ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି। ସାଂସଦ ଡ. ବେହେରା ଏଥିନେଇ ଏକ ଚିଠି ମାଧ୍ୟମରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ଅବଗତ କରାଇଛନ୍ତି। ସାଧାରଣ ଲୋକଙ୍କ ରାଜସ୍ୱ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିସ୍ୱାର୍ଥ ସେବା ଯୋଗାଇବାକୁ ଉଦ୍ୟମ କରିବେ ବୋଲି ଶ୍ରୀ ମହାନ୍ତି 'ସକାଳ'କୁ ସୂଚନା ଦେଇଛନ୍ତି।

ଶ୍ରୀରାଧାରାହାସ ବିହାରୀଜୀଉଙ୍କ ଝୁଲଣଯାତ୍ରା

ଧର୍ମଶାଳା, ୧୦।୮ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଇଷ୍ଟଦେବ ତଥା ଧର୍ମଶାଳା ମୁନସୀ ମିଳନର ଥାନପତି ଠାକୁର ଶ୍ରୀଶ୍ରୀ ରାହାସ ବିହାରିଜିୟୁଙ୍କ ଝୁଲଣ ପର୍ବ ଅଜି ଉଦ୍‌ଯାପିତ ହୋଇଛି। ଗତ ୪ ତରିଖରୁ ଆରମ୍ଭ ହୋଇ ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଘଣ୍ଟ କୀର୍ତ୍ତନ କରାଯାଇ ପ୍ରଭୁଙ୍କୁ ଶ୍ରୀମନ୍ଦିରରୁ ଝୁଲଣ ମଣ୍ଡପକୁ ବିଜେ କରାଯାଇଥାଏ। ସେଠାରେ ଠାକୁରଙ୍କୁ ଏକ ସୁସଜିତ ଦୋଳିରେ ବସାଯାଇ ଝୁଲାଯାଇଥାଏ। ସପ୍ତାହେ ବ୍ୟାପି ଏହି ଝୁଲଣଯାତ୍ରା ସମୟରେ ଗାଁରେ ରଙ୍ଗିନ ଆଲୋକମାଳା, ତୋରଣ ଓ ଫୁଲରେ ସଜାଯାଇଥାଏ। ଆଜି ଶେଷ ଦିନରେ ଠାକୁରଙ୍କୁ ଭଜନ କିର୍ତନ୍ନ କରାଯାଇ ଡୋଳିରେ ଝୁଲାଯାଇଥିଲା। ସପ୍ତାହେ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଗ୍ରାମର ଆନନ୍ଦ ବିହାରୀ ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଇଶ୍ୱର ଚନ୍ଦ୍ର ବେହେରା, ଉଦୟମହାନ୍ତି, ପୀତବାସ ପାତ୍ର, ଗୁରୁଚରଣ ମହାନ୍ତି, ଦଶାରଥ ନାଥ, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ବେହେରା, ଚନ୍ଦ୍ରମଣି ଓଝା, ଅନିଲ ପରିଡ଼ା, ରତ୍ନାକର ମହାନ୍ତି, ସୁବାସ ରାଉତ, ନାରାୟଣ ମହାରଣା, ରିଟୁ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ରକ୍ଷଣା ବେକ୍ଷଣ ଅଭାବ

ସୋନ୍ଦର୍ଯ୍ୟ ହରାଇଛି ଗ୍ରାମାଞ୍ଚଳ ପାର୍କ

କୟାଁଗୋଲା, ୧୦।୮ (ସମିସ)

ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଦଶରଥପୁର ବ୍ଲକ କମାଡ଼ିଅ ପଞ୍ଚାୟତ ଜୟଚଣ୍ଡୀ ନୋଡାଲ ସ୍କୁଲ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ୧ ବର୍ଷ ହେଲା ଶ୍ରୀହୀନ ହୋଇପଡ଼ିଛି। କମାଡ଼ିହ ପଞ୍ଚାୟତ ଯାଜପୁରରୁ କୟାଁଗୋଲା ମୁଖ୍ୟରାସ୍ତା କଡ଼ରେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମିତ ହୋଇଥିବା ରୁରାଲ ପାର୍କ ବର୍ତ୍ତମାନ ତାର ସୋନ୍ଦର୍ଯ୍ୟ ହରାଇଛି। ସୁନ୍ଦର ପରିବେଶରେ ସୁସଜ୍ଜିତ ଓ ଆଲୋକ ସଂଯୋଗୀକରଣରେ ପରିବେଷ୍ଟିତ ପାର୍କରେ ବିଦ୍ୟୁତ ସଂଯୋଗ ବିଛିନ୍ନ ହୋଇଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାର ମାଡ଼ି ଆସୁଛି। ଏଥିସହ ଜନସାଧାରଣଙ୍କୁ ଆକର୍ଷିତ କରୁଥିବା ପାର୍କର ସୌନ୍ଦର୍ଯ୍ୟମୟ ସାମଗ୍ରୀ ଗୁଡିକ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାକୁ ବସିଲାଣି। ଫଳରେ ତାହା ବର୍ତ୍ତମାନ ଆସାମଜିକ ସ୍ଥଳୀ ପାଲଟିଛି। ସନ୍ଧ୍ୟା ହେବା ମାତ୍ରେ ସେଠାରେ ମଦ୍ୟପଙ୍କ ରାଜୁତି ଚାଲୁଛି। ସେହିପରି ସକାଳୁ ସନ୍ଧ୍ୟା ଯାଏଁ ପାର୍କ ପରିସର ଗାଇ, ଛେଳିଙ୍କ ଚରାଭୂମି ପାଲଟିଯାଇଛି। ଏପରିକି ଗାଇ ଓ ଛେଳି ଧରି ଯାଉଥିବା ଚରାଳି ମାନେ ନିର୍ଭୟରେ ପାର୍କ ମଧ୍ୟକୁ ଛେଳି ଓ ଗାଇ ପଲ ଛାଡି ଦେଉଥିଲେ ମଧ୍ୟ ସେମାନଙ୍କୁ ଆକଟ କରିବାକୁ ସେଠାରେ କାହାର ଦେଖାନାହିଁ। ୨୦୧୯ ମସିହାରେ ପାର୍କ ନିର୍ମାଣ ସକାଶେ ମନରେଗା ଯୋଜନା, ପଞ୍ଚାୟତ ସମିତି ପାଣ୍ଠି ଏବଂ ପଞ୍ଚାୟତ ପାଣ୍ଠିରୁ ୧କୋଟିରୁ ଉକୋ ଟଙ୍କା ଖର୍ଚ୍ଚ ହୋଇ ପାର୍କଟି ଖୁବ୍ ଆକର୍ଷଣୀୟ ହୋଇପାରିଥିଲା। ଅତି ସୁନ୍ଦରମୟ ପରିବେଶରେ ପାର୍କଟି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଏପରିକି ରାଜ୍ୟ ତଥା ବିଭିନ୍ନ ଜିଲ୍ଲାର ଯଥା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣି ଯାଉଥିବା ଯାତ୍ରୀମାନେ ଓ ପ୍ରଶାସନିକ ଅଧିକାରୀମାନେ ବ୍ଲକ ଗସ୍ତରେ ଆସି ଏହି ପାର୍କ ପରିଦର୍ଶନ କରିବା ସମୟରେ ମନୋରମ ପାର୍କର ନିର୍ମାଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉଦଘାଟନ ପରେ ପାର୍କରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଥିଲା। ଏପରିକି ମା' ଜୟଚଣ୍ଡୀ ପୀଠକୁ ଦର୍ଶନ ନିମନ୍ତେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ପାର୍କରେ ପରିଭ୍ରମଣ କରି ମଜା ନେଉଥିଲେ। ହେଲେ ଆଜି ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସି ଦାବି କରିଛନ୍ତି। ଏନେଇ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ବିଶ୍ୱାଳଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନର ଅବହେଳା ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱହୀନତକୁ ଦାୟି କରିଛନ୍ତି। ସେହିପରି କମାଡ଼ିହ ପଞ୍ଚାୟତ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ନାୟକ ପଚାରିବାରୁ ସେ କହିଥିଲେ ଏହିଥର ୨୦୨୫ -୨୬ ମସିହା ଫାଇଲ ଖୋଲାଯାଇଛି। ଦଶରଥପୁର ବ୍ଲକ ବିଡିଓ ଆକାଶ ପଟ୍ଟନାୟକ ନିକଟରେ ସରପଞ୍ଚ ଦାବି କରିଛନ୍ତି। ଏହା ଯଥାଶୀଘ୍ର ରିପାରିଂ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

ବରୀ ବିଜେପିରେ ଗୋଷ୍ଠୀ କନ୍ଦଳ

ଦୁଇ ଗୋଷ୍ଠୀ ହାତାହାତି

ଯାଜପୁର, ୧୦।୮ (ସମିସ): ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ବିଜେପି ସଂଗଠନ ମଧ୍ୟରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଦଳ ଭିତରେ ନୂଆ ପୁରୁଣା ଭେଦଭାବ ଅତ୍ୟନ୍ତ ଗୁରୁତର ରହିଥିବା ଅଭିଯୋଗ ହୁଏ। ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚା ହୁଏ। ଯାଜପୁର ଜିଲ୍ଲାର ପ୍ରାୟ ସମସ୍ତ ୭ଟି ନିର୍ବାଚନ ମଣ୍ଡଳୀରେ ଏହି ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଏହି କ୍ରମରେ ଆଜି ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତରେ ଗୋଷ୍ଠୀ କନ୍ଦଳ ଦେଖାଦେଇ ଦୁଇ ଗୋଷ୍ଠୀ ହାତାହାତି ହୋଇଛନ୍ତି। ସକାଳ ୧୧ ଘଟିକା ସମୟରେ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗାଠାରେ ମଙ୍ଗଳା ମନ୍ଦିର ଭୂମି ପୂଜା ଉତ୍ସବ ଥିଲା। ଏଥିରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଗହଳି ଚହଳି ସମୟରେ ଅର୍ଥଙ୍ଗା ପଞ୍ଚାୟତର ବିଜେପି କର୍ମୀ ବିଦ୍ୟାଧର କରଣ ଗାଡ଼ି ନେଇ ଯିବା ସମୟରେ ଆଗରେ ଛିଡା ହୋଇଥିବା ଆଶୁ ବାରିକଙ୍କ ଗୋଡ଼ରେ ଧକ୍କା ଲାଗିଥିଲା। ଯାହାକୁ ନେଇ ଆଶୁ ଉତ୍ତ୍ୟକ୍ତ ହୋଇ ବିଦ୍ୟାଧର କରଣଙ୍କୁ ମାଡ଼ ମାରିଥିଲେ। ତେବେ ସେଠାରୁ ବିଦ୍ୟାଧର ଫେରି ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ପୁନର୍ବାର ଉକ୍ତ ଘଟଣାକୁ ନେଇ ବଚସା ହୋଇ ଘଟଣା ଉଗ୍ରରୂପ ନେଇଥିଲା। ଏହି ହାତାହାତି ଘଟଣାକୁ ଦେଖି ଦଳୀୟ କର୍ମୀ ଉଭୟଙ୍କୁ ଛଡାଛଡି କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ତେବେ ଏଭଳି ଘଟଣାକୁ ନେଇ ଦଳୀୟ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବରୀ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ଦଳ ତରଫରୁ ଉମେଶ ଜେନା ପ୍ରାର୍ଥୀ ହୋଇଥିବା ବେଳେ ନିର୍ବାଚନ ପରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବିଜେପିରେ ସାମିଲ ହେବା ପରେ ଏହି ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ଅନ୍ୟପକ୍ଷରେ ଯାଜପୁର ସାଂସଦ ରବିନାରାୟଣ ବେହେରା ଉମେଶଙ୍କୁ ବାଦ ଦେଇ ସୁନନ୍ଦାଙ୍କୁ ସାଂଗରେ ଧରି ବୁଲୁଥିବାରୁ ଏଭଳି ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଥିବା ଚର୍ଚ୍ଚା ହେଉଛି। ଉମେଶ ବିଜେପିର ନେତୃତ୍ୱ ନେଉଥିବା ବେଳେ ରବୀନ୍ଦ୍ର ଲବି କରି ସୁନନ୍ଦାଙ୍କୁ ଦଳରେ ସାମିଲ କରିଥିଲେ। ଏଥିସହିତ ଦଳର ଅନେକ ପୁରୁଖା କ୍ୟାଡର ଏବେ ଅନ୍ୟ ଏକ ଭିନ୍ନ ଗୋଷ୍ଠୀ କରି ବିରୋଧୀ ଦଳରେ ସାମିଲ ହେବା ପାଇଁ ରଣନୀତି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଜାରକା ବୁଦ୍ଧ ଛକ-ଧର୍ମଶାଳା ରାସ୍ତା ପାଲଟିଛି ମୃତ୍ୟୁର ଯନ୍ତା

ଧର୍ମଶାଳା, ୧୦।୮ (ସମିସ): ଧର୍ମଶାଳା ବ୍ଲକ ଜାରକା ବୁଦ୍ଧ ଛକ ଠାରୁ ଧର୍ମଶାଳା ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଜଗନ୍ନାଥ ସଡ଼କ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଡିସେମ୍ବର ୨୦୨୩ ମସିହାରେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲେ ହେଁ ବହୁ ବିଳମ୍ବରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ରାସ୍ତାର ପ୍ରଶସ୍ତୀକରଣ ସହିତ ରାସ୍ତାର ୩ ଗୋଟି ସ୍ଥାନରେ ଛୋଟ ଛୋଟ ପୋଲ ନିର୍ମାଣ କରିବା ଲାଗି ଠିକାଦାର ବିଭାଗ ସହିତ ଚୁକ୍ତି ମଧ୍ୟ କରିଥିଲା। ତେବେ ଅବଧି ସରିବାର ୯ ମାସ ପରେ ମଧ୍ୟ ଏହି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହି ରାସ୍ତାର ଶାନ୍ତିବଜାର ନିକଟରେ ଦୁଇ ଗୋଟି ଛୋଟ ଛୋଟ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇ ନଥିବାରୁ ଅନେକ ସମୟରେ ବାଇକ ଓ କାରବାଲା ଜାଣି ନପାରି ପୋଲ ଉପରୁ ତଳକୁ ଖସିପଡୁଛନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ଲୋକେ ତଳେ ପାଣିରେ ପଡ଼ିବା ଫଳରେ ବର୍ତ୍ତୀ ଯାଉଛନ୍ତି। ଏହି ପୋଲ କାମ ସମାପ୍ତ ହୋଇ ନଥିବାରୁ ଏହି ରାସ୍ତାରେ ନଯିବା ଲାଗି ବାରା କରିବା ଆବଶ୍ୟକ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏହା ସମ୍ଭବପର ହୋଇପାରୁ ନାହିଁ। ଗତ କିଛି ଦିନ ତଳେ ଏକ ବାଇକ୍ ଆରୋହୀ ଉକ୍ତ ରାସ୍ତାରେ ଯାଉଥିବା ବେଳେ ହଠାତ ୨୦ ଫୁଟ ତଳକୁ ବାଇକ ସହ ଖସିପଡ଼ିଥିଲା। ତେବେ ତଳେ ପାଣି ରହିଥିବାରୁ ଯୁବକ ଜଣକ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ପରେ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ବାକଟି ଉଦ୍ଧାର କରାଯାଇଥିଲା। ଅନେକ ସମୟରେ ଧର୍ମଶାଳା ଆଡୁ ଆସୁଥିବା ଅଜଣା ଲୋକମାନେ ସିଧା ରାସ୍ତା ଭାବି ନୂତନ ପୋଲ ରାସ୍ତା ଦେଇ ଯିବା ସମୟରେ ଏଭଳି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ବଡଧରଣର କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେଲେ ଆଗକୁ ବଡଧରଣର ଅଘଟଣ ଘଟିବା ନେଇ ଆଶଙ୍କା କରାଯାଉଛି। ଯଥାଶିଘ୍ର ଏହି ଅଧା ନିର୍ମାଣ ରାସ୍ତାକୁ ସିଲ କରିବାକୁ ସାଧାରଣରେ ଦାବି ହୋଇଛି।

ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ

ଯାଜପୁର, ୧୦।୮ (ସମିସ): ଯାଜପୁର ଜିଲ୍ଲା ବିଦ୍ୟାଳୟସମୂହ ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ ଯାଜପୁର ଇଣ୍ଡୋର୍ ଷ୍ଟାଡିୟମରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସେଠୀ ୨୦୨୪-୨୫ ମସିହାର ବିବରଣୀ ପାଠ କରିବା ସହିତ ୨୦୨୫-୨୬ ମସିହାର ଜିଲ୍ଲା କ୍ରୀଡା ନିମନ୍ତେ ବ୍ୟୟ ଅଟକଳ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ସୁରମା ମହାପାତ୍ର ଓ ସବିତା ସାହୁ, ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦଶ ଯୋଗଦାନ କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ଜିଲ୍ଲାସ୍ତରୀୟ ଖେଳକୁଦ ରେ କିପରି ଗ୍ରାସ ରୁଟରୁ ବଛା ବଛା କ୍ରୀଡାବିତ୍ ଆସିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଦଶ ଗୋଟି ମଣ୍ଡଳରୁ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଦେବୀଲାଲ ମଲ୍ଲିକ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, ମଣ୍ଡଳ ପ୍ରଧାନ ଶିକ୍ଷକ, ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ବେହେରା, ଗଗନ ବାରିକ, ହରିହର ଜେନା, ସେଖ ସମିମ୍, ସତ୍ୟସୁନ୍ଦର ମହାପାତ୍ର, କାଳନ୍ଦୀ ସାହୁ, ଅବିନାଶ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ମହାନ୍ତି, ସୁବାସ ବିଶ୍ୱାଳ, ସୁବାସ ବାରିକ, ବିନୋଦ ଦଳାଇ, ଅରୁଣ କୁମାର ଜେନା, ସୋନାଲି ସାହୁ ଯୋଗଦାନ କରିଥିଲେ। ଉକ୍ତ ବୈଠକକୁ ବିକାଶ କୁମାର ସାହୁ ଓ ନିରଞ୍ଜନ ଶତପଥୀ ପରିଚାଳନା କରିଥିଲେ।

କୋତପୁର ପଞ୍ଚାୟତରେ ସମ୍ବର୍ଦ୍ଧନା ଉତ୍ସବ

ଧର୍ମଶାଳା, ୧୦।୮ (ସମିସ): ଧର୍ମଶାଳା ବ୍ଲକ କୋତପୁର କଲ୍ୟାଣ ମଣ୍ଡପଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ପଞ୍ଚାୟତ ତରଫରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ବିଧାୟକ ଶ୍ରୀ ସାହୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ବିଧାୟକ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାମଦେବ ପାଢ଼ୀ, ସରପଞ୍ଚ ସୁନାକର ବେହେରା, ସମିତି ସଭ୍ୟା ଝୁଲିରାଣୀ ମଲିକ, ୧୫ ନଂ ଜୋନ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଓ ପ୍ରଭାରୀ ଅମିତ ପ୍ରଧାନ ପ୍ରମୁଖ ମାଞ୍ଚାସୀନ ହୋଇଥିଲେ। ବିଜେପି ନେତା ତପନ କୁମାର ମାହୁନ୍ତ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡ଼ା, ଦିଲିପ ବେହେରା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

ଗଙ୍ଗାଧର ମେହେର ଜୟନ୍ତୀ

ଧର୍ମଶାଳା, ୧୦।୮ (ସମିସ): ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଜାରକା ସ୍ଥିତ ଆମ ପାଠାଗାର ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମବାରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ମେହେରଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ପାଲାକାର ରଜନୀକାନ୍ତ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟ ବେଣୁଧର ଦାସ ଓ ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗଙ୍ଗାଧରଙ୍କ କବିତା ପାଠ କରାଯାଇଥିଲା। ସର୍ବଶ୍ରୀ କବି ଶଶିଭୂଷଣ ଦ୍ୱାରୀ, ଅବସରପ୍ରାପ୍ତ ପ୍ରାଧାପକ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଧ୍ରୁବଚରଣ ବିଶ୍ୱାଳ, ପ୍ରଭାତ ମଲ୍ଲିକ, ସନ୍ତୋଷ କୁମାର ବେହେରା, ଯୁଗଳ କିଶୋର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବ୍ରଜକିଶୋର ଦାଶ, ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ

ଯାଜପୁର, ୧୦।୮ (ସମିସ)

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଦ୍ୱାରା ବଡ଼ଚଣା ବ୍ଲକ ମହାଖଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହାଖଳା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନ ରେ ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଫାଇଲେରିଆ ରୋଗର ଭୟାଭୟତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ଭିବିଡି) ଡା. ପ୍ରଭାକର ସାହୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ତଥା ଏହାର ସଫଳ ରୂପାୟନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ଅତିରିକ୍ତ ନିର୍ଦ୍ଦେଶକ (ଭିବିଡି) ଡା. ରଶ୍ମି ରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଶ୍ରୀକାନ୍ତ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱରଞ୍ଜନ ରଥ, ଜିଲ୍ଲା ଭିବିଡି ପରାମର୍ଶଦାତା ବଳଦେବ ନନ୍ଦ, ଭିବିଡିଟିଏସ୍ ସୌମ୍ୟରଞ୍ଜନ ନନ୍ଦ, ଜିଲ୍ଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱଜିତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

ପାଣିକୋଇଲି: କୋରେଇ ବ୍ଲକ ବଡବିରୁଆଁ ପଞ୍ଚାୟତରେ ଆଜି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରାକରଣ ଓ ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରରେ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫାଇଲେରିଆ ଔଷଧ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଦାସ୍ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିସହିତ ଡା. ଶୁଭ୍ରାଂଶୁ ଶେଖର ମହାନ୍ତି, ଡା. ବିଶ୍ୱରଞ୍ଜନ ପ୍ରଧାନ, ଡା. ନିବେଦିତା ମହାନ୍ତିଙ୍କ ସମେତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରସନ୍ନ କୁମାର ଜେନା ବ୍ଲକ ପ୍ରୋଗ୍ରାମିଂ ମ୍ୟାନେଜର ବିନୋଦ ବିହାରୀ ସାହୁ, ସ୍ୱାସ୍ଥ୍ୟକର୍ମୀ ଧର୍ମେନ୍ଦ୍ର ଓଝା, ଗାୟନୀ ସାହୁ, ଶୁଭଶ୍ରୀ ରଥ, ମନୋରଞ୍ଜନ ଗୋଛାୟତ ଓ ଡବ୍ଲୁଏଚଓ ମନିଟର ରଶ୍ମିରଞ୍ଜନ ଓ ସ୍ଥାନୀୟ ସମାଜସେବୀ ଜଗନାଥ ପଣ୍ଡାଙ୍କ ଭଳି ଓ ଅନେକ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ ପାଖାପାଖି ଗ୍ରାମର ବହୁ ସଂଖ୍ୟାରେ ବୟସ୍କ ଲୋକ ଯୋଗ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡା. ଭବାନୀଶଙ୍କର ଦାସ ରୋଗୀମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ଦିଆଯାଇଛି। ସେଇଭଳି ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଶା ମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି।

ସବୁଜ ବନାନୀ କାର୍ଯ୍ୟକ୍ରମ

ହାତୀବାରି, ୧୦।୮ (ସମିସ): ଓଡ଼ିଶା କୃଷକ ବିକାଶ ପରିଷଦ ତରଫରୁ ସୁକିନ୍ଦା ବ୍ଲକର ଭାଇ ଓ ଭଉଣୀମାନେ ସବୁଜ ବନାନୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଚାଲିଛନ୍ତି। ଆଜି ସୁକିନ୍ଦାର ବୟେଜ୍ ସ୍କୁଲ ଆମ୍ଭୋଳବାର ସରକାରୀ ସ୍କୁଲରେ କର୍ମୀମାନେ ବୃକ୍ଷ ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟକମିଟି ସମସ୍ୟା ସବିତା ଭୂୟାଁ, ସୁକିନ୍ଦା ବ୍ଲକ କମିଟି ସଦସ୍ୟ ବିଶ୍ୱଜିତ୍ ପାତ୍ର, ପବିତ୍ର ରାଉତ, ପୁଷ୍ପାଞ୍ଜଳି ବେହୁରା, ବିନୋଦିନୀ ମଲ୍ଲିକ, ଭାଗ୍ୟଶ୍ରୀ ମଲ୍ଲିକ, ରେଣୁବାଳା ପୁହାଣ ଉପସ୍ଥିତ ରହି ସବୁଜ ବନାନୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବିଧାନସଭାରେ ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ଜୟପୁର, ୧୦।୮(ସମିସ): ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମଦେବ ବର୍ମା ଭାଷାଭିତ୍ତିକ ଓଡିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ ବିନ୍ଧାଣି ଭାବେ କାର୍ଯ୍ୟ କରିଥିଲେ। ତେଣୁ ପ୍ରତିନିଧି ଦଳ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଜୟପୁର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗସ୍ତ ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରକାଶ

ମୁଖ୍ୟମନ୍ତ୍ରୀଙ୍କୁ ସାହିତ୍ୟ ପରିଷଦର ଦାବିପତ୍ର

ତାଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇ ରାଜ୍ୟ ବିଧାନସଭା ପରିସର ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ତାଙ୍କ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ସମେତ ନନ୍ଦପୁର ଠାରେ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଜୟପୁର ସାହିତ୍ୟ ପରିଷଦ ପକ୍ଷରୁ ସଭାପତି ହରିହର କରୁସୁଧା ପଟ୍ଟନାୟକଙ୍କ ନେତୃତ୍ୱରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ସହାୟତାରେ ଏକ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ତାଙ୍କର ଜମିଦାରୀ ରାଜ୍ୟ ରହିଥିଲା। ଏହା ଗତ ୯୦ ବର୍ଷ ପୂର୍ବେ ମାଡ୍ରାସ ରାଜ୍ୟ ଅଧିନରେ ରହିଥିଲା। କିନ୍ତୁ ଉତ୍କଳ ରାଜ୍ୟ ଗଠନ ବେଳେ ଏହି ଅଞ୍ଚଳକୁ ଓଡିଆ ଭାଷାବାଷୀ ବାସିନ୍ଦା ସର୍ବାଧିକ ରହିଥିବା ଯୋଗୁଁ ଏହାକୁ ନବ ଗଠିତ ଓଡିଶା ପ୍ରଦେଶରେ ମିଶାଇବାରେ ରାଜ୍ୟର ଅନ୍ୟାନ୍ୟ ଉତ୍କଳ ପ୍ରଦେଶ ଗଠନ କରିଥିବା ମହାରାଜାଙ୍କ ଭଳି ଅବଦାନ ଜୟପୁର ମହାରାଜା ସ୍ୱର୍ଗତ ବିକ୍ରମ ଦେବଙ୍କପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ମହାରାଜା ବିକ୍ରମଦେବଙ୍କୁ ରାଜ୍ୟରେ ଅଣଦେଖା କରାଯାଇଛି। ତେଣୁ ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ରାଜ୍ୟ ବିଧାନସଭା ପରିସରରେ, ତାଙ୍କ ରାଜ୍ୟ ଅଧିନରେ ରହିଥିବା କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ସଦର ମହକୁମା ଏବଂ ଜୟପୁର ରାଜ୍ୟର ପୁରାତନ ରାଜଧାନୀ କୋରାପୁଟ ଜିଲ୍ଲା ନନ୍ଦପୁର ଠାରେ ସ୍ଥାପନ କରିବା। ସେହିପରି ବିକ୍ରମଦେବ ବର୍ମାଙ୍କ ଓଡିଶା ସାହିତ୍ୟ, କବିତା ଉପରେ ପ୍ରଖ୍ୟାତ ଲେଖକ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ରଚିତ "ବିକ୍ରମ ରଚନାନୀ' ପୁସ୍ତକ ପୁନଶ୍ଚ ପ୍ରକାଶ କରାଯାଇ ଅବିଭକ୍ତ କୋରାପୁଟ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବିନା ମୂଲ୍ୟରେ ବଣ୍ଟନ ବ୍ୟବସ୍ଥା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

କୋରାପୁଟ,୧୦।୮ (ସମିସ):

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଗସ୍ତରେ ଆସିଥିବା ବେଳେ ସହିଦ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସନ୍ଧ୍ୟାରେ କୋରାପୁଟ ମେଡ଼ିକାଲ କଲେଜ ଛକରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ ସେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା,କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଉମରକୋଟରେ ସ୍ୱଚ୍ଛଭାରତ ଅଭିଯାନ

ଉମରକୋଟ,୧୦।୮(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ନଗର ମଣ୍ଡଳର ବିଭିନ୍ନ ସ୍ଥାନରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

କେନ୍ଦ୍ରର ନିଷ୍ପତ୍ତି ଓ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ମାସ କ୍ରାନ୍ତି ମାସରେ ସ୍ୱାଧୀନତା ଦିବସ ଥିବା ହେତୁ, ୧୦ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ସ୍ୱଚ୍ଛ ଭାରତ, ତ୍ରିରଙ୍ଗା ଯାତ୍ରା, ହର ଘର ତ୍ରିରଙ୍ଗା ଓ ବିଭାଜନର ବିଭୀଷିକା ଏହି ସମସ୍ତ କାର୍ଯ୍ୟକ୍ରମ ଗୁଡିକୁ ରାଜ୍ୟ, ଜିଲ୍ଲା, ବିଧାନସଭା କ୍ଷେତ୍ରର ପ୍ରତି ମଣ୍ଡଳରେ ପାଳନ କରିବାକୁ ନିର୍ଦ୍ଦେଶ ରହିଛି। ଏହି ଅବସରରେ ନଗର ମଣ୍ଡଳ ତରଫରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଉମରକୋଟ ନଗରରେ ଥିବା ପ୍ରତ୍ୟେକ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବା ସ୍ଥାନ ମାନଙ୍କରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀଙ୍କ ସହ ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢୀ, ସାଂସଦ ପ୍ରତିନିଧି ରାମ ନାୟକ, ନଗର ସଭାପତି ସନ୍ତୋଷ ଶର୍ମା, ନଗର ସାଧାରଣ ସମ୍ପାଦକ ପ୍ରଭାତ ନାୟକ, ଜିଲ୍ଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ପ୍ରଦୀପ ମିଶ୍ର, ସନ୍ତୋଷ ସରକାର, ରାମ ଗଣ୍ଡ, ଲକ୍ଷ୍ମୀକାନ୍ତ ପଟନାୟକ, ଶଙ୍କର ମିସ୍ତ୍ରି, ଅକ୍ଷୟ ସାହୁ, ଅଜୟ ପାଣି ଜଟି ପଟନାୟକ, ସିଦ୍ଧାର୍ଥ ପଟନାୟକ, ଶୁକେସ ସରକାର, ମିଲୁ ପଣ୍ଡା, ସତ୍ୟ ବେହେରା, ଶ୍ରୀନିବାସୀ ମୂର୍ତ୍ତି, ହର ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନଗର ମଣ୍ଡଳର ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡ଼ିଶା ଅମଲା ସଂଘର ବିରୋଧ

ଜୟପୁର, ୧୦।୮(ସମିସ):

ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଆଜି ଏକ ବୈଠକ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସଭାଗୃହ ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜସ୍ୱ ଅମଲା ସଂଘ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ, ସମ୍ପାଦକ ସଞ୍ଜୟ ପଣ୍ଡା,ପୂର୍ବତନ ଉପସଭାପତି ନରେନ୍ଦ୍ର ନାଥ ତ୍ରିପାଠୀ, ରାଜ୍ୟ ଅମଲା ସଂଘର ପୂର୍ବତନ ଜିଲ୍ଲା ଉପସଭାପତି ସୁନାକର ରାଉତ, ସଂଘର ବରିଷ୍ଠ ସଦସ୍ୟ ଓ୍ୱାଇ. ଶ୍ରୀନିବାସ ରାଓ ପ୍ରମୁଖ ମଞ୍ଚାସିନ ରହିଥିଲେ। ସେହିପରି ଆଗାମୀ ଦିନରେ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡିଶା ଅମଲା ସଂଘ ଦୃଢ ବିରୋଧ କରିବ ବୋଲି ଜିଲ୍ଲା ଶାଖା ସଭାପତି ଶ୍ରୀ ଦାଶ ସାମ୍ବାଦିକ ସୂଚନା ଦେଇଛନ୍ତି। ରାଜସ୍ୱ ଅମଲା ସଂଘ ସରକାରୀ କର୍ମଚାରୀମାନଙ୍କ ପ୍ରତି କୁଠାରଘାତ କରିଥିବା ମଞ୍ଚାସୀନ ଅତିଥି ମତବ୍ୟକ୍ତ କରିଥିଲେ। ବିଗତ ଦିନରେ ରାଜସ୍ୱ ଅମଲା ସଂଘ ଓ ଅନ୍ୟ ଦୁଇଟି ସଂଘ ଓଡ଼ିଶା ଅମଲା ସଂଘ ସହିତ ମିଳିତ ଅମଲା ମଞ୍ଚ ଗଠନ କରିବା ସହ ମିଳିତ ଭାବେ କନିଷ୍ଠ ସହାୟକ ମାନଙ୍କର ପ୍ରବେଶିକା ଦରମା ହାର ୪ ହଜାର ୨ଶହ କରିବାକୁ ରାଜ୍ୟ ସରାକରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆନ୍ଦୋଳନ କରିଥିଲେ। ତତ୍କାଳୀନ ରାଜ୍ୟ ସରକାର ସଂଘର ଦାବି ତୁରନ୍ତ ପୂରଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ରାଜସ୍ୱ ଅମଲା ମାନଙ୍କର ସ୍ୱତନ୍ତ୍ର କ୍ୟାଡ଼ର ନିମନ୍ତେ ସରକାର ନିର୍ଦ୍ଧାରଣ ପ୍ରକାଶ କରିଥିଲେ। ରାଜସ୍ୱ ଅମଲା ସଂଘର ଚକ୍ରାନ୍ତରେ ସମସ୍ତ ଜିଲ୍ଲାସ୍ତରୀୟ ଅମଲା ତାଙ୍କର ନାର୍ଯର୍ ଦାବି ପାଇବାରୁ ବଞ୍ଚିତ ହୋଇଥିଲେ। ପୂର୍ବତନ ସରକାର ରାଜସ୍ୱ ଅମଲା ସଂଘର ଦାବି ପୂରଣ କରିଦେବା ପରେ ମଧ ରାଜସ୍ୱ ଅମଲା ସଂଘ ପୁଣିଥରେ ବର୍ତ୍ତମାନ ସରକାରଙ୍କ ନିକଟରେ ୧୦ ଦଫା ଦାବି ଉପସ୍ଥାପନ କରୁଛନ୍ତି। ୧୦ ଦଫା ଦାବି ମଧ୍ୟରୁ ୩ ଦଫା ଦାବି ନ୍ୟାୟ ସଙ୍ଗତ ରହିଛି, ଏହାକୁ ପୂର୍ବରୁ ରାଜ୍ୟ ଅଣଗେଜେଟେଡ କର୍ମଚାରୀ ସମ୍ମନ୍ୱୟ ସମିତି ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଅମଲା ମାନଙ୍କର ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁସାରେ ୪ହାଜର ୨ଶହ ଗ୍ରେଡ଼ ପେ ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଦ୍ୱାରା ଜିଲ୍ଲାସ୍ତରୀୟ ସମସ୍ତ ଅମଲା ଉପକୃତ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ରାଜ୍ୟର ମୟୂରଭଞ୍ଜ ଜିଲ୍ଲା ଠାରୁ ଆରମ୍ଭ କରି ମାଲକାନଗିରି ଜିଲ୍ଲା ପର୍ଯ୍ୟନ୍ତ ବହୁତ ଗୁଡ଼ିଏ ଜିଲ୍ଲାରେ (କୋରାପୁଟ ଓ ନବରଙ୍ଗପୁର ବ୍ୟତିତ) ରାଜସ୍ୱ ଅମଲା ମାନେ ଓଡ଼ିଶା ଅମଲା ସଂଘ ସହିତ ଥିବା ସଙ୍ଗେ ବିଭିନ୍ନ ପଦପଦବୀରେ ରହିଥିବା ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି ରାଜସ୍ୱ ବିଭାଗର ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ନାହିଁ। ତେଣୁ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦଳନକୁ ସମ୍ପୂର୍ଣ୍ଣ ଅସହଯୋଗ କରିବା ସହିତ ହାସ୍ୟାସ୍ପଦ ବୋଲି ସଭାପତି ଶ୍ରୀ ଦାଶ ସମାଲୋଚନା କରିଥିଲେ।

ବେକରେ ଦଉଡ଼ି ଦେଇ ନାବାଳକଙ୍କ ଆତ୍ମହତ୍ୟା

ଜୟପୁର,୧୦।୮(ସମିସ): ଜୟପୁର ସଦରଥାନା ସୌରାଗୁଡା ନିକଟସ୍ଥ ଏକ ଗଛରେ ଝୁଲି ଜଣେ ନାବାଳକ ଆତ୍ମହତ୍ୟା କରିଛନ୍ତି। ଏଥିନେଇ ସଦରଥାନା ପୁଲିସ ଗତ ରାତି ୯ ବେଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଆଜି ଘଟଣାସ୍ଥଳରେ ପୁଲିସ ଏବଂ ସାଇଣ୍ଟିଫିକ ଦଳ ପହଞ୍ଚି ତଦନ୍ତ କରିବା ସହ ଶବ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତ ନାବାଳକର ବୟସ ୧୭ ବର୍ଷ ବୟସ ହୋଇଥିବା ବେଳେ ଜୟପୁର ଟାଉନଥାନା ପାରାବେଢ ଶ୍ରୀରାମ ନଗର ବାସିନ୍ଦା। ସେ ତାଙ୍କର କିଛି ବନ୍ଧୁଙ୍କ ସହ ବୁଲାବୁଲି କରୁଥିବା ଯୋଗୁଁ ତାଙ୍କ ମା' ଏଥିନେଇ ବାରଣ କରିବା ସହ ପାଠପଢା ଉପରେ ଧ୍ୟାନ ଦେବାକୁ ତାଗିଦ କରୁଥିଲେ। ଏହିପର ନାବାଳକ ରାଗି ଯାଇ ଏହି ପଦକ୍ଷପ ଗ୍ରହଣ କରିଥିବା ନେଇ ସୂଚନା ପ୍ରାପ୍ତ ହୋଇଛି। ଘଟଣାସ୍ଥଳର ସଦର ପୁଲିସ ଏକ ସ୍କୁଟି ଜବତ କରିବା ସହ ଏହା ତାଙ୍କ ବନ୍ଧୁଙ୍କ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ବ୍ରାହ୍ମକୁମାରୀଶ୍ ପକ୍ଷରୁ ୫ଦିନିଆ ରାକ୍ଷୀସେବା କାର୍ଯ୍ୟକ୍ରମ

ସେମିଲିଗୁଡ଼ା, ୧୦।୮ (ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡା ସ୍ଥିତ ଦବ୍ୟ ଜ୍ଞାନ ରତ୍ନ ଭବନ ପକ୍ଷରୁ ୫ଦିନିଆ ରାଖୀ କାର୍ଯ୍ୟକ୍ରମ କରାଯାଇଛି। ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ରାଖୀ ସେବା କାର୍ଯ୍ୟକ୍ରମରେ ସେମିଲିଗୁଡା ଓ ସୁନାବେଡାର ୨୬ଟି ସଂଗଠନ ଓ ଶତାଧିକ ବ୍ୟକ୍ତିଙ୍କୁ ଈଶ୍ୱରୀୟ ବାର୍ତ୍ତା ଦେବା ସହ ଈଶ୍ୱରୀୟ ରାଖୀ ପିନ୍ଧା ଯାଇଥିଲା। ଏଥିପାଇଁ ୫ଟି ସେବା ସମଷ୍ଟି ଗଠନ କରାଯାଇଥିଲା। ଏଥିରେ ବିକେ ରୁବି, ବିକେ ସଂଯୁକ୍ତା, ବିକେ ସଞ୍ଜୁଲତା, ବିକେ ନିର୍ମଳା, ବିକେ ଉମାମହେଶ୍ୱରୀ, ବିଜେ ହୀରାମଣି, ବିକେ ସଂଜୁ, ବିକେ ମମତା, ବିକେ ମଞ୍ଜୁ, ବିକେ ସବିତା, ବିଜେ ଅଜୟ, ବିଜେ ଅନନ୍ତ, ବିକେ ବିଜୟ, ବିକେ ବିଜୟ କୁମାର, ବିକେ ଦୀପକ, ବିକେ କାହ୍ନୁ, ବିକେ ସନ୍ତୋଷ, ବିକେ ଅନିଲ ସାମିଲ ହୋଇ ସେବା ଯୋଗାଇଥିଲେ। ସମସ୍ତ ବ୍ୟାଙ୍କ, ଶିକ୍ଷା ଅନୁଷ୍ଠାନ, କେନ୍ଦ୍ର ଓ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ସାମାଜିକ ସଂଗଠନ, ୟୁନିଅନ, କମ୍ପାନୀ, ସିଏସଏଫ, ୨୦୨ କୋବ୍ରା, ପୋଲିସ, ସାମ୍ବାଦିକ, ଗୁରୁକୁଳ ଆଶ୍ରମ, ଶ୍ରବଣ ବାଧିତ ବାଳକ, ଓକିଲ ସଂଘ, ବ୍ୟବସାୟୀ ସଂଘ, ବରିଷ୍ଠ ନାଗରିକ ସଂଘ, ବୃଦ୍ଧାଶ୍ରମ, ସଫି ମଲ, ମହିଳା ସଂଘ, କର୍ପୋରେଟ ହାଉସ୍ ଏବଂ ରାଜନେତା, ପ୍ରତିଷ୍ଠିତ ତଥା ସାଧାରଣ ଜନତାଙ୍କୁ ଏହି ରାଖୀ ସେବା ଦିଆଯାଇଥିଲା। ଏହାଛଡ଼ା ୩ଟି ସାର୍ବଜନୀନ ସଭା ଆୟୋଜନ କରାଯାଇ ଥିଲା। ରକ୍ଷାବନ୍ଧନ ସମ୍ପର୍କରେ ଦୁଇ ହଜାର ଲିଫଲେଟ୍ ବଣ୍ଟା ଯାଇଥିଲା। ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଉପ ମୁଖ୍ୟମନ୍ତ୍ରୀ ପ୍ରବତୀ ପରିଡ଼ାଙ୍କ ହାତରେ ମଧ ରାଖୀ ବନ୍ଧା ଯାଇଥିଲା। ବିଭିନ୍ନ ସଭାରେ ତହସିଲଦାର ଦେବବ୍ରତ କରାତି, କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପ୍ରଫେସର ସୌରଭ ଗୁପ୍ତା, ସୁନାବେଡା ପୌରପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, କାଉନସିଲର ମମତା ରାୟ, ମିନତୀ ମିଶ୍ର ଅତିଥି ଭାବରେ ଯୋଗ ଦେଇଥିଲେ।

ବ୍ଲକ୍‌ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହା ସମାରୋହ

ରାଇଘର,୧୦।୮(ସମିସ): ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ସଦର ମହକୁମାର ନୂତନ ବସଷ୍ଟାଣ୍ଡ ଠାରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ଏକତ୍ରିତ ହୋଇ ଶକ୍ତି ପ୍ରଦର୍ଶନ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ପ୍ରତ୍ୟେକ ଜାତିର ସଭାପତି, ଉପ ସଭାପତି, ସମ୍ପାଦକ, କୋଷାଧକ୍ଷ ତଥା ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ୫ ହଜାରରୁ ଉର୍ଦ୍ଧ ଜନସାଧାରଣ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ସମସ୍ତେ ପ୍ରଥମେ ମଉଳିମା ମନ୍ଦିର ଠାରେ ଏକତ୍ରିତ ହେବା ପରେ ଏକ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ନୂତନ ବସଷ୍ଟାଣ୍ଡ ଠାରେ ପହଞ୍ଚିଥିଲେ। ପାରମ୍ପରିକ ବେଶରେ ସମସ୍ତେ ସଜେଇ ହୋଇ ପାରମ୍ପରିକ ବାଜାର ତାଳେ ତାଳେ ନାଚିଗାଇ ମଞ୍ଚ ନିକଟରେ ପହଞ୍ଚିଥିଲେ। ପରେ ପ୍ରଥମେ ଦେବଦେବୀଙ୍କ ପୂଜାର୍ଚ୍ଚନା ସାରି ପତାକା ଉତ୍ତୋଳନ କରିଥିଲେ। ପରେ ଅତିଥିମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ମଞ୍ଚାସୀନ ଅତିଥି ମାନଙ୍କ ମଧ୍ୟରେ ଜନଜାତି ସୁରକ୍ଷା ମଞ୍ଚ ସଭାପତି ସୁବର୍ଣ୍ଣ ଗଣ୍ଡ, ସମ୍ପାଦକ ଲଛମନ ନାୟକ, ଉପ ଉପସଭାପତି ସୁବଲନ ସାନ୍ତା, ହରି ଭତ୍ରା, ରୁପ ବଞ୍ଜାରା, ନରସିଂ ଯାନୀ,ଲକ୍ଷ୍ମନ ହନ୍ତାଳ, ହୀରାଲାଲ ହାଲବା, କୋଷାଧକ୍ଷ ପିଲସାଏ ଗଣ୍ଡ, ସଂଯୋଜକ ଘନଶ୍ୟାମ ଗଣ୍ଡ, ଚିତ୍ତରଞ୍ଜନ ଗଣ୍ଡଙ୍କ ସମେତ ହଲବା ସମାଜ, ବଞ୍ଜାରା ସମାଜ, କଣ୍ଡାଧରା ସମାଜ ଯାନୀ ସମାଜ, ଭୁଞ୍ଜିଆ ସମାଜ, ସାନ୍ତା ସମାଜ, ଭୂମିୟା ସମାଜ, ସୌରା ସମାଜ, ଜଗତ ଦୁରୁଆ ସମାଜର ଲୋକେ ଉପସ୍ଥିତ ରହିଥିଲେ। ସମସ୍ତେ ଆଦିବାସୀ ମାନଙ୍କ ଅଧିକାର ଓ ସୁରକ୍ଷା ଉପରେ ନିଜ ନିଜ ଅଭିଭାଷଣ ରଖିବା ସହିତ ଆଦିବାସୀ ପରମ୍ପରା, ସଂସ୍କୃତି ତଥା ଆଞ୍ଚଳିକ ପର୍ବ ପର୍ବାଣୀକୁ ଜୀବିତ ରଖିବାକୁ ପରାମର୍ଶ ଦେଇଥିଲେ। ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ଭାବେ ସରକାରୀ ଛୁଟି ଘୋଷଣା କରାଯିବା ସହିତ ଆଦିବାସୀ ମାନଙ୍କ ପ୍ରମୁଖ ପର୍ବ ପର୍ବାଣୀ ଗୁଡିକ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଉ ବୋଲି ସମସ୍ତ ମଞ୍ଚାସୀନ ଅତିଥିମାନେ ଦାବି କରିଥିଲେ। ବିଭିନ୍ନ ଗ୍ରାମରୁ ଆଦିବାସୀ ଡାନ୍ସ ଗ୍ରୁପର କଳାକାରମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରି ମଞ୍ଚାସୀନ ଅତିଥି ଓ ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରବଳ ଜନଗହଳି ହେବାକୁ ଥିବା ଜାଣି ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥଲା।

ଭଞ୍ଜ ସଂସଦ ପକ୍ଷରୁ ଗହ୍ମା ପୂର୍ଣ୍ଣିମା ପାଳିତ

ସୁନାବେଡା,୧୦।୮ (ସମିସ): ସୁନାବେଡା ସ୍ଥିତ ଭଞ୍ଜ ସଂସଦ ପକ୍ଷରୁ ଗହ୍ମା ପୂର୍ଣ୍ଣିମା ମହା ଆଡମ୍ବରରେ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। ସୁନାବେଡା ହାଲ୍‌ର ଅତିରିକ୍ତ ମହାପ୍ରବନ୍ଧକ ଏସ୍‌ବାଲକ୍ରିଷ୍ଣା ରାଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ହାଲର ଉପ ମହାପ୍ରବନ୍ଧକ ଅନୁଜ କୁମାର ସିଂ, ମୁଖ୍ୟ ପ୍ରବନ୍ଧକ ଜୟକୃଷ୍ଣ ପାଢ଼ୀ ଏବଂ ପ୍ରତାପ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ।

ଲୁଚି ଯାଉଥିବା ଗଞ୍ଜାମର ପର୍ବ ପର୍ବାଣୀକୁ ମନେ ପକାଇବା ଓ ଆଗାମୀ ପିଢ଼ିକୁ ଆମ ସଂସ୍କୃତି ବିଷୟରେ ଅଗଗତ କରିବା ଲକ୍ଷ୍ୟରେ ସଂସଦର ସଭାପତି କାଳୁ ଚରଣ ବେହେରା, କାର୍ଯ୍ୟକାରୀ ସଭାପତି ବିଘ୍ନେଶ ପ୍ରସାଦ ମିଶ୍ର ସାଧାରଣ ସମ୍ପାଦକ ବିଜୟ ପାତ୍ର , ସାଂଗଠାନିକ ସମ୍ପାଦକ ଅମର ବାଡତ୍ୟା ଓ ଯୁଗ୍ମ ସମ୍ପାଦକ ସୁଦାମ ଦାସଙ୍କ ଅନନ୍ୟ ପ୍ରୟାସ ସମସ୍ତଙ୍କୁ ଉତ୍ସାହ ପ୍ରଦାନ କରିଥିଲା। ଉପ ସଭାପତି ଡ. ଦେବଦତ୍ତ ଶତପଥି, କୋଷାଧକ୍ଷ ଭାନି ପ୍ରସାଦ ନନ୍ଦ, ସଞ୍ଜୟ ନାୟକ, ସୁରେଶ ଲେଙ୍କା, ରବୀନ୍ଦ୍ର ନାଥ ପ୍ରଧାନ, ସନ୍ଦୀପ ପଟ୍ଟନାୟକ, ରାଜେନ୍ଦ୍ର ବିଶ୍?ାଳ , ପବିତ୍ର ରାଉଳ, ରତ୍ନାକର ଗୌଡ,ମନୋଜ ପାତ୍ର, ସନ୍ତୋଷ କୁମାର ସାହୁଙ୍କ ସହ ସଂସଦର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଗହ୍ମା ଡିଆଁ, ଠିଆ ପୁଚି, ବସା ପୁଚି, ଦଉଡ଼ି ଟାଣିବା ପରି ଖେଳ ଖେଳାଇ ସମସ୍ତଙ୍କୁ ମନୋରଞ୍ଜନ କରାଇଥିଲେ। ପାରମ୍ପରିକ ପିଠା ପ୍ରତିଯୋଗିତାରେ ଭାଗ ନେଇଥିବା ସଂସଦର ମହିଳା ମାନଙ୍କ ମଧ୍ୟରୁ ସବିତା ପାତ୍ର ପ୍ରଥମ, ଦ୍ୱିତୀୟ ରିନା ନାୟକ ଓ ବିନୋଦିନୀ ଲେଙ୍କା ତୃତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କୃତ ହୋଇ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ।

ଡିଏଭି ମହାବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଚାରାରୋପଣ

କୋରାପୁଟ,୧୦।୮ (ସମିସ): ସରକାରୀ ଡିଏଭି ମହାବିଦ୍ୟାଳୟ, କୋରାପୁଟର ୫୮ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚାରା ରୋପଣ କରିଥିଲେ। ଡିଏଭି ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ରସଂଘ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ,କୋରାପୁଟ ବିଧାୟକ ରଘୁରାମ ମାଛ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା ପ୍ରମୁଖ ଯୋଗଦେଇ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ, ଡିଏଭି ପ୍ରାକ୍ତନ ଛାତ୍ର ସଂସଦର ସଭାପତି ଅଯୋଧ୍ୟା ନାଥ ସାମଲ, ସରକାରୀ ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଦିପକ କୁମାର ପଟ୍ଟନାୟକ, କୋରାପୁଟ ବନଖଣ୍ଡ ଅଧିକାରୀ ଭାସ୍କର ରାଓ , ପ୍ରାକ୍ତନ ଛାତ୍ରଛାତ୍ରୀ ଉମାଶଙ୍କର ପ୍ରସାଦ ପାତ୍ର, ହର ରଥ , ଶରତ କୁମାର ପଟ୍ଟନାୟକ, ସୁନୀଲ କୁମାର ବିଶ୍ୱାଳ, ନିରଞ୍ଜନ ପାଢୀ, ମାର୍କଣ୍ଡ ପାଢୀ, ପ୍ରୀତିଧାରା ସାମଲ, ସଂଧ୍ୟା ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର, ସି.ଏଚ ଶାନ୍ତାକାର, ଲଲାଟେନ୍ଦୁ ପାଣି, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧାପକ କୋବିନ୍ଦ ପ୍ରଧାନ, ହିମାଂଶୁ ଶେଖର ନନ୍ଦ, ରାଜେନ୍ଦ୍ର ବରିହା, ଅର୍ଜୁନ ବେହେରା, ପ୍ରଶାନ୍ତ ସାନ୍ତରା ଏବଂ ସହକାରୀ ପ୍ରଫେସର ପ୍ରୀତିଧାରା ସାମଲ, ସୁଶୀଳ କୁମାର ଗଡ଼ନାୟକ, ଶ୍ରୀଚନ୍ଦନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାବିଦ୍ୟାଳୟରେ ଖାଲି ପଡ଼ିଥିବା ଲାଇବ୍ରେରିଆନ ପଦ ସମେତ ଅନ୍ୟାନ୍ୟ ପଦ ପୂରଣ କରାଯିବ ଏବଂ ସମସ୍ତ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ତର୍ଜାତୀୟ ମୂଳନିବାସୀ ଦିବସ ପାଳିତ

ସୁନାବେଡ଼ା,୧୦।୮(ସମିସ): ସୁନାବେଡ଼ା ହାଲ ଏସ୍‌ସି/ଏସ୍‌ଟି ଏମ୍ପ୍ଲୋଇଜ୍ ଏବଂ ଅଫିସର ଏସୋସିଏସନ୍ ତରଫରୁ ସ୍ଥାନୀୟ ଭଞ୍ଜ ମଣ୍ଡପ ଠାରେ ଆନ୍ତର୍ଜାତୀୟ ମୂଳ ନିବାସୀ ଦିବସ ପାଳିତ ହୋଇଯାଇଛି। ଏସୋସିଏସନ୍‌ର ସଭାପତି ଦମୟନ୍ତ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ହାଲ୍ କୋରାପୁଟ ପ୍ରଭାଗର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ମୂଳ ନିବାସୀ ଦିବସ ୨୦୨୫ର ବିଷୟ ବସ୍ତୁ "ମୂଳ ନିବାସୀ ଏବଂ କୃତ୍ରିମ ବୁଦ୍ଧିମତା : ସେମାନଙ୍କ ଅଧିକାରର ରକ୍ଷା ଓ ଭବିଷ୍ୟତ' ସମ୍ପର୍କରେ ଆଲୋକପାତ କରିବା ସହ ସୁନାବେଡ଼ାରେ ଏକ ଆଦିବାସୀ ସଂଗ୍ରହାଳୟ ପ୍ରତିଷ୍ଠା ଲାଗି ପ୍ରସ୍ତାବ ଦେଇଥିଲେ। ହାଲ୍ ଇଞ୍ଜିନ ପ୍ରଭାଗର ମହା ପ୍ରବନ୍ଧକ କଲ୍ଲୋଳ ଭଟ୍ଟାଚାର୍ଯ୍ୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଆଦିବାସୀ ସଂସ୍କୃତି ଏବଂ ଜ୍ଞାନକୁ ସୁରକ୍ଷା ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ହାଲର ପ୍ରବନ୍ଧକ ପୌଲ ପ୍ରମୋଦ ଲାକ୍ରା ମୁଖ୍ୟବକ୍ତା ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଓ ମୂଳ ନିବାସୀ ମାନଙ୍କ କଳା, ସଂସ୍କୃତି ଏବଂ ପରମ୍ପରାକୁ ଅନୁସରଣ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂଗଠନିକ ସମ୍ପାଦକ ଚନ୍ଦନ ସିଂ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷା, ସଂସ୍କୃତି ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ସହ ହାଲ କମ୍ପାନୀରୁ ଅବସର ଗ୍ରହଣ କରୁଥିବା ସଂଘର ତିନି ଜଣ ସଦସ୍ୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। କୁନି କୁନି ପିଲା ଓ ମହିଳା ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଉପ ମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ, ହିର୍ଲିଡଙ୍ଗର ପରିଦର୍ଶନ

ନବରଙ୍ଗପୁର,୧୦।୮(ସମିସ): ଆଜି ସ୍ଥାନୀୟ ସର୍କିଟ ହାଉସ୍ ସ୍ଥିତ ସମ୍ମିଳନୀ ଗୃହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ସହ ରାସ୍ତା ଓ ଗୃହ ନିର୍ମାଣ, ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନାର ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ ପୂର୍ବକ ସହର ନିକଟସ୍ଥ ହିର୍ଲିଡଙ୍ଗରୀ ପର୍ଯ୍ୟଟନ ସ୍ଥଳୀକୁ ପରିଦର୍ଶନ କରିବା ସହିତ ସହରର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଆଜି ସମୀକ୍ଷା ବୈଠକରେ ଲୋକସଭା ସାଂସଦ ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପୋଷଣ ଅଭିଯାନ ଉପରେ ଗୁରୁତ୍ୱ ଦେଇ ଜିଲ୍ଲାରେ ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମନ୍ୱୟରେ ଶୀଘ୍ର ଗୋଟିଏ କୁପୋଷଣ ମୁକ୍ତ ବ୍ଲକ୍ ଗଠନ ପୂର୍ବକ ଏକ ଆଦର୍ଶ ଉଦାହରଣ ସୃଷ୍ଟି କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମିଶନ ବାତ୍ସଲ୍ୟରେ ଶିଶୁ ମାନଙ୍କୁ ସହାୟତା ପ୍ରଦାନ ଯଥା ସମୟରେ ପ୍ରଦାନ ପାଇଁ ଡିସିପିଓ ଏବଂ ସିଡବ୍ଲୁସିକୁ କହିଥିଲେ। ଜିଲ୍ଲାରେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଅନ୍ତର୍ଭୁକ୍ତ ସଫଳତା ହାର ୧୦୦ ପ୍ରତିଶତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ, ପାନୀୟ ଜଳ, ବିଦ୍ୟୁତ୍ ସୁବ୍ୟବସ୍ଥା, ଅସମ୍ପୂର୍ଣ୍ଣ ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟର ଶୀଘ୍ର ସମ୍ପୂର୍ଣ୍ଣ, ଅସମ୍ପୂର୍ଣ୍ଣ କେନ୍ଦ୍ର ର

ବର୍ଷ ୱାରି ତାଲିକା ଓ ନୂଆ ଅଙ୍ଗନବାଡି କେନ୍ଦ୍ର ପ୍ରସ୍ତାବ ତାଲିକା ଦେବା ପାଇଁ ଡି ଏସ ଡବ୍ଲ୍ୟୁ ଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଜିଲ୍ଲାରେ ବାଲ୍ୟ ବିବାହ ରୋକିବା, ଶିଶୁ ମୃତ୍ୟୁ ହାର କମାଇବା ଉପରେ ଗୁରୁତ୍ୱ ଦେଇ ସିଡିଏମଓ ଏବଂ ଡିଏସଡବ୍ଲୁଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଂସଦ ଜିଲ୍ଲାରେ ଜିନକ୍ରମ ଉପରେ ବିଶେଷ ଭାବରେ ଗବେଷଣା ପାଇଁ ଜୀବବିଜ୍ଞାନ ପ୍ରତିଷ୍ଠାନ ସହ ଯୋଗାଯୋଗ କରି ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ଏକ ଗବେଷଣା କେନ୍ଦ୍ର ଖୋଲିବ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ସିଡିଏମଓଙ୍କୁ କହିଥିଲେ। ସେଭଳି ସହରରେ ମିଶନ ଶକ୍ତି ଭବନ ଓ ମିଶନ ଶକ୍ତି ବଜାରର ନିର୍ମାଣ କାର୍ଯ୍ୟ ଉପରେ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗଙ୍କୁ ପଚାରିଥିଲେ। ଅଧିକ୍ଷଣ ଯନ୍ତ୍ରୀ ଏହାର ଉତ୍ତରରେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନୀସ୍ଥଳର ବିକାଶ, ନିଆଯାଇଥିବା ପଦକ୍ଷେପ ଓ ନୂତନ ପ୍ରସ୍ତାବିତ ପର୍ଯ୍ୟଟନ ପ୍ରୋଜେକ୍ଟ ଉପରେ ବିଶେଷ ଭାବରେ ଡିଟିଓଙ୍କୁ ପଚାରିଥିଲେ। ଜିଲ୍ଲାରେ ଖରିଫ୍ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ, ମଣ୍ଡିର ସୁବ୍ୟବସ୍ଥା, ଧାନ ସଂଗ୍ରହଣ ଉପରେ ସିଏସଓ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସମୀକ୍ଷା ବୈଠକରେ ବହୁ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

ରାସ୍ତା ଖୋଳି ଭୁଲିଗଲା ଏନ୍‌ଏଚ୍‌ଏଆଇ

କଟକ,୧୦।୮ (ସମିସ): ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରାଜପଥକୁ ମରାମତି ପାଇଁ ପିଚୁକୁ ତାଡ଼ି ଦେଇଥିଲେ। ଏହା ପରେ ରାସ୍ତା ନିର୍ମାଣ କରିବାକୁ ଭୁଲିଗଲେ। ଦିନେ କି ଦି' ଦିନ ନୁହେଁ, ଗତ ୩ ମାସ ହେଲାଣି ରାସ୍ତା ତାଡ଼ି ମରାମତିର ନାଁ ଧରୁନି ଏନ୍‌ଏଚ୍‌ଏଆଇ। ଫଳରେ ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ। କଟକ ସହରରେ ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। କଟକ ସହର ଦେଇ ଯାଇଥିବା ଜାତୀୟ ରାଜପଥ-୧୬ର ୩ଟି ପ୍ରମୁଖ ସ୍ଥାନ, ଓଏମ୍‌ପି ଓଭରବ୍ରିଜ୍, ତାଳଦଣ୍ଡା ଓଭରବ୍ରିଜ୍ ଓ ଲିଙ୍କ୍‌ରୋଡ୍-ଖପୁରିଆ ଓଭରବ୍ରିଜ୍ ରାସ୍ତାର ପିଚୁକୁ ଗତ ମେ' ମାସରେ ଏନ୍‌ଏଚ୍‌ଏଆଇ ତାଡ଼ି ଦେଇଥିଲା। ଉଦ୍ଦେଶ୍ୟ ଥିଲା ପିଚୁରୁ ଗୋଡ଼ି ଉଠି ଯାଇଥିବା ରାସ୍ତାକୁ ପୁନଃ ମରାମତି କରିବା। ତା' ଉପରେ ପିଚୁର ପରସ୍ତ ଦେବା। କିନ୍ତୁ ରାସ୍ତା ତାଡ଼ିବା ପରଠାରୁ ବାରମ୍ବାର ଲଘୁଚାପ ଜନିତ ବର୍ଷା ଯୋଗୁଁ ଆଉ ରାସ୍ତା ମରାମତି ସମ୍ଭବ ହେଲା ନାହିଁ। ବର୍ଷାରେ ପିଚୁ ପକାଇଲେ ତା' ଧରି ନ ଥାଏ। ତେଣୁ ରାସ୍ତା ମରାମତିକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଗଡ଼ାଇ ଚାଲିଥିଲା। ତେବେ ଏହା ମଧ୍ୟରେ ବର୍ଷା ବନ୍ଦ ହୋଇସାରିଲାଣି। ଗତ ୩ ମାସ ମଧ୍ୟରେ ଅନେକ ଦିନ ଧରି ପାଗ ଶୁଖିଲା ରହିଛି। କିନ୍ତୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏ ରାସ୍ତା ମରାମତି କଥା ଯେମିତି ଭୁଲି ଯାଇଥିବା ପରି ମନେ ହେଉଛି। ଫଳରେ ବାଇକ ଆରୋହୀମାନେ ବିପର୍ଯ୍ୟସ୍ତ ଆବଡ଼ାଖାବଡ଼ା ରାସ୍ତା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ ବାଇକ ଚାଳକମାନେ ଏଥିରେ ପଡ଼ି ଖଣ୍ଡିଆଖାବରା ହୋଇସାରିଲେଣି। ଏହା ମଧ୍ୟରେ ଏହି ରାସ୍ତାରେ ୫/୬ ଥରରୁ ଅଧିକ ସମୟ ଦୁର୍ଘଟଣା ଘଟିସାରିଲାଣି। କିନ୍ତୁ ଏହା ପରେ ବି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏ ରାସ୍ତା ମରାମତି କରୁନାହାନ୍ତି। ଖାଲି ସେତିକି ନୁହେଁ, ଜାତୀୟ ରାଜପଥ ଦେଇ ଦୈନିକ ଶହ ଶହ ପ୍ରଶାସନିକ ଅଧିକାରୀ, ରାଜନେତା ଯାଉଥିଲେ ମଧ୍ୟ କେହି ଏ ପ୍ରତି ନଜର ଦେଉନାହାନ୍ତି। ବିଶେଷ କରି ବାଇକ ଚାଳକ ବିପଦଜନକ ଅବସ୍ଥାରେ ଏହି ରାସ୍ତାରେ ଯାତାୟତ କରୁଥିବା ଲକ୍ଷ୍ୟ କରାଯାଉଛି। ଏଣୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ଏହି ରାସ୍ତା ମରାମତି କରିବାକୁ ଦାବି ହେଉଛି।

ବିଭିନ୍ନ ସ୍ଥାନରେ ପ୍ରଥମ ପାଳି ଖୁଦୁରୁକୁଣୀ ଓଷା ସମ୍ପନ୍ନ

ଦ୍ୱୀପାଞ୍ଚଳର ୪ଟି ପଞ୍ଚାୟତରେ ଚୋରା ମଦ କାରବାର ବୃଦ୍ଧି

ସାଲେପୁର,୧୦।୮ (ସମିସ): ସାଲେପୁର ଅବକାରୀ ବିଭାଗ ଅଧିନସ୍ଥ ତଥା ସାଲେପୁର ବ୍ଲକ୍ ଅନ୍ତର୍ଗତ ଦ୍ୱୀପାଞ୍ଚଳର ୪ଟି ପଞ୍ଚାୟତରେ ଏବେ ଚୋରା ନିଶା କାରବାର ବୃଦ୍ଧି ପାଉଥିଲେ ହେଁ ସାଲେପୁର ଅବକାରୀ ବିଭାଗ ଓ କିଶୋରନଗର ପୁଲିସ ଏହାକୁ ରୋକିବାରେ ବିଫଳ ହେଉଛି। ସନ୍ଧ୍ୟାହେଲେ ଦ୍ୱୀପାଞ୍ଚଳର ବିଭିନ୍ନ ଛକମାନଙ୍କରେ ଚୋରା ମଦର ଆସର ମେଲିଥିବା ବେଳେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାବେଳେ ଚୋରା ନିଶା ବ୍ୟବସାୟୀ ଖୁଲମଖୁଲା ନିଶା କାରବାର ଚଳାଇଥିବା ଅଭିଯୋଗ ହୋଇଛି। ବିଶେଷ କରି କିଶୋରନଗର ଥାନା ଅନ୍ତର୍ଗତ ସୋଗଲ ଛକ ଓଡ଼କିମିରା, ଗଙ୍ଗାପୁର, ଦନ୍ଦୋ ପ୍ରମୁଖ ସ୍ଥାନରେ ପ୍ରଚୁର ମାତ୍ରାରେ ଚୋରା ମଦ ବିକ୍ରୟ ହେଉଛି। ସନ୍ଧ୍ୟା ସମୟରେ ମଦ୍ୟପମାନେ ନିଶା ସେବନ କରି ନିଶାଗ୍ରସ୍ତ ଅବସ୍ଥାରେ ବହୁ ଛୋଟବଡ଼ ଅପରାଧମାନ ଘଟାଇ ଚାଲିଥିବା ଅଭିଯୋଗ ହେଉଛି। ଏହି ଅଞ୍ଚଳର ନିଶା କାରବାର ସଂପର୍କରେ ସ୍ଥାନୀୟ ଅଞ୍ଚଳର ଜନୈକ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି।

ଅଗ୍ନିଶମ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧିଲେ ଛାତ୍ରଛାତ୍ରୀ

କଟକ,୧୦।୮ (ସମିସ): କଟକ କୃଷକ ବଜାରସ୍ଥିତ ଅଭିନବ ବିଡାନାସୀ ଅଗ୍ନିଶମ କେନ୍ଦ୍ରରେ ସେକ୍ରେଡ୍ ରୁଟ୍ସ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ରକ୍ଷାବନ୍ଧନ ପାଳନ କରିଛନ୍ତି। ଛାତ୍ରଛାତ୍ରୀମାନେ ଷ୍ଟେସନରେ ଉପସ୍ଥିତ ଡେପୁଟି ଅଗ୍ନିଶମ ଅଧିକାରୀ ସୁବାସ ମୁଦୁଲି, ଷ୍ଟେସନ ଅଧିକାରୀ ପ୍ରଭାକର ସାହୁ ଓ ପୁଲକ କୁମାର ଲେଙ୍କାଙ୍କୁ ନେଇ ଗଠିତ ଅଗ୍ନିଶମ ବାହିନୀର ସମଗ୍ର ଟିମ୍ ଏବଂ ଉମାକାନ୍ତ ବେହେରା, ଲିପୁନା ମୁଦୁଲି, ସୁଶାନ୍ତ ପୃଷ୍ଟି, ଶ୍ରୀନିବାସ ସାହୁ, ପ୍ରିୟରଞ୍ଜନ ସାହୁ, ଅନନ୍ତ ଚରଣ ଦାସଙ୍କ ଭଳି ଅଗ୍ନିଶମ ବାହିନୀ ଛାତ୍ରଛାତ୍ରୀଙ୍କୁ ଅଗ୍ନି ନିରାପତ୍ତା ସମ୍ପର୍କରେ ଅବଗତ କରାଇବା ସହ ଅଗ୍ନି ନିରାପତ୍ତା ପରିଚାଳନାରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଛାତ୍ରଛାତ୍ରୀ ଅଗ୍ନିଶମ ବାହିନୀ ଅଧିକାରୀ ଓ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା ନିର୍ଦ୍ଦେଶକ ରିତେଶ ମହାନ୍ତି, ନିର୍ଦ୍ଦେଶିକା ସରିତା ସ୍ୱାଗତ ଶତପଥୀ ଓ ପ୍ରଶାସକ ମନୀଷ କୁମାର ସ୍ୱାଇଁଙ୍କ ସମେତ ଶିକ୍ଷକ ରଶ୍ମିରେଖା ରାଉତ, ଶ୍ୱେତା ସାହୁ ଓ ହିମାନୀ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।

ସାଲେପୁର ଚତୁର୍ଥ ସାହିତ୍ୟ ମହୋତ୍ସବ ଉଦ୍‌ଯାପିତ

ସାଲେପୁର,୧୦।୮ (ସମିସ): ଆଜି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲଠାରେ ଚତୁର୍ଥ ସାହିତ୍ୟ ମହୋତ୍ସବ ଅନୁଷ୍ଠାନର ଆବାହକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଉଦ୍‌ଘାଟନ କରିବା ସହ ଏହି ମାଟି ସାହିତ୍ୟର ମାଟି, ଏହି ମାଟି ପାଇଁ ଆମ୍ଭେମାନେ ଗର୍ବିତ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡଃ ପାର୍ଥସାରଥୀ ଅଜୟ ବାରିକ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଠାରୁ ଆରମ୍ଭ କରି ଭଞ୍ଜ ଯୁଗୀୟ ସାହିତ୍ୟ ସମେତ ପ୍ରାଚୀନ ସାହିତ୍ୟର ବହୁ ତଥ୍ୟ ସମ୍ବଳିତ ତଥ୍ୟ ପ୍ରଦାନ କରିବା ସହ ସାହିତ୍ୟ ହୃଦୟକୁ ଛୁଇଁପାରିଲେ କାଳଜୟୀ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଚଳିତ ବର୍ଷ ସାଲେପୁର ସାହିତ୍ୟ ମହୋତ୍ସବ ରାଜ୍ୟସ୍ତରୀୟ ସମ୍ମାନ ପ୍ରଫେସର ପ୍ରାର୍ଥସାରଥୀ ଅଜୟ ବାରିକଙ୍କୁ ମୁଖ୍ୟଅତିଥି ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ଅନ୍ୟାନ୍ୟ ଅତିଥିମାନେ ପ୍ରଦାନ କରିଥିଲେ। ଏହି ଅବସରରେ ସାଲେପୁର ସାହିତ୍ୟ ମହୋତ୍ସବର ମୁଖପତ୍ର ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ଅତିଥି ରୂପେ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟିର ସଭାପତି ବିଶିଷ୍ଟ ସମବାୟବିତ୍ ପ୍ରମୋଦ କୁମାର ସାହୁ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଭଲ ପାଉଥିବା ଲୋକମାନେ ଏହାର ସୁରକ୍ଷା ନେଇ ଏବେ ଚିନ୍ତା କରିବା ଉଚିତ ବୋଲି ମତ ଦେଇଥିଲେ। ବିଶିଷ୍ଟ ବକ୍ତା ସୁସାହିତ୍ୟିକ ଡଃ ଗୋବିନ୍ଦ ଭୂୟାଁ ଯୋଗଦେଇ ସାହିତ୍ୟର ମୂଲ୍ୟାଙ୍କନ କରିବା ସହ ଆଜିର ସାହିତ୍ୟିକମାନେ ଲୋକମାନଙ୍କ ମନକୁ ଛୁଇଁଲାଭଳି ସାହିତ୍ୟ ରଚନା କରିବାକୁ ପରାମର୍ଶ ଦେଇଥିଲେ। ସମାଜସେବୀ ତଥା ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଗୀତା ଦାସ, ସମ୍ମାନିତ ଅତିଥି ରୂପେ ଯୋଗଦେଇ ସାଲେପୁର ମାଟିର ଐତିହ୍ୟ ଓ ସଂସ୍କୃତି ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିମାନେ ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ ଓ ପୁଷ୍ପଦୀପ ଅର୍ପଣ କରିଥିଲେ। ଏହାପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ରାଜ୍ୟର ୩୦ରୁ ଉର୍ଦ୍ଧ୍ୱ ବିଶିଷ୍ଟ ସାହିତ୍ୟିକଙ୍କୁ ସାଲେପୁର ସାହିତ୍ୟ ମହୋତ୍ସବ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ସେହିପରି ଓଡ଼ିଆକୁ ବିଷୟ ରୂପେ ଚୟନ କରି ମହାବିଦ୍ୟାଳୟରେ ଓଡ଼ିଆ ସମ୍ମାନ ଓ ଓଡ଼ିଆ ସ୍ନାତକୋତ୍ତର ଶ୍ରେଣୀରେ ପାଠ ପଢୁଥିବା ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଡ. ଯୁଧିଷ୍ଠିର ଖଟୁଆ ସ୍ୱାଗତ ଭାଷଣ ଦେଇଥିବାବେଳେ ଡ. ନିଖିଳେଶ ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବିଷ୍ଣୁଚରଣ ମିଶ୍ର, ନାଗମଣି ସ୍ୱାଇଁ, ତ୍ରୈଲୋକ୍ୟ ଭୂୟାଁ, ବିଶ୍ୱରଞ୍ଜନ ସାହୁ, ମାନସ ଦାଶ, ପ୍ରବୀର ଦାସ, ହେମନ୍ତ ନନ୍ଦ, ସମ୍ବିତ ଦାସ, ଅନନ୍ତ ଚରଣ ଦାଶଙ୍କ ସମେତ ବହୁ ସଂଗଠକ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ।

ଆର୍ଟ ଅଫ୍ ଲିଭିଙ୍ଗ ପକ୍ଷରୁ ରୁଦ୍ରପୂଜା

ନରସିଂହପୁର,୧୦।୮ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ନରସିଂହପୁର ଆର୍ଟ ଅଫ୍ ଲିଭିଙ୍ଗ ପରିବାର ପକ୍ଷରୁ ଶ୍ରାବଣ ମାସରେ ରୁଦ୍ରପୂଜା ଉତ୍ସବ ନରସିଂହପୁର ଜଗନ୍ନାଥ ମନ୍ଦିର ସେବା ସଦନ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ପ୍ରାକ୍ତନ ଜଣାଶୁଣା ବୈଜ୍ଞାନିକ ତଥା ବାଙ୍ଗାଲୋର ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ଆର୍ଟ ଅଫ୍ ଲିଭିଙ୍ଗ ଆଶ୍ରମର ବରିଷ୍ଠ ପ୍ରଶିକ୍ଷକ ସ୍ୱାମୀ ପ୍ରଦୀପ କୁମାର ଶୁକ୍ଳା ଯୋଗଦେଇ ସମାଜରେ ଏକତା, ସୁସ୍ଥତା, ଆଧ୍ୟାତ୍ମିକ, ଉନ୍ନତି, ପ୍ରତିବଦ୍ଧତାର ଏକ ଦୃଢ ପ୍ରମାଣ ହେଉଛି ରୁଦ୍ରପୂଜା ବୋଲି କହିବା ସହ ମନରେ ଶାନ୍ତି, ସମାଜରେ ଶାନ୍ତି, ମୈତ୍ରୀ, ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ। ଆର୍ଟ ଅଫ୍ ଲିଭିଙ୍ଗ ନରସିଂହପୁର ଶାଖାର ବରିଷ୍ଠ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ଜିଲ୍ଲା ଆରକ୍ଷୀ ନିର୍ଦ୍ଦେଶକ ସୁଯୋଗ୍ୟ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପଣ୍ଡିତ ସର୍ବେଶ୍ୱର ପଣ୍ଡା, ରାମଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡଲିରାଣୀ ପଣ୍ଡା, ବାସନ୍ତୀ ଦାସ, ମନୋରଞ୍ଜନ ସାହୁ, ବିଷ୍ଣୁ ପ୍ରସାଦ ଦାଶ, କାଳୀଚରଣ ପଟ୍ଟନାୟକ, କୈଳାଶ ଚନ୍ଦ୍ର ପାତ୍ର, ମୀନକେତନ ଖିଲାର, ଅମ୍ବୁଜ ଚରଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, କୁଳମଣି ସାହୁ, ରାଜକିଶୋର ସାହୁ, ଶ୍ରୀନିବାସ କର, ନବ କିଶୋର ଧଳଙ୍କ ସହିତ ସମସ୍ତ ଅର୍ଥ ଲିଭିଙ୍ଗର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଜିଲ୍ଲା ବିଜେଡି ସଭାପତିଙ୍କ କମଦ-ଏ-ରସୁଲ ପରିଦର୍ଶନ

କଟକ,୧୦।୮ (ସମିସ): ଭାଇଚାରାର ସହର ଦରଘାବଜାର ସ୍ଥିତ କଦମ-ଏ-ରସୁଲ ମୁସଲମାନ ଧର୍ମାଲମ୍ବୀଙ୍କ ନିମନ୍ତେ ଏକ ପବିତ୍ର ପୀଠ ଅଟେ । ଭାଇଚାରାର ପ୍ରତୀକ କଦମ - ଏ - ରସୁଲକୁ ଆଜି ଅପରାହ୍ନରେ ନବ ନିଯୁକ୍ତ କଟକ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଫୁଲ୍ଲ ସିଂହ ପହଞ୍ଚି ଚାଦର ଚଢ଼ାଇବା ସହିତ ବିଶ୍ୱ ଶାନ୍ତି, ମୈତ୍ରୀ ଓ ପ୍ରଗତି ପାଇଁ ପ୍ରାର୍ଥନା କରିଥିଲେ। ଉକ୍ତ ସମାରୋହରେ କଟକ ମହାନଗର ବିଜୁ ଜନତା ଦଳ ସଭାପତି ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରକାଶ ସିଂହ, ପୂର୍ବତନ କର୍ପୋରେଟର ଦୁର୍ଗା ଚରଣ ସାହୁ, ରମଜାନ ଖାନ, କର୍ପୋରେଟର ଇଂଜିନିୟର ମହମ୍ମଦ ଇଫତେଖାର ଆଲମ, ଅରୁନ୍ଧତୀ କର, ଇତିଶ୍ରୀ ଦାସ, କୁରେଶା ନୁର, ସୌମିତ ମିତ୍ର, ଜଗନ୍ନାଥ ସ୍ୱାଇଁ, ମହମ୍ମଦ ଆକରମ, ମହମ୍ମଦ ଅଜିଜୁର ରହିମ, ମହମ୍ମଦ ଆସିଫ, ମହମ୍ମଦ କାଦର, ମେହେରାଜ ମହମ୍ମଦ, ସୟଦ ସଖାଓତ ଅଲ୍ଲୀ, ଅବଦୁଲ କରିମ, ସ୍ୱଦେଶ ଦାସ, ସରୋଜ କର, ମୁକେଶ ମିଶ୍ର ପ୍ରମୁଖ ସାମୁହିକ ପ୍ରାର୍ଥନା ସଭାରେ ଉପସ୍ଥିତ ରହି ସଂସାର ମଙ୍ଗଳ କାମନା ପାଇଁ ପ୍ରାର୍ଥନା କରିଥିଲେ।

ଅହମଦୀୟା ବାର୍ଷିକ ଇଜତେମା ଉତ୍ସବରେ କ୍ରୀଡା ପ୍ରତିଯୋଗିତା

ଫୁଟବଲରେ କରଡାପଲ୍ଲି; ଭଲିବଲରେ ପଙ୍କାଳ ଚାମ୍ପିଅନ

ତିଗିରିଆ,୧୦।୮ (ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଚାଲିଥିବା ଦୁଇ ଦିବସୀୟ ଜିଲ୍ଲାସ୍ତରୀୟ ଯୁବ ସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ବାର୍ଷିକ ଇଜତେମା ଅବସରରେ ବିଭିନ୍ନ ପ୍ରକାର ଧାର୍ମିକ ଓ କ୍ରୀଡାଗତ ପ୍ରତିଯୋଗିତା ଚାଲୁରହିଛି। ଏହି ଅବସରରେ ରବିବାର ସକାଳେ ମାରାଥନ ଦୌଡ, ୧୦୦ ମିଟର ଦୌଡ, ଲମ୍ବ ଡିଆଁ, ଦୌଡିଟଣା, ଫୁଟବଲ ଓ ଭଲିବଲ ଖେଳ ହୋଇଥିଲା। ବ୍ୟକ୍ତିଗତ ମାରାଥନ ଦୌଡରେ ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମଦ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କରଡାପଲ୍ଲି ଗ୍ରାମର ଜମାଲ ଖାନ୍ ଦ୍ୱିତୀୟ ସ୍ଥାନ ଓ ପଙ୍କାଳ ଗ୍ରାମର ଜାଫର ଅହମ୍ମଦ ଓସିମ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ୧୦୦ ମିଟର ଦୌଡରେ ଗୁଣ୍ଡିଚାପଡା ଗ୍ରାମର ସେଖ ଅତାଉଲ ଇସଲାମ ପ୍ରଥମ, ପଙ୍କାଳ ଗ୍ରାମର ସାଜିଦ ଖାଁ ଦ୍ୱିତୀୟ ଓ କରଡାପଲ୍ଲି ଗ୍ରାମର ସାହିଲ ଖାଁ ତୃତୀୟ ସ୍ଥାନ ହାସଲ କରିଥିଲେ। ଲମ୍ବଡିଆଁରେ ପଙ୍କାଳ ଗ୍ରାମର ରମଜାନ ଖାଁ ପ୍ରଥମ, ଗୁଣ୍ଡିଚାପଡା ଗ୍ରାମର ହମିଦ ଅହମ୍ମଦ ଦ୍ୱିତୀୟ ଓ ମୁକ୍ତାଦେଇପୁର ଗ୍ରାମର ଫରିଦ ଖାଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଳଗତ ଖେଳ ମଧ୍ୟରେ ଦୌଡିଟଣା ଖେଳରେ ଛଅଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ପଙ୍କାଳ ଓ କରଡାପଲ୍ଲି ଦଳ ମଧ୍ୟରେ ହୋଇଥିଲା। ଏଥିରେ କରଡାପଲ୍ଲି ଦଳ ୨-୧ରେ ବିଜୟୀ ହୋଇ ଦୌଡିଟଣାରେ ଚାମ୍ପିଅନ ହୋଇଥିଲା। ସେହିଭଳି ଭଲିବଲରେ ଆଠଟି ଦଳ ଭାଗ ନେଇଥିଲେ। ଶେଷ ଫାଇନାଲ ପଙ୍କାଳ ଓ ଧୂଆଁସାହି (ସୁଙ୍ଗୁଡା) ଗ୍ରାମ ମଧ୍ୟରେ ହୋଇଥିଲା। ଏଥିରେ ପଙ୍କାଳ ଦଳ ୨୪-୨୧, ୨୩-୨୪ ଏବଂ ୨୪-୨୦ରେ ବିଜୟ ହାସଲ କରି ଭଲିବଲ ଚାମ୍ପିଅନ ହୋଇଛି। ଫୁଟବଲ ଖେଳରେ ପଙ୍କାଳ, ଗୁଣ୍ଡିଚାପଡା, ତାଳବରକୋଟ, କୋଟପଲ୍ଲା, କରଡାପଲ୍ଲି, ମୁକ୍ତାଦେଇପୁର ଓ ରେଷ୍ଟ ଅଫ୍ କଟକ ଭାଗନେଇଥିଲେ। ଏହି ଖେଳରେ ଗୁଣ୍ଡିଚାପଡା ଏବଂ କରଡାପଲ୍ଲି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଟ୍ରାଇବେକର ୫-୪ ଗୋଲରେ କରଡାପଲ୍ଲି ଦଳ ବିଜୟ ହୋଇ ଫୁଟବଲ ଚାମ୍ପିଅନ ହୋଇଥିଲେ। କ୍ରୀଡାଗତ ସମସ୍ତ ଖେଳକୁ ଇସମାଇଲ ଖାଁ, ଲୋକମାନ ଖାଁ, ମହମ୍ମଦ ଖାଁ, ବେଶାରତ ଖାଁ, ସଲାତ ଖାଁ, ମହମ୍ମଦ ସୋଲେମାନ ଏବଂ କମାଲୁଦ୍ଦିନ ଖାଁ ପରିଚାଳନା କରିଥିଲେ।

ଯାଦବ ଉନ୍ନୟନ ପରିଷଦର ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରେଶ୍ୱର,୧୦।୮ (ସମିସ): ମାହାଙ୍ଗା ବ୍ଲକ କୁହୁଣ୍ଡା ଗ୍ରାମପଞ୍ଚାୟତ କଲ୍ୟାଣପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଶାନ୍ତନୁ ପଲେଇଙ୍କ ଏକାଦଶାହ ଅବସରରେ କଟକ ଜିଲ୍ଲା ଯାଦବ ଉନ୍ନୟନ ପରିଷଦ ମାହାଙ୍ଗା ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ଉପସଭାପତି ରସାନନ୍ଦ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ମୂଳବସନ୍ତ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କବି ପ୍ରଶାନ୍ତ କୁମାର କର, ଯାଦବ ପରିଷଦର ସାଂସ୍କୃତିକ ସମ୍ପାଦକ କବି ଡମ୍ବରୁଧର ପରିଡା, ଜୟଦେବ ମୁଦୁଲି, ରାମଚନ୍ଦ୍ର ପରିଡା, ବିଶିଷ୍ଟ କଣ୍ଠଶିଳ୍ପୀ ବିଶ୍ୱନାଥ ପଲେଇ, ଇଂ ପ୍ରଫୁଲ ବେହେରା, ଉପଦେଷ୍ଟା ରବିନ୍ଦ୍ରନାଥ ଦାସ, ଅପର୍ତି ବେହେରା, ସାମ୍ବାଦିକ ଅଖିଳେଶପଦ ମହାନ୍ତି, ସୁଶାନ୍ତ ସାହୁ, ମୁଖ୍ୟ ସଂଯୋଜକ ରବି ଦାସ, ସାଧାରଣ ସମ୍ପାଦକ ଅନନ୍ତ ପଲେଇ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ଶାନ୍ତନୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ।

ଖୁଣ୍ଟୁଣୀ-ନରସିଂହପୁର ରାସ୍ତା କାର୍ଯ୍ୟ ନିମ୍ନମାନର

ବର୍ଷାରେ ଢଳାଯାଉଛି ପିଚୁ

ନରସିଂହପୁର,୧୦।୮ (ସମିସ)

ଖୁଣ୍ଟୁଣୀ- ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ରାସ୍ତା ନବୀକରଣ କାର୍ଯ୍ୟ ଅତି ନିମ୍ନମାନର ଅଭିଯୋଗ ହେବା ସହ ବର୍ଷାରେ ପିଚୁ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଯାହା ଫଳରେ ୪୦କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ନରସିଂହପୁର ଖୁଣ୍ଟୁଣୀ ମୁଖ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶ ଯେ, ନରସିଂହପୁର ନୂଆପାଟଣାରୁ ଖୁଣ୍ଟୁଣୀ ରାଜା ଆଠଗଡ଼ ପର୍ଯ୍ୟନ୍ତ ୬୫ ନମ୍ବର ରାଜ୍ୟ ରାଜପଥର ୮୦ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତା ନବୀକରଣ ନିର୍ମାଣ କାର୍ଯ୍ୟ ପାଇଁ ୪୦କୋଟି ଟଙ୍କା ବ୍ୟୟ ହୋଇଛି। ଏହାକୁ ମାକିନଷ୍ଟନ ନାମକ ଠିକାସଂସ୍ଥା ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇ ନିର୍ମାଣ କାର୍ଯ୍ୟ କରୁଛି। କିନ୍ତୁ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ନରସିଂହପୁର ବ୍ଲକର ବାଘଧରିଆ ନିକଟରେ ବର୍ଷା ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଥିଲା। ବର୍ଷା ସମୟରେ ପିଚୁ ରାସ୍ତା ନିର୍ମାଣ ହେଉଥିବା ଅଭିଯୋଗ ହେବା ପରେ ରାସ୍ତା ନିର୍ମାଣ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ହୋଇଥିଲା। କିନ୍ତୁ ପରେ ପୁଣି ନିୟମ ଉଲଙ୍ଘନ କରି ବର୍ଷା ସମୟରେ ରାସ୍ତା ନିର୍ମାଣ କରାଯାଇଥିଲା ଅନୁରୂପ ଭାବେ ବଡମ୍ବା ବ୍ଲକରେ ମଧ୍ୟ ବର୍ଷା ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଥିଲା। ଯାହା ଫଳରେ କେତେକ ସ୍ଥାନରେ ରାସ୍ତାରୁ ପିଚୁ ଉଠିଥିବା ଦେଖିବାକୁ ମିଳିଛି। ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରା ପାଇଁ ୪୦ କୋଟିର ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହେଉଛି। ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ସିଂଙ୍କୁ ପଚାରିବାରୁ ବର୍ଷା ହେଉଥିବା ସମୟରେ ପିଚୁ ରାସ୍ତା ନିର୍ମାଣ ହୋଇପାରିବ ନାହିଁ ବୋଲି ସ୍ୱୀକାର କରିଛନ୍ତି। କିନ୍ତୁ ରାସ୍ତା ଉପରେ ରାସ୍ତାରେ ରାସ୍ତା ନିର୍ମାଣ କରାଯାଉଥିବାରୁ ଅଳ୍ପ ବର୍ଷାରେ କାମ ହେଲେ କିଛି ଅସୁବିଧା ହେବ ନାହିଁ ବୋଲି ସଫେଇ ଦେବା ସହ ରାସ୍ତା ନିର୍ମାଣ ହେବା ସମୟରେ ହଠାତ ବର୍ଷା ହୋଇଯିବାରୁ ଆଉ କଣ କରାଯାଇଥାନ୍ତା ବୋଲି ଓଲଟି ପ୍ରଶ୍ନ କରିବା ସହ ବର୍ଷା ଛାଡିବା ପରେ ରାସ୍ତା ନିର୍ମାଣ ହୋଇଥିଲା। ଏଥିରେ ଅସୁବିଧା ନାହିଁ ବୋଲି ପୂର୍ତ୍ତ ବିଭାଗ ବିଭାଗୀୟ ଅଧିକାରୀ କହିଛନ୍ତି।

● ୪୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ
● ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ଚର୍ଚ୍ଚାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଭିନବ ଚିକିତ୍ସା

ବରଗଡ଼, ୧୦।୮ (ସମିସ)

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୂର୍ବ ସରକାର ଅମଳରେ କୋଟି କୋଟି ଟଙ୍କା ବ୍ୟୟରେ ଗଢ଼ି ଉଠିଥିଲା। ସାତ ମହଲା ବିଶିଷ୍ଟ ଚିକିତ୍ସାଳୟ ମଧ୍ୟରେ ରହିଛି ଅନେକ ଅତ୍ୟାଧୁନିକ ଯନ୍ତ୍ରପାତି। ହେଲେ ସେସବୁ ଏବେ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଭିତ୍ତିଭୂମିର ଅଭାବ ନାହିଁ ହେଲେ ବିଭାଗୀୟ କର୍ମଚାରୀଙ୍କ ଖାମଖିଆଲ ମୋନଭାବ ଯୋଗୁଁ ସବୁବେଳେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବା ଖୋଦ ବରଗଡ଼ ସିଡିଏମଓ ସ୍ୱୀକାର କରିଛନ୍ତି। କେତେବେଳେ ଅନ୍ଧାରି ଚିକିତ୍ସା ହେଉ ଅବା ପରିମଳ ବ୍ୟବସ୍ଥା, ସବୁବେଳେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭୁଲ କାମ ପାଇଁ ଚର୍ଚ୍ଚାରେ ରହିଆସିଛି। ଡାକ୍ତରଙ୍କ କଥା କହିବାକୁ ଗଲେ ଏଠାରେ ଆବଶ୍ୟକ ପରିମାଣରୁ ଅଧା ମଧ ଡାକ୍ତର ନାହାନ୍ତି। ରୋଗୀଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ମଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଫେଲ

ଉତ୍ତର ନ ଦେଇ ପଳାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ମାରିଛି। ରୋଗୀଙ୍କୁ ଏଠାରେ ଜୀବଜନ୍ତୁ ଭଳି ବ୍ୟବହାର କରାଯାଉଛି।

ଚିକିତ୍ସାଳୟରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ହାତଗୋଡ ଭାଙ୍ଗିଥିବା ବେଳେ ସେଠାରେ ପ୍ଲାଷ୍ଟର ଅଫ ପ୍ୟାରିସ ବା ଜିପସମ ବ୍ୟବହାର କରିବା ପରିବର୍ତ୍ତେ ବର୍ଜ୍ୟବସ୍ତୁ ବା ସାମଗ୍ରୀ ଭରିବାରେ ବ୍ୟବହୃତ ହେଉଥିବା କାର୍ଟନର ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସିଡିଏମଓ ଡ.କୁବେର ମହନ୍ତଙ୍କୁ ପ୍ରଶ୍ନ କରା ଯାଇଥିଲା। ଏଭଳି କାର୍ଯ୍ୟକୁ ସେ ନିନ୍ଦା କରିବା ସହ ଘଟଣାର ଅନୁସନ୍ଧାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। ଏହାସହ ଆଗାମୀ

ଦିନରେ ଏଭଳି ଅଭାବନୀୟ ଘଟଣାର ପୁନରାବୃତ୍ତି ନହେବାକୁ ଧ୍ୟାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅର୍ଥପେଡ଼ିକ ଡାକ୍ତର ନାହାନ୍ତି ବୋଲି ବାରମ୍ବାର ସବୁ ମାସରେ ଉପର ଅଧିକାରୀଙ୍କୁ ଜଣାଉଛୁ, ସ୍ଥାନୀୟ ବିଧାୟକ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଣାଇଛୁ ହେଲେ ଆଜି ପର୍ଯ୍ୟନ୍ତ ସରକାର ଡାକ୍ତର ଯୋଗାଇ ଦେଇନଥିବା ବିଷୟରେ ସେ କହିଥିଲେ। ତେବେ ସମାନ ପ୍ରଶ୍ନ ବରଗଡ଼ ଗସ୍ତରେ ଆସିଥିବା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କୁ ସାମ୍ବାଦିକ ମାନେ ପ୍ରଶ୍ନ କରିଥିଲେ। ମାତ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆଜି ସୁଭଦ୍ରାର ଦିନ କହି ସାମ୍ବାଦିକଙ୍କ ପ୍ରଶ୍ନକୁ ଏଡାଇ ଦେଇ ପଳାଇ ଯାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ତୁଲାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

କାଗଜ ପେଟି ଧରି ହସ୍ପିଟାଲ ପହଞ୍ଚିଲା ଛାତ୍ର କଂଗ୍ରେସ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଡ ହାତ ଭାଙ୍ଗିଥିବା ରୋଗୀଙ୍କୁ ଦିଆଯାଇଥିବା ବୁଢ଼ାପଟ୍ଟା (କାଗଜ ପେଟି) ଚିକିତ୍ସା ସେବାକୁ ନେଇ ଓଡ଼ିଶାରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ଲାଷ୍ଟର ଅଫ ପ୍ୟାରିସକୁ ଭଙ୍ଗା ଗୋଡ ହାତକୁ ଯୋଡା ଯିବାରେ ବ୍ୟବହାର ହେଉଥିବା ବେଳେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୁଢ଼ାପଟ୍ଟାରେ ଚିକିତ୍ସା କରାଯାଉଛି। ତେବେ ଏତେ ବଡ ହସ୍ପିଟାଲରେ

ଏଭଳି ଚିକିତ୍ସା ସେବା ଯୋଗାଉଥିବା ପ୍ରଶାସନ ଓ ସରକାରଙ୍କୁ ଛାତ୍ର କଂଗ୍ରେସ ପକ୍ଷରୁ ବୁଢ଼ାପଟ୍ଟା ପ୍ରଦାନ କରାଯାଇଛି। ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ସଦସ୍ୟ ମାନେ ଚିକିତ୍ସାଳୟକୁ ଆସି ଅଭିନବ ଢଙ୍ଗରେ ପ୍ରତିବାଦ ଜଣାଇଛନ୍ତି। ଡାକ୍ତରଙ୍କୁ ସମସ୍ୟା ଜଣାଇବା ସହ ଡ୍ରେସିଂରୁମ୍‌ରେ ରଖିଥିଲେ।

ମାଣ୍ଡୋସିଲରେ ସତ୍ୟସାଇ ବାବାଙ୍କ ବରଲକ୍ଷ୍ମୀ ବ୍ରତ

ପାଇକମାଳ, ୧୦।୮ (ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ମାଉସୀ ମନ୍ଦିରରେ ମାଣ୍ଡୋସିଲ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ବରଲକ୍ଷ୍ମୀ ବ୍ରତ ପୂଜା ହୋଇଯାଇଛି। ପୂଜକ ଭାବେ ସନ୍ତୋଷ ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ୨୪ ଜଣ ମହିଳା ପୂଜାର୍ଚ୍ଚନା ଓ ବରଲକ୍ଷ୍ମୀ ପୂଜା କରିଥିଲେ। ଆବାହକ ଶରତ ଚନ୍ଦ୍ର ହଂସ ଆହୁତି ପ୍ରଦାନ କରିଥିଲେ। ସତ୍ୟସାଇ ବାବାଙ୍କ ଭଜନ ପରେ ଆଳତି ପ୍ରଦାନ, ପ୍ରସାଦ ସେବନ ହୋଇଥିଲା। ଏଥିରେ ଭଜନ ମଣ୍ଡଳୀର ସତ୍ୟସାଇ ଅପାମାନେ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପାଇକମାଳ ସତ୍ୟ ସାଇ ମନ୍ଦିରରେ ମଧ ବରଲକ୍ଷ୍ମୀ ବ୍ରତ ପାଳନ କରାଯାଇଛି।

ଲାୟନ୍ସ କ୍ଲବ୍ ପକ୍ଷରୁ ଅନ୍ନଭୋଗ

ବରଗଡ଼, ୧୦।୮ (ସମିସ): ବରଗଡ଼ ଉପକଣ୍ଠ ନିଲେଶର ନିକଟସ୍ଥ ଝାଡେଶ୍ୱର ଶିବ ମନ୍ଦିରରେ ଶ୍ରାବଣ ମାସ ଉପଲକ୍ଷେ ଲାୟନ୍ସ କ୍ଲବ୍ ପକ୍ଷରୁ ପ୍ରସାଦ ଭୋଗ ଅର୍ପଣ କରାଯାଇଛି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜକ ଏନପି ସିଙ୍ଗଲ ଓ ରଞ୍ଜୁ ସିଙ୍ଗଲ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାମରତନ ଲଖମନିଆଁ, ପ୍ରାଞ୍ଜଳ ଧାନୁକା, ପ୍ରଦୀପ ଟାୟଲ, ଶ୍ରୁଶାନ୍ତ ତ୍ରିପାଠୀ, ବିକାଶ ଅଗ୍ରୱାଲ, ଅମରଦୀପ ସିଂ, କିଶୋର ଅଗ୍ରୱାଲ, ପ୍ରତାପ ନାୟକ, ମନୋଜ ମହାପାତ୍ର ପ୍ରମୁଖ ଯୋଗଥିଲେ। ଶେଷରେ ସମ୍ପାଦକ ଅଭୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

କେଶାଇପାଲିରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଭଟଲି, ୧୦।୮ (ସମିସ): ଭଟଲି ବ୍ଲକ କେଶାଇପାଲି ଗାଁର ଅଙ୍ଗନବାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ହୋଇଯାଇଛି। ଅଙ୍ଗନବାଡି କର୍ମୀ ମୀନା ରଥଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅଙ୍ଗନବାଡି କର୍ମୀ ବାସନ୍ତୀ ମହାନନ୍ଦ ଏହାର ଉଦ୍ଦେଶ୍ୟ ଜ୍ଞାପନ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଟଲି ଆଇସିଡିଆସର ସୁପରଭାଇଜର ତପସ୍ୱିନୀ ବରିହା ଯୋଗଦାନ କରି ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ ଉପରେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଙ୍ଗନ ବାଡି କର୍ମୀ କଲ୍ୟାଣିସା, ସୁନନ୍ଦା ଭୁଏ, ଆଶା କର୍ମୀ ଜନନୀ ଥନାପତି, ସିଆରପି ନନ୍ଦିନୀ ପଧାନ, ମମତା ସୁନା ଯୋଗ ଦେଇଥିଲେ। ଏଥିରେ ଗର୍ଭବତୀ ମହିଳା, ପ୍ରସୂତୀ ମା, କିଶୋରୀ ବାଳିକା ଉପସ୍ଥିତ ଥିଲେ।

ଜିଲ୍ଲା ସମାଜସେବୀ ସଂଘ ପକ୍ଷରୁ ମାଗଣା ଖାଦ୍ୟ ବଣ୍ଟନ

ବରଗଡ଼, ୧୦।୮ (ସମିସ): ଦ୍ୱିତୀୟ ବର୍ଷର ୧୧ ତମ ସପ୍ତାହ ରବିବାର ଦିନ ଜିଲ୍ଲା ସମାଜ ସେବୀ ସଂଘ, ବରଗଡ଼ର ଉଦ୍ୟମରେ ବରଗଡ଼ ପୁରୁଣା ଡାକ୍ତରଖାନା କୁ ଆସୁ ଥିବାରୋଗି ମାନଙ୍କ ସହଯୋଗୀ ମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଛି।ଏହି କାର୍ଯ୍ୟକ୍ରମ ଜିଲ୍ଲା ସମାଜ ସେବୀ ସଂଘର ସଭାପତି ବଳିଷ୍ଠ ଦୁର୍ଗା ଙ୍କ ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବୀର କଲେଜ ଅଫ ନର୍ସିଂ ର ଚେୟାରମେନ ଶିଶିର ପ୍ରଧାନ ଉପସ୍ଥିତ ଥିଲେ।ଜିଲ୍ଲା ସମାଜସେବୀର ସକ୍ରିୟ ସଦସ୍ୟ ନାରାୟଣ ସିଂ, ଶିବ ଲୁହା, ଅନିଲ ପାଇକ, ଫଣିନ୍ଦ୍ର ତାଣ୍ଡି, ନିକୁଞ୍ଜ ମହାରଣା, ମିଠାରାମ ସାହୁ, ବିକ୍ରମ ଦାଶ, ଜୟନ୍ତ ଭୋଇ, ମୋହନ ଅଗ୍ରୱାଲ ଓ ପୃଷ୍ଟି ଆଞ୍ଜାଙ୍କ ଉପସ୍ଥିତରେ ଏହି କାର୍ଯ୍ୟକ୍ରମ ହୋଇ ଥିଲା। ଏହି କାର୍ଯ୍ୟକ୍ରମ ସମସ୍ତେ ଆସି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିବାରୁ ଜିଲ୍ଲା ସମାଜ ସେବୀ ସଂଘ, ବରଗଡ଼ ତରଫରୁ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ ଅର୍ପଣ କରିଥିଲେ।

କୁଷ୍ଠରୋଗୀଙ୍କୁ ଶୁଖିଲା ପୁଷ୍ଟିକର ଖାଦ୍ୟ ବଣ୍ଟନ

ପଦ୍ମପୁର, ୧୦।୮ (ସମିସ): ପଦ୍ମପୁର ସହରର ତଥା ଆଖପାଖରେ ଥିବା କୁଷ୍ଠ କଲୋନୀ ଠାରେ ଦ ଲେପ୍ରୋସି ମିଶନ ଆନୁକୂଲ୍ୟରେ ଭରୋସା ଲେପ୍ରୋସି ତରଫରୁ କୁଷ୍ଠରୋଗୀ ମାନଙ୍କୁ ଶୁଖିଲା ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଇଛି। ସକାଳର ଚା ଜଳଖିଆ ଠାରୁ ଆରମ୍ଭ କରି ଦ୍ୱିପ୍ରହର ଓ ରାତିର ଖାଇବା ପାଇଁ ଚାଉଳ, ଚିନି, ଡାଲି, ତେଲ, ଲୁଣ, ଚୁଡା, ମୁଢ଼ି, ମସଲା, ଅଣ୍ଡା ଅନୁଷ୍ଠାନ ତରଫରୁ ଯୋଗଇ ଦିଆଯାଇଛି। ଏହି ସମୟରେ ଫିଲ୍ଡସୁପର ଭାଇଜର ଉପେନ୍ଦ୍ର ଗଡ଼ତିଆ, ବ୍ଲକ ନୋଡାଲ ଲେପ୍ରୋସି କର୍ମୀ ସଞ୍ଜୟ ବଢ଼େଇ, ଜିଲ୍ଲା ଫିଜିଓଥେରାପିଷ୍ଟ ପ୍ରିୟକାନ୍ତ ସାମଲ, ଭରୋସା ଲେପ୍ରୋସିର ସାମାଜିକ ଅର୍ଥନୈତିକ ଅଧିକାରୀ ବିନୋଦ ପାତ୍ର ଓ ଜିଲ୍ଲା ସଂଯୋଜିକା କବିତା ସାମଲ ଉପସ୍ଥିତ ଥିଲେ।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିପ୍ରସ୍ତର

ସୋହେଲା, ୧୦।୮ (ସମିସ): ସୋହେଲା ନିକଟସ୍ଥ ସଂଗ୍ରାମୀ ପୀଠ ପାଣିମୋରାରେ ଏକ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏକ କୋଟିରୁ ଅଧିକ ଟଙ୍କା ଏହି ନୂତନ କୋଠା ପାଇଁ ବିନିଯୋଗ ହେବ। ଏହି ଅବସରରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଭାଜପା ଜିଲ୍ଲା ସଭାପତି ଡ.ଅରୁପାନନ୍ଦ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.କୁବେର ଚନ୍ଦ୍ର ମହନ୍ତ, ସୋହେଲା ବିଡିଓ କରିସ୍ମା ବେଶ୍ରା, ତହସିଲଦାର ଶୁଭରଞ୍ଜନ ନାୟକ, ଗୋଷ୍ଠୀ ମୁଖ୍ୟ ଚିକିତ୍ସାଧିକାରୀ ବ୍ରହ୍ମାନନ୍ଦ ଷଡଙ୍ଗୀ ଉପସ୍ଥିତ ଥିଲେ। ଗାଁରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ମନ୍ତ୍ରୀ ଏବଂ ବିଧାୟକ ସାମିଲ ହୋଇଥିଲେ।

ସ୍କୁଲରେ ଜୈବ ବିବିଧତା ସଂରକ୍ଷଣ କର୍ମଶାଳା

ଅମ୍ବାଭୋନା, ୧୦।୮ (ସମିସ): ଜୈବ ବିବିଧତା ସୁରକ୍ଷା ନିମନ୍ତେ ଛାତ୍ରାବସ୍ଥାରୁ ଶିକ୍ଷାର୍ଥୀମାନଙ୍କ ମନରେ ସଚେତନତାର ଭାବ ଜାଗ୍ରତ କରିବା ପାଇଁ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଜୈବ ବିବିଧତା ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଜୈବ ବିବିଧତାର ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିସରରେ ଉପଲବ୍ଧ ହେଉଥିବା ବିଭିନ୍ନ ବୃକ୍ଷଲତାକୁ ଚିହ୍ନଟ କରି ସେଗୁଡିକର ବୈଜ୍ଞାନିକ ନାମ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା। ଜୈବ ବିବିଧତା ନଷ୍ଟ ହେବାର କାରଣ, ଜଳବାୟୁ ପରିବର୍ତ୍ତନ ଉପରେ ଏହାର ପ୍ରଭାବ, ଜୈବ ବିବିଧତା ନଷ୍ଟ ଯୋଗୁଁ ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ପରିବେଶ ଉପରେ ଏହାର କୁପ୍ରଭାବ ତଥା ପ୍ରାକୃତିକ ସନ୍ତୁଳନରକ୍ଷା କରିବାରେ ଜୈବ ବିବିଧତା ସଂରକ୍ଷଣର ଭୂମିକା ସମ୍ପର୍କରେ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ପ୍ରଶାନ୍ତ ମହାପାତ୍ର, ଅଙ୍କିତ ମହନ୍ତ, ଶିକ୍ଷୟିତ୍ରୀ ଅନୀତା ପଧାନ ସକ୍ରିୟସହଯୋଗ କରିଥିଲେ। ଜିଜ୍ଞାସା କ୍ଲବ୍, ବିଜ୍ଞାନ କ୍ଲବ୍, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ୟୁଥ୍ ଆଣ୍ଡ ଇକୋ କ୍ଲବ୍‌ର ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଲେବିଡି ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର

ବରଗଡ଼, ୧୦।୮ (ସମିସ): ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅଧଇନ ଲେବିଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଲେବିଡି ଗ୍ରାମବାସୀ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କଟାପାଲି କଲେଜର ପ୍ରିନ୍ସିପାଲ ବୁଦ୍ଧଦେବ ଭୋଇ ଯୋଗ ଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରୁ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସର୍ବମୋଟ ୬୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଷ୍ଠା ପରିବାରର ସଭାପତି ଅଶ୍ୱିନୀ ତ୍ରିପାଠୀ, ଉପସଭାପତି ସଚି ପଣ୍ଡା ଉପଦେଷ୍ଟା ରକ୍ଷ ପାଲ ସାହୁ, ଖଗେଶ୍ୱର ସାହୁ, ଲବ ସାହୁ, ଆଶିଷ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଷ୍ଠା ପରିବାର ସଦସ୍ୟ ଟଙ୍କଧର ପ୍ରଧାନ, ଅମିତ ଭୋଇ, ଶୁଭ୍ରାଂଶୁ ସରାଫ ଓ ଅନ୍ୟ ମାନେ ଶିବିରର ପରିଚାଳନା କରିଥିଲେ।

ପୁଖାମୁଣ୍ଡା ଶିବ ମନ୍ଦିର ପରିଚାଳନା କମିଟି ବୈଠକ

ବିଜେପୁର, ୧୦।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ପଡ଼ା ନିକଟସ୍ଥ ପ୍ରସିଦ୍ଧ ପୁଖାମୁଣ୍ଡା ଶୈବ ପୀଠରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠର ବିକାଶ ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ଏହାସହିତ ବିଗତ ଦିନର ଆୟବ୍ୟୟ ଉପସ୍ଥାପନ କରାଯାଇଥିଲା। ଏହାପରେ ସର୍ବସମ୍ମତି କ୍ରମେ ମନ୍ଦିର ପରିଚାଳନା କମିଟି ପୁନର୍ଗଠନ କରାଯାଇଥିଲା। କମଳାକାନ୍ତ ମେହେର ସଭାପତି, ଆନନ୍ଦ ବାରିକ ଉପସଭାପତି, ହାରଧନ ପଟେଲ ସମ୍ପାଦକ, ଇନ୍ଦ୍ରଜିତ ଦୀପ ସହ ସମ୍ପାଦକ, ଶାନ୍ତନୁ ମିଶ୍ର କୋଷାଧକ୍ଷ, ଜୟଦେବ ମାଝୀଙ୍କ ସହ କୋଷାଧକ୍ଷ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁବାସ ସାହୁ, ମିଶ୍ର ମେହେର, ବିନୋଦ ବିଶ୍ୱାଳ, ଗୋପାଳ ମେହେର, ବିଶିକେଶନ ମେହେର, ନବୀନ ମହାନନ୍ଦ, ସୁଦାମ ସାହୁ, ଗୋପାଳ ମେହେର, ସାଗର ବେହେରା, ରାଜୁ ମେହେର ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ନରେଶ ଅଗ୍ରୱାଲ, ସନ୍ତୋଷ ଦାଶ, ପ୍ରଦୀପ ଗୁରୁ, କୁନୁ ମେହେର, କିଶୋର ତ୍ରିପାଠି ପ୍ରମୁଖ ଉପଦେଷ୍ଟା କମିଟିରେ ରହିଛନ୍ତି। ଏହାବ୍ୟତୀତ ମନଟୁ ମେହେର, ନିରଞ୍ଜନ ପଟେଲ, ହାରିଲାଲ ସାହୁ, ବସନ୍ତ ମହାନନ୍ଦ, ସ୍ୱାଧୀନ ଦେବତା, ବୃଷଭାନୁ ଲୁହା, ବୀରକିଶୋର ମେହେର, ହରେକୃଷ୍ଣ ମାଝୀ, ବୁଧୁ ମେହେର, ସମ୍ବିତ କୁମ୍ଭାର ପ୍ରମୁଖ ବିଭିନ୍ନ ସବ କମିଟିରେ ରହିଛନ୍ତି। ବହୁ ସଂଖ୍ୟାରେ ସାମାଜିକ କର୍ମୀ, ଶ୍ରଦ୍ଧାଳୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଲେ ଶ୍ରୀ ଦଧିବାମନ

ଭଟଲି, ୧୦।୮ (ସମିସ): ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ଅଭିହିତ ପୂଣ୍ୟ ପବିତ୍ର ଭଟଲି ଦଧିବାମନ ଧାମରେ ଶନିବାର ଶ୍ରାବଣ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏଥିପାଇଁ ମନ୍ଦିରରେ ରାକ୍ଷୀ ବନ୍ଧା ପରମ୍ପରା ଅନୁଷ୍ଠିତ ହେବା ସହ ଏହି ବେଶ ଦର୍ଶନ କରିବା ପାଇଁ ଶହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତର ମାନ ରଖିବାକୁ ଯାଇ ମହାପ୍ରଭୁ ଶ୍ରୀ ଦଧିବାମନ ଭକ୍ତ ପରମାନନ୍ଦ ବେଶରେ ଦର୍ଶନ ଦେଇଥିଲେ। ମହାପ୍ରଭୁ ଶ୍ରୀ ଦଧିବାମନଙ୍କୁ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଅବସରରେ ଭକ୍ତ ପରମାନନ୍ଦ ବେଶରେ ସଜ୍ଜିତ କରାଯାଏ। ଏହି ବେଶ ଦର୍ଶନ କରିବା ପାଇଁ ଶହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

ମନାପଡ଼ାରେ ମାଁ ସନ୍ତୋଷୀ ବାର୍ଷିକ ପୂଜା

ବରଗଡ଼, ୧୦।୮ (ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନ ମନାପଡ଼ା ଗାଁରେ ମହା ଆଡମ୍ବରରେ ମାଁ ସନ୍ତୋଷୀଙ୍କ ପୂଜାର୍ଚ୍ଚନା କରାଯାଇଛି। ମନାପଡ଼ା ଗାଁରେ ଦୀର୍ଘ ୩୩ ବର୍ଷ ହେଲା ମାଁ ସନ୍ତୋଷୀ ମନ୍ଦିର ଅଛି। ପ୍ରତି ଶୁକ୍ରବାର ଦିନ ମାଁଙ୍କର ପୂଜାର୍ଚ୍ଚନା କରାଯାଏ ଓ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଦିନ ମହାସମାରୋହରେ ପାଳନ କରାଯାଏ। ଭଉଣୀ ମାନେ ନିଜ ଭାଇମାନଙ୍କ ପାଇଁ ନିର୍ଜଳ ଉପବାସ ରହି ମାଁଙ୍କ ଠାରେ ପୂଜାର୍ଚ୍ଚନା କରିଥାନ୍ତି। ଆଜି ମଧ ଭାଇଙ୍କ ଦୀର୍ଘାୟୁ କାମନା କରି ଭଉଣୀ ମାନେ ରାକ୍ଷୀ ବାନ୍ଧିଥିଲେ। ପୂଜକ କିଶୋର ଷଡଙ୍ଗୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

ପିପଲପଡ଼ା ନଳକୂଅ ମରାମତି ଦାବି

ପଦ୍ମପୁର, ୧୦।୮ (ସମିସ): ରାଜବୋଡାସମ୍ବର ବ୍ଲକ ବରିକେଳ ପଞ୍ଚାୟତ ଚାରପାଲି ଗାଁ ପିପଲପଡ଼ାର ନଳକୂଅ ଅଚଳ ହୋଇପଡ଼ିଛି। ଷ୍ଟାଣ୍ଡରେ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। ବର୍ଷା ଦିନରେ ଦୂଷିତ ଜଳ ନଳକୂପ ଭିତରକୁ ପଶିଯାଉଛି। ପଡ଼ାବାସୀ ପିଇବା ପାଣି ନ ପାଇ ହଇରାଣ ହେଉଛନ୍ତି। ନଳକୂପ ମରାମତି ପାଇଁ ଅନେକ ଥର ଜଣାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବିଭାଗୀୟ ଅଧିକାରୀ ତୁରନ୍ତ ଅଚଳ ନଳକୂପର ମରାମତି କରିବାକୁ ପିପଲପଡ଼ା ବାସୀ ଦାବି କରିଛନ୍ତି।

ବୁଢ଼ାମାଲରେ ରକ୍ଷା ବନ୍ଧନ ଉତ୍ସବ

ଦହିତା, ୧୦।୮ (ସମିସ): ପଦ୍ମପୁରର ଗାୟତ୍ରୀ ଚେତନା ଟ୍ରଷ୍ଟ, ବୁଡାମାଲ ଗାୟତ୍ରୀ ପରିବାର ତରଫରୁ ବ୍ରହ୍ମ ଉତ୍ସବ ତଥା ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ଉତ୍ସବରେ ପଦ୍ମପୁର, ଗାଇସିଲେଟ, ବରଗଡ଼, ବଲାଙ୍ଗିର, ପାଟଣାଗଡ଼ ଓ ଛତିଶଗଡ଼ ରାଜ୍ୟର ଶତାଧିକ ଭାଇ, ଭଉଣୀ ମାନେ ଅଂଶଗ୍ରହଣ କରିଥିଲେ। ବଲାଙ୍ଗିର ଜିଲ୍ଲାର ବିନୋଦ ଅଗ୍ରୱାଲ ସପତ୍ନୀକ ମୁଖ୍ୟକର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଉତ୍ସବ ସାଧକ ମୀନକେତନ ପାତ୍ର ଓ ତାଙ୍କ ଶିଷ୍ୟ ତଥା ସହଯୋଗୀ ମାନଙ୍କ ଦ୍ୱାରା ପରିଚାଳିତ କରାଯାଇଥିଲା। ଅତିଥି ଭାବେ ସମ୍ବଲପୁର ସବଜୋନ୍ ସଂଯୋଜକ ରଘୁମଣି ଦାଶ ଯୋଗ ଦେଇ ଉତ୍ସବର ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ଏହି ଅବସରରେ ୬ ଜଣଙ୍କ ଦୀକ୍ଷା ସଂସ୍କାର, ୨ ମୁଣ୍ଡନ ସଂସ୍କାର ଓ ଗୋଟିଏ ପୁଂସବନ ସଂସ୍କାର, ବିନା ଖର୍ଚ୍ଚରେ ଚେତନା ଟ୍ରଷ୍ଟ ତରଫରୁ କରାଯାଇଥିଲା।

ମା' ଭୂମିକା ନିର୍ବାହ କରି ଛାତ୍ରଙ୍କୁ ଶୌଚ କଲେ ପ୍ରଧାନଶିକ୍ଷକ

ବରଗଡ଼, ୧୦।୮ (ସମିସ)

ଝାରବନ୍ଧ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜଟେସିରାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ କୁନି ଛାତ୍ର ବିଦ୍ୟାଳୟର ଶୌଚାଳୟକୁ ଝାଡ଼ା ଯାଇଥିଲା। ପିଲାଟି ଛୋଟ ଥିବାରୁ ଶୌଚ ହୋଇ ପାରିନଥିଲା। ଖବର ଜାଣି ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ୟାମଳ ଭୋଇ ନିଜେ ଛାତ୍ରଟିକୁ ଶୌଚ କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମା' ବାପା ନିଜ ଶିଶୁକୁ ବିଦ୍ୟାଳୟକୁ ପଠାଇବା ପରେ ବିଦ୍ୟାଳୟରେ ସମସ୍ତ ପ୍ରକାରର ଦାୟିତ୍ୱ

ଶିକ୍ଷକ ଶିକ୍ଷୟିତ୍ରୀଙ୍କର ଉପରେ ରହିଥାଏ। ଏହି ପରିପ୍ରେକ୍ଷୀରେ ଜଣେ ମା'ର ଭୂମିକା ନିର୍ବାହ କରି ପ୍ରଧାନଶିକ୍ଷକଙ୍କ ଏଭଳି ମହତ ଉଦ୍ଦେଶ୍ୟକୁ ଶିକ୍ଷାପ୍ରେମୀ ମହଲରୁ ପ୍ରଶଂସା କରାଯାଇଛି। ଆଜିର ସମୟରେ ଶିକ୍ଷାର ବିପୁଳ ବ୍ୟବସାୟୀକରଣ ହେଉଥିବା ବେଳେ ଅନ୍ୟ ଶିକ୍ଷକଙ୍କ ପାଇଁ ଏହି ଘଟଣା ପ୍ରେରଣା ଯୋଗାଇଛି। ବର୍ତ୍ତମାନ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକାକୁ ଯୋଗ କରିଥିବାରୁ ବିଦ୍ୟାଳୟର ଶିଶୁ ସେବିକା ପଦବୀ ଯଥାଶୀଘ୍ର ପୂରଣ କରିବାକୁ ଜନସାଧାରଣରେ ଦାବି ହେଉଛି।

ପ୍ରଶାସନ କଲାନି, ଗ୍ରାମବାସୀ କରି ଦେଖାଇଲେ

ଘେଁସ, ୧୦।୮ (ସମିସ): ଜିତପାଲି ଗାଁରେ ଝର ପଞ୍ଚାୟତକୁ ସଂଯୋଗ ହୋଇଥିବା ରାସ୍ତାରେ ବର୍ଷା ପାଣି ଜମି ରହୁଥିବା ଯୋଗୁଁ ବହୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ରାସ୍ତାର ଅବସ୍ଥା ଏମିତି ଯେ ଗାଡି ମଟର ଯିବା ଦୂର କଥା ଖାଲି ପାଦରେ ବି ଚାଲି କି ଯିବା ମୁସ୍କିଲ ହୋଇ ପଡ଼ିଥିଲା। ପ୍ରଶାସନକୁ ଅନେକ ଥର ଜଣାଇଲେ ବି କୌଣସି ସୁଫଳ ମିଳି ନଥିଲା। ଶେଷରେ ଗ୍ରାମବାସୀ ଏବଂ ବନ ସୁରକ୍ଷା କମିଟି ସଦସ୍ୟଙ୍କ ଉଦ୍ୟମରେ ଡ୍ରେନ ଓ ରାସ୍ତାକୁ ଗ୍ରାମବାସୀ ସଫା କରିଥିଲେ। ରବିବାର ଗାଁର ଭଦ୍ରବ୍ୟକ୍ତି ମାନେ ଏଥିରେ ନିଜେ ନିଜେ ଶ୍ରମଦାନ କରିବା ସହ ବହୁତ ଅନେକ ସହଯୋଗ କରିଛନ୍ତି। ଗାଁର ଫଟୁ ପ୍ରଧାନ, ଦର୍ଜନ, ସୁନିଲ ମହାକୁର, ପାଣ୍ଡବ, ବାସୁଦେବ, ନିମାଇଁ, ଆନନ୍ଦ, ସଞ୍ଜୟ, ରାମୁ, ସ୍ୱତନ୍ତ୍ର ଏବଂ ସମସ୍ତ ମହିଳା ମାନେ ସହଯୋଗ କରିଥିଲେ।

କାର୍-ବାଇକ୍ ମୁହାଁମୁହିଁ; ବାଇକ୍ ଚାଳକ ଗୁରୁତର

ଫିରିଙ୍ଗିଆ, ୧୦।୮ (ସମିସ): ଫିରିଙ୍ଗିଆ ବ୍ଲକ କେଳପଡ଼ାଠାରୁ ତେଲିମୁଣ୍ଡା ରାସ୍ତାର ଜୟଲମ୍ବା ଛକରେ କାର-ବାଇକ ମୁହାଁମୁହି ଧକ୍କା ହେବାରୁ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ରବିବାର ଅପରାହ୍ଣରେ ଜୟଲମ୍ବା ଛକରେ ବନ୍ଧଗଡ଼ ପଟୁ କେଳାପଡ଼ା ଆଡକୁ ଆସୁଥିବା କାର ସହ ବିପରୀତ ଦିଗରୁ ଆସୁଥିବା ପଲସର ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ସ୍ଥଳରେ ଦୀର୍ଘ ସମୟ ଧରି ବାଇକ ଚାଳକ ପଡ଼ିରହିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ଗୁରୁତର ବାଇକଚାଳକଙ୍କୁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କାର ପାବୁରିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ବାଇକ ଚାଳକଙ୍କ ପରିଚୟ ମିଳିପାରିନି।

ଯୋଗାଣ ବିଭାଗର ଚଢ଼ଉ

ସଂଗ୍ରହ ଚାଉଳର ପରୀକ୍ଷା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ପାରଳାଖେମୁଣ୍ଡି, ୧୦।୮ (ସମିସ)

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ନାମନଗଡ଼ ଗ୍ରାମରେ ଶନିବାର ବେଆଇନ ଭାବେ ପିଡିଏସ୍ ଚାଉଳ ବିକ୍ରି ଅଭିଯୋଗକୁ ଭିତ୍ତି କରି ଯୋଗାଣ ବିଭାଗ ଅତର୍କିତ ଦୁଇଟି ସ୍ଥାନରେ ଚଢ଼ଉ କରିଥିଲା। ଗ୍ରାମର ଜଣଙ୍କ ଘର ଓ ଏକ ଗୋଦାମ ଘରେ ଚଢ଼ଉ କରିଥିଲେ ମଧ୍ୟ ସେଠାରୁ କିଛି ପାଇନଥିଲା। ଗୋଦାମ ଘର ବାହାର ପଟୁ ତାଲା ଦେଇ ଏକ ଲିଖିତ ନୋଟିସ୍ ମାରି ତଦନ୍ତରେ ସହଯୋଗ କରିବାକୁ ନୋଟିସ୍‌ରେ ଲେଖି ଯୋଗାଣ ବିଭାଗ ଚାଲିଆସିଥିଲା।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲ୍ଲାପାଳ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ ଏବଂ ଚଢ଼ଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଚଢ଼ଉରେ ଯୋଗାଣ ବିଭାଗର ଏକାଧିକ ଅଧିକାରୀ ଓ ପୁଲିସ୍ ସାମିଲ ଥିଲେ। ଯେଉଁ ଗୋଦାମ ଘରେ ଚଢ଼ଉକାରୀ ଦଳ ତାଲା ପକାଇଥିଲା ତାହା ଖୋଲିବାକୁ ଆଜି ଯୋଗାଣ ବିଭାଗର କେବଳ ଦୁଇଜଣ ଅଧିକାରୀ ପହଞ୍ଚିଥିଲେ। ତାଲା ଭାଙ୍ଗିବା ସହ ଗୋଦାମ ଘରୁ ୪୩ ପକେଟ୍ ଚାଉଳ ଜବତ କରିଥିଲେ। ଓଜନ କରାଯିବା ପରେ ତାହା ୨୧ କୁଇଣ୍ଟାଲ୍ ଥିବା ଜଣାପଡ଼ିଥିଲା। ଜବତ ୪୩ ପକେଟ୍‌ରେ ପିଡିଏସ୍ ଚାଉଳ ବସ୍ତା କିମ୍ବା ରାସନ୍ ଚାଉଳ ଭଳି ପ୍ୟାକିଂ ଦେଖିବାକୁ ମିଳିନଥିଲା। କିନ୍ତୁ କେଉଁଠି ନା କେଉଁଠି ଏତେ ପରିମାଣର ଚାଉଳ ଗଚ୍ଛିତ ହେବା ଏବଂ ଚାଉଳ ପିଡିଏସ୍ ଚାଉଳ ଭଳି ଦେଖାଯାଉଥିବାରୁ ଚଢ଼ଉକାରୀ ଦଳ ନାମନଗଡ଼ ଯୋଗାଣ ସହାୟକଙ୍କ ଜିମାରେ ଜବତ ଚାଉଳକୁ ରଖି ସେଥିମଧ୍ୟରୁ ଦୁଇ କିଲୋରୁ ଅଧିକ ଚାଉଳ ପରୀକ୍ଷା ପାଇଁ ନମୂନା ନେଇଥିଲେ। ଚଢ଼ଉ ଗଜପତି ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ସୁହାଂଶ ଭୋଇ ଓ ଗୁମ୍ମା ବ୍ଲକ ଯୋଗାଣ ଅଧିକାରୀ ତାପସ ତ୍ରିପାଠୀ କରିଥିଲେ।

ଏନେଇ ଶ୍ରୀ ଭୋଇ କହିଛନ୍ତି ଯେ କ୍ୱାଲିଟି ଏନାଲିସିସ୍ ପରୀକ୍ଷା ପରେ ଯଦି ପିଡିଏସ୍ ଚାଉଳ ବୋଲି ପ୍ରମାଣିତ ହୁଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ ହେବ ବୋଲି କହିଛନ୍ତି। ଚଢ଼ଉ ଏବଂ ନମୂନା ସଂଗ୍ରହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଶନିବାର ଦିନ ଗୋଦାମ ଘରେ ତାଲା ଉପରେ ତାଲା

ସିଲ୍ ସମୟ ମଧ୍ୟରେ ଚାଉଳ ବଦଳା ଯାଇଥିବା ଚର୍ଚ୍ଚା

ପକାଇ ଚଢ଼ଉକାରୀ ଦଳ ଫେରିଥିଲା। ନିଜ ସାଥିରେ ତାଲା ନେଇନଥିବା ଚଢ଼ଉକାରୀ ଦଳ ଯୋଗାଣ ସହାୟକଙ୍କଠାରୁ ତାଲା ଆଣି ତାଲା ପକାଯାଇଥିଲା। ସରକାରୀ ନିୟମ ଅନୁଯାୟୀ ସିଲ୍ କରାଯାଇନଥିଲା। ଆଜି ତାଲା ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତାଲା ଖୋଲାଯାଇଥିଲା। ନିଜେ ତାଲା ପକାଇ ନିଜେ ତାଲା ଖୋଲିଲେ ଚଢଉ ଦଳ। ତେବେ ଶନିବାର ତାଲା ପକାଇବା ସମୟ ପର ଠାରୁ ଆଜି ତାଲା ଖୋଲିବା ସମୟ ଯାଏଁ ଗୋଦାମ ଭିତରେ ଥିବା ଚାଉଳ ପରିବର୍ତ୍ତନ ହୋଇଥିବାକୁ ନେଇ ଚର୍ଚ୍ଚା ଜୋର ଧରିଛି।

କେନ୍ଦ୍ର ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ଖଲ୍ଲିକୋଟ, ୧୦।୮ (ସମିସ): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଗୁରାପଲ୍ଲୀ ଟୋଲ ଗେଟ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଖଲ୍ଲିକୋଟ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦୁଇଦିନିଆ ଗଞ୍ଜାମ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆସିଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତି ୧୨ଟାରେ ଗୁରାପଲ୍ଲୀ ଟୋଲ ଗେଟ ଠାରେ ଦୁଇ ମନ୍ତ୍ରୀଙ୍କୁ ଖଲ୍ଲିକୋଟ ବିଜେପି ପକ୍ଷରୁ ସ୍ୱାଗତ କରାଯାଇଥିଲା। ବିଜେପି ନାରୀ ନେତ୍ରୀ ଭାରତୀ ବେହେରା କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଘୁମୁସର ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ କୁମାର ପଣ୍ଡା, ଆସ୍କା ଏମପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ଖଲ୍ଲିକୋଟ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତଥା ଯୁବ ବିଜେପି ନେତା ଅରୁଣ କୁମାର ଖୁଣ୍ଟିଆ, ପ୍ରଦୀପ୍ତ କୁମାର ପଟ୍ଟନାୟକ, ମିଟୁ ସ୍ୱାଇଁ, ଶମ୍ଭୁ ପ୍ରଧାନ ଓ ପଙ୍କଜ ମାଝୀଙ୍କ ସହ ବହୁ ସଂଖ୍ୟାରେ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ।

ରାସ୍ତା ଉପରେ ଡ୍ରେନ୍‌ର ଆବର୍ଜନା

ଫିରିଙ୍ଗିଆ, ୧୦।୮ (ସମିସ): ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ବଜାରରେ ଡ୍ରେନଜ ସମସ୍ୟା ଲାଗି ରହିଛି। ବର୍ଷା ହେଲେ ଡ୍ରେନର ଗଦା ଗଦା ଅଳିଆ ଆବର୍ଜନା ରାସ୍ତାକୁ ଆସି ଜମା ହୋଇ ରହୁଛି। ଅଳିଆ ଗଦା ଯୋଗୁଁ ଯାତାୟାତରେ ସମସ୍ୟା ଉପୁଜୁଛି। ଜଗନ୍ନାଥ ମନ୍ଦିର ନିକଟରୁ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ଦେଇ ନାହାଣା ଗାଁକୁ ଯାଇଥିବା ରାସ୍ତାର ଡ୍ରେନରେ ଗଦା ଗଦା ଅଳିଆ ଆବର୍ଜନା ଏବଂ ଭଙ୍ଗା କାଚ ମଦ ବୋତଲ ଜମା ହୋଇଥିବା ବେଳେ ବର୍ଷା ହେବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଅଳିଆ ଆବର୍ଜନା ରାସ୍ତା ଉପରେ ଜମା ହେବା ଦ୍ୱାରା ଯାତାୟାତ ବାଧାପ୍ରାପ୍ତ ହେଉଛି। ପୂର୍ବରୁ ଡ୍ରେନ ସଫା କରାଯାଇଥିଲେ ମଧ୍ୟ ଦୋକାନୀ ଏବଂ ରାସ୍ତା ନିକଟରେ ଥିବା ଲୋକେ ଅଳିଆ ଆବର୍ଜନା ଡ୍ରେନରେ ପକାଉଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଇଛି। ପିଡବ୍ଲୁଡ଼ି ବଙ୍ଗଳା ପାଖରୁ ବଜାର ପୋଖରୀ ନିକଟକୁ ଯାଇଥିବା ରାସ୍ତା ଡ୍ରେନ ମଧ୍ୟ ସଫା କରିବା ସହ ଫିରିଙ୍ଗିଆ ବ୍ଲକ ଛକ ଠାରୁ ବଜାର ଦେଇ ବାଣିଜ୍ୟ ଭଣ୍ଡାର ପର୍ଯ୍ୟନ୍ତ ଓ ମେଡିକାଲ ରାସ୍ତାରେ ନିର୍ମାଣ କରାଯାଇଥିବା ଡ୍ରେନ ତୁରନ୍ତ ସଫା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସମସ୍ୟା ସମ୍ପର୍କରେ ଫିରିଙ୍ଗିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଡ୍ରେନ ଶୀଘ୍ର ସଫେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

ହଜିଗଲାଣି ପାରମ୍ପରିକ ପର୍ବ ଗହ୍ମା ଡିଆଁ

ରାୟଗଡ଼, ୧୦।୮ (ସମିସ): ଆଧୁନିକତାର ସ୍ପର୍ଶରେ ଅନେକ ପାରମ୍ପରିକ ଲୋକ ସଂସ୍କୃତି ଲୋପ ପାଇବାକୁ ବସିଛି। ଗହ୍ମା ପୂର୍ଣ୍ଣିମା ପର୍ବ ଏଭଳି ଏକ ପରମ୍ପରା ଦିନେ ଜୀବନଚର୍ଯ୍ୟା ସହିତ ଘନିଷ୍ଠ ଭାବେ ଯୋଡି ହୋଇଥିଲା। ଏହା ଏକ କୃଷି ଭିତ୍ତିକ ପର୍ବ ଥିଲେ ହେଁ ଆଜିକାଲି ତାହା ହଜି ଯାଉଥିବା ଦେଖିବାକୁ ମିଳୁଛି। ଏହି ଦିନ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ହୋଇଥିବାରୁ ଏଥିରେ ବିଭିନ୍ନ ଗ୍ରାମରେ ପାରମ୍ପରିକ ପିଠା ପ୍ରସ୍ତୁତି ସହିତ ଗୋରୁଗାଈଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ମୁଖ୍ୟତଃ କୃଷିର ଉନ୍ନତି ସାଧନ ଏହି ପର୍ବର ମୁଖ୍ୟ ଲକ୍ଷ୍ୟ ଥିଲା। ଚାଷୀ ସେମାନଙ୍କ ଚାଷବାସ କାମ ସାରି ଆଜି ଦିନରେ ଏହି ପର୍ବକୁ ଉତ୍ସାହ ସହକାରେ ପାଳନ କରୁଥିଲେ ହେଁ ଆଜିକାଲି ଏ ପର୍ବ ରାକ୍ଷୀ ବାନ୍ଧିବା ନୀତିରେ ସୀମିତ ହୋଇଯାଇଛି। ପ୍ରଭୁ ବଳଭଦ୍ରଙ୍କ ହାତରେ ଗହ୍ମାସୁରର ମୃତ୍ୟୁ ହେବା ପରେ ପୃଥିବୀ ପୃଷ୍ଠରୁ ପାପ କମି ଯାଇଥିବାରୁ ଲୋକେ ଆନନ୍ଦରେ ଗହ୍ମା ଡିଆଁ ଖେଳ ଖେଳିଥାନ୍ତି ବୋଲି ଲୋକ କଥା ରହିଛି। ପ୍ରାୟ ପାଞ୍ଚ ଫୁଟ ଉଚ୍ଚତା ବିଶିଷ୍ଟ ମାଟି, ବାଲିରେ ତିଆରି ହୋଇଥିବା ଗହ୍ମାକୁଦା ଉପରେ ଯୁବକ ଡେଇଁ ଏହି ଖେଳ ଖେଳି ଖୁସି ମନାଇଥାନ୍ତି। ଯେଉଁ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଥାଆନ୍ତି ସେମାନେ ଲମ୍ବା ବାଉଁଶରେ ବନ୍ଧା ଯାଇଥିବା ବିଭିନ୍ନ ସାମଗ୍ରୀ ନେଇ ଯାଇଥାନ୍ତି। ଆଜିକାଲି ସହରାଞ୍ଚଳ ଠାରୁ ଆରମ୍ଭ କରି ଗାଁ ଗହଳି ସବୁଠି ଚାରିଆଡ଼େ ସିମେଣ୍ଟ ରାସ୍ତା ନିର୍ମାଣ ଯୋଗୁଁ ଏପରି ଭାଇଚାରାର ପର୍ବ ହଜି ଯାଇଛି।

ଓଷ୍ଟା ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଫିରିଙ୍ଗିଆ, ୧୦।୮ (ସମିସ): କନ୍ଧମାଳ ଜିଲ୍ଲା ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମିତି (ଓଷ୍ଟା) ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି (ଓଷ୍ଟା) ର ଆବାହକ ତଥା ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ ଶିକ୍ଷକ କର୍ମଚାରୀ ୫ ଦଫା ଦାବି ସମ୍ବଳିତ ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଗଣ ଶିକ୍ଷା ମନ୍ତ୍ରୀ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଓଷ୍ଟା ଜିଲ୍ଲା ସଭାପତି ଚତୁର୍ଭୁଜ ରାଉତ, କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇଙ୍କ ସହ ଶିକ୍ଷକ ନେତା ପ୍ରଭାତ ରଥ, ଶଶିଭୂଷଣ ବିଶୋଇ ଓ ରଞ୍ଜନ କୁମାର ମିଶ୍ରଙ୍କ ସହ ଶତାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ରାକ୍ଷୀ ପାଉଣାରେ ମିଳିଲା ଚାରା

ସୋରଡ଼ା, ୧୦।୮ (ସମିସ): ରକ୍ଷା ବନ୍ଧନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବଡ଼ଗଡ଼ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକ। ଲୋକାମାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ 'ଭାଇ ପାଇଁ ଗଛଟିଏ' କାର୍ଯ୍ୟକ୍ରମ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ ବନାଞ୍ଚଳ ଅଧିକାରୀ ଅଞ୍ଜନ କୁମାର ନାୟକଙ୍କୁ ରାକ୍ଷୀ ବାନ୍ଧିଥିଲେ। ଉପହାର ସ୍ୱରୂପ ବନାଞ୍ଚଳ ଅଧିକାରୀ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର ମୂଲ୍ୟବାନ ଚାରା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ଅତ୍ୟନ୍ତ ଖୁସି ହେବା ସହିତ ବନାଞ୍ଚଳ ଅଧିକାରୀଙ୍କ ଏଭଳି କାର୍ଯ୍ୟପାଇଁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଥିଲେ। ବନାଞ୍ଚଳ ଅଧିକାରୀଙ୍କ ସହ ଫରେଷ୍ଟର ବସନ୍ତ କୁମାର ସେଠୀ ଯୋଗଦେଇଥିଲେ।

ବିଶ୍ୱ କଲ୍ୟାଣ ପାଇଁ ହନୁମାନ ଚାଳିଶା ପାଠ

ପାରଳାଖେମୁଣ୍ଡି, ୧୦।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ରାଣୀପଦ୍ମାବତୀ ସାହିରେ ବିଶ୍ୱ କଲ୍ୟାଣ ପାଇଁ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସହ ସମସ୍ତ ଜୀବଜଗତର କଲ୍ୟାଣ ପାଇଁ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା। ବହୁ ସଂଖ୍ୟକ ଅଞ୍ଚଳବାସୀ, ଶ୍ରଦ୍ଧାଳୁ ଯୋଗ ଦେଇ ଚାଳିଶା ପାଠରେ ଭାଗ ନେଇଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋଜ ପଟ୍ଟନାୟକ ଓ ପ୍ରନୋଜ ପଟ୍ଟନାୟକ ଆୟୋଜନ ଓ ପରିଚାଳନା କରିଥିଲେ।

ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୧୦।୮ (ସମିସ): ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ସୁନୀଲ କୁମାର କେର୍କେଟା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ କାର୍ଯ୍ୟରତ ଥିଲେ। ଏହାସହ ସେ ନୂଆପଡ଼ା, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ବରଗଡ଼ ଏବଂ ଅନ୍ୟାନ୍ୟ ଜିଲ୍ଲାରେ ବିଭିନ୍ନ ପଦରେ ରହି ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସିଛନ୍ତି। ସେ ୨୦୦୦ ବ୍ୟାଚର ଓଏଏସ ଅଧିକାରୀ ଅଟନ୍ତି।

ଗାଈଗୋଠ ଲାଗି ବଢୁଛି ଦୁର୍ଘଟଣା

କାର୍ଯ୍ୟାନୁଷ୍ଠାନ ନେଉନି ଏନ୍‌ଏସି ପ୍ରଶାସନ

ରମ୍ଭା, ୧୦।୮ (ସମିସ)

ରମ୍ଭା ସହରାଞ୍ଚଳ ଐତିହାସିକ ପର୍ଯ୍ୟଟନ ଓ ସ୍ମାରକୀ ପୀଠର ମର୍ଯ୍ୟାଦା ବହନ କରୁଥିବା ବେଳେ ରାସ୍ତାରେ ଅବାଧରେ ପଲ ପଲ ବୁଲା ଗାଈଗୋରୁ ବିଚରଣ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ, ଆଗନ୍ତୁକ, ପଥିକ ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ସରକାରୀ ଅଫିସର, ବିଧାୟକ ଓ ମନ୍ତ୍ରୀ ମାନଙ୍କ ପାଦ ପଡୁଥିବା ବେଳେ ଏଭଳି ସମସ୍ୟାକୁ କାହାର ନିଘା ନାହିଁ। ରମ୍ଭା ସହରାଞ୍ଚଳରେ ସଂଗ୍ରାମୀ ସ୍ମାରକୀ ପୀଠରେ ୪୧ ଗୋଟି ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚନ ଗସ୍ତକୁ ଦୃଷ୍ଟିରେ ରଖି ଏନ୍‌ଏସି ଓ ପୁଲିସ ପକ୍ଷରୁ ଗାଈଗୋରୁଙ୍କୁ ଧରାଯିବା ସହ ଗୋପାଳକମାନଙ୍କୁ ତାଗିଦ କରାଯାଇଥିଲା। କିନ୍ତୁ ପୁଣି ପୁନଃ ମୂଷିକ ଭବଃ ନୀତିରେ ସେହିଭଳି ଅବସ୍ଥା ସହରାଞ୍ଚଳରେ ଦେଖିବା ଲକ୍ଷ୍ୟ କରାଯାଇଛି। ଲୋକ ଦେଖାଣିଆ ଭାବେ ଗୋରୁ ଗାଈ ଧରା ଗାଡ଼ିରେ ଗୋପାଳକମାନଙ୍କ ଗାଈ ଗୋରୁ ଉଠାଇ ନେଇ ଅନତି ଦୂରରେ ଛାଡ଼ିଦେଉଛନ୍ତି। କାରଣ ସହରରେ କାଞ୍ଜିଆହୁଦା ନାହିଁ। ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ବୁଲା ଗୋରୁମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଉଦାସୀନ ହେଉଥିବାରୁ ସ୍ଥିତି ଅଧିକ ଜଟିଳ ହେଉଛି। ତେବେ ଅଞ୍ଚଳବାସୀଙ୍କ ସୁବିଧା ଦୃଷ୍ଟିରୁ ଏନ୍‌ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ମିଳୁନି ଆବାସ ଗୃହ

ଜରିପାଲ ଟଣା ଭଙ୍ଗା ଘରେ ୫ ପ୍ରାଣୀ କୁଟୁମ୍ବ

ଫିରିଙ୍ଗିଆ, ୧୦।୮ (ସମିସ): ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତରେ ବର୍ତ୍ତମାନ ବି ଯୋଗ୍ୟ ହିତାଧିକାରୀ ବାସଗୃହ ପାଇନଥିବା ବେଳେ ଅଯୋଗ୍ୟ ହିତାଧିକାରୀ ଆବାସ ହାତେଇଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଯୋଗ୍ୟ ହିତାଧିକାରୀ ଘର ନପାଇ ଅସହାୟ ଅବସ୍ଥାରେ ଭଙ୍ଗା ଦଦରା ଘରେ ଜରିପାଲ ଟାଣି ରହୁଥିବା ଦେଖିବାକୁ ମିଳିଛି। ଏଭଳି ଅସହାୟ ଅବସ୍ଥାରେ ରହୁଛନ୍ତି ବନ୍ଧଗଡ଼ ପଞ୍ଚାୟତ ବନ୍ଧଗଡ଼ ଗାଁର ଚନ୍ଦ୍ରମା ନାୟକ। ପରିବାରରେ ଚନ୍ଦ୍ରମା ନାୟକଙ୍କ ସହ ସ୍ୱାମୀ ଭକ୍ତ ନାୟକ ଏବଂ ଅନ୍ୟ ୩ ଜଣ ମିଶାଇ ୫ ଜଣ କୁଟୁମ୍ବ। ନିଜେ ରୋଜଗାର କରି ଚଳିବା ଓ ପରିବାର ପ୍ରତିପୋଷଣ କରିବା ଅସମ୍ଭବ ହୋଇ ପଡ଼ିଥିବା ବେଳେ ଘର କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ଘର କରି ପାରୁ ନଥିବାରୁ ପାଲଟଣା ଭଙ୍ଗାଦଦରା ଘରେ ରହୁଛନ୍ତି। ବର୍ଷାରେ ଘର ସାରା ପାଣି ଗଳୁଛି। ଘର କାନ୍ଥ ମଧ୍ୟ ପଡ଼ି ନଷ୍ଟ ହେବାକୁ ବସିଛି। ଆବାସ ଘର ପାଇଁ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ପର୍ଯ୍ୟନ୍ତ ଲିଖିତ ଆବେଦନ କରିଥିଲେ ମଧ୍ୟ ମିଳି ପାରିନାହିଁ। ତୁରନ୍ତ ଆବାସ ଯୋଜନାରେ ସାମିଲ କରି ଘର ଯୋଗାଇ ଦେଲେ ଉପକୃତ ହେବେ ବୋଲି ଚନ୍ଦ୍ରମା କହିଛନ୍ତି। ତାଙ୍କୁ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବଜ୍ରପାତରେ ବୃଦ୍ଧ ମୃତ

ଖଜୁରିଆକଟା, ୧୦।୮ (ସମିସ): ବଜ୍ରପାତରେ ହିନ୍ଦୋଳ ବ୍ଲକ କନ୍ତାମିଲା ପଞ୍ଚାୟତ ଗୋହିରାଛୋଡ଼ ଗ୍ରାମ ଶାଳବଣି ସାହିର ସହଦେବ ନାଏକ ଓରଫ ବଙ୍ଗୁଆ (୭୨)ଙ୍କ ମୃତ୍ୟୁ ହୋଇଛି । ସହଦେବ ଗାଈ ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା । ଫଳରେ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ । ତୁରନ୍ତ ତାଙ୍କୁ ଅନୁଗୋଳ ଡାକ୍ତରଖାନା ନିଆଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ଅପରାହ୍ନ ସମୟରେ ତାଙ୍କ ମୃତ୍ୟୁ ଘଟିଛି । ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

ଗଛ ଲଗାଇ ପାଳିଲେ ରକ୍ଷାବନ୍ଧନ ଉତ୍ସବ

ଖଜୁରିଆକଟା, ୧୦।୮ (ସମିସ): ହିନ୍ଦୋଳ ଉପଖଣ୍ଡ ବାଉଁଶପୋଖରୀ ପଞ୍ଚାୟତ ନୂଆକୋଟ ଗ୍ରାମରେ ଥିବା ଶୁବ ନାଳଠାରେ ନୂଆକୋଟ ଏଫଆରସି ଡିହସାହି ଗ୍ରାମସଭା ଦ୍ୱାରା ରକ୍ଷାବନ୍ଧନ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜଙ୍ଗଲ ପରିବେଶ ବିକାଶ ମଞ୍ଚ ହିନ୍ଦୋଳ ଏବଂ ଏଫଇଏସ ଢେଙ୍କାନାଳ ସହଯୋଗରେ ଡିହସାହି ଗ୍ରାମବାସୀ ଗଛରେ ରାକ୍ଷୀ ବାନ୍ଧିବା ସହ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ଉପସ୍ଥିତ ସମସ୍ତଙ୍କୁ ରାକ୍ଷୀ ବନ୍ଧାଯାଇଥିଲା । ପରେ ଶୁବ ନାଳଠାରେ ତାଳ, ଆମ୍ବ, ପଣସ, ନିମ୍ବ, କଷି, ତେନ୍ତୁଳି ଓ ଶାଗୁଆନ ଆଦି ଚାରାରୋପଣ କରାଯାଇଥିଲା ।

ଗୋପୂଜନ ଓ ରକ୍ଷାବନ୍ଧନ ଉତ୍ସବ

ଭୁବନ, ୧୦।୮ (ସମିସ): ହିନ୍ଦୁ ଜାଗରଣ ମଞ୍ଚ, ଭୁବନ ଖଣ୍ଡ ଆନୁକୂଲ୍ୟରେ ସିନେମା ହଲ ନିକଟରେ ଛତାମଠ ଶ୍ରୀ କାଶୀବିଶ୍ୱନାଥ ଟ୍ରଷ୍ଟ ସହଯୋଗରେ ଗୋପୂଜନ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି । କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ପ୍ରେମାନନ୍ଦ ଜେନା, ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ ସାହୁ, ଭୁବନ ନଗର କାର୍ଯ୍ୟବାହ ସରୋଜ ସାହୁ, ହିନ୍ଦୁ ଜାଗରଣ ମଞ୍ଚର ଖଣ୍ଡ ସଂଯୋଜକ ସଦାନନ୍ଦ ନାୟକ, ଭୁବନ ନଗର ମଣ୍ଡଳ ପୂର୍ବତନ ସଭାପତି ଭବାନୀ ଶଙ୍କର ବେହେରା, ରକି ପୃଷ୍ଟି, ନିରଞ୍ଜନ ଗୁରୁ, ମଳୟ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ୨୦୦ ଗୋମାତାଙ୍କୁ ପୂଜା କରାଯାଇଥିଲା ।

ଗୋଶାଳାରେ ରକ୍ଷାବନ୍ଧନ ଉତ୍ସବ

ଢେଙ୍କାନାଳ, ୧୦।୮ (ସମିସ): ସାମାଜିକ ଅନୁଷ୍ଠାନ ଆମ ପ୍ରତିଭା ଆମ ସମ୍ମାନ ଦ୍ୱାରା ପରିଚାଳିତ ପୌରାଞ୍ଚଳର ୧୯ନଂ ୱାର୍ଡ କାଠଗଡ଼ାଠାରେ ଅବସ୍ଥିତ ଗୋଶାଳାରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି । ଆମ ପ୍ରତିଭା ଆମ ସମ୍ମାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁଙ୍କ ପ୍ରେରଣାରେ ଏହି ଗୋଶାଳା ଆରମ୍ଭ ହୋଇଥିଲା । ଅନୁଷ୍ଠାନର କର୍ମକର୍ତ୍ତାମାନେ ଗୋଶାଳାରେ ପହଞ୍ଚି ଗୋମାତାଙ୍କୁ ଚନ୍ଦନ ସିନ୍ଦୂର ଓ ଫୁଲ ଲଗାଇ ପୂଜାର୍ଚ୍ଚନା କରିବା ସହ ରାକ୍ଷୀ ବନ୍ଧିଥିଲେ । କାର୍ଯ୍ୟକ୍ରମରେ ଗୋଶାଳାର ସଭାପତି ଶରତ କୁମାର ପଟ୍ଟନାୟକ, ସମ୍ପାଦକ ଆଇନଜୀବୀ ଗୁପ୍ତେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଅଶୋକ ମହାପାତ୍ର, ଲିଆକତ ଅଲ୍ଲି, ଅଧ୍ୟାପକ ସମୀର ସାହୁ, ସାମ୍ବାଦିକ ସଦାଶିବ ମହାପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ଦୁଷ୍ମନ୍ତ ମହାନ୍ତି, ସୁଧାଂଶୁ ଦାସ, ଶେଖର ସେଠୀ, ସୁମନ୍ତ ସ୍ୱାଇଁ, ପିନୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁ ମନ୍ଦିରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ଢେଙ୍କାନାଳ, ୧୦।୮ (ସମିସ): ସହର ଉପକଣ୍ଠ ସୁନ୍ଦୀଖାଲ ସରସ୍ୱତୀ ଶିଶୁ ମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି । ବିଦ୍ୟାଳୟର କୋଷାଧ୍ୟକ୍ଷ ଉମାପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦଘାଟନ କରି ରକ୍ଷାବନ୍ଧନ ପରମ୍ପରା ବିଷୟରେ ଶିଶୁମାନଙ୍କୁ ଅବଗତ କରାଇଥିଲେ । ସମ୍ପାଦକ ଗଗନ ବିହାରୀ ନାୟକ, ସଭାପତି ବାବୁଚାନ୍ଦ ମହାଳିକ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସହପ୍ରଧାନ ଆଚାର୍ଯ୍ୟ ଅରୁନ୍ଧତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପର୍ଯ୍ୟାୟ ପ୍ରମୁଖ ମଧୁସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ । ଗଗନ ଗୁରୁଜୀ, ସଞ୍ଜୀବ ଗୁରୁଜୀ, ରାଜେନ୍ଦ୍ର ଗୁରୁଜୀ, ଚିନ୍ତାମଣି ଗୁରୁଜୀ, ଅଶୋକ ଗୁରୁଜୀ, ସୀତାଂଶୁ ଗୁରୁଜୀ, ସୁଶାନ୍ତ ଗୁରୁଜୀ ପ୍ରମୁଖ ସହଯୋଗ କରିଥିଲେ । ସଙ୍କୁଳ ପ୍ରମୁଖ ବିଶ୍ୱନାଥ ବେହେରାଙ୍କ ଉପସ୍ଥିତିରେ ନବଗଠିତ ପରିଚାଳନା ସମିତି କର୍ମକର୍ତ୍ତାଙ୍କ ପରିଚୟ ବୈଠକ ହୋଇଥିଲା ।

ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ

ଔଷଧ ସେବନ କରିବେ ଜିଲ୍ଲାର ୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ

ଢେଙ୍କାନାଳ, ୧୦।୮ (ସମିସ)

ଢେଙ୍କାନାଳ ଜିଲ୍ଲାକୁ ଫାଇଲେରିଆ ରୋଗୀମୁକ୍ତ କରିବା ଲକ୍ଷ୍ୟରେ ରବିବାରଠାରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ । ଫାଇଲେରିଆକୁ ଜିଲ୍ଲାରୁ ସମୂଳେ ବିନାଶ କରିବା ପାଇଁ ଏହାକୁ ଏକ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ସମସ୍ତେ ଏହି ଔଷଧ ନିଶ୍ଚିତ ଖାଇବାକୁ ଅନୁରୋଧ କରିଥିଲେ । ବ୍ୟାୟାମ, ଯୋଗ, ପ୍ରାଣାୟମ ମଧ୍ୟ ନିୟମିତ କରିବାକୁ ପରାମର୍ଶ ଦେଇଥିଲେ ।

ଜାତୀୟ ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି କହିଲେ, ଆଜିଠାରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧ କୋଟି ୭ ଲକ୍ଷ ଲୋକ ଏହି ଔଷଧ ସେବନ କରିବେ । ସେଥିମଧ୍ୟରୁ ଢେଙ୍କାନାଳ ଜିଲ୍ଲାର ୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଔଷଧ ସେବନ କରିବେ ବୋଲି ପ୍ରକାଶ କରିଥିଲେ । ଏହି ରୋଗର ଲକ୍ଷଣ ମଶା କାମୁଡ଼ିବାର ୧୦-୧୫ ବର୍ଷ ପରେ ଦେଖାଯାଉଥିବାରୁ ନିଜେ ସୁସ୍ଥ ଅଛି ବୋଲି ଭାବୁଥିଲେ ମଧ ସମସ୍ତେ ଔଷଧ ଖାଇବା ନିହାତ ଜରୁରୀ ବୋଲି କହିଥିଲେ । ପୌର ପରିଷଦ ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲାରୁ ଫାଇଲେରିଆ ନିରାକରଣ ପାଇଁ ସମସ୍ତେ ସଚେତନ ହୋଇ ନିଶ୍ଚିତ ଔଷଧ ସେବନ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି ଓ ଅଧିକାରୀ ଔଷଧ ସେବନ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲାରେ ୩, ୮୦୩ ଫାଇଲେରିଆ ରୋଗୀ ଚିହ୍ନଟ କରାଯାଇଥିବା ସେ ସୂଚନା ଦେଇଥିଲେ । ଔଷଧ ସେବନ କାର୍ଯ୍ୟକ୍ରମରେ ୨୮୦୦ରୁ ଉର୍ଦ୍ଧ୍ୱ କର୍ମୀ ନିୟୋଜିତ ହୋଇଛନ୍ତି । ଚଳିତ ବର୍ଷ ଏହାକୁ ନିଶ୍ଚିତ ଭାବେ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବା ସେ କହିଥିଲେ । ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ପିଲା ଏବଂ ଗୁରୁତର ରୋଗୀମାନଙ୍କ ବ୍ୟତୀତ ଅନ୍ୟ ସମସ୍ତେ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହାକୁ ନିଶ୍ଚିତ ସେବନ କରିବାକୁ ଅନୁରୋଧ କରିଥିଲେ । ଶେଷରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

● ଜୁବୁଲିଟାଉନ ନଂ-୧ ଗଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ

ଆଗାମୀ ପୂଜା ପାଇଁ ସଭାପତି ଓ ସମ୍ପାଦକ ଚୟନ

ଢେଙ୍କାନାଳ, ୧୦।୮ (ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଜୁବୁଲି ଟାଉନ ନଂ-୧ ପୂଜା ପ୍ରତିଷ୍ଠାନ ପକ୍ଷରୁ ରବିବାର ସନ୍ଧ୍ୟା ୬ଟାରେ ସ୍ଥାନୀୟ ନାଗେଶ୍ୱର ମନ୍ଦିରରେ ପ୍ରଥମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ସଭାପତି ଅମ୍ବିକା ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସମ୍ପାଦକ ବିନୋଦ କୁମାର ମହାନ୍ତି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଉପସଭାପତି ଦିଲୀପ କୁମାର ମିଶ୍ର ଓ କୋଷାଧ୍ୟକ୍ଷ ସୁଶାନ୍ତ ବାରିକ ୨୦୨୪-୨୫ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ । ପରେ ଆଗାମୀ ପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୁନର୍ବାର ସଭାପତି ଭାବେ ଅମ୍ବିକା ପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ବିନୋଦ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି ।

ଚଳିତ ବର୍ଷ ପୂଜାକୁ ସରସସୁନ୍ଦର କରିବା ପାଇଁ ଆଲୋଚନା ହୋଇଛି । ଏହା ସହିତ କମିଟିରେ କିଛି ପୁରାତନ ସଦସ୍ୟଙ୍କ ବଦଳରେ ନୂଆ ଯୁବ ସଦସ୍ୟଙ୍କୁ ଅଗ୍ରାଧିକାର ଦିଆଯିବା ସହ ସୁନିଆ ପୂର୍ବରୁ ଆଉ ଏକ ବୈଠକ କରାଯିବ ବୋଲି ସ୍ଥିର କରାଯାଇଛି । ବୈଠକରେ ବିରଞ୍ଚି ନାରାୟଣ ପ୍ରଧାନ, ରାଜେନ୍ଦ୍ର କୁମାର ବରାଳ, ନୀଳମାଧବ ମହାପାତ୍ର, ପ୍ରଣବ କୁମାର କର, ବିକ୍ରମ କୁମାର ତୁଙ୍ଗ, ଲିପନ ମହାପାତ୍ର, ଲିକୁନା ଷଡ଼ଙ୍ଗୀ, ମନୋଜ ମହାପାତ୍ର, ନୃସିଂହ ମହାପାତ୍ର, ପ୍ରକାଶ ବେହେରା, ପ୍ରକାଶ ଜେନା, ଟୁଲୁ ମହାପାତ୍ର, ଆଶିଷ ମହାପାତ୍ର, ସାଗର ଖଟୁଆ, ବିକ୍ରମ ତୁଙ୍ଗ, ବରିଷ୍ଠ ଉପଦେଷ୍ଟା ନିରାକାର ସାମନ୍ତରାୟ, ପ୍ରମୋଦ କୁମାର ବେହେରା, ପ୍ରଫୁଲ୍ଲ ନାୟକ, ବସନ୍ତ ନାୟକ, ସଞ୍ଜୟ ଭଞ୍ଜ, ବିଜୟ ସାହୁ, ପ୍ରମୋଦ ସ୍ୱାଇଁ, ଜିତେନ୍ଦ୍ର ଶତପଥୀ, ଗୋବର୍ଦ୍ଧନ ସାହୁ, ଜ୍ୟୋତିପ୍ରସାଦ ବେଉରା, ଅରକ୍ଷିତ ମହାପାତ୍ର ଓ ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ରାଜେଶ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଭୁ ଶ୍ରୀବଳଭଦ୍ରଙ୍କ ସ୍ୱନକ୍ଷତ୍ର, ରକ୍ଷାବନ୍ଧନ ଉତ୍ସବ

ଢେଙ୍କାନାଳ, ୧୦।୮ (ସମିସ): ସ୍ଥାନୀୟ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସନ୍ଧ୍ୟାତାରା ସାହିତ୍ୟ ସଂସଦ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ମିଳିତ ସହଯୋଗରେ ପ୍ରଭୁ ଶ୍ରୀବଳଭଦ୍ରଙ୍କ ସ୍ୱନକ୍ଷତ୍ର, ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ପାଳିତ ହୋଇଛି । ପ୍ରଥମେ ବାଳାଶ୍ରମ ଓ ଜରା ନିବାସ ଅନ୍ତେବାସୀଙ୍କୁ ରାକ୍ଷୀ ବନ୍ଧାଯାଇଥିଲା । ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାପତି ଡ. ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ମିଶନର ସମ୍ପାଦକ ପ୍ରଦୀପ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ସନ୍ଧ୍ୟାତାରାର ସମ୍ପାଦକ ବିଭୂତି ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ଧ୍ୟାତାରାର ଉପସଭାପତି ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରାକ କଥନ ରଖିଥିଲେ । ସାହିତ୍ୟିକ ତଥା ଗବେଷକ ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ତପନ କୁମାର ଶତପଥୀ ଉତ୍କଳୀୟ ସଂସ୍କୃତିରେ ବଳଭଦ୍ର ପୂଜା ଉପରେ ତଥ୍ୟଭିତିକ ବକ୍ତବ୍ୟ ରଖିଥିଲେ । ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜ ସଂସ୍କାରକ ଶରତ କୁମାର ପାଣିଗ୍ରାହୀ ଉତ୍କଳୀୟ ସଂସ୍କୃତିରେ ରକ୍ଷାବନ୍ଧନ ଉପରେ ବକ୍ତବ୍ୟ ରଖିଥିଲେ । ପରେ ଓଡ଼ିଆ ସାହିତ୍ୟକୁ ଗଙ୍ଗାଧର ମେହେରଙ୍କ ଅବଦାନ ସମ୍ପର୍କରେ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଡ. ଲକ୍ଷ୍ମଣ କୁମାର ସାହୁ ବକ୍ତବ୍ୟ ରଖିଥିଲେ । ସଙ୍ଗୀତ ଗୁରୁ ଗଣେଶ ମିଶ୍ର, ସନ୍ଧ୍ୟାତାରାର ବରିଷ୍ଠ ସଭ୍ୟା ଗୀତାଞ୍ଜଳି ସାହୁ ଓ ମମତା ବରାଳ ମେହେର ସଙ୍ଗୀତ ପରିବେଷଣ କରିଥିଲେ । ସନ୍ଧ୍ୟାତାରାର ସହସମ୍ପାଦକ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ଶରତ ମିଶ୍ର ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜ୍ୟୋତିରଞ୍ଜନ ମହାପାତ୍ର, ଅଭିମନ୍ୟୁ ସାହୁ, ନିରଦାନନ୍ଦ ନନ୍ଦ, ସଞ୍ଜୟ ବେହେରା, ପ୍ରେମାନନ୍ଦ ବେହେରା, ପ୍ରୀତିରଞ୍ଜନ ମିଶ୍ର, ଅଙ୍କିତା ପ୍ରିୟଦର୍ଶିନୀ ଦାଶ, ବନିତା ମହାପାତ୍ର, କଳ୍ପନା ବେହେରା ଓ ବବିତା ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ ।

ଶ୍ରୀ ବଳରାମ ମନ୍ଦିର ସୁନାବେଶରେ ମା’ ରୁକ୍ମିଣୀ ସାମିଲ ହେବେ

ଢେଙ୍କାନାଳ, ୧୦।୮ (ସମିସ): ସ୍ଥାନୀୟ ଶ୍ରୀବଳରାମଜୀଉଙ୍କ ରତ୍ନ ସିଂହାସନ ଉପରେ ଗହ୍ମାପୂର୍ଣ୍ଣିମା ଦିନ ଶ୍ରୀ ବଳରାମଙ୍କ ଜନ୍ମଦିନ ଉପଲକ୍ଷେ ଗତ ୧୦ବର୍ଷ ଧରି ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଆସୁଛି । ତେବେ ଏହି ସୁନାବେଶରେ ରତ୍ନସିଂହାସନରେ ମହାପ୍ରଭୁ ଶ୍ରୀ ବଳରାମ, ଅନୁଜ ଶ୍ରୀକୃଷ୍ଣ, ଭଉଣୀ ସୁଭଦ୍ରା ଓ ମା’ ରୁକ୍ମିଣୀ ବିରାଜମାନ କରିଥାନ୍ତି । ସେମାନେ ସମସ୍ତେ ଦ୍ୱାପର ଯୁଗାବତାର ଏବଂ ଯଦୁବଂଶୀ କ୍ଷତ୍ରିୟ ଅଟନ୍ତି । ତେବେ ବଳରାମ, ଶ୍ରୀକୃଷ୍ଣ ଓ ସୁଭଦ୍ରାଙ୍କ ସୁନାବେଶ ହେଉଥିବାବେଳେ ମାତା ରୁକ୍ମିଣୀ ସେଥିରୁ ବାଦ୍ ପଡ଼ିଥାନ୍ତି । ଏ ସମ୍ପର୍କରେ ଢେଙ୍କାନାଳ ଜିଲ୍ଲା ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଦେବୋତ୍ତର ବିଭାଗ ଟ୍ରଷ୍ଟି ତଥା ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶନିବାର ସନ୍ଧ୍ୟାରେ ଭବାନୀ ମ୍ୟୁଜିକ୍ ଓ ଦେବୋତ୍ତର ବିଭାଗ ସହଯୋଗରେ ଆୟୋଜିତ ଭଜନ ସନ୍ଧ୍ୟାକୁ ମନ୍ତ୍ରୀ ପାତ୍ର ଉଦଘାଟନ କରିଥିଲେ । ତାଙ୍କ ସହ ଜିଲ୍ଲାପାଳ ପାଟିଲ୍, ଶ୍ରୀ ଜଗନ୍ନାଥ ସେବା ପରିଷଦ ସଭାପତି ରଥ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଓ ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ମଞ୍ଚାସୀନ ଥିଲେ । ଏହି ଅବସରରେ ଦେବୋତ୍ତର ଟ୍ରଷ୍ଟି ଜିଲ୍ଲାପାଳ ପାଟିଲ୍ ମାତା ରୁକ୍ମିଣୀଙ୍କ ସୁନାବେଶ ଆସନ୍ତା ବର୍ଷ ଶ୍ରୀ ବଳରାମ ଜନ୍ମ ଦିବସରୁ କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ । ଏକ ପରାମର୍ଶଦାତା କମିଟି ମାଧ୍ୟମରେ ମନ୍ଦିରର ଆଉ ଯେଉଁ ସମସ୍ୟା ଏବଂ ଉନ୍ନୟନମୂଳକ କାର୍ଯ୍ୟ ବାକି ରହିଛି ତାହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ପାତ୍ର ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ଅନ୍ୟ ସମସ୍ୟା ମଧ୍ୟରେ ମହାପ୍ରଭୁ ଶ୍ରୀ ବଳରାମଙ୍କ ଆୟୁଧ ପରିବର୍ତ୍ତନ, ପୁରୀ ତାଳଧ୍ୱଜ ରଥ ଚକର ଉପଯୁକ୍ତ ବାହ୍ୟ ପ୍ରଦର୍ଶନ ଓ ମନ୍ଦିର ପରିସରରେ ଥିବା ପ୍ରସାଦସେବନ ମଣ୍ଡପର ଉପଯୁକ୍ତ ନବୀକରଣ କରାଯିବା ନେଇ ମତପ୍ରକାଶ ପାଇଥିଲା ।

ଶ୍ରୀ ବଳରାମଙ୍କ ଜନ୍ମୋତ୍ସବରେ ଭଜନ ସମାରୋହ

ଢେଙ୍କାନାଳ, ୧୦।୮ (ସମିସ): ପବିତ୍ର ରକ୍ଷାବନ୍ଧନ ଓ ଶ୍ରୀ ବଳରାମଙ୍କ ଜନ୍ମ ଉତ୍ସବରେ ଭଜନ ସମାରୋହ ଅନୁଷ୍ଠିତ ହୋଇଛି । ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଭବାନୀ ମ୍ୟୁଜିକ ପକ୍ଷରୁ ଦେବୋତ୍ତର ବିଭାଗ ସହଯୋଗରେ ସନ୍ଧ୍ୟାରେ ଶ୍ରୀ ବଳରାମ ମନ୍ଦିର ସାମ୍ନାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ରୂପେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଉଦଘାଟନ କରି ଶ୍ରୀ ବଳରାମଙ୍କ ମହିମା ଓ ରକ୍ଷାବନ୍ଧନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ଆଧାତ୍ମିକ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ବଳରାମ, କୃଷ୍ଣ, ସୁଭଦ୍ରାଙ୍କ ସୁବର୍ଣ୍ଣ ବେଶ ହେଉଥିଲେ ମଧ ରୁକ୍ମିଣୀ ମାତାଙ୍କ ସୁନାବେଶ ହେଉ ନ ଥିବାରୁ ତାହା କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ସେହିପରି ଶ୍ରୀ ବଳରାମଙ୍କ କାଣ୍ଡବିନ୍ଧା ପାତାଳୀ କ୍ଷେତ୍ରର ବିକାଶ କରାଯିବାକୁ ଦିଆଯାଇଥିବା ପ୍ରସ୍ତାବକୁ ଗୁରୁତ୍ୱ ଦିଆଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ରଥ ପ୍ରମୁଖ ଯୋଗଦେଇଥିଲେ । ଭବାନୀ ମ୍ୟୁଜିକର ସମ୍ପାଦକ ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କଣ୍ଠଶିଳ୍ପୀ ସୁଜାତା ରଥ, ପବିତ୍ର କୁମାର, ବିଜୁ ସାହୁ, କମଳ ନନ୍ଦ, ସ୍ନିଗ୍ଧା ନନ୍ଦ, ଦୁର୍ଗା ମିଶ୍ର, ଅନନ୍ୟା ହୋତା, ଅକ୍ଷୟ ନାୟକ, ମମତା ବରାଳ, ପ୍ରଦୀପ କୁମାର, ମମତା ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଅପରାହ୍ନରେ ମା’ ବ୍ରାହ୍ମଣୀ ଦେବୀଙ୍କ ପୀଠରୁ ଏକ ସାଂସ୍କୃତିକ ଓ ଆଧାତ୍ମିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଶ୍ରୀ ବଳରାମଙ୍କ ପୀଠରେ ପହଞ୍ଚିଥିଲା । ଅଭିମନ୍ୟୁ ହୋତା, ଶତ୍ରୁଘ୍ନ ମାଟି, ନିର୍ମଳା ମହାପାତ୍ର, ଶୈଳବାଳା ମିଶ୍ର, ଦୁର୍ଗାଚରଣ ମହାପାତ୍ର, ପୁରୁଷୋତ୍ତମ ନନ୍ଦ, ସୁଶାନ୍ତ ପାଣି, ବିଜ୍ଞାନ ମହାନ୍ତି, ଶ୍ରୀକାନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

ବ୍ୟାଡ୍‌ମିଣ୍ଟନ ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଢେଙ୍କାନାଳ, ୧୦।୮ (ସମିସ)

ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲରେ ୩ଦିନ ଧରି ଚାଲିଥିବା ୧୭ବର୍ଷରୁ କମ ସବ୍‌ଜୁନିୟର ର୍‌ୟାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ସମସ୍ତ ଜିଲ୍ଲାରୁ ମୋଟ ୧୯୦ ପ୍ରତିଯୋଗୀ ଭାଗନେଇଥିଲେ । ପ୍ରଥମଥର ପାଇଁ ଢେଙ୍କାନାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନକୁ ଏହି ର୍‌ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ ସୁଯୋଗ ଦେଇଥିବାରୁ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଉଦଯାପନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଡ. ଅବିନାଶ ସାମଲ ଓ ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ସମେତ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏସନ ତରଫରୁ ବ୍ୟାଡମିଣ୍ଟନ

ପର୍ଯ୍ୟବେକ୍ଷକ କମଳ ଦାସ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଅଜିତ ମହାନ୍ତି ଓ ତାରାକାନ୍ତ ଦାସ ଓ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଭାପତି ଦୀପକ କୁମାର ଦଳାଇ, କାର୍ଯ୍ୟକାରୀ ସଭାପତି ଅମିତ ଶତପଥୀ, ସମ୍ପାଦକ ଟଙ୍କଧର ବେହେରା, ସହ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ଉପସ୍ଥିତ ଥିଲେ । ଜିଲ୍ଲା ସଙ୍ଘ ସଦସ୍ୟ ରଶ୍ମିପ୍ରକାଶ ପଟ୍ଟନାୟକ, ସୁଶାନ୍ତ କୁମାର ସାହୁ, ତାରେଣୀ ମାଝି, ବିଜେଶ ମିଶ୍ର, ପ୍ରିୟବ୍ରତ ପ୍ରଧାନ, ସାରଦା ପ୍ରସନ୍ନ ହୋତା, ଅନିଲ ସାହୁ, କୃପାସିନ୍ଧୁ ବେହେରା, ସମୀର ସାମଲ, ମାନସ ମଲ୍ଲିକ, ପ୍ରମୋଦ ସିଂହ, ଉଦୟଭାନୁ ସିଂହ, ଅମିତ ଛୋଟରାୟ ପ୍ରମୁଖ ସହଯୋଗ କରିଥିଲେ ।

ଡେକଚିରେ ପଶିଗଲା ଶିଶୁର ମୁଣ୍ଡ

କାମାକ୍ଷାନଗର, ୧୦।୮ (ସମିସ): ଡେକଚି ଧରି ଖେଳିବା ବେଳେ କାମାକ୍ଷାନଗର ଥାନା ବାଙ୍ଗୁରା ଗାଁରେ ରବିବାର ସକାଳେ ବର୍ଷକର ଶିଶୁର ମୁଣ୍ଡ ତା’ ଭିତରେ ପଶିଯାଇଥିଲା । ଅଗ୍ନିଶମ ବାହିନୀ ପହଞ୍ଚି ଡେକଚିକୁ କାଟି ସୁରକ୍ଷିତ ଭାବେ ଶିଶୁକୁ ଉଦ୍ଧାର କରିଛି । ଉଦ୍ଧାର ଶିଶୁ ହେଲେ ଗାଁର ମାନସ ଦାସଙ୍କ ପୁଅ ମନ୍ମତ ଦାସ ।

ଜାମା ମସଜିଦ୍‌ରେ ସୁରା ଜମାତର ଧର୍ମଚର୍ଚ୍ଚା

ଢେଙ୍କାନାଳ, ୧୦।୮ (ସମିସ): ସ୍ଥାନୀୟ ମୀନାବଜାରସ୍ଥିତ ଜାମା ମସଜିଦ ପରିସରରେ ସୁରା ଜମାତର ରାଜ୍ୟସ୍ତରୀୟ ଧର୍ମଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇଥିଲେ । ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ ଧର୍ମଗୁରୁମାନେ



ଆସି ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ । ଇସଲାମ ଧର୍ମ ମାନବ ଜାତିକୁ ସତ୍‌ପଥରେ ଚାଲିବା ଶିଖାଇଥାଏ । ହିଂସା ବିଦ୍ୱେଷ, ଅତ୍ୟାଚାର ବିରୋଧରେ ସଚେତନ ସୃଷ୍ଟି କରି ସମାଜରେ କିପରି ଏକତା ରକ୍ଷା ହେବ ସେ ସମ୍ପର୍କରେ ବୁଝାଇଥିଲେ । ସ୍ଥାନୀୟ ଅଧିବାସୀମାନେ ଆଗନ୍ତୁକମାନଙ୍କୁ ଆତିଥେୟତା ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ଭକ୍ତ ଯୋଗଦେଇଥିଲେ ।

ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ବଳଭଦ୍ରଙ୍କ ଜନ୍ମ ନୀତି

ବାଣପୁର,୧୦।୮ (ସମିସ): ପବିତ୍ର ଶ୍ରାବଣ ମାସ ଶୁକ୍ଳ ପକ୍ଷ ଦଶମୀ ତିଥି ସୋମବାରଠାରୁ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଝୁଲଣ ଯାତ୍ରା ଆରମ୍ଭ ହୋଇଯାଇଥିବା ବେଳେ ଭାଦ୍ରବ କୃଷ୍ଣ ପ୍ରତିପଦା ତଥା ଗହ୍ମାପୂର୍ଣ୍ଣିମା ପରବର୍ତ୍ତି ଦିବସ ରବିବାର ଶେଷ ହୋଇଯାଇଛି। ଶ୍ରାବଣ ପୂର୍ଣ୍ଣିମା ତଥା ଗହ୍ମାପୂର୍ଣ୍ଣିମା ଅବସରରେ ପ୍ରଭୁ ବଳଭଦ୍ର ରୋହିଣୀଙ୍କ ଗର୍ଭରୁ ଏହି ଦିବସରେ ଜନ୍ମ ନେଇଥିବାବେଳେ ଶ୍ରୀରଙ୍ଗନାଥ ଦେବଙ୍କ ପୀଠରେ ଧୁମ୍‌ଧାମ୍‌ରେ ଜନ୍ମ ନୀତିକାନ୍ତି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭୋର୍ ସମୟରୁ ମହାପ୍ରଭୁଙ୍କ ଦ୍ୱାରଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋପାଳବଲ୍ଲଭ ଓ ଶ୍ରୀଜୀଉମାନଙ୍କ ମଧ୍ୟାହ୍ନ ଧୂପ ପରେ ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସର୍ବାଙ୍ଗ ଚନ୍ଦନଲେପ ନୀତି ଅନୁଷ୍ଠିତ ହୋଇଥିଲା। ମାଟିରେ ପ୍ରଭୁ ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରି ପୂଜକ ମନ୍ତ୍ର ଦ୍ୱାରା ଜୀବନ୍ୟାସ କରିବା ପରେ ପୂଜାର୍ଚ୍ଚନା କରିଥିଲେ। ପୂଜା ନୀତି ଶେଷ ହେବା ପରେ ପ୍ରଭୁ ବଳଭଦ୍ର ଦେବଙ୍କ ମାଟିରେ ନିର୍ମିତ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା। ଏହି ଉତ୍ସବରେ ପୂଜକ ଚନ୍ଦ୍ରଶେଖର ହୋତା ସମସ୍ତ ପୂଜା ନୀତିକାନ୍ତି କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର, ଦାଶରଥି ସାହୁ, ସୋମନାଥ ହୋତା ଓ ବାଳମୁକୁନ୍ଦ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ମା' ଭଗବତୀ ଓ ଉଗ୍ରତାରାଙ୍କୁ ଦର୍ଶନକଲେ କେନ୍ଦ୍ରମନ୍ତ୍ରୀ

ବାଣପୁର/ନିରାକାରପୁର/ଟାଙ୍ଗୀ,୧୦।୮ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବାଣପୁର ଗସ୍ତ କରି ଅନନ୍ୟ ଶକ୍ତିପୀଠ ଜଗଜ୍ଜନନୀ ମା' ଭଗବତୀଙ୍କ ପୀଠରେ ପହଞ୍ଚି ମା'ଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ନରେ ଶ୍ରୀ ପ୍ରଧାନଙ୍କ ସହ ଚିଲିକା ବିଧାୟକ ତଥା ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମନ୍ଦିରରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ଏହି ଅବସରରେ ମନ୍ଦିରର ଚାଲିଥିବା ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ତଦାରଖ କରିଥିବାବେଳେ ଆଇନ ମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିବାବେଳେ ପ୍ରଶାସନିକ ଅଧିକାରୀଙ୍କଠାରୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ଯଥାଶୀଘ୍ର କାର୍ଯ୍ୟ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତତ୍‌ସହିତ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ସମ୍ପର୍କରେ ସେବାୟତମାନଙ୍କଠାରୁ ବୁଝିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ବ୍ରହ୍ମଗିରି ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ମୂଳିଝରଗଡ଼ରେ ମା' ଉଗ୍ରତାରାଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ର ଶ୍ରୀ ପ୍ରଧାନ। ମନ୍ଦିରରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି କାମନା କରି ପୂଜାର୍ଚ୍ଚନା କରିବା ସହିତ ମନ୍ଦିରର ସେବାୟତମାନଙ୍କ ସହ ମା'ଙ୍କର ବିଭିନ୍ନ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସହିତ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମଧ୍ୟ ମା'ଙ୍କୁ ଦର୍ଶନ କରିଥିଲେ।

ଭାଇଙ୍କ ମଙ୍ଗଳମନାସୀ ଘରେ ଘରେ ଖୁଦୁରୁକୁଣୀ ଓଷା

ଖୋର୍ଦ୍ଧା/ବାଲୁଗାଁ,୧୦।୮ (ସମିସ): ଭାଇ ଓ ଭଉଣୀର ସମ୍ପର୍କ ବହୁ ନିଆରା। ତେଣୁ ଭାଇର ମଙ୍ଗଳମନାସୀ ଭଉଣୀମାନେ କରିଥା'ନ୍ତି ଖୁଦୁରୁକୁଣୀ ଓଷା। ଏହି ଓଷାର ଐତିହ୍ୟ ମଧ୍ୟ ବହୁ ପୁରାତନ। ମାସର ସମସ୍ତ ରବିବାରେ କିଶୋରୀମାନେ ଖୁଦୁରୁକୁଣୀ ଓଷା ପାଳି ଶେଷପାଳି (ରବିବାର)ରେ ମଙ୍ଗଳାଙ୍କ ମୂର୍ତ୍ତି ପୂଜା ପରେ ବିସର୍ଜନ କରାଯାଇଥାଏ। ପୂର୍ବଭଳି ଏହି ଓଷାରେ ଆଗଭଳି ଆନନ୍ଦ ଉଲ୍ଲାସ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେଉନି। କେବଳ ପରମ୍ପରା ରକ୍ଷା ପାଇଁ ସହରର ଘରେ ଘରେ ଏବଂ ଗାଁଗୁଡ଼ିକରେ କୋଠଘରେ ପୂଜା କରାଯାଉଛି। ରବିବାର ପ୍ରଥମ ପାଳିର ପୂଜା ପାଇଁ ପ୍ରତ୍ୟୁଷରୁ କିଶୋରୀମାନେ ଗାଧୁଆପାଧୁଆ ସାରି ସଫା ବସ୍ତ୍ର ପରିଧାନ ପୂର୍ବକ ମା' ଭାଲୁକୁଣୀଙ୍କ ମୂର୍ତ୍ତି ବଜାରରୁ ଆଣିଥିଲେ। ପରେ ମା' ବୃନ୍ଦାବତୀଙ୍କ ନିକଟରେ ବାଲୁକାଶଯ୍ୟା କରି ସେଥିରେ ବାସୁଙ୍ଗପତ୍ର ଡାଳ ଖୋସି ବିଭିନ୍ନ ପ୍ରକାର ଫୁଲ ଦେଇ ପୂଜା କରିଥିଲେ। ପରେ ଭୋଗ ନୈବେଦ୍ୟ, ଧୂପ ଦୀପ ପ୍ରଦାନପୂର୍ବକ ପୂଜାର୍ଚ୍ଚନା କରିଥିଲେ। କେତେକ ଯୁବତୀ ଗାଁ କିମ୍ବା ସହରର ବିଭିନ୍ନ ପୋଖରୀ ତୁଠରେ ମଧ୍ୟ ବାଲୁକାଶଯ୍ୟା କରି ବାସୁଙ୍ଗ ଡାଳ ଖୋସି ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ସମୟରେ ଘରେ ଘରେ ମା' ମଙ୍ଗଳା ବା ଭାଲୁକୁଣୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। 'ବନ୍ଦଇ ଦେବ ଜଗନ୍ନାଥ, କମଳା ଦେବୀର ସଙ୍ଗାତ' ଖୁଦୁରୁକୁଣୀ ଓଷା ବହିର ଏହି ପଦ ସନ୍ଧ୍ୟାରେ କଶୋରୀମାନଙ୍କ କଣ୍ଠରୁ ଭାସିଆସୁଥିଲା। ପରେ ଘରେ ପ୍ରସ୍ତୁତ ହୋଇଥିବା ପିଠାପଣା ଭୋଗ କରାଯାଇଥିବାବେଳେ ଘର ଆଗରେ ହୁହୁଡ଼ିରେ ଝୁଣାମାରି କିଶୋରୀମାନେ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିବା ଦେଖାଯାଇଥିଲା।

ଖୋର୍ଦ୍ଧା ପୌର ପରିଷଦ

ଅସ୍ଥାୟୀ ଡିଏଲ୍‌ଆର୍‌ଙ୍କ ହାତରେ ପୌର ନିୟନ୍ତ୍ରଣ ଭାର

ଖୋର୍ଦ୍ଧା,୧୦।୮ (ସମିସ)

୨୨ଟି ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌର ପରିଷଦ ସହରବାସୀଙ୍କୁ ନିରବଚ୍ଛିନ୍ନ ଭାବେ ମୌଳିକ ସୁବିଧା ଯୋଗାଇ ଆସିଥାଏ। ମାତ୍ର ଗତ କିଛି ବର୍ଷ ହେବ ପୌରବାସୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଏକ ଜନଅସନ୍ତୋଷ ପୁଞ୍ଜିଭୂତ ହେବାକୁ ଯାଉଛି।

ସୂଚନା ପ୍ରକାରେ, ପୌର ପ୍ରଶାସନର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କ ହାତରେ ନ୍ୟସ୍ତ ରହିଛି। ପୂର୍ବରୁ ବହୁ ଅଭିଜ୍ଞ ବରିଷ୍ଠ କର୍ମଚାରୀ ଥିବାବେଳେ ପୌର ପରିଷଦରେ ପ୍ରଶାସନିକ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବା ଏକାଧିକ ପଦ ନିମନ୍ତେ ବରିଷ୍ଠ କିରାଣି ସମେତ ଅନ୍ୟ କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ବଦଳି କରି ପୌର କାର୍ଯ୍ୟାଳୟରେ ଅବସ୍ଥାପିତ କରିଛନ୍ତି। ମାତ୍ର ବରିଷ୍ଠ କର୍ମଚାରୀମାନଙ୍କୁ ଉପେକ୍ଷା କରି ଅସ୍ଥାୟୀ କର୍ମଚାରୀଙ୍କୁ ଏକାଧିକ ଉପ ବିଭାଗର ଦାୟିତ୍ୱ ଦିଆଯାଉଛି। ଯାହା ସାଧାରଣରେ ପୌର ପରିଷଦ ସ୍ୱଚ୍ଛତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ଜନୈକ କର୍ମଚାରୀ ହାତରେ ପୌର ପରିଷଦର ପୋଖରୀ ନିଲାମଠାରୁ ଆରମ୍ଭ କରି ଯାତ୍ରୀବାହୀ ଯାନବାହନଠାରୁ ପାର୍କିଂ ଫି' ଆଦାୟ କରିବା, ଲଗାଯାଇଥିବା ବିଜ୍ଞାପନ ବୋର୍ଡ ନିମନ୍ତେ ଅନୁମତି ପ୍ରଦାନ, ଉଠାଦୋକାନୀଙ୍କ ଦୈନିକ ଟିକସ ଆଦାୟ କରିବା, କ୍ୟାବିନ୍ ଟିକସ ଆଦାୟ, ପୌର ପରିଷଦ ଦୋକାନ ଗୃହର ଲାଇସେନ୍ସ ଫି' ଆଦାୟ,

ଅତିଷ୍ଠ କଲେଣି ଡିଏଲ୍‌ଆର୍ କର୍ମଚାରୀ; ଦୋକାନ ଗୃହ ଆବଣ୍ଟନ ତଦନ୍ତ ଦାବି

ଆହାର କେନ୍ଦ୍ର, ବରୁଣେଇ ପିଣ୍ଡି ଏବଂ କଲ୍ୟାଣ ମଣ୍ଡପ ସମେତ ଲାଇସେନ୍ସ ଉପବିଭାଗ ଆଦି ଅନେକ ଅର୍ଥ ଆୟକାରୀ ଲାଭଜନକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ଅସ୍ଥାୟୀ ଡିଏଲ୍‌ଆର୍‌ଙ୍କ ହାତରେ ନ୍ୟସ୍ତ କରାଯାଇଛି। ଏହି ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କ ହାତରେ କାହା ସ୍ୱାର୍ଥରେ ପୌର ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛି ତାହା ବର୍ତ୍ତମାନ ଉଦ୍‌ବେଗର ବିଷୟ ହୋଇଛି।

ସମ୍ପୃକ୍ତ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀ ଜଣକ ପୌର ପ୍ରଶାସନକୁ ନିୟନ୍ତ୍ରଣରେ ରଖି ଏକପ୍ରକାର ମନମାନୀ ଚଳାଇଥିବାରୁ ଅସନ୍ତୋଷ ବୃଦ୍ଧି ହେଉଛି। ସହରର ମୁଖ୍ୟ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ କ୍ୟାବିନ୍ ସ୍ଥାନାନ୍ତରିତ ପ୍ରକ୍ରିୟା ଏବଂ ଟିଏଲ୍‌ସି ରୋଡ଼୍‌ରେ ନିର୍ମିତ ହୋଇଥିବା ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟୀଙ୍କୁ ଥଇଥାନ ପ୍ରକ୍ରିୟାର ମୁଖ୍ୟ ସାରଥୀ ହେଉଛନ୍ତି ସେ। ସେ ସନ୍ତୁଷ୍ଟି ହେଲେ ଦୋକାନୀଙ୍କୁ ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ଖଣ୍ଡେ ମିଳୁଛି। ଯାହା ଭେଣ୍ଡିଂ ଜୋନ୍‌ରେ ଆବଣ୍ଟନ ହୋଇଥିବା ହିତାଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକୃତ ଯାଞ୍ଚ କରାଗଲେ ସଠିକ୍ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ଦାବି ହେଉଛି। ଏଥିସହିତ ଉତ୍କୋଚ ନେଇ ଉକ୍ତ ଅସ୍ଥାୟୀ କର୍ମଚାରୀ ଜଣକ ଅଣ ବ୍ୟବସାୟୀଙ୍କୁ ବ୍ୟବସାୟୀ ମାନ୍ୟତା ପ୍ରଦାନ କରି ହିତାଧିକାରୀ ଭାବେ ଭେଣ୍ଡିଂ ଜୋନ୍‌ରେ ଗୃହ ଆବଣ୍ଟନ କରିବାକୁ ପଛାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସମ୍ପୃକ୍ତ କର୍ମଚାରୀ ଜଣକ ପୌର ପରିଷଦ ଦୋକାନ ଗୃହ ଦାୟିତ୍ୱ ନେବାଠାରୁ ଆଜି ପର୍ଯ୍ୟନ୍ତ କେତେକ ଦୋକାନ ଗୃହ ମାଲିକାନା ପରିବର୍ତ୍ତନ ହୋଇଛି। ପ୍ରତି ଦୋକାନ ଗୃହ ମାଲିକାନା ପରିବର୍ତ୍ତନ ପାଇଁ ମୋଟା ଅଙ୍କର ଉତ୍କୋଚ ପାଇଁ ବାରମ୍ବାର ଦୌଡ଼ାଇ ଶେଷରେ ଉକ୍ତ ଟଙ୍କା ପାଇବା ପରେ କରିଥା'ନ୍ତି ବୋଲି କିଛି ବ୍ୟବସାୟୀ ନାଁ ଗୋପନ ରଖି ପ୍ରକାଶ କରିଛନ୍ତି। ଯାହାର ତଦନ୍ତ ସାଧାରଣରେ ଦାବି ହେଉଛି। ଏହି କ୍ରମରେ ବରୁଣେଇ ପୀଠରେ ବଣଭୋଜି ପାଇଁ ଥିବା ପିଣ୍ଡିଗୁଡ଼ିକର ଆୟର କୌଣସି ହିସାବ ନ ଥିବା ପରି ଆସୁଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି। ଏହାର ରେଟ୍ ତାଲିକା ପର୍ଯ୍ୟଟକଙ୍କ ପାଇଁ ସାର୍ବଜନିନ ହୋଇନଥିବା ବେଳେ ସମ୍ପୃକ୍ତ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀ ଜଣକ ସେଠାରେ ନିଜେ ବ୍ୟକ୍ତିଗତ ଭାବେ ଲୋକ ନିୟୋଜିତ କରି ଅର୍ଥ ଆଦାୟ କରୁଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବିଭିନ୍ନ ସମୟରେ ସେଠାରେ ଅଶାନ୍ତି ସୃଷ୍ଟି ହେଉଥିବା ନଜିର୍ ରହିଛି। ସେହିପରି ବରୁଣେଇସ୍ଥିତ ପୌର ପରିଷଦ ପରିଚାଳନାରେ ଥିବା ବିବାହ ମଣ୍ଡପ ଆୟରେ ମଧ୍ୟ ହେରଫେର୍ ହେଉଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷେ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀଙ୍କୁ ଆର୍ଥିକ କାରବାର ଭଳି ଗୁରୁଦାୟିତ୍ୱ ପ୍ରଦାନ ନିୟମସଂଗତ ନ ଥିବାବେଳେ ସମ୍ପୃକ୍ତ ଅସ୍ଥାୟୀ ଡିଏଲ୍‌ଆର୍ କର୍ମଚାରୀ ବିଭିନ୍ନ ଉପବିଭାଗରୁ ଆଦାୟ ଅର୍ଥକୁ କାର୍ଯ୍ୟାଳୟରେ ସଠିକ୍ ସମୟରେ ଜମା କରୁନଥିବା କିଛି କର୍ମଚାରୀ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ସେହିପରି ଆଦାୟ ଅର୍ଥକୁ ଯଦି ଜମା ନ କରନ୍ତି ତେବେ ଏହି ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କଠାରୁ କିପରି ସରକାରୀ ଅର୍ଥ ଆଦାୟ କରାଯିବ ଓ କିଏ ତାଙ୍କ ପାଇଁ ଭରଣା କରିବେ ଏବଂ କାହା ସ୍ୱାର୍ଥରେ ଏତେ ଦାୟିତ୍ୱ ତାଙ୍କୁ ପ୍ରଦାନ କରାଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ମା' ଭଗବତୀଙ୍କ ଗହ୍ମାଡିଆଁ ଓ ଗୋପୂଜନ ଉତ୍ସବ

ବାଣପୁର,୧୦।୮ (ସମିସ): ଶକ୍ତି ପୀଠ ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ବାର ମାସରେ ତେର ପର୍ବ କାହିଁ କେଉଁ ଅନାଦି କାଳରୁ ପାଳିତ ହୋଇଆସୁଛି। ତନ୍ମଧ୍ୟରୁ ଶ୍ରାବଣ ପୂର୍ଣ୍ଣମୀ ତିଥିରେ ମା'ଙ୍କ ଗହ୍ମା ପୂର୍ଣ୍ଣମୀ ଉତ୍ସବ ଶନିବାର ବିଳମ୍ବିତ ରାତିରେ ବିଷରପାଟଣା ଛକଠାରେ ପାରମ୍ପରିକ ରୀତିନୀତିର ସହିତ ପ୍ରଭୁ ବଳଭଦ୍ର ଦେବଙ୍କ ଜନ୍ମୋତ୍ସବ ଓ ଗହ୍ମାଡିଆଁ ପର୍ବ ଏକ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ଣ୍ଣିମାର ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ, ମହାପ୍ରସାଦ ଅର୍ପଣ, ବଲ୍ଲଭ, ମଙ୍ଗଳ ଆଳତି ସମାପନ ପରେ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମଧ୍ୟାହ୍ନରେ ଡାଲି, ଖେଚୁଡି ଶଙ୍କୁଡ଼ି ଧୂପ ପରେ ଅମିଷରେ ପ୍ରସ୍ତୁତ ଶଙ୍କୁଡ଼ି ଭୋଗ ଲାଗି ହେବା ପରେ ପହୁଡ଼ ପଡ଼ିଥିଲା। ସନ୍ଧ୍ୟାରେ ନିଶଙ୍କୁଡ଼ି, ଖେଇ କନ୍ତି ସର ପୁଳି ଭୋଗ ପରେ ରାତ୍ର ବଡ଼ସିଂହାର ଧୂପ ଅନୁଷ୍ଠିତ ହୋଇ ମା' ଭଗବତୀଙ୍କର ବିଜୟ ପ୍ରତିମା କାଠି ଠାକୁରାଣୀ, ଦକ୍ଷେଶ୍ୱର ଦେବ ଓ ଗୋପୀନାଥ ଦେବଙ୍କ ସହ ବିମାନ ଯୋଗେ ଘଣ୍ଟ, କାହାଳୀ, ପାଟପଟୁଆର, ବାଜା ରୋଷଣୀରେ ମନ୍ଦିରରୁ ବାହାରୁ ବିଷରପାଟଣା ଛକଠାରେ ପହଞ୍ଚିଥିଲେ। ସେଠାରେ ପୂର୍ବ ପ୍ରସ୍ତୁତି ବାଲିର ଆସ୍ଥାନରେ ବସ୍ତ୍ର ପକାଇ ମା' ଭଗବତୀ, ଦକ୍ଷେଶ୍ୱର ଓ ଗୋପୀନାଥ ଦେବଙ୍କୁ ବିଜେ କରାଯାଇଥିଲା। ମନ୍ଦିରର ପୂଜକଙ୍କ ଦ୍ୱାରା କଦଳୀ ପତ୍ରର ଖଇ ନଡ଼ିଆ ପାତି ଶାକର ଆଦି ନୈବେଦ୍ୟ ଧୂପ କରାଯାଇ ପ୍ରଭୁ ବଳଦେବଙ୍କ ବୈଦିକ ରୀତିରେ ପୂଜାର୍ଚ୍ଚନା କରାଯିବା ସହ ଗୋ-ପୂଜନ କରାଯାଇଥିଲା। ପରେ ସେଠାରେ ଏକ ବାଛୁରୀକୁ ଫୁଲ ଚନ୍ଦନ ଦେଇ ପୂଜା ଓ ବନ୍ଦାପନା କରାଯାଇ ଖଇ ନଡ଼ିଆ ପାତି ଶାକର ଆଦି ଭୋଗ ଖୁଆଇ ବାଛୁରୀକୁ ବାଲି ବେଦୀ ଉପରକୁ ଡିଆଁଇ ଗହ୍ମା ଡିଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ପରେ ମା' ମନ୍ଦିର ପ୍ରତ୍ୟାବର୍ତ୍ତନ କରୁଥିବା ବାଟରେ ପରିଚ୍ଛା ସାମନ୍ତଙ୍କ ଦ୍ୱାରେ ଦ୍ୱାରେ ମା' ମଣ୍ଡା ଓ କାକରା ଭୋଗ ଖାଇ ମନ୍ଦିରରେ ପହଞ୍ଚିଥିଲେ। ଏହି ଗହ୍ମାଡିଆଁ କାର୍ଯ୍ୟକ୍ରମକୁ କାଠି ନାହକ, ସେବାୟତ ଓ ମା'ଙ୍କର କାର୍ଯ୍ୟାଳୟର ଟ୍ରଷ୍ଟ ସଭାପତି ବାଳମୁକୁନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ। ମା'ଙ୍କର ଏହି ନିଶାର୍ଦ୍ଧ ପୂଜା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ବାଣପୁରରେ ରକ୍ଷାବନ୍ଧନ ଉତ୍ସବ

ବାଣପୁର,୧୦।୮ (ସମିସ): ବାଣପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶନିବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କଟକସ୍ଥିତ ମା' ଭଗବତୀ ହେଲ୍ଥ ଫାଉଣ୍ଡେସନ ପକ୍ଷରୁ ବାଣପୁର ସାମ୍ବାଦିକ ଭବନ ପରିସରରେ ସ୍ଥାନୀୟ ଅଞ୍ଚଳର ସାମ୍ବାଦିକ ଓ ଭିନ୍ନକ୍ଷମମାନଙ୍କୁ ଫାଉଣ୍ଡେସନର ଅଧକ୍ଷା ପାୟଲ ପ୍ରିୟଦର୍ଶନୀ ନାୟକ ରାକ୍ଷୀ ବାନ୍ଧି ଆଶୀର୍ବାଦ କାମନା କରିଥିଲେ। ଅନୁରୂପ ଭାବେ ଅଞ୍ଚଳର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ନେହେରୁ ସେବା ସଂଘ, ଉପକାରାଗାର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଜେପି ବିଦ୍ୟାମନ୍ଦିର ସମେତ ବହୁ ଅନୁଷ୍ଠାନ ପକ୍ଷରୁ ମଧ୍ୟ ରାକ୍ଷୀ ପୂର୍ଣ୍ଣିମା ଓ ଗୋ-ପୂଜନ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଦ୍ୟାଳୟର ଛାତ୍ରୀମାନେ ଛାତ୍ରମାନଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ମିଷ୍ଟାନ୍ନ ଖୁଆଇ ସେମାନଙ୍କର ମଙ୍ଗଳକାମନା କରିଥିଲେ।

ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା

ଟାଙ୍ଗୀ,୧୦।୮ (ସମିସ): କନ୍ଦନୟାଗଡ଼ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଶ୍ରୀଜଗନ୍ନାଥ ସତ୍‌ସଂଘ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ସଂକୃତି ସମ୍ପର୍କରେ ଆଲୋଚନା କରାଯିବା ସହ ଯୋଗାଭ୍ୟାସର ପ୍ରଭାବ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଧାରାବାହିକ ଭାବେ କରାଯାଉଥିବାରୁ ସ୍ୱନାମଧନ୍ୟ ପଣ୍ଡିତ, ଶିକ୍ଷାବିତ୍, ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇ ସଫଳ କରୁଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ପ୍ରବଚକ ନାରାୟଣ ମହାପାତ୍ର, ପଣ୍ଡିତ ବାଳକୃଷ୍ଣ ମିଶ୍ର, ଭଗବାନ ଗୁରୁ, ସୁରେନ୍ଦ୍ର ମଲ୍ଲିକ, ବାନାମ୍ବର ହୋତା, ବୈକୁଣ୍ଠନାଥ ଦାସ, ଯୁଧିଷ୍ଠିର ସୁବୁଦ୍ଧି, ମେରୁ ପ୍ରଧାନ, ମନୋଜ ପଟ୍ଟନାୟକ, ମାନସ ଚନ୍ଦ୍ର ପଟ୍ଟନାୟକ, ଉମେଶ ପଟ୍ଟନାୟକ, ଦାମୋଦର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ।

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କ୍ରାନ୍ତି ଦିବସ

ଖୋର୍ଦ୍ଧା,୯।୮ (ସମିସ): ସ୍ୱାଧୀନତା ସଂଗ୍ରାମରେ ୧୯୪୨ ଅଗଷ୍ଟ ୯ ତାରିଖର ଭାରତ ଛାଡ଼ ଆନ୍ଦୋଳନରେ ଦିଆଯାଇଥିବା ଆହ୍ୱାନ 'କର ବା ମର' ବ୍ରିଟିଶ ସରକାରକୁ ଭାରତ ଛାଡ଼ିବା ପାଇଁ ବାଧ୍ୟ କରିଥିଲା। ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ଦ୍ୱାରା ପାଳିତ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ରଘୁ-ଦିବାକର, ଭଗତ ସିଂ, ସୁକଦେବ, ରାଜଗୁରୁ, ଚନ୍ଦ୍ରଶେଖର ଆଜାଦ, ଉଦ୍ଧାମ ସିଂଙ୍କ ସହିତ ଅଗଣିତ ସ୍ୱାଧୀନତା ସଂଗ୍ରାମୀଙ୍କ ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଐତିହାସିକ ଉପନ୍ୟାସ 'ତୃତୀୟ ପର୍ବ'ର ନାଟ୍ୟ ରୂପକାର ଜିତେନ୍ଦ୍ର ପଟ୍ଟନାୟକଙ୍କ ନାଟ୍ୟସଂସ୍ଥା 'ସୂତ୍ରଧର' ଏବଂ ଡ. ବିଜୟକୁମାର ଶତପଥିଙ୍କ ନିର୍ଦ୍ଦେଶନାରେ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ନାଟକ ମଞ୍ଚସ୍ଥ ହୋଇଥିଲା। ରତ୍ନାକର ପ୍ରଧାନ, ରବି ନାରାୟଣ ରାୟ, ସଚ୍ଚିଦାନନ୍ଦ ବାରିକ, ଅରୁଣ ପାଣିଗ୍ରାହୀ, ଜ୍ଞାନରଞ୍ଜନ ବେହେରା, ବିକାଶ ରଥ, ରାଜା ନାଏକ, ମଣିପାଲ ସାହୁ, ସ୍ୱାଗତ ମହାନ୍ତି, ଆଲୋକ ମାନସିଂହ, ନିରଞ୍ଜନ ଜେନା, ଭବାନୀ କର, ଦେବୀଦତ୍ତ ପଟ୍ଟନାୟକ, ସୀମା ରାଉତଙ୍କ ଅଭିନୟ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ନାଟକ ପରିବେଷଣ ପରେ ମଞ୍ଚର ମହିଳା ଶାଖାର ସୌଦାମିନୀ ପଟ୍ଟନାୟକ, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ ଓ ଜ୍ୟୋତିପ୍ରଭା ପଟ୍ଟନାୟକ ଉପସ୍ଥିତ ସଦସ୍ୟବୃନ୍ଦଙ୍କୁ ରାକ୍ଷୀ ବାନ୍ଧି ପରସ୍ପରର ସୁଖଦୁଃଖରେ ଭାଗିଦାର ହେବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମକୁ ରବିନ୍ଦ୍ର ସାହୁ, ସନ୍ତୋଷ ଦାସ, ହରମୋହନ ମହାପାତ୍ର, ରତ୍ନାକର ରଣସିଂହ, ଗଦାଧର ଗୋଛି, ନବକିଶୋର ମହାପାତ୍ର, ନବୀନ ସାମନ୍ତସିଂହାର, ବିପିନ ବିହାରୀ ମିଶ୍ର, ବିରଞ୍ଚି ନାରାୟଣ ପ୍ରଧାନ, ବିଜୟ ପଣ୍ଡା ପରିଚାଳନା କରିଥିଲେ। ସମ୍ପାଦକ ରାମଶଙ୍କର ଧନ୍ୟବାଦ ଅର୍ପଣ କରିଥିଲେ।

ଜବରଦଖଲରେ ଚାନ୍ଦପୁର ବଜାର ନୂତନ କଂକ୍ରିଟ ରାସ୍ତା

ଟାଙ୍ଗୀ,୧୦।୮ (ସମିସ)

କନ୍ଦନୟାଗଡ଼ ବାଇପାସ୍‌ରୁ ଟାଙ୍ଗୀ ବାଇପାସ୍ ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ ରାସ୍ତା କାର୍ଯ୍ୟ ମନ୍ଥରଗତିରେ ଚାଲିଥିବାବେଳେ ଚାନ୍ଦପୁର ବଜାର ମଧ୍ୟରେ ସଦ୍ୟ କରାଯାଇଥିବା କଂକ୍ରିଟ ରାସ୍ତା ଏବେ ଗାଈଗୋରୁ, ପରିବା ବ୍ୟବସାୟୀ, ମୋଟର ସାଇକଲ, ପରିବା ବୋଝେଇ ମିନିଟ୍ରକ୍‌ଠାରୁ ଆରମ୍ଭ କରି ବିଭିନ୍ନ ଗାଡ଼ି ରହିବା ଫଳରେ ଯାତାୟାତରେ ଘୋର୍ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଚାନ୍ଦପୁର ବଜାର ରାସ୍ତାର ଗୋଟିଏ ପାର୍ଶ୍ୱର୍ କଂକ୍ରିଟ୍ କରାଯାଇଥିବାରୁ ଆରପାର୍ଶ୍ୱର୍ ସଂକୀର୍ଣ୍ଣ ହୋଇଛି। ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ଏହି ବଜାରରେ ନାହିଁ ନ ଥିବା ଟ୍ରାଫିକ୍ ସମସ୍ୟା ଦେଖାଦେଉଥିଲା। ତେବେ ବଜାର ରାସ୍ତାର ଗୋଟିଏ ପାର୍ଶ୍ୱର୍ କଂକ୍ରିଟ୍ ପରେ ସଙ୍ଗେ ସଙ୍ଗେ ଅପର ପାର୍ଶ୍ୱର୍ କଂକ୍ରିଟ କରି ଚଳପ୍ରଚଳ ପାଇଁ ଜରୁରୀକାଳୀନ ଭିତିରେ ଏହି ସୀମିତ ବଜାର ରାସ୍ତା କାର୍ଯ୍ୟ ଶେଷ କରିବା ପରିବର୍ତ୍ତେ ଅଧା କଂକ୍ରିଟ କରି ଏକ ସପ୍ତାହ ହେଲା କାର୍ଯ୍ୟ ବନ୍ଦ ରହିଛି। ଭୋର୍ ୫ଟା ରୁ ସକାଳ ପ୍ରାୟ ୮ଟା ପର୍ଯ୍ୟନ୍ତ ଏହି ବଜାର କଂକ୍ରିଟ ରାସ୍ତା କାର୍ଯ୍ୟ ଯୋଗୁଁ ଆମ୍ବୁଲାନ୍ସ, ବିଭିନ୍ନ ଯାନବାହନ ଯାତାୟାତରେ ଭୀଷଣ ଟ୍ରାଫିକ୍ ସମସ୍ୟା ହେଉଥିବା ସମ୍ପର୍କରେ ଚାନ୍ଦପୁର ଆଇଆଇସିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ବ୍ୟବସାୟୀଙ୍କ ଉପରେ ପଡୁନଥିବା ବିଡ଼ମ୍ବନାର ବିଷୟ। ଠିକାଦାର ତୁରନ୍ତ ଅଧପନ୍ତରିଆ ଭାବେ ଛାଡ଼ିଦେଇଥିବା ଚାନ୍ଦପୁର ବଜାର କଂକ୍ରିଟ ରାସ୍ତା ଶେଷ କରିବାକୁ ଦାବି ହେଉଥିବାବେଳେ ଚାନ୍ଦପୁର ପୁଲିସ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ପଦକ୍ଷେପ ନେବାକୁ ମଧ୍ୟ ଦାବି କରାଯାଇଛି।

ସଫଳତାର ଶୀର୍ଷ ଛୁଇଁବାକୁ ନୂତନ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ନିରାକାରପୁର,୧୦।୮ (ସମିସ): ଛାତ୍ରଛାତ୍ରୀମାନେ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ନିଜ ଜୀବନକୁ ଆଗେଇନେଲେ ଭବିଷ୍ୟତରେ ନିଶ୍ଚିତ ସଫଳତାର ଶୀର୍ଷ ଛୁଇଁବାକୁ ସଫଳ ହେବେ ବୋଲି ଖୋର୍ଦ୍ଧା ଜିଲ୍ଲା ନିରାକାରପୁରସ୍ଥିତ ସୀୟାରାମ କ୍ଲାସେସ୍ ଓ ଆଦର୍ଶ ଶିକ୍ଷାଦାନ ତରଫରୁ ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଆୟୋଜିତ ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିଥି ଭାବେ ଅଧ୍ୟାପକ ରାଜେଶ ପ୍ରତିହାରୀ, ଅଭିରାମ ପଣ୍ଡା, ବାସୁଦେବ ମଣ୍ଡଳ, ବିଦ୍ୟାଧର ବିଶ୍ୱାଳ ଓ ଶିକ୍ଷକ ଗୁଣନିଧି ପଶ୍ଚିମକବାଟ, ଏକାଦଶୀ ପରିଡ଼ା, ସରୋଜ ମହାପାତ୍ର, ନକୁଳ ବିଶ୍ୱାଳ, ଅଶୋକ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନେ ପ୍ରସାଦସେବନ କରିବା ସହିତ ବିଭିନ୍ନ ପାଠ୍ୟଉପକରଣ ଗ୍ରହଣ କରିଥିଲେ।

ଭୁବନେଶ୍ୱର ସିଟି

ମାସିକିଆ ମୁଣ୍ଡ ନେଉଛି ପାତ୍ରପଡ଼ା ଛକ

ଭୁବନେଶ୍ୱର, ୧୦।୮ (ସମିସ)

ପାତ୍ରପଡ଼ା 'ଭି-୨' ସମ୍ମୁଖରେ ଶନିବାର ସନ୍ଧ୍ୟାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଲା। ଏଥିରେ ମା'ସହ ରାସ୍ତା ପାରି ହେଉଥିବା ୮ ବର୍ଷର ଝିଅଟି ଅକାଳରେ ଆଖି ବୁଜିଦେଲା। ମା' ଏବେ ମେଡିକାଲ ଶଯ୍ୟାରେ ଜୀବନ ମରଣ ସହ ଲଢ଼େଇ କରୁଛି। ଏହି ଛକରେ ପ୍ରତି ସପ୍ତାହରେ ଗୋଟିଏ ଦୁଇଟି ଦୁର୍ଘଟଣା ହେଉଥିବା ବେଳେ ମାସକରେ ଜଣଙ୍କ ମୁଣ୍ଡ ଗଡୁଛି। କେତେବେଳେ ପଥଚାରୀଙ୍କୁ କାର୍ ପିଟି ଦେଉଛି ତ ଆଉ କେବେ ରାସ୍ତା ପାର୍ ହେବା ସମୟରେ ଧକ୍କା ଦେଉଛି ବସ୍। ପାତ୍ରପଡ଼ା ଅଞ୍ଚଳରେ ଜନବସତି ବଢ଼ିବା ପରେ ଏଭଳି ସମସ୍ୟା ମୁଣ୍ଡ ଟେକୁଛି। ଯଦିଓ ପାତ୍ରପଡ଼ା ଔଷଧୀୟ ଉଦ୍ୟାନ ନିକଟରେ ଏକ ଫୁଟ୍ ଓଭରବ୍ରିଜ୍(ଏଫ୍ଓବି) ନିର୍ମାଣ ହୋଇଛି। ହେଲେ ତାହା ବିଶେଷ ବ୍ୟବହାରରେ ଆସୁନି। କିନ୍ତୁ ଭି-୨ ଛକରେ ଛାତ୍ରଛାତ୍ରୀ, ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ରାସ୍ତା ପାର୍ ହେଉଥିଲେ ମଧ୍ୟ ସେଠାରେ କୌଣସି ସୁରକ୍ଷିତ ବ୍ୟବସ୍ଥା ନାହିଁ। ତେବେ ଅନାବଶ୍ୟକସ୍ଥଳରେ କାହିଁକି ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ବର୍ତ୍ତମାନ ଏହି ଛକରେ ଆଉ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି ହେଉଛି।

- **କାହା ସ୍ୱାର୍ଥରେ ଔଷଧୀୟ ଉଦ୍ୟାନ ଫୁଟ୍ ଓଭରବ୍ରିଜ୍**
- **ଆଉ ଏକ ଓଭରବ୍ରିଜ୍ ନିର୍ମାଣ କରିବାକୁ ଦାବି**

ସୂଚନାନୁସାରେ, ପ୍ରତିଦିନ ଏହି ସ୍ଥାନରେ ଜାତୀୟ ରାଜପଥ ପାରି ହେବାକୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ପାତ୍ରପଡ଼ା ୟୁପି ସ୍କୁଲ ଓ ହାଇସ୍କୁଲରେ ପଢୁଥିବା ଫୁଲେଶ୍ୱରୀ ବସ୍ତିର ଶତାଧିକ ଛାତ୍ରଛାତ୍ରୀ ବିପଦସଂକୁଳ ଅବସ୍ଥାରେ ରାସ୍ତା ପାରି ହେଉଛନ୍ତି। ଏଥିସହ ସ୍ଥାନୀୟ ଉଦୟଗିରି ବିହାର, ପାତ୍ରପଡ଼ା ସମେତ ସ୍ଥାନୀୟ ଅଞ୍ଚଳରେ ଗଢ଼ି ଉଠିଥିବା ଆବାସିକ କଲୋନିର ଲୋକମାନେ ବି ସମାନ ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ଦୀର୍ଘ ବର୍ଷ ଧରି ଏଠାରେ ଏକ ଏଫ୍ଓବି ନିର୍ମାଣ ପାଇଁ ଦାବି ହେଉଥିଲା। ସାଂସଦ ଅପରାଜିତା ଷଡ଼ଙ୍ଗୀ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ବି ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଅଚାନକ୍ ଏଠି ହେବାକୁ ଥିବା ଏଫ୍ଓବିକୁ ଔଷଧୀୟ ଉଦ୍ୟାନ କେନ୍ଦ୍ର ନିକଟକୁ ସ୍ଥାନାନ୍ତର କରି ଦିଆଗଲା। ସେତେବେଳେ ଏହାକୁ ନେଇ ବିରୋଧ ହୋଇଥିଲେ ବି କେହି କର୍ଣ୍ଣପାତ କରିନଥିଲେ। କାରଣ ସେଠାରେ ବିଶେଷ ଜନବସତି ନାହିଁ। କେବଳ କେ-୯ ବାସିନ୍ଦା ସକାଳ ସମୟରେ ପ୍ରାତଃଭ୍ରମଣ ପାଇଁ ସେହି ଏଫ୍ଓବିକୁ ବ୍ୟବହାର କରୁଛନ୍ତି। ପାତ୍ରପଡ଼ା ଛକରେ ଏହି ଏଫ୍ଓବି ହୋଇଥିଲେ ବି କେ-୯ ବାସିନ୍ଦା ଏହାକୁ ବ୍ୟବହାର କରିପାରିଥା'ନ୍ତେ। ମାତ୍ର ସେଠି କିଛି ଭିଆଇ ଓ ଭିଭିଆଇପି ଲୋକମାନଙ୍କୁ ସାଂସଦ ଗୁରୁତ୍ୱ ଦେଇ ସେଠି ନିର୍ମାଣ କଲେ। ଏଠି ହଜାର ହଜାର ସଂଖ୍ୟାରେ ସାଧାରଣ ଜନତାଙ୍କ ଦାବିକୁ ଅଣଦେଖା କରି ଦିଆଗଲା। ଫଳସ୍ୱରୂପ ଦୁର୍ଘଟଣା ଗୋଟେ ପରେ ଗୋଟେ ମୁଣ୍ଡ ନେବାରେ ଲାଗିଛି।

ଅନ୍ୟପକ୍ଷରେ କେବଳ ସକାଳ ବ୍ୟତୀତ ଦିନତମାମ ଏହି ଏଫ୍ଓବି ବ୍ୟବହାର ହେଉ ନ ଥିବାରୁ ସେଠି ଦିନସାରା ପ୍ରେମୀ ଯୁଗଳ ଓ ରିଲ୍ସ କରୁଥିବା ଯୁବକ/ଯୁବତୀଙ୍କ ଭିଡ଼ ଲାଗୁଛି। ସନ୍ଧ୍ୟା ନିଶାଦ୍ରବ୍ୟ ସେବନକାରୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଛି। ସେଠି ଲାଇଟ୍ ଆଢୁଆଳରେ ବସି ନିଶା ଦ୍ରବ୍ୟ ସେବନ କରିବା ସହ ନିଶା କାରବାର ହେଉଥିବା ଅଭିଯୋଗ ହେଉଛି। ସେହିଭଳି ପ୍ରେମୀ ଯୁଗଳମାନେ ମଧ୍ୟ ଏଫ୍ଓବି ତଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖଟି ଜମାଉଛନ୍ତି। ଏଫ୍ଓବି ଉପରେ ମଦ ବୋତଲ, ସିଗାରେଟ୍ ପ୍ୟାକେଟ୍, ଗୁଟଖା ଜରି, କଣ୍ଡୋମ ଆଦି ପଡ଼ିଥିବା ଦେଖିବାକୁ ମିଳୁଛି। ପ୍ରାୟ ୨କୋଟି ୭୫ ଲକ୍ଷ ଟଙ୍କାରେ ଏହି ଏଫ୍ଓବି ନିର୍ମାଣ ହୋଇଥିଲେ ବି ତା'ର ସଠିକ ରକ୍ଷଣାବେକ୍ଷଣ ହେଉନି। ଯେଉଁ ଠିକାସଂସ୍ଥା ଏହାର ଦାୟିତ୍ୱ ନେଇଛି, ସେ ଠିକ୍‌ରେ କାମ କରୁନି। ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଏଥିସହ ଖୁବ୍ ଶୀଘ୍ର ପାତ୍ରପଡ଼ା ଛକରେ ଆଉ ଏକ ଏଫ୍ଓବି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ପାତ୍ରପଡ଼ା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଦୁର୍ଘଟଣାରେ ଛାତ୍ରୀ ମୃତ୍ୟୁ ଘଟଣା

ଜାତୀୟ ରାଜପଥ ଅବରୋଧ କଲେ ବସ୍ତିବାସିନ୍ଦା

ଭୁବନେଶ୍ୱର, ୧୦।୮ (ସମିସ): ଥାର୍ ଗାଡ଼ି ଧକ୍କାରେ ଛାତ୍ରୀ ମୃତ୍ୟୁ ଘଟଣାରେ ରାସ୍ତାରୋକ କରିଛନ୍ତି ବସ୍ତିବାସିନ୍ଦା। ଗାଡ଼ି ଚାଳକ ଗିରଫ କରିବା ସହିତ ବିଭିନ୍ନ ଦାବି ନେଇ ଆଜି ପାତ୍ରପଡ଼ା ଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଘଣ୍ଟାଏ କାଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

କମିସନରେଟ ପୁଲିସରେ ଗୃହରକ୍ଷୀ ଡ୍ରାଇଭର ଭାବେ କାର୍ଯ୍ୟରତ ମାନସ ରାଉଳ, ପତ୍ନୀ ରେବତୀ, ଝିଅ ରେଶମା ଓ ପୁଅ ମାହି ସହ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି। ଗତକାଲି ରେବତୀ, ଝିଅ ରେଶମା ଓ ପୁଅ ମାହିକୁ ସାଙ୍ଗରେ ନେଇ ତାଙ୍କ ଭାଇକୁ

ଧରାପଡ଼ିଲା ଥାର୍; ଚାଳକ ଫେରାର

ରାକ୍ଷୀ ବାନ୍ଧିବାକୁ ପଟିଆ ଯାଇଥିଲେ। ସେଠାରୁ ଫେରି ପାତ୍ରପଡ଼ା ଭି୨ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ଥାର୍ ଗାଡ଼ି ଧକ୍କା ଦେଇଥିଲା। ଦୁର୍ଘଟଣାରେ ରେଶମା ମୃତ୍ୟୁବରଣ କରିଥିବାବେଳେ ମାଆ ଓ ପୁଅ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ତେବେ ଥାର୍ ଓ ସ୍କର୍ପିଓ ଗାଡ଼ି ରେସିଂରୁ ଏଭଳି ଦୁର୍ଘଟଣା ଘଟିଥିବାରୁ ଆଜି ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ।

ଭି୨ ଶୋ ରୁମ୍ ସାମ୍ନାରେ ଶତାଧିକ ଲୋକ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତାରୋକ ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମଟର ଅଟକି ରହିଥିଲା। ଗୋଟିଏ ପଟେ ଗୋହିରା ଓ ଆରପଟେ ଖଣ୍ଡଗିରି ପର୍ଯ୍ୟନ୍ତ ଗାଡ଼ି ଗୁଡ଼ିକ ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲା। ଗାଡ଼ି ଚାଳକର ଗିରଫଦାରୀ, ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଓ ସେହି ସ୍ଥାନିତ ନୂତନ ଫୁଟ ଓଭରବ୍ରିଜ ନିର୍ମାଣ କରିବା ଦାବିରେ ଲୋକମାନେ ଅଡ଼ି ବସିଥିଲେ। ଖବରପାଇ ଜୋନ୍ ଏସିପି ଓ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକାମ୍ର ବିଧାୟକ ବାବୁ ସିଂ ତାଙ୍କ ପ୍ରତିନିଧିଙ୍କୁ ପଠାଇବା ସହ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ଲୋକମାନଙ୍କ ଦାବିଗୁଡ଼ିକୁ ପୂରଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ସିଙ୍ଗାପୁରରେ ଚାକିରି ଆଳରେ ଠକେଇ

ବନ୍ଧାହେଲେ ଆଉ ଦୁଇ ଠକ

ଭୁବନେଶ୍ୱର, ୧୦।୮ (ସମିସ)

ସିଙ୍ଗାପୁରରେ ଚାକିରି ଆଳରେ ଶତାଧିକ ଚାକିରି ଆଶାୟୀଙ୍କୁ ଚୂନ ଲଗାଇଥିବା ଆଉ ୨ ଠକଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ

ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ଶ୍ରୀପତି ପାତ୍ର ଓରଫ୍ ଅଜୟ (୩୯) ଓ ରେଳ ବିହାରରେ ରହୁଥିବା ମିଳନ କୁମାର ସିଂ (୨୫)।

ପୁଲିସ ସୂଚନା ଅନୁସାରେ, ସଞ୍ଜୟ କୁମାର ଓରଫ୍ କୋଲି ସାଞ୍ଜିଲାଲ କାନବାଇ ଓ ଅଜୟ ପାତ୍ର ମିଶି ଜୟଦେବ ବିହାର ଠାରେ ଏକ ଇମିଗ୍ରେସନ୍ ପରାମର୍ଶଦାତା ସଂସ୍ଥା କରିଥିଲେ। ସଞ୍ଜୟ ଓ ଅଜୟ ମିଶି ସିଙ୍ଗାପୁରରେ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ଆଶାୟୀ ପ୍ରାର୍ଥୀଙ୍କୁ ଟଙ୍କା ମାଗିଥିଲେ। ନିର୍ମଳ ଚନ୍ଦ୍ର ସାହୁ ଓ କମଳ ଲୋଚନ ଦାଶ ଦ୍ୱାରା ଆଶାୟୀ ମାନଙ୍କ ଠାରୁ ଟଙ୍କା ସଂଗ୍ରହ କରାଯାଇଥିଲା। ଦୁଇ ଜଣ ପ୍ରତ୍ୟେକ ଆଶାୟୀଙ୍କ ଠାରୁ ଏକଲକ୍ଷ ଟଙ୍କା ଲେଖାଏଁ ସଂଗ୍ରହ କରିଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ଭୁବନେଶ୍ୱରରୁ ଚେନ୍ନାଇ ବିମାନ ଟିକଟ କରି ସମସ୍ତ ଆଶାୟୀଙ୍କୁ ଦେଇଥିଲେ।

- **୭୦ ଲକ୍ଷ ଟପିଲାଣି ଠକେଇ ପରିମାଣ**
- **ବିମାନରେ ଚେନ୍ନାଇ ଯାଇ ଫେରିଥିଲେ ଆଶାୟୀ**
- **ବିଦେଶ ଚାକିରି ଆଶାରେ ଫସିଛନ୍ତି ଶତାଧିକ**

ସେଠାରେ ପହଞ୍ଚିବା ପରେ ଚେନ୍ନାଇ ବିମାନ ବନ୍ଦରରେ ଏଜେଣ୍ଟଙ୍କ ଠାରୁ ଭିସା ନେଇ ସିଙ୍ଗାପୁର ଯିବାପାଇଁ କହିଥିଲେ। ଆଶାୟୀ ମାନେ ମଧ୍ୟ ସେମାନଙ୍କ କଥାକୁ ବିଶ୍ୱାସ କରି ଚେନ୍ନାଇ ଯାଇଥିଲେ। ହେଲେ ସେଠାରେ କୌଣସି ଏଜେଣ୍ଟଙ୍କ ଦେଖା ମିଳିନଥିଲା। ବୈଧ ଭିସା ନ ମିଳିବା ହେତୁ ସିଙ୍ଗାପୁର ଯାଇନପାରି ଓଡ଼ିଶା ଫେରି ଆସିଥିଲେ। ଆଶାୟୀମାନେ କନ୍ସଲଟାନସି ଅଫିସ ସହ ଯୋଗାଯୋଗ କରିବା ବେଳକୁ ସଂସ୍ଥା ବନ୍ଦ ହୋଇଯାଇଥିଲା।

ବଡ଼ ଧରଣର ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶାୟୀ ଅମୂଲ୍ୟ ସ୍ୱାଇଁ ସହିଦନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ନିର୍ମଳ ଓ କମଳ ଆଶାୟୀ ମାନଙ୍କ ଠାରୁ ଟଙ୍କା ସଂଗ୍ରହ କରିବା ପରେ ସଞ୍ଜୟ ଓ ଅଜୟଙ୍କୁ ପଠାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଗତ ଜୁନ୍ ମାସ ୨ ତାରିଖ ଦିନ ପୁଲିସ ନିର୍ମଳ ଓ କମଳକୁ ଗିରଫ କରିଥିଲା। ସେହିଠାରେ ଆକାଉଣ୍ଟାଣ୍ଟ ଭାବେ କାମ କରୁଥିବା ମିଳନ ମଧ୍ୟ ଠକେଇରେ ସଂପୃକ୍ତି ଥିବା ଜଣାପଡ଼ିଥିଲା। ଆଜି ମିଳନ ଓ ଅନ୍ୟତମ ମୁଖ୍ୟ କାର୍ପଟଦାର ଅଜୟକୁ ଗିରଫ କରିଛି।

ସେପଟେ ଠକେଇ ତାଲିକା ମଧ୍ୟ ବଢ଼ି ବଢ଼ି ଚାଲିଛି। ଠକେଇର ଶିକାର ହୋଇଥିବା ପ୍ରାୟ ୭୦ରୁ ଅଧିକ ବେକାର ଯୁବକ ଯୁବତୀ ସହିଦନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହାରି ଭିତରେ ଠକେଇ ପରିମାଣ ପ୍ରାୟ ୭୦ ଲକ୍ଷ ଟପିଲାଣି। ଆଗକୁ ଏହି ସଂଖ୍ୟା ବଢ଼ିବା ନେଇ ପୁଲିସ ଆଶା କରୁଛି। ସେପଟେ ଫେରାର ଥିବା ସଞ୍ଜୟ ଧରିବା ପାଇଁ ପୁଲିସ ଉଦ୍ୟମ ଚଳାଇଛି।

ଫୋନ୍ ଖୋଲିଲେ ଆକାଉଣ୍ଟ ଖାଲି ହୋଇଯାଉଛି

ପୁଣି ଦୁଇ ଜଣଙ୍କ ଆକାଉଣ୍ଟରୁ ୫ ଲକ୍ଷ ଠକେଇ

ଭୁବନେଶ୍ୱର,୧୦।୮ (ସମିସ): ହସ୍ପିଟାଲକୁ ଫୋନ କଲେ ଆକାଉଣ୍ଟ ହେଉଯାଉଛି ଗୋଲ। ଗୁଗୁଲରୁ ସର୍ଚ୍ଚ କରି ଫୋନ୍ କଲେ ହ୍ୟାକର ନେଇଯାଉଛି ଟଙ୍କା। ଏହିଭଳି ଜଣେ ବ୍ୟକ୍ତି ଗୁଗଲରୁ ହସ୍ପିଟାଲର ହେଲ୍ପଲାଇନ୍ ନମ୍ବର ସର୍ଚ୍ଚ କରି ୨୩ ହଜାର ଟଙ୍କାର ସାଇବର ଠକେଇର ଶିକାର ହୋଇଛନ୍ତି। ସେପଟେ କ୍ରେଡିଟ କାର୍ଡ ଠକେଇର ଶିକାର ହୋଇଛନ୍ତି ଜଣେ ବ୍ୟକ୍ତି। ସାଇବର ଠକ ତାଙ୍କ ଠାରୁ ୪ଲକ୍ଷ ୭୫ହଜାର ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ୨ଜଣ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାପାଙ୍କ ଦେହ ଖରାପ ହେବା ପରେ ବାଲୁଗାଁରୁ ଆସି ଭୁବନେଶ୍ୱରର ଏକ ମେଡ଼ିକାଲରେ ଦେଖାଇଥିଲେ। କିଛିଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଡିସଚାର୍ଜ ସାର୍ଟିଫିକେଟ ଓ ଅନ୍ୟ କିଛି ଡକ୍ୟୁମେଣ୍ଟ ପାଇଁ ଯୁବକ ଜଣଙ୍କ ଗୁଗୁଲରୁ ସର୍ଚ୍ଚ କରି ଯେତେବେଳେ କଲ କରିଥିଲେ ସେତେବେଳେ ସଂପୃକ୍ତ ନମ୍ବରରୁ କିଛି ଟଙ୍କା ପଠାଇବାକୁ କୁହାଯାଇଥିଲା। ୟୁପିଆଇ ଜରିଆରେ ଟଙ୍କା ପଠେଇବା ବେଳେ ଆକାଉଣ୍ଟରୁ କଟିଥିଲା ୨୩ ହଜାର ଟଙ୍କା। ଏହାକୁ ନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ହସ୍ପିଟାଲ ରିସେପ୍ସନ ନମ୍ବର ହ୍ୟାକ ହୋଇଥିବା କହିଛନ୍ତି ହସ୍ପିଟାଲ କର୍ତ୍ତୃପକ୍ଷ।

ହସ୍ପିଟାଲକୁ ଫୋନ କଲେ କଟି ଯାଉଛି ଟଙ୍କା

କ୍ରେଡିଟ୍ କାର୍ଡ ବନ୍ଦ କରାଇ ଦେବା ଆଳରେ ରାହୁଲ ସେଠୀ ଆକାଉଣ୍ଟରୁ ଠକ ୪ ଲକ୍ଷ ୭୫ ହଜାର ଟଙ୍କା ଲୁଟି ନେଇଛନ୍ତି। ରାହୁଲଙ୍କର ଏକ ଘରୋଇ ବ୍ୟାଙ୍କରେ କ୍ରେଡିଟ କାର୍ଡ ଥିଲା। ଏହାକୁ ସେ କିଛି ଦିନ ହେବ ବ୍ୟବହାର କରିନଥିଲେ। ଠକ ତାଙ୍କୁ ଫୋନ କରି ନିଜକୁ ଉକ୍ତ ବ୍ୟାଙ୍କର କର୍ମଚାରୀ ବୋଲି ପରିଚୟ ଦେଇଥିଲା। କ୍ରେଡ଼ିଟ କାର୍ଡ ବ୍ୟବହାର ନକଲେ ଟିକସ ପଡ଼ିବ, ଆପଣଙ୍କ ଆକାଉଣ୍ଟରୁ ଏହି ଟିକସ ଟଙ୍କା କଟିବ ବୋଲି ଠକ କହିଥିଲା। ଏହାକୁ ବନ୍ଦ କରି ଦେବାକୁ ଠକ ପରାମର୍ଶ ଦେଇଥିଲା। ତା' କଥାକୁ ବିଶ୍ୱାସ କରି ରାହୁଲ ଠକକୁ ତାଙ୍କ ପାସ୍ୱାର୍ଡ ଆଦି ଦେଇ ଦେଇଥିଲେ। ଏହାର କିଛି ସମୟ ପରେ ବିଭିନ୍ନ ଉପାୟରେ ଠକ ତାଙ୍କ ଆକାଉଣ୍ଟରୁ ୪ ଲକ୍ଷ ୭୫ ହଜାର ଟଙ୍କା ଲୁଟି ନେଇଥିଲା। ଏହା ଜାଣିବା ପରେ ରାହୁଲ ସ୍ଥାନୀୟ ଥାନାରେ ଗତ ଜାନୁଆରୀ ୬ରେ ଅଭିଯୋଗ କରିଥିଲେ। ସେଠାରେ କୌଣସି ସୁଫଳ ନମିଳିବାରୁ ରାହୁଲ ଶୁକ୍ରବାର ସାଇବର ଥାନାରେ ଅଭିଯୋଗ କରିଛନ୍ତି।

ବଧୂହତ୍ୟା ଅଭିଯୋଗ; ମହିଳାଙ୍କ ସ୍ୱାମୀ ଗିରଫ

ଭୁବନେଶ୍ୱର,୧୦।୮ (ସମିସ): ରାଜଧାନୀରେ ଯୌତୁକ ଜନିତ ପାଇଁ ବଧୂହତ୍ୟା ଅଭିଯୋଗରେ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିକ୍ରମ ନାୟକ। ମୃତ ମହିଳାଙ୍କ ନାଁ ତୃପ୍ତି ନାୟକ। ମହିଳାଙ୍କ ଘର ଭୁବନେଶ୍ୱରର ଚନ୍ଦକା ଥାନା ଅନ୍ତର୍ଗତ ଅନ୍ଧାରୁଆରେ। ଗତ ଫେବୃଆରୀ ମାସରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ଜାକେଲା ଗାଁର ପଦିଆ ନାୟକଙ୍କ ପୁଅ ବିକ୍ରମ ନାୟକଙ୍କ ସହିତ ତାଙ୍କର ୨୦୨୫ ଫେବୃୟାରୀ ବିବାହ ହୋଇଥିଲା। ସେମାନେ ଏବେ ମଞ୍ଚେଶ୍ୱର ଥାନା ଧୃରୁକୁଟି ସାହିରେ ରହୁଛନ୍ତି। ତୃପ୍ତିଙ୍କ ବାପା ସୁବାସ ନାୟକ ମଞ୍ଚେଶ୍ୱର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି ଯେ ବିବାହ ପରଠାରୁ ଶାଶୂ ଘର ଲୋକେ ତାଙ୍କ ଝିଅକୁ

ଘରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା ମୃତଦେହ

ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଝିଅକୁ ତା' ଶାଶୂ ସବିତା ନାୟକ, ଶ୍ୱଶୁର ପଦିଆ ନାୟକ, ନଣନ୍ଦ ରୋଜି ଓ ପ୍ରୀତି ଏବଂ ଭିଣୋଇ ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିଲେ। ତେଣୁ ଆମ ଝିଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ଆମେ ଅନୁମାନ କରୁଛୁ। ଘଟଣାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ମହିଳାଙ୍କ ବାପା ଦାବି କରିଛନ୍ତି। ପୁଲିସ ଅଭିଯୋଗ ପାଇବା ପରେ ତୃପ୍ତିଙ୍କ ସ୍ୱାମୀ ବିକ୍ରମ ନାୟକ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ବିକ୍ରମଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ସହିତ ହତ୍ୟା ମାମଲା ରୁଜୁ କରିଛି ପୁଲିସ ଘଟଣାର ତଦନ୍ତ ଜାରି ରହିଛି। ପୁଲିସ କହିବା ଅନୁସାରେ, ସ୍ୱାମୀ,ସ୍ତ୍ରୀ ଗତକାଲି ଗୋଟିଏ ରୁମ୍‌ରେ ଶୋଇଥିଲେ। ସକାଳୁ ଉଠିବା ବେଳେ ତୃପ୍ତି ନାୟକଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ ସ୍ୱାମୀ। ସେ ବଞ୍ଚିଥିବା ଭାବି ମେଡ଼ିକାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପୁଲିସ କହିଛି। ପ୍ରଥମେ ସ୍ୱାମୀକୁ ଗିରଫ କରାଯାଇଛି ପରେ ଶାଶୂ ଏବଂ ଅନ୍ୟମାନଙ୍କୁ ଭୂମିକା ଆସିବା ପରେ ଗିରଫ କରାଯିବ ବୋଲି ପୁଲିସ କହିଛି।

ଘର ମାଲିକାଣୀଙ୍କୁ ଆକ୍ରମଣ କରି ଭଡ଼ାଟିଆ ଗିରଫ

ଭୁବନେଶ୍ୱର, ୧୦।୮ (ସମିସ): ଘର ମାଲିକାଣୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଭଡ଼ାଟିଆକୁ ଗିରଫ କରିଛି ଶ୍ରୀଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାମନ୍ତରାପୁର ପିଏଚଡି କଲୋନୀରେ ରହୁଥିବା ଅରକ୍ଷିତ ମହାପାତ୍ର ଓରଫ୍ ପଲୁ (୨୫)।

ପୁଲିସ ସୂଚନା ଅନୁସାରେ, ପଲୁର ପରିବାର ୫/୬ ବର୍ଷ ହେବ ବରିଷ୍ଠ ନାଗରିକ ମନୋରମା ଦାସଙ୍କ ଘରେ ଭଡ଼ାରେ ରହି ଆସୁଛନ୍ତି। ଠିକ୍ ସମୟରେ ଭଡ଼ା ଦେଉନଥିବାରୁ ମନୋରମା ଦୀର୍ଘଦିନ ହେବ ଘର ଛାଡ଼ିବାକୁ କହି ଆସୁଥିଲେ ମଧ୍ୟ ସେମାନେ ଛାଡୁ ନାହାନ୍ତି। ଗତକାଲି ରାତିରେ ଏହି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଲୁ ଘର ମାଲିକାଣୀ ମନୋରମକଙ୍କୁ କାଠ ପଟାରେ ଆକ୍ରମଣ କରିଥିବା। ଫଳରେ ତାଙ୍କ ମୁଣ୍ଡରୁ ରକ୍ତ ବାହାରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ଓ ପରେ ଏମସ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ମନୋରମାଙ୍କ ଝିଅ ଶ୍ରୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପଲୁକୁ ଗିରଫ କରିବା ସହ କାଠ ପଟା ଜବତ କରିଥିଲା।

ୱାର୍ଡ ଅଫିସ୍ ଭାଙ୍ଗିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୦।୮ (ସମିସ): ଲକ୍ଷ୍ମୀସାଗର ଥାନା ୪୫ ନମ୍ବର ୱାର୍ଡ ଅଫିସକୁ ପଶି କେହି ଦୁର୍ବୃତ୍ତ ଭାଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ୱାର୍ଡ ଅଫିସର ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଉକ୍ତ ଅଫିସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୁଲିସ ତଦନ୍ତ କରୁଛି। ଗତକାଲି ରାତିରେ କେହି ଦୁର୍ବୃତ୍ତ ଆସି ଅଫିସ ଭିତରେ ପଶିଥିଲେ। କେହି ନ ଥିବାର ସୁଯୋଗ ନେଇ ପଥରରେ କାଚ ଭଙ୍ଗାରୁଜା କରିଥିଲେ। ପୁଲିସ୍ ସିସିଟିଭି ଯାଞ୍ଚ କରିବା ପରେ ଅଭିଯୁକ୍ତକୁ ଚିହ୍ନଟ କରିଥିବା ଜଣାପଡିଛି। ଜଣେ ଯୁବକ ହ୍ୟାଫ୍ ପ୍ୟାଣ୍ଟ ପିନ୍ଧି ଅଫିସ ଭିତରେ ପଶି ଦୁଇଟି ପଥର ଧରି ଭଙ୍ଗାରୁଜା କରିଥିବାର ଦେଖିବାକୁ ମିଳିଛି।

ସିପି, ଡିସିପି ଅଫିସ ପାଲଟିଛି ଥଇଥାନ କେନ୍ଦ୍ର

ବିନାକାମରେ ବସିଛନ୍ତି ମାଳମାଳ ଅତିରିକ୍ତ ଡିସିପି

ଭୁବନେଶ୍ୱର,୧୦।୮ (ସମିସ)

ମାମୁ ଘରେ ଗୋଟେ ଗାଈ, ରାତି ପାହିଲେ ମୋଟେ ନାହିଁ। ଏହି ଲୋକ କଥା କମିସନ୍‌ରେଟ୍ ପୁଲିସରେ ଦେଖିବାକୁ ମିଳିଛି। କାରଣ ସିପି ଏବଂ ଡିସିପି ଅଫିସରେ ଅନେକ ଅତିରିକ୍ତ ଡିସିପିଙ୍କୁ ନିଯୁକ୍ତି କରାଯାଇଛି। ସେମାନେ କେବଳ ନାମକୁ ମାତ୍ର ସେଠାରେ ଗାଦି ମାଡ଼ି ବସି ରହିଛନ୍ତି। ଏପଟେ ରାଜଧାନୀର ଆଇନ୍ ଶୃଙ୍ଖଳା ବିଗୁଡୁଥିବା ବେଳେ ଏମାନେ କେବଳ ଏସି ରୁମ୍‌ରେ ବସି ବସି ସନ୍ଧ୍ୟାରେ ଘରକୁ ଫେରୁଛନ୍ତି। ନା ସେମାନେ ଅପରାଧ ରୋକି ପାରୁଛନ୍ତି ନା ସେମାନେ ଆଇନ୍ ଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣ କରୁଛନ୍ତି। କେବଳ ସିପି ଏବଂ ଡିସିପି ଅଫିସରେ ବସି ବସି ଗୁଇନ୍ଦାଗିରି କରୁଛନ୍ତି। ପୁଲିସର ବିଭାଗର ଗୁଇନ୍ଦା ବିଭାଗ ଥିବା ବେଳେ ଏମାନେ କେଉଁ ପ୍ରକାର ଗୁଇନ୍ଦା କରି କରୁଛନ୍ତି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କିଛି ପୁଲିସ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏହି ଅତିରିକ୍ତ ଡିସିପିମାନେ ସକାଳୁ ଅଫିସ ଆସୁଛନ୍ତି। କିଛି କାମ ନ ଥିବାରୁ କମିସନ୍‌ରେଟ୍ ପୁଲିସର ଏକାଧିକ ଥାନା ଅଧିକାରୀ, ଏସିପି ଏବଂ ଅନ୍ୟ ପୁଲିସ ବିଷୟରେ ଖବର ସଂଗ୍ରହ କରୁଛନ୍ତି। ଆହୁରି ମଧ୍ୟ ତାଙ୍କ ବୋଲ ମାନୁଥିବା ଥାନା ଅଧିକାରୀଙ୍କୁ କେଉଁଠି ଥଇଥାନ କରାଯିବ ସେମାନେ ସେଥିରେ ବ୍ୟସ୍ତ ରହୁଛନ୍ତି। କେଉଁ ଥାନା ଅଧିକାରୀ ଏବଂ ଏସିପି ସେମାନଙ୍କ ବୋଲ ମାନୁନାହାନ୍ତି, ସେମାନଙ୍କୁ କେଉଁ ଆଡୁକୁ ବଦଳି କରାଯିବ ତାହା ଯୋଜନା କରୁଛନ୍ତି। ବଡ଼ କଥା ହେଲା ସେମାନଙ୍କୁ ଡିସିପି

ଆଇନ୍ ଶୃଙ୍ଖଳା ବିଗୁଡୁଥିବା ବେଳେ ଏମାନଙ୍କ ଦେଖା ମିଳୁନି

ଏବଂ ସିପି ଅଫିସରେ କାମ କ'ଣ କରୁଛ ବୋଲି ପଚାରିଲେ ସେମାନେ କହୁଛନ୍ତି ଆମେ ଆଇନ୍ ଶୃଙ୍ଖଳା ମନିଟରିଂ କରୁଛୁ। ଆଉ କାହାକୁ ପଚାରିଲେ ସେମାନେ ସିସିଟିଭି ମନିଟରିଂ କରୁଥିବା କହୁଛନ୍ତି। ଅନେକ ଅତିରିକ୍ତ ଡିସିପି ଏସ୍‌ପି ର୍‍ୟାଙ୍କ୍‌କୁ ପଦୋନ୍ନତି ପାଇଥିଲେ ମଧ୍ୟ ସେମାନଙ୍କୁ ପୋଷ୍ଟିଂ ମିଳିନି। ସେମାନେ କେବଳ ନାମକୁ ମାତ୍ର ସେଠାରେ ପଡ଼ି ରହିଛନ୍ତି। ନା କାମ କରୁଛନ୍ତି ନା ରାଜଧାନୀରେ ଅପରାଧକୁ ରୋକିବାରେ ସହାୟତା କହୁଛନ୍ତି। ମିଳିଥିବା ସୂଚନା ଅନୁସାରେ ୨ ଅଫିସରେ ୧୫ରୁ ଅଧିକ ଅତିରିକ୍ତ ଡିସିପି ଅଛନ୍ତି। ଏମାନଙ୍କୁ କେବେ ଦେଖିବାକୁ ମିଳୁନି। ରାଜଧାନୀ ବନ୍ଦ, ରାଲି, ଧାରଣ ଏବଂ ଅନ୍ୟ ବଡ଼ ଘଟଣାରେ ଦେଖିବାକୁ ମିଳିବ। ନ ହେଲେ ଏମାନଙ୍କୁ ଦେଖିବାକୁ ମିଳିବ ନାହିଁ।

ବଡ଼କଥା ଏଠାରେ ଅତିରିକ୍ତ ଡିସିପି ର୍‍ୟାଙ୍କ୍‌ର ଅଧିକାରୀ ଏବଂ ଅନ୍ୟ କିଛି ଅଫିସରଙ୍କୁ ଏଠାରେ ଥଇଥାନ କେନ୍ଦ୍ରଭାବେ ରଖାଯାଇଛି। କାରଣ ସେମାନେ ରାଜଧାନୀରେ ୧୫ ବର୍ଷରୁ ଅଧିକ ବର୍ଷ ହେବ ରହିଲେଣି। ସାଧାରଣ ନିର୍ବାଚନ ପୂର୍ବରୁ ଏମାନଙ୍କୁ ଅନ୍ୟ ପୁଲିସ ଜିଲ୍ଲାକୁ ବଦଳି କରାଯାଇଥିଲା। କିନ୍ତୁ ନିର୍ବାଚନ ଶେଷ ପରେ ସେମାନଙ୍କୁ ପୁଣି ଡିସିପି, ସିପି ଅଫିସରେ ଥଇଥାନ୍ କରାଯାଇଛି। ଏମାନଙ୍କ ହାତ ଉପରଲେବୁଲ ପର୍ଯ୍ୟନ୍ତ ଭଲ ଥିବାରୁ ଏମାନେ ଏଠାରେ ପଡ଼ି ରହିଛନ୍ତି। ଏହି ଅଧିକାରୀମାନଙ୍କୁ ହାତ ଲଗାଇବାକୁ ମଧ୍ୟ ବଡ଼ ଅଧିକାରୀମାନେ ସାହାସ କରୁନାହାନ୍ତି। ଯେଉଁଥି ପାଇଁ ଏମାନେ ଆଇନ୍ ଶୃଙ୍ଖଳା ଠିକ୍ କରିବା ବଦଳରେ ଏଠାରେ ଗୁଇନ୍ଦାଗିରି କରୁଛନ୍ତି।

ଆଇପିଏସ୍ ବଦଳରେ ଓପିଏସ୍‌ଙ୍କୁ ଦାୟିତ୍ୱ

ରାଜଧାନୀରେ ଟ୍ରାଫିକ୍ ସମସ୍ୟା ଏବେ ଜଟିଳ ହେବାରେ ଲାଗିଛି। ହେଲେ ଏଠାରେ ଟ୍ରାଫିକ୍ ଡିସିପି ଜଣେ ଦକ୍ଷ ଆଇପିଏସ୍‌ଙ୍କୁ ନିଯୁକ୍ତି ଦେବା ଆବଶ୍ୟକତା ରହିଛି। ହେଲେ ସାଗରିକା ନାଥ, ଏସ୍.ସୁଶ୍ରୀଙ୍କ ପରେ କୌଣସି ଆଇପିଏସ୍‌ଙ୍କୁ ନିଯୁକ୍ତି ଦିଆଯାଇନାହିଁ। କେବଳ ଓପିଏସ୍‌ଙ୍କୁ ନିଯୁକ୍ତି କରାଯାଇଛି। ଯେଉଁଥି ପାଇଁ ଟ୍ରାଫିକ୍ ସମସ୍ୟା ସୁଧୁରିବା ବଦଳରେ ବିଗିଡ଼ିବାରେ ଲାଗିଛି। ଜଣେ ଓପିଏସ୍ ଅଧିକାରୀ ପ୍ରଦୋନ୍ନତି ପାଇ ଓପିଏସ୍ ହୋଇଥିବା ବେଳେ ଜଣେ ଆଇପିଏସ୍ ନିଜର ଜ୍ଞାନ ଏବଂ ଦକ୍ଷତା ବଦଳରେ ଆଇପିଏସ୍ ହେଉଛନ୍ତି। ତେଣୁ ସେମାନଙ୍କୁ ଦାୟିତ୍ୱ ଦିଆଗଲେ ସେମାନେ ସେମାନେ ସେଥିରେ ସୁଧାର ଆଣିପାରିବେ। ଟ୍ରାଫିକ୍ ଡିସିପି ସାଗରିକା ନାଥ ଥିବା ସମୟରେ ରାଜଧାନୀରେ ଟ୍ରାଫିକ୍ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଥିଲା। କିନ୍ତୁ ପରେ ଯେଉଁ କଥାକୁ ସେହି କଥା ହୋଇଗଲା।

ଭୁବନେଶ୍ୱର ସିଟି

ଚାରି ମାସ ହେଲା ଖୋଳି ଚାଲିଗଲେ

ଭୁବନେଶ୍ୱର, ୧୦।୮ (ସମିସ)

କଳିଙ୍ଗବିହାର କେ-୪ ପମ୍ପ ହାଉସ ନିକଟସ୍ଥ ଏକ ରାସ୍ତା କ୍ରିଷ୍ଣା ମେଡିସିନ୍ ଷ୍ଟୋର ପାଖରୁ ଏକାମ୍ର ରେସିଡେନ୍ସି ପର୍ଯ୍ୟନ୍ତ ଯାଇଛି। ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଲାଣି। ପୁନଃନିର୍ମାଣ ଆଳରେ ଏହି ରାସ୍ତାଟିକୁ ୪ମାସ ତଳୁ ବୁଲଡୋଜର ଲଗାଇ ତଡ଼ାଗଲା। ହେଲେ ପୁନଃନିର୍ମାଣ ହେଉ ନାହିଁ। ରାସ୍ତାକୁ ଖଣ୍ଡିଆ ଖାବରା କରି ଠିକାଦାର ଚମ୍ପଟ ମାରିଲେଣି। ଫଳରେ ବର୍ଷାଦିନେ ରାସ୍ତା ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ବେଳେ ଖାଲଖମାରେ ବର୍ଷା ପାଣି ଜମି ଦୁର୍ଘଟଣାର କାରଣ ପଲଟିଛି।

ଏହି ରାସ୍ତାର ଉଭୟପାର୍ଶ୍ୱରେ ଘର ରହିଛି। କେ-୪ ଅଞ୍ଚଳର ପ୍ରାୟ ୩ ଶହ ପରିବାର ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତାରେ ୧୪ ନମ୍ବର ଆମ ବସ୍ ଯାତାୟତ କରୁଛି। ବିଭିନ୍ନ ସମୟରେ ଆମ୍ବୁଲାନ୍ସ ମଧ ରୋଗୀ ନେଇ ଯାଆ ଆସ କରୁଛି। ଖଣ୍ଡିଆ ଖାବରା ରାସ୍ତାରେ ଯାତାୟତ ଆହୁରି ବିପଦଜନକ ହୋଇପଡୁଛି ବୋଲି ସ୍ଥାନୀୟ ସ୍ୱେଚ୍ଛାସେବୀ ଶିଶିର କୁମାର ମହାନ୍ତି କହିଛନ୍ତି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିବାକୁ ଏହିରେ ଯାତାୟତ କରିବାକୁ କେହି ପସନ୍ଦ କରୁ

ରାସ୍ତାସାରା ଖାଲଖମା; ଲୋକେ ହନ୍ତସନ୍ତ

ନାହାନ୍ତି। ରାତିରେ ଅନେକ ସମୟରେ ଷ୍ଟ୍ରିଟ୍ ଲାଇଟ୍ ଜଳୁନି। ତେଣୁ ରାସ୍ତା ଅବସ୍ଥା ଖରାପ ହେବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

ମିଳିଥିବା ସୂଚନା ମୁତାବକ ବିଡିଏ ପକ୍ଷରୁ ଏଠାରେ ଏକାମ୍ର ରେସିଡେନ୍ସି ନିର୍ମାଣ ହୋଇଛି। ଏହାକୁ ଉଦ୍‌ଘାଟନ କରିବାକୁ ଯୋଜନା ହୋଇଥିଲା। ଏଣୁ ତରବରିଆ ଭାବେ ରାସ୍ତା ଖୋଳି ନୂତନ ରାସ୍ତା ନିର୍ମାଣ କରାଯିବାକୁ ବିଡିଏ ଠିକାଦାରଙ୍କୁ କହିଲା। ହେଲେ କୌଣସି କାରଣରୁ ବିଡିଏର ଏହି ଯୋଜନା ବିଳମ୍ବ ହୋଇଗଲା। ଏଣୁ ବିଡିଏ ଅଧିକାରୀ ଏବଂ ଠିକାଦାର ଏହି ରାସ୍ତାକୁ ଖଣ୍ଡିଆ ଖାବରା କରି ଚାଲିଗଲେ। ପୁଣି ଯେବେ ଉଦ୍‌ଘାଟନ ଯୋଜନା ହେବ ସେବେ ହିଁ ରାସ୍ତା ନିର୍ମାଣ ହେବ। ବିଡ଼ିଏ ଏଭଳି ମନମୁଖୀ କାର୍ଯ୍ୟକଳାପକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏନେଇ ପୂର୍ବତନ କର୍ପୋରେଟର ଦିଲ୍ଲୀପ ମାଝୀ କହିଛନ୍ତି ବିଡ଼ିଏ ଏହି ରାସ୍ତା ଖୋଳି ଚାଲି ଯାଇଛି। ସେ ଏଭଳି କରି ଲୋକଙ୍କୁ ହଇରାଣ କରୁଛି। ତୁରନ୍ତ ରାସ୍ତା କାମ ଆରମ୍ଭ କରାଯାଉ।

ଜୀବନର କେତେ ରଙ୍ଗ

ମାଟିକୁ ଜୀବନ ଦେଉଛନ୍ତି ଅରୁଣ

ଭୁବନେଶ୍ୱର,୧୦।୮ (ସମିସ): ମାଟି ମଣିଷର ସମ୍ପର୍କ ଆଦିମ। ମାଟିକୁ ନେଇ ମଣିଷ ସ୍ୱପ୍ନ ଦେଖେ। ଜୀବନର ମହୁଲ ଫୁଲ ଗୋଟାଏ। ତା'ରି ହାତ ପାଆନ୍ତାରେ ସେ ଚାହୁଁଥିବା ସବୁ କିଛି ସେଇ ମାଟି ଉପରେ ଥାଇ ଗଢ଼େ, ଭାଙ୍ଗେ ଆଉ ସାଇତି ରଖେ। ମାଟିରେ ପାଦ ଥୋଇ ସେ ଯାହା ପାଇଁ କରେ ପ୍ରାର୍ଥନା। ଯାହା ପାଖରେ ବାନ୍ଧେ ମାନସିକର ଡୋରୀ ସେ ଭୁଲିଯାଇଥାଏ ତା'କୁ ବି ସେ ଗଢ଼ିଛି। ମାଟି ଦେହରେ ଜୀବନ ଫୁଙ୍କି ସେ ଜଡ଼କୁ ଦିଏ ଚେତନା। କିଏ କହେ କାରିଗର। ଟିକେ ନିରେଖି ଦେଖିଲେ ଦିଶେ ମୂର୍ତ୍ତି ଗଢ଼ାଳି। ସେତକ ହିଁ ଜୀବନ, ସେଇ ହିଁ ଜୀବିକା। ଏହି ଜୀବିକାକୁ ନିଜର ୪୦ ବର୍ଷ ସମର୍ପିଥିବା ମଣିଷ

ହେଉଛନ୍ତି ପୁରୁଣା ଭୁବନେଶ୍ୱରର ଅରୁଣ ମହାପାତ୍ର। ସେ ବର୍ଷ ବର୍ଷ ଧରି ଗଢି ଚାଲିଛନ୍ତି ମାଟିର ମୂର୍ତ୍ତି, କେବେ ପେଟ ପାଇଁ ତ କେବେ ପିଲାଙ୍କ ସ୍ୱପ୍ନ ଗଢିବା ପାଇଁ। ନିଜ ଭିତରେ ସିମୀତ ନରଖି ଅନେକ କାରିଗରଙ୍କୁ ନିଜ ସହ ଯୋଡିଛନ୍ତି। ସେ ପିଲା ଦିନରୁ ତାଙ୍କ ବାପାଙ୍କୁ ମୂର୍ତ୍ତି ଗଢିବା ଦେଖି ଶିଖିଛନ୍ତି। ମାଟି ଓ ପାଣିରେ ତାଙ୍କ ହାତ ପିଲା ଦିନରୁ ହିଁ ବାଜିଛି। ହେଲେ ବର୍ତ୍ତମାନର ପିଢି ଆଗ ପରି ଏହି କାରିଗରୀ ପ୍ରତି ଇଚ୍ଛୁକ ନୁହଁ। ଏଥିରେ ପରିଶ୍ରମ ଅଧିକା ହେବା ସହ ଧୀରେ ଧୀରେ ପ୍ରତିଯୋଗିତା ବଢିଲାଣି ସେଥିପାଇଁ ଆଉ ନୂଆ ପିଢିର କାରିଗର ଦେଖିବାକୁ ମିଳୁନାହାନ୍ତି। ଆହୁରି କୁହନ୍ତି ପୂଜା ପର୍ବରେ ପରିବାର ଚଳେ ହେଲେ ଅନ୍ୟ ସମୟରେ ରୋଜଗାରର ଅନ୍ୟ ବାଟ ଖୋଜିବାକୁ ପଡେ କାରଣ ମୂର୍ତ୍ତିର ଚାହିଦା କେବଳ ପୂଜା ସମସରେ ହିଁ ଦେଖିବାକୁ ମିଳେ। ଅନ୍ୟ ସମୟରେ ତାଙ୍କ ପରି ଆହୁରି କାରିଗର ଭିନ୍ନ ଭିନ୍ନ ବାଟରେ ରୋଜଗାର କରି ପରିବାର ପୋଷନ୍ତି। ମାଟି ଓ ନଡାର କିଣା ମୂଲ୍ୟ ବଢିବା ସହ ଏପଟେ ବିକ୍ରି କମିବାରୁ ପରିବାର ପୋଷିବା କଷ୍ଟକର ବୋଲି ସେ କହିଥିଲେ।

ଓଡ଼ିଆ ଯୁବ କବି ସମ୍ମିଳନୀ -୨୦୨୫

ଭୁବନେଶ୍ୱର,୧୦।୮ (ସମିସ)

ଓଡିଶା ରାଜ୍ୟ ସଂସ୍କୃତି, ଭାଷା, ସାହିତ୍ୟର ଅବିହିତ ନୂଆ ପ୍ରେରଣା ଦାୟୀ ପ୍ରୟାସ ଓଡ଼ିଆ ଯୁବକମାନଙ୍କ ମଧରେ ନୂତନତ୍ୱର ଏକ କବିତା ଶବ୍ଦ ଗୁଞ୍ଜନର ସମ୍ଭାର ନେଇ ସୃଷ୍ଟି ଓଡ଼ିଆ ଯୁବ କବି ସମ୍ମିଳନୀ-୨୦୨୫ ପ୍ରୋଜେଟ ପଏଣ୍ଟ ଓଡିଶା ଦ୍ୱରା ଆୟୋଜିତ ହୋଇଛି। ପ୍ରାଥମିକସ୍ତରରେ ଆଗନ୍ତୁକ ଯୁବକବିମାନଙ୍କ କବିତା ପାଠ ପରେ ପରେ ଭାରତ ଯୁବ ଶକ୍ତି ସମ୍ମାନ, ଆଦିତ୍ୟ ସେବା ସମ୍ମାନ ପ୍ରଦାନ ସହିତ ରାଜ୍ୟର ପ୍ରତ୍ୟକ ଜିଲ୍ଲାରୁ ଯୁବ କବିମାନଙ୍କୁ ମୁଖ୍ୟ ଅତିଥି ବିଧାୟକ ବାବୁ ସିଂ ସମ୍ମାନିତ କରିଥିଲେ। ସମ୍ମାନିତଅତିଥି ଜଗନ୍ନାଥ ପ୍ରଧାନ, ମୁଖ୍ୟବକ୍ତା କବି ନିହାର ରଞ୍ଜନ ପ୍ରଧାନ, କବି ରାକେଶ କୁମାର ପଣ୍ଡା, ସତ୍ୟପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରୋଜେକ୍ଟ ପଏଣ୍ଟର ଅଧକ୍ଷ ଡ. ସଂଗ୍ରାମ କେଶରୀ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡା. ଇପ୍‌ସିତା ଷଡ଼ଙ୍ଗୀ ଯୁବ କବି ସମ୍ମିଳନୀକୁ ପରିଚାଳନା କରିଥିବା ବେଳେ ପ୍ରସନ୍ନ ଭୋଇ ଧନ୍ୟବାଦ ଦେଇଥିଲେ। ଭାରତୀୟ ସଂସ୍କୃତି ବିଭାଗ, ଓଡିଶା ସାହିତ୍ୟ ଏକାଡେମୀ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପ୍ରୋଜେକ୍ଟ ପଏଣ୍ଟ ର ମିଳିତ ପ୍ରଚେଷ୍ଟାରେ ଓଡିଶା ଯୁବକବି ସମ୍ମିଳନୀ ୨୦୨୫ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଂଶୀଧର ଷଡ଼ଙ୍ଗୀ, ସମ୍ମାନିତଅତିଥି ଭାବେ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମନ୍ମଥ ରାଉତରାୟ, ଅର୍ଜୁନ ପ୍ରଧାନ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସେକ ଗୁଲଜାର ହୁସେନ, ମୁଖ୍ୟବକ୍ତା ଭାବେ ଅଭୟ ନାୟକ ଉପସ୍ଥିତ ରହି କୃତିତ୍ୱ ଅର୍ଜନ କରି ଥିବା ଯୁବ କବିମାନଙ୍କୁ ସମ୍ମାନିତ କରିଥିଲେ। ଡ. ଇପ୍‌ସିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

ଭାଦ୍ରବ ରବିବାର ଖୁଦୁରୁକୁଣୀ ଓଷା ଅବସରରେ କୁଆଖାଇ କୂଳରେ ବାଲୁକା ଦେଉଛନ୍ତି କୁମାରୀମାନେ

ନୃତ୍ୟଗୀତରେ ଦୁଲୁକିଲା, ରସାବଳିରେ ମହକିଲା ନୂଆଦିଲ୍ଲୀ

ଭୁବନେଶ୍ୱର, ୧୦।୮ (ସମିସ): ଶ୍ରୀ ବଳଦେବଜୀଉଙ୍କର ଜନ୍ମ ଦିବସ ଅବସରରେ ନୂଆଦିଲ୍ଲୀର ହାଉଜ୍‌ଖାସ୍ ମନ୍ଦିରରେ ରସାବଳୀ ଦିବସ ପାଳନ କରାଯାଇଛି। ଶ୍ରୀ ନୀଳାଚଳ ସେବାସଙ୍ଘ ଓ ଓମ ସାଇ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମହାପାର୍ବଣ ଉପଲକ୍ଷେ ଉତ୍ସବସ୍ଥଳ ନୂଆଦିଲ୍ଲୀସ୍ଥିତ ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରର ବେଶମେଣ୍ଟକୁ ସଜାଯାଇଥିଲା। ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହିତ ସାମିଲ ହୋଇଥିଲା। ସମାବେଶକୁ ସମ୍ବୋଧନ କରି ଶ୍ରୀ ନୀଳାଚଳ ସେବାସଙ୍ଘର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ବଳଦେବଜୀଉଙ୍କ ପାଖରେ ଲାଗି ହେଉଥିବା ପ୍ରସିଦ୍ଧ ମିଠାଇ ଭୋଗ ରସାବଳୀକୁ ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ଭକ୍ତ ମାନଙ୍କ ପାଇଁ ଉପଲବ୍ଧ କରାଯାଇ ପାରିଥିବାରୁ ଖୁସି ବ୍ୟକ୍ତ କରିଥିଲେ।

ଏଥିରେ ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ପୂର୍ବତନ ରାଷ୍ଟ୍ରଦୂତ ଅମରେନ୍ଦ୍ର ଖଟୁଆ, ବରିଷ୍ଠ ପ୍ରସାଶକ ଗୋକୁଳ ପଟନାୟକ, ପ୍ରସନ୍ନ କୁମାର ଦାଶ, ସତ୍ୟ ନାରାୟଣ ସାହୁ, ଶ୍ରୀଦେବ ନନ୍ଦ, ବିଭୁତି ଦାସ, ଆଲୋକ ପାଢ଼ୀ, ଆଶିଷ ସିଂହ ଓ ଉଦୟ ଇଣ୍ଡିଆର ଗ୍ରୁପ ସମ୍ପାଦକ ଦୀପକ ରଥ ପ୍ରମୁଖ ରସାବଳୀ ଭଳି ମଧୁର ମିଠାର ମହକକୁ ଦିଲ୍ଲୀରେ ପ୍ରସାରିତ କରିବା ନେଇ ସଂଗଠକ ମାନଙ୍କର ସାଧୁ ଉଦ୍ୟମକୁ ଭୂରୀ ଭୂରୀ ପ୍ରଶଂସା କରିଥିଲେ। ସଭାରେ ଆଗନ୍ତୁକ ମାନଙ୍କୁ ରସାବଳୀରେ ଆପ୍ୟାୟିତ କରାଯିବା ସାଙ୍ଗକୁ ବହୁ ପ୍ରତିଭାବାନ ବ୍ୟକ୍ତିବିଶେଷ, ରସାବଳୀ ପ୍ରସ୍ତୁତକାରୀ, ସାଂସ୍କୃତିକ ଟ୍ରୁପ ଏବଂ ମନ୍ଦିରର ପୂଜାରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରସାବଳୀ ଦିବସର କଣ୍ଠଶିଳ୍ପୀ ଡ଼ଃ ଜୟଶ୍ରୀ ଧଳଙ୍କ ଦ୍ୱାରା ପରିବେଷିତ ରସାବଳୀ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା। ଓଡିଶୀ ନୃତ୍ୟାଙ୍ଗନା କବିତା ଦ୍ୱିବେଦୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣ ପ୍ରଭା ପତି ଓ ଅଭିଷେକ ମହାନ୍ତି ସଂଚାଳନା କରିଥିଲେ। ରସାବଳୀ ଦିବସର ଭବ୍ୟ ଆୟୋଜନକୁ ଓମ ସାଇଟ୍ରଷ୍ଟର ଅଧକ୍ଷା ଜ୍ୟୋସ୍ନାମୟୀ ପରିଡା, ରଶ୍ମିତା ଖଟୁଆ ଏବଂ ଟିମ ପରିଚାଳନା କରିଥିଲେ।

'ପାଉଁଜିର ପାଣ୍ଡୁଲିପି' ଉନ୍ମୋଚିତ

ଭୁବନେଶ୍ୱର,୧୦।୮ (ସମିସ): ବର୍ଷା ପବ୍ଲିକେସନ୍ ପକ୍ଷରୁ 'ଭୁଆସୁଣୀ ମନ୍ଦିର, ସାମନ୍ତରାପୁରଠାରେ ଗୀତିକବି ବିପିନ୍ ମହାନ୍ତିଙ୍କ 'ପାଉଁଜିର ପାଣ୍ଡୁଲିପି' ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ସଭାର ସଭାପତି ଭାବେ କଥାକାର ଡ. ଅଜୟ ସ୍ୱାଇଁ ଯୋଗଦେଇ କବି ବିପିନ୍ ମହାନ୍ତିଙ୍କ କବିତାର ଲାଳିତ୍ୟ, ଗଭୀର ଭାବ, ପ୍ରେମ, ପ୍ରତିଶ୍ରୁତି ଓ ବିରହ-ମିଳନର ମଧୁର ଛନ୍ଦମୟତା ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚ ପରିଚାଳନାର ଦାୟିତ୍ୱ ନିର୍ବାହ କରିଥିଲେ ଯୁବ କବି ପ୍ରିୟବ୍ରତ ପଣ୍ଡା। ଉତ୍ସବରେ ଓଡ଼ିଶାର ବହୁ କବି-ଲେଖକ, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। କବି ବିପିନ୍ ମହାନ୍ତି ଓ ପ୍ରକାଶକ ବାଦଲ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

କେନ୍ଦ୍ର ଅର୍ଥମନ୍ତ୍ରୀଠୁ ପୁରସ୍କୃତ ହେଲେ ଓଡ଼ିଆ ପୁଅ

ଭୁବନେଶ୍ୱର,୧୦।୮ (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଟିକସ ବିଲ୍, ୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଠାରୁ ପୁରସ୍କୃତ ହୋଇଛନ୍ତି ଓଡ଼ିଆ ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ। ରବୀନ୍ଦ୍ରଙ୍କ ଘର ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ଗାଁରେ ବୋଲି ଜଣାପଡ଼ିଛି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତାକୁ ସେ ପ୍ରମାଣିତ କରିଛନ୍ତି। ଏହି ଦକ୍ଷତା ପାଇଁ ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି। ଅର୍ଥାତ ସେ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ହୋଇଛି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି।

ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୦।୮ (ସମିସ): ହେଲ୍ମେଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଉତ୍କଳ କନିକା ଗ୍ୟାଲେରିଆ ଓ କମିସନରେଟ ପୋଲିସର ମିଳିତ ଆନୁକୂଲ୍ୟରେ ଉତ୍କଳ କନିକା ଗ୍ୟାଲେରୀଆ ମଲ୍‌ରେ ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଚସ୍ପତି ସୁରମା ପାଢ଼ୀ, ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ଉଦଘାଟନ କରିଥିଲେ। ଏହି ଅବସରରେ ଅତିଥିମାନେ ରକ୍ତଦାତାଙ୍କୁ

ସଚେତନ କରାଇଛନ୍ତି। ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ, ମଲ୍ ମ୍ୟାନେଜର ଦୁଲାଲ ଚନ୍ଦ୍ର ସାହୁ, ଲିନା ମିଶ୍ର, ଦିପ୍ତି ପଟ୍ଟନାୟକ, ମାନସ ଥାଟୋଇ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ରକ୍ତ ଦାତାଙ୍କୁ ନିୟମିତ ରକ୍ତଦାନ କରିବା ଦ୍ୱାରା ହୃଦ୍ ରୋଗ, ମଧୁମେହ, କୋଲେଷ୍ଟେଲ୍‌ର ନିୟନ୍ତ୍ରଣ ବିଷୟରେ ବୁଝାଇଛନ୍ତି। ମଲ୍‌ର ସମସ୍ତ ଷ୍ଟୋର କର୍ମକର୍ତ୍ତାମାନେ ରକ୍ତ ଦାନ କରିଥିଲେ।

ସଂପୂର୍ଣ୍ଣା ଫାଉଣ୍ଡେସନର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୧୦।୮ (ସମିସ): ସଂପୂର୍ଣ୍ଣା ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ କୋଳଥିଆସ୍ଥିତ ତ୍ରିନାଥ ଗେଷ୍ଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ଦୁର୍ଗାଶିଷ ଯୋଗ ଦେଇଥିଲେ। ସଂପୂର୍ଣ୍ଣା ଫାଉଣ୍ଡେସନର ସଭାପତି ପ୍ରଭାସିନୀ ଦାସ, ସେକ୍ରେଟାରୀ ସୌଦାମିନୀ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା "କଳା, ସଂସ୍କୃତି, ଶିକ୍ଷା ଓ ପର୍ଯ୍ୟଟନର ମହାପାର୍ବଣ' ଥିମ ନେଇ ଏହି ବାର୍ଷିକ ଉତ୍ସବ ପାଳନ ହୋଇଛି। ବିଭିନ୍ନ ଆଶ୍ରମରେ ଥିବା ପିଲାମାନଙ୍କୁ ମାଗଣାରେ ସଂଗୀତ ଶିକ୍ଷା ସହ ବିଭିନ୍ନ ଧନ୍ଦାମୂଳକ ଶିକ୍ଷା ଫାଉଣ୍ଡେସନ ପକ୍ଷରୁ ପ୍ରଦାନ କରି ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ସାର୍ବଜନୀନ କରିବା ଫାଉଣ୍ଡେସନର ଉଦେଶ୍ୟ ରହିଛି।

କଳିଙ୍ଗ ନାଟ୍ୟସଂଘ ପକ୍ଷରୁ ଆଲୋଚନାଚକ୍ର

'ଓଡ଼ିଆ ନାଟକରେ ଆମେ କେଉଁଠି'

ଭୁବନେଶ୍ୱର, ୧୦।୮ (ସମିସ): କଳିଙ୍ଗ ନାଟ୍ୟ ସଂଘ ପକ୍ଷରୁ ବିଜୁ ନାଟ୍ୟକେନ୍ଦ୍ରରେ 'ଓଡ଼ିଆ ନାଟକରେ ଆମେ କେଉଁଠି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଧୀର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସ ନାୟକ, ଏକାମ୍ର ବିଧାୟକ ବାବୁ ସିଂହ, ନାଟ୍ୟକାର ପୂର୍ଣ୍ଣ ମଲ୍ଲିକ, ନାଟ୍ୟକାର ରାଜୀବ ପାଣି, ନାଟ୍ୟ ନିର୍ଦ୍ଦେଶକ ଦିଲେଶ୍ୱର ମହାରଣା ଓ ହେମନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଓଡ଼ିଆ ନାଟକ ପରିବେଷଣ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ପ୍ରତ୍ୟେକ ନାଟ୍ୟାନୁଷ୍ଠାନ ପାଇଁ ସରକାରଙ୍କ ପକ୍ଷରୁ ମାଗଣାରେ ୪ ଡିସିମିଲ ଜମି ଯୋଗାଣ, ପ୍ରତ୍ୟେକ ସବ୍‌ଡିଭିଜନ୍‌ରେ ପ୍ରେକ୍ଷାଳୟ ପ୍ରତିଷ୍ଠା, ଅନୁଷ୍ଠାନଗୁଡ଼ିକୁ ନିୟମିତ ଭାବରେ ବାର୍ଷିକ ଅନୁଦାନ ପ୍ରଦାନ ଭଳି ପ୍ରସଙ୍ଗ ଉପସ୍ଥାପନା କରାଯାଇଥିଲା। ନାଟକର ପ୍ରଚାର ଓ ପ୍ରସାର ପାଇଁ ଭ୍ରାମ୍ୟମାଣ ଥିଏଟର ଗଠନ ପାଇଁ ମତାମତ ପ୍ରକାଶ ପାଇଥିଲା।

ଏଥିରେ ବିଧାୟକ ଆକାଶ ଦାସ ନାୟକ ଓ ବିଧାୟକ ବାବୁ ସିଂହ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ଭୁବନେଶ୍ୱରରେ ଏକ ଉନ୍ନତ ମାନର ନାଟ୍ୟମଣ୍ଡପ ଓ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ସଂଘ ପକ୍ଷରୁ ଦାବି ଉପସ୍ଥାପନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର ମିଶ୍ର, ଭଜ ମହାନ୍ତି , ପ୍ରଦୀପ ବିଶ୍ୱାଳ, ପ୍ରତାପ ରାଉତ, ଚିତ୍ତ ଶତପଥୀ, ପ୍ରସନ୍ନ କୁମାର ମିଶ୍ର, ଶତ୍ରୁଘ୍ନ ସାମଲ, ପ୍ରଶାନ୍ତ ମହାପାତ୍ର, ରଞ୍ଜନ ନାୟକ, ଦେବଦତ୍ତ ପତି ପ୍ରମୁଖ ଉପସ୍ଥିତ ରହି ନିଜର ମତବ୍ୟକ୍ତ କରିଥିଲେ। ମୁକୁଳ ଶତପଥୀ ମଞ୍ଚ ପରିଚାଳନା କରିଥିଲା ବେଳେ ସମ୍ପାଦକ ସତ୍ୟ ଜେନା ଧନ୍ୟବାଦ ଦେଇଥିଲେ।

୧୩ରୁ ଦୁଇଦିନିଆ ଗୌଡ଼ୀୟ ବୈଷ୍ଣବ ସମ୍ମିଳନୀ

ଭୁବନେଶ୍ୱର,୧୦।୮ (ସମିସ): ଗୌଡ଼ୀୟ ବୈଷ୍ଣବ ସମ୍ମଳନୀ ପାଇଁ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମର ଦୀପ ମହଲ ହଲ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୩ ଓ ୧୪ ଅଗଷ୍ଟରେ କଟକର ଜବାହରଲାଲ୍ ନେହରୁ ଇନ୍‌ଡୋର ଷ୍ଟାଡ଼ିୟମ୍, କଟକଠାରେ ଏହି ସମ୍ମିଳନୀ ପାଳନ ହେବ। ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୧ତମ ଶୁଭ ଆବିର୍ଭାବ ପୂର୍ତ୍ତି ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ସଚ୍ଚିଦାନନ୍ଦ ମଠର ଶତବାର୍ଷିକୀ ପାଳନ ଅବସରରେ ଗୌଡ଼ୀୟ ମିଶନ ଦ୍ୱାରା ଓଡ଼ିଶାର ଅନ୍ୟାନ୍ୟ ଗୌଡ଼ୀୟ ମଠଙ୍କ ସହଯୋଗରେ ଆସନ୍ତା ୧୩ ଏବଂ ୧୪ରେ ଏକ ଗୌଡ଼ୀୟ ବୈଷ୍ଣବ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ଶ୍ରୀଲ ପ୍ରଭୁପାଦଙ୍କ ଅବଦାନ ଓ ବୈଶିଷ୍ଟ୍ୟ ସମ୍ବନ୍ଧରେ ପ୍ରବଚନ, ଭକ୍ତିପୂର୍ଣ୍ଣ କୀର୍ତ୍ତନ, ଆଧ୍ୟାତ୍ମିକ ପ୍ରଦର୍ଶନୀ, ଆଲୋଚନା, ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରସଂଘ ଚାଳକ ଡ. ମୋହନ ଭାଗବତ ଓ ବିଭିନ୍ନ ଗୌଡ଼ୀୟ ପ୍ରତିଷ୍ଠାନର ଆଚାର୍ଯ୍ୟ, ସାଧୁସନ୍ଥ ଏବଂ ମନ୍ତ୍ରୀ ଯୋଗ ଦେବେ। ଏଥିପାଇଁ ଗୌଡୀୟ ମିଶନର ଅଧୀକ୍ଷକ ବିଏ ଅଙ୍କିଚନ ସୂଚନା ଦେଇଛନ୍ତି।

ଜାତୀୟ ହସ୍ତତନ୍ତ ମେଳାରେ 'ଥିମ୍ ଶାଢ଼ି'ର ଚାହିଦା

ଭୁବନେଶ୍ୱର, ୧୦।୮ (ସମିସ)

ଆଜିର ଆଧୁନିକ ଯୁଗରେ ଅନେକ ଲୋକ ସଂସ୍କୃତି, ସଭ୍ୟତା, ପରମ୍ପରା, ଐତିହ, ଆଦିକୁ ବିଭିନ୍ନ ଶାଢ଼ୀ ମାଧମରେ ପିନ୍ଧିଥିବାର ଦେଖିବାକୁ ମିଳୁଛି। ଫଳରେ ସବୁ ବୟସର ମହିଳାଙ୍କର ଏହି ଶାଢ଼ି ଏବେ ବେଶ୍ ମନପସନ୍ଦ ହୋଇପାରିଛି। ପୂଜା ପର୍ବ ହେଉ କି ବିବାହ, ବ୍ରତରେ ହସ୍ତତନ୍ତରେ ନିର୍ମିତ ବିଭିନ୍ନ ପ୍ରକାରର ଏହି ଥିମ୍ ବେଶ ଶାଢ଼ିର ଚାହିଦା ଏବେ ବଢ଼ି ବଢ଼ି ଚାଲିଛି।

● ସମଗ୍ର ରାଜ୍ୟରୁ ଆସିଛି ୮୦ ଷ୍ଟଲ୍

● ୨୮ ହଜାରରେ ମିଳୁଛି ସମ୍ବଲପୁରୀ ପାଟ

ରାଜଧାନୀର ହସ୍ତତନ୍ତ ମେଳାରେ ସମଗ୍ର ରାଜ୍ୟରୁ ୮୦ ରୁ ଅଧିକ ଷ୍ଟଲ ପଡ଼ିଛି। ଏହି ସବୁ ଦୋକାନରେ ବିଭିନ୍ନ ପ୍ରକାରର ହସ୍ତତନ୍ତ ଶାଢ଼ି ସହିତ କଳାକୃତି, ବୟନଶିଳ୍ପ ଆଦିର ସମ୍ଭାର ମେଳିଛି। ଏଥିସହିତ ଟସର, ମାଣିଆ ବନ୍ଧ, କଟକି ଶାଢ଼ି, ଖଣ୍ଡୁଆ ପାଟ, ପିତଳ ଶୂତା ଶାଢ଼ି, ଧଳା ପଥର ପରଦ, କୋଟପାଡ଼, ଡ଼ଙ୍ଗରିଆ ଶାଢ଼ି, ବମକାଇ, ସୋନପୁରୀ ଶାଢ଼ି, ହାବାସପୁରୀ, ପଶାପାଲୀ, ସମ୍ବଲପୁରୀ ଆଦି ବିଭିନ୍ନ ପ୍ରକାରର ଶାଢ଼ି ରହିଛି। ଖଦି ସିଲ୍‌କି ଶାଢ଼ିରେ କୃଷ୍ଣ ଓ ଗୋପୀଙ୍କ କଥା ରହିବା ସହ ଶାଢ଼ିରେ ମୟୁର ଚନ୍ଦ୍ରିକା, ସିଂହାସନ ଆଦି ଚିତ୍ରଣ ରହିଛି। ଏହି ଶାଢ଼ିର ମୂଲ୍ୟ ୧୪ ହଜାର ୯ ଶହ ଟଙ୍କା ରହିଅଛି। ଏଥିସହିତ ଦଶାବତାର, କର୍ନ୍ଦପ ହସ୍ତୀ, କର୍ନ୍ଦପ କଳସ, ଥିବା ବେଳେ ରଥଯାତ୍ରା ଚିତ୍ର ଶାଢ଼ି ରହିବା ସହ କୃଷ୍ଣଙ୍କର ବିଭିନ୍ନ ଲୀଳାଖେଳା ଉପରେ ଚିତ୍ରିତ ହୋଇଥିବା ଶାଢ଼ି ମଧ ଉପଲବ୍ଧ ହେଉଛି। ଏହି ସବୁ ଶାଢ଼ି କଟନ କପଡ଼ା ଉପରେ ଚିତ୍ରିତ ହେଉଛି ତେବେ ୭ରୁ ୮ ହଜାର ଟଙ୍କା ଭିତରେ ଦର ରହିଥାଏ। ଯଦି ଏହି ସବୁ ଚିତ୍ରି ଖଦି ସିଲ୍‌କି ଉପରେ ଚିତ୍ରିତ ହେଉଛି ତେବେ ଦର ୧୦ ହଜାରରୁ ଆରମ୍ଭ ହୋଇ ୨୦ ହଜାର ଭିତରେ ରହିଛି। ଏଥିସହିତ ସମ୍ବଲପୁରୀ ପାଟ ଉପରେ ଶ୍ରୀ ମନ୍ଦିର ଥିମ୍‌ବେଶ ଶାଢ଼ି ବନାଯାଇଛି। ଯାହାର ଦାମ୍ ୨୮ ହଜାର ଟଙ୍କା ରହିଛି। ଏହିପରି ସମ୍ବଲପୁରୀ ସିଲ୍‌କି କପଡ଼ାରେ ନିର୍ମିତ ଦୋଳବେଦୀ, ନୀଳଚକ୍ର,

ଆଯୋଧାର ରାମ ମନ୍ଦିର, ବାସ୍ତୁ ଉପରେ ନିର୍ମିତ ମାଛ କଇଁଚ, ପୁଷ୍କରିଣୀ, ପଶୁପକ୍ଷୀ ଆଦି ଥିମ୍‌ରେ ଶାଢ଼ି ମଧ ଉପଲବ୍ଧ ହେଉଛି।

ଏବେ ଲୋକମାନଙ୍କର ପସନ୍ଦରେ ପରିବର୍ତ୍ତନ ହେବାରେ ଲାଗିଛି। ଲୋକମାନେ ହସ୍ତତନ୍ତକୁ ଅନେକ ପ୍ରକାରର କରି ପିନ୍ଧୁଛନ୍ତି। ଫେଶନ ଠାରୁ ଆରମ୍ଭ କରି ବିବାହ ବ୍ରତ ଆଦି କାର୍ଯ୍ୟରେ ହସ୍ତତନ୍ତକୁ ପ୍ରାଧାନ୍ୟ ଦିଆଯାଉଛି। ଯେଉଁଥିପାଇଁ ଏହି ସବୁ ଶାଢ଼ିର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ଆଗରୁ ଏହି ସମ୍ବଲପୁରୀ ଲୋକ ପିନ୍ଧୁଥିଲେ ଏବେବି ପିନ୍ଧୁଛନ୍ତି କିନ୍ତୁ ଏହି ଶାଢ଼ିକୁ ଆପଣ ଯେତେ ସୁନ୍ଦର କରିପାରିବ ସେତେ ଲୋକଙ୍କର ପସନ୍ଦ ଆସିବ ବୋଲି ବିଗ୍ରେନ୍ ଷ୍ଟଲର ଜଣେ କର୍ମଚାରୀ କହିଛନ୍ତି।

ଜିଲ୍ଲାରେ ଉତ୍କଟ ସ୍ଥିତିରେ ସାର କଳାବଜାରୀ

ଅଧା ପାକ୍ସକୁ ମିଳିନି ସାର

ନୟାଗଡ଼, ୧୦।୮ (ସମିସ)

ନୟାଗଡ଼ ଜିଲ୍ଲାର ଚାଷୀମାନେ କେବଳ ଧାନ ଚାଷ ଉପରେ ନିର୍ଭରଶୀଳ। ୯୦ ପ୍ରତିଶତ ଚାଷୀ ଧାନ ଚାଷ କରୁଥିବା ବେଳେ ଜିଲ୍ଲାରେ ଏବେ ଚାଷୀଙ୍କ ସମସ୍ୟା ଉତ୍କଟ ସ୍ଥିତିରେ ପହଞ୍ଚିଛି। ନୟାଗଡ଼ ଜିଲ୍ଲାରେ ବ୍ୟାପକ ପରିମାଣ ସାର କଳାବଜାରୀ ଆରମ୍ଭ ହୋଇଛି। କୃଷି ବିଭାଗ ପକ୍ଷରୁ ସରକାରୀ ସ୍ତରରେ ହେଉଥିବା ସାରକୁ କଳାବଜାରରେ ବିକ୍ରି ଚାଲିଛି। ଜିଲ୍ଲାରେ ଇଫ୍‌କୋ ୟୁରିଆ ଶୋଷଣର ଶିକାର ହେଉଥିବା ବେଳେ ନୂଆ ସରକାର ଏଥିପ୍ରତି ଆଦୌ ଧ୍ୟାନ ଦେଉନଥିବା ଦେଖାଯାଇଛି। ରାଜ୍ୟ ସରକାର ବଜେଟରେ କୃଷିକୁ ଗୁରୁତ୍ୱ ଦେଇଥିବା ବେଳେ ଚାଷୀ ଶୋଷଣର ଶିକାର ହେବା ସ୍ଥିତିରୁ କିଭଳି ମୁକୁଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ୧୫୭ ସମବାୟ ସମିତି ତଥା ପାକ୍ସ ରହିଛି। ଏହି ସମବାୟ ସମିତି ଗୁଡ଼ିକୁ ମାର୍କଫେଡ୍ ସାର ଯୋଗାଇ ଦେଉଛି। ଅତ୍ୟାବଧି ଅଧା ସମବାୟ ସମିତିକୁ ସାର ଦିଆଯାଇନାହିଁ। ବିଗତ ବର୍ଷ ଜୁଲାଇ ମାସ ସୁଦ୍ଧା ସମସ୍ତ

● ୟୁରିଆ ବସ୍ତାକୁ ୫ ଶହ
● ଡିଲର କରୁଛନ୍ତି କଳାବଜାରୀ

ସବୁଠାରୁ ଅତ୍ୟାବଶ୍ୟକ ସାର ହୋଇଥିବା ବେଳେ ବସ୍ତା ପିଛା ୫ ଶହ ଟଙ୍କାରେ ବିକ୍ରି କରାଯାଉଛି। ୟୁରିଆ ସାର ୫୦ କେଜି ବସ୍ତା ୨୬୮ ଟଙ୍କା ଏବଂ ୪୫ କେଜି ବସ୍ତା ୨୪୨ ଟଙ୍କା ସରକାରୀ ମୂଲ୍ୟ ରହିଥିବା ବେଳେ ଏହାକୁ ୫ ଶହ ଟଙ୍କାରେ ବିକ୍ରି କରାଯାଉଛି। ସେହିଭଳି ଭାବେ ସୁପର, ଡିଏପି, ପଟାସ ସାର ମୂଲ୍ୟ ମଧ୍ୟ ବୃଦ୍ଧି କରି ବିକ୍ରି କରାଯାଉଛି। ବିଭିନ୍ନ ଡିଲରମାନେ ଏହାକୁ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରି ବେଶ ମୁନାଫା କମାଉଥିବା ଦେଖାଯାଇଛି। ରୁଆ ଓ ବେଉଷଣ ସମୟରେ ଚାଷୀମାନେ ସମବାୟ ସମିତିରେ ସାର ପହଞ୍ଚୁଥିବା ବେଳେ ଚଳିତ ବର୍ଷ ସାର ଯୋଗାଣରେ ବ୍ୟାପକ ମନ୍ଥରତା ଦେଖାଯାଇଛି। ନୟାଗଡ଼ ଜିଲ୍ଲାରେ ସାର ପାଇଁ ର୍‍ୟାକ୍ ପଏଣ୍ଟ ନଥିବାରୁ ଜଟଣୀ କିମ୍ବା କଟକ ର୍‍ୟାକ୍ ପଏଣ୍ଟରୁ ସାର ମାର୍କଫେଡ୍ ଗୋଦାମକୁ ଆସିଥାଏ। ଏହି ସ୍ଥାନରୁ ବିଭିନ୍ନ ସମବାୟ ସମିତିକୁ ସାର ଯୋଗାଣ ହୋଇଥାଏ। ନୟାଗଡ଼ ଜିଲ୍ଲାରେ ସାର ବିକ୍ରି ପାଇଁ ଅନୁମତି ପ୍ରାପ୍ତ ଡିଲରମାନେ ମଧ୍ୟ ବ୍ୟାପକ ପରିମାଣର କେଳେଙ୍କାରୀ କରୁଛନ୍ତି। ନୟାଗଡ଼ ଜିଲ୍ଲା ଇଟାମାଟି ଅଞ୍ଚଳରେ ସବୁଠାରୁ ଅଧିକ ମୂଲ୍ୟରେ ସାର ବିକ୍ରି ହେଉଥିବା ସୂଚନା ମିଳିଛି। ସାର ଯୋଗାଣ ପାଇଁ ଅନୁମତି ପାଇଥିବା ଡିଲର କଳାବଜାରୀ କରୁଥିବା ଅଭିଯୋଗ ହେଉଛି। କୃଷି ବିଭାଗ, ସମବାୟ ବିଭାଗ, ମାର୍କଫେଡ୍ ଏସବୁ ପ୍ରତି ଧ୍ୟାନ ଦେଇ ଚାଷୀଙ୍କୁ ସୁବିଧାରେ ଏବଂ ସଠିକ ମୂଲ୍ୟରେ ସାର ଯୋଗାଇ ଦେବାକୁ ଦାବି ହେଉଛି। ନୟାଗଡ଼ ଜିଲ୍ଲାରେ ଉଭୟ ରେଳ ଓ ସଡ଼କ ପଥରେ ଯାତାୟତ ସୁବିଧା ରହିଛି। ଖୋର୍ଦ୍ଧା-ବଲାଙ୍ଗିର ରେଳପଥରେ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଚଳାଚଳ କରୁଛି। ତଥାପି ଆଜି ପର୍ଯ୍ୟନ୍ତ ଜିଲ୍ଲାରେ ସାର ପାଇଁ ର୍‍ୟାକ୍ ପଏଣ୍ଟ ନିର୍ମାଣ କରାଯାଇନାହିଁ। ଖୋର୍ଦ୍ଧା ଜିଲ୍ଲା ଜଟଣି ଏବଂ କଟକ ଭଳି ନୟାଗଡ଼ ଜିଲ୍ଲାରେ ସାର ପାଇଁ ର୍‍ୟାକ୍ ପଏଣ୍ଟ ନିର୍ମାଣ କରିବାକୁ ଦାବି ହେଉଛି। ନୟାଗଡ଼ରେ ର୍‍ୟାକ୍ ପଏଣ୍ଟ ନିର୍ମାଣ କରାଗଲେ ଉଭୟ ନୟାଗଡ଼ ଓ ବୌଦ୍ଧ ଜିଲ୍ଲାବାସୀ ଉପକୃତ ହୋଇପାରିବେ ବୋଲି ଆଲୋଚନା ହେଉଛି।

ଚଢ଼ା ଦରରେ ନକଲି ସାର

ଗଣିଆ: ଶ୍ରାବଣ ମାସ ସରିବାକୁ ବସିଲାଣି। ଏପର୍ଯ୍ୟନ୍ତ ଚାଷୀଙ୍କୁ ମିଳିନି ଆବଶ୍ୟକୀୟ ସାର। ସରକାରୀ ଭାବେ ସାର ମିଳୁନଥିବାରୁ ବଜାରରୁ ଦ୍ୱିଗୁଣା ଦରରେ ଚାଷୀ ବାଧ୍ୟ ହୋଇ ସାର କିଣୁଛନ୍ତି। ଫଳରେ ନକଲି ସାର ବ୍ୟବସାୟୀ ସକ୍ରିୟ ହୋଇଗଲେଣି। ଗଣିଆରେ ଚାଷବାସ କରି ଜୀବିକା ନିର୍ବାହ କରୁଥିବା ଚାଷୀ ଏବେ ଆଶା ଓ ଆଶଙ୍କାରେ ଦିନ ବିତାଉଛନ୍ତି। ନିଅଣ୍ଟିଆ ବର୍ଷା ଯେତିକି ଦାଉ ସାଧୁଛି ତା ଠାରୁ ଅଧିକ ଦାଉ ସାଧୁଛି ସାର। ଗଣିଆରେ ଆବଶ୍ୟକ ଅନୁସାରେ ବର୍ଷାର ପରିମାଣ ବହୁତ କମ୍ ରହିଛି। ଅନୁନ୍ନତ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ଗଣିଆ ବ୍ଲକରେ ସରକାରୀ ଭାବେ ସାର ଯୋଗାଣ ହୋଇ ନଥିବାରୁ ନକଲି ସାର ବ୍ୟବସାୟୀ ମାଲେମାଲ ହେଉଛନ୍ତି। ଚାଷୀଙ୍କ ଠାରୁ ମୋଟା ଅଙ୍କର ଅର୍ଥ ପାଇବା ଆଶାରେ ନକଲି ସାରକୁ ଅସଲି କହି ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ବିଭାଗ ତରଫରୁ ନକଲି ସାର ଦୋକାନରେ ଚଢ଼ଉ କରିବା ଆବଶ୍ୟକ ଥିବା ବେଳେ କୃଷି ବିଭାଗ ନିଷ୍କ୍ରିୟ ପାଲଟିଛି। ନକଲି ସାର ଯୋଗୁଁ ଚାଷୀ ଖର୍ଚ୍ଚ କରି ମଧ୍ୟ ଲାଭ ପାଇ ପାରୁନାହିଁ। ତେବେ ସୋସାଇଟି ଗୁଡ଼ିକରେ ସାର ଯୋଗାଣ ହେଲେ ଚାଷୀମାନେ ଅଯଥା ଖର୍ଚ୍ଚାନ୍ତରୁ ବଞ୍ଚିବା ସହିତ ଅଧିକ ଲାଭବାନ ହୋଇପାରିବେ ବୋଲି ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

■ କଷ୍ଟି ଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

କାର୍ଯ୍ୟକ୍ଷମ ହେଉନି ନୂତନ କୋଠା

ଓଡ଼ଗାଁ, ୧୦।୮ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବାହାଡାଝୋଲା କଷ୍ଟିଡାକୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ବି ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ହୋଇନାହିଁ। ଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ପ୍ରତିଦିନ ଆସୁଥିବା ବହୁ ସଂଖ୍ୟାରେ ରୋଗୀଙ୍କୁ ଔଷଧ ଟିକେ ଦେଇ ଫେରାଇ ଦିଆଯାଉଥିବା ବେଳେ ଗୁରୁତରଙ୍କୁ ଓଡ଼ଗାଁ କିମ୍ବା ମହିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଉଛି। କାରଣ ବିପଦପୂର୍ଣ୍ଣ ପୁରୁଣାଘର ଛାତରୁ କଂକ୍ରିଟ ଛେଲା ଖସି ପଡୁଥିବା ଯୋଗୁଁ ରୋଗୀଙ୍କୁ ରଖି ଚିକିତ୍ସା କରିବା ସମ୍ଭବ ହୋଇପାରୁ ନାହିଁ। ସ୍ୱାଧୀନତା ସଂଗ୍ରାମୀ କଷ୍ଟି ଡାକୁଆଙ୍କ ନାମରେ ନାମିତ ଏହି ପୁରୁଣା ସ୍ୱାସ୍ଥ୍ୟ କେନ୍ଦ୍ରରେ କେବେ ବି ଜଣେ ସ୍ଥାୟୀ ଡାକ୍ତର ରହି ନାହାନ୍ତି। ଏବେ ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱାରା ଡାକ୍ତରଖାନା ଚାଲିଥିବା ବେଳେ ସପ୍ତାହରେ ୩ ଦିନ ଜଣେ ଏମବିବିଏସ୍ ଡାକ୍ତର ଆସନ୍ତି। ସେ ପୁଣି ପାଳିରେ ଅନ୍ୟ କାମ ପଡ଼ିଲେ ଆସନ୍ତି ନାହିଁ। ପଛୁଆ ଅଞ୍ଚଳ ହୋଇଥିବା ଯୋଗୁଁ ଏଥି ପ୍ରତି ପ୍ରଶାସନ ହେଉ ଅଥବା ରାଜନେତା ଦୃଷ୍ଟି ଦିଅନ୍ତି ନାହିଁ। ନହେଲେ ୧ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ କାର୍ଯ୍ୟ ସରିଯାଇଥିଲେ ମଧ୍ୟ ଅବ୍ୟବହୃତ ହୋଇ ପଡ଼ି ନଥାନ୍ତା। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନର ଅସହଯୋଗ ଅଥବା ଅବହେଳା ଯୋଗୁଁ ଆଉ କେତେ କାଳ ସ୍ଥାନୀୟ ଅଞ୍ଚଳବାସୀ ଅବହେଳିତ ହୋଇ ରହିବେ। ନୂତନ କୋଠା ନିର୍ମାଣ ପାଇଁ ୨ବର୍ଷରୁ ଅଧିକ ସମୟ ଲାଗିଲା। କିନ୍ତୁ ଏହାର କାର୍ଯ୍ୟ କାରିତା ସମୟ କେବେ ଆସିବ ତାହା ସମୟ ହିଁ କହିବ। ୨୦୨୩ ମସିହା ମେ ୨୯ ତାରିଖରେ ବିଧାୟକ ଏବଂ ସାଂସଦଙ୍କ ଦ୍ୱାରା ଏହି ଡାକ୍ତରଖାନା ଭିତ୍ତିପ୍ରସ୍ତର ସ୍ଥାପନ ହେଇଥିଲା। ଏହାର ନିର୍ମାଣ ଶେଷ ହୋଇଥିଲେ ବି କେବେ କାର୍ଯ୍ୟକ୍ଷମ ହେବ ବୋଲି ପ୍ରଶ୍ନ ଉଠୁଛି।

ରାଧାକୃଷ୍ଣଙ୍କ ଝୁଲଣଯାତ୍ରା ଉଦ୍‌ଯାପିତ

ଭାପୁର, ୧୦।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବିଭିନ୍ନ ରାଧାକୃଷ୍ଣ ମନ୍ଦିର, ଜଗନ୍ନାଥ ମନ୍ଦିରରେ ଝୁଲଣଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏକାଦଶୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଯାତ୍ରା ପ୍ରତିସନ୍ଧ୍ୟାରେ ଆୟୋଜିତ ହୋଇଥିଲା। ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣ ଓ ଜଗନ୍ନାଥ ମନ୍ଦିରରେ ମଦନମୋହନ ଝୁଲଣ ଦୋଳିରେ ଝୁଲିବାର ମନୋରମ ଦୃଶ୍ୟ ଦେଖିବାକୁ ପ୍ରତି ସନ୍ଧ୍ୟାରେ ଶହ ଶହ ଭକ୍ତ ମନ୍ଦିର ପରିସରରେ ଏକତ୍ରିତ ହୋଉଥିଲେ। ଭାପୁର ଜଗନ୍ନାଥ ମନ୍ଦିରରେ ମୁଖ୍ୟପୂଜାରୀ କେଳୁ ନନ୍ଦ ଓ ପିତବାସ ମହାପାତ୍ର ମଦନମୋହନଙ୍କୁ ଝୁଲାଇଥାନ୍ତି। ପୂର୍ଣ୍ଣିମା ଉଦଯାପିତ ଦିବସରେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭ୍ୟ ଓ ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଗ୍ରାମର ପ୍ରଦୀପ୍ତ ସାହୁ ପ୍ରସାଦ ସେବନର ବ୍ୟବସ୍ଥା କରାଇଥିଲେ।

କନ୍ୟା ଶିଶୁ ସୁରକ୍ଷା ସମ୍ମିଳନୀ

ନୟାଗଡ଼, ୧୦।୮ (ସମିସ): ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଜିଲ୍ଲା ଜଜ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କନ୍ୟା ଶିଶୁମାନଙ୍କ ସୁରକ୍ଷା ଉପରେ କୋର୍ଟର ସମ୍ମିଳନୀ ଗୃହ ଠାରେ ଶିଶୁ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗର ଶତାଧିକ କର୍ମଚାରୀଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଦୌରାଜଜ୍ ତଥା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା ଉଦଘାଟନ କରିଥିଲେ। ପୋକ୍ସୋ ବିଚାରପତି ମାନସ କୁମାର ପଣ୍ଡା ପୋକ୍ସୋ ଆଇନ ଓ ଶିଶୁ କନ୍ୟା ମାନଙ୍କ ସୁରକ୍ଷା ଉପରେ, ପରିବାର ଅଦାଲତ ବିଚାରପତି ଡ. ଇନ୍ଦୁ ଶର୍ମା ଶିଶୁ ବିବାହ ନିରୋଧ ଆଇନ ଉପରେ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ପୋକ୍ସୋ ଆଇନ ଓ ଇଣ୍ଟରନାଲ କମିଟି ଗଢ଼ିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ରୋଜିନା ଦାସ, ମହିଳା କୋର୍ଟ ବିଚାରପତି ସ୍ୱର୍ଣ୍ଣପ୍ରଭା ଆଚାର୍ଯ୍ୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ରବି ନାରାୟଣ ବେହେରା, ରେଜିଷ୍ଟ୍ରର ସୋନାଲି ସରିତା, ଲଳିତା ପାତ୍ର, ସୁଶ୍ରିତା ମିଶ୍ର, ନୟାଗଡ଼ ଜିଲ୍ଲା ଉପଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ଅଧିକାରୀ ଚେୟାରମ୍ୟାନ କିଶୋର ମହାପାତ୍ର, ପବ୍ଲିକ ପ୍ରୋସିକ୍ୟୁଟର, ସମାଜ ସେବୀ ଅରୁଣ କୁମାର ମହାନ୍ତି, ନୟାଗଡ଼ ଓକିଲ ସଂଘ ସଭାପତି ରଣଜିତ୍ ଦାସ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ।

ଜଙ୍ଗଲ ପାଲଟିଲାଣି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା

ଗଣିଆ, ୧୦।୮ (ସମିସ): ପୂର୍ତ୍ତ ବିଭାଗ ଅଧୀନରେ ଥିବା ସମସ୍ତ ରାସ୍ତା ଘାଟ ଠାରୁ ଆରମ୍ଭ କରି ଡ୍ରେନ ଗୁଡିକର ନିର୍ମାଣ ତଥା ରକ୍ଷଣାବେକ୍ଷଣ କରିବା କାର୍ଯ୍ୟ ପୂର୍ତ୍ତ ବିଭାଗର। ଏଥିପାଇଁ ପ୍ରତ୍ୟକ ବ୍ଲକରେ ଗୋଟିଏ ଗୋଟିଏ ପୂର୍ତ୍ତ ବିଭାଗ ଡାକବଙ୍ଗଳା ନିର୍ମାଣ କରାଯାଇଛି। ଏଠାରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ବିଭାଗ ପରିସରରେ ଏମାନଙ୍କ ରହିବା ପାଇଁ କ୍ୱାର୍ଟରର ମଧ୍ୟ ବନ୍ଦୋବସ୍ତ କରାଯାଇଛି। କିନ୍ତୁ ଦୁଃଖର ବିଷୟ ଗଣିଆ ପୂର୍ତ୍ତ ବିଭାଗରେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନାହାନ୍ତି। ଜଣେ ମାତ୍ର ୱାଚମ୍ୟାନରେ ଚାଲିଛି ପୂର୍ତ୍ତ ବିଭାଗ। ଦାୟିତ୍ୱରେ ଥିବା କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ଦେଖା ମିଳୁନି। ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି। ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କୁ ପଚାରିଲେ ଅଲଗା ବ୍ଲକ ଦାୟିତ୍ୱରେ ଥିବାରୁ ଆସିନଥିବା ସଫେଇ ଦେଉଛନ୍ତି। ତେବେ ଯନ୍ତ୍ରୀ ମହୋଦୟ ଦାୟିତ୍ୱରେ ଥିବା ନୂଆଗାଁ ବ୍ଲକକୁ ମଧ୍ୟ ଠିକରେ ଆସୁନଥିବା ବେଳେ ଅଧିକାଂଶ ସମୟ ନୟାଗଡ଼ରେ ରହୁଛନ୍ତି। ନିଜ ବ୍ଲକରେ ନ ରହି ଡିଭିଜନ କାର୍ଯ୍ୟାଳୟ ଦଶପଲ୍ଲାରେ ନ ରହି କନିଷ୍ଠ ଯନ୍ତ୍ରୀ ନୟାଗଡ଼ରେ କାହିଁକି ରହୁଛନ୍ତି ତାହା ତଦନ୍ତ ସାପେକ୍ଷ। ବଡ଼ବଡ଼ିଆ ଅଫିସରଙ୍କ ଛତ୍ରଛାୟା ତଳେ ରହି କନିଷ୍ଠ ଯନ୍ତ୍ରୀ ବେଖାତିର ମନୋଭାବ ଦେଖାଉଛନ୍ତି। ଏପଟେ ଗଣିଆ ଡ଼ାକବଙ୍ଗଳା ଜଙ୍ଗଲରେ ପରିଣତ ହୋଇଗଲାଣି। ବଙ୍ଗଳା ପରିସରରେ ଅନାବନା ଗଛ ସବୁ ଉଠି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଗଲାଣି। ଗଣିଆ ବଜାରରେ ଥିବା ଡ୍ରେନ ପୋତି ହୋଇ ସାମାନ୍ୟ ବର୍ଷାରେ ଡ୍ରେନ ପାଣି ରାସ୍ତାରେ ଭାସିବା ସହିତ କୁଡ଼ କୁଡ଼ ଅଳିଆ ରାସ୍ତା ଉପରେ ଜମା ହେଉଛି। ଗଣିଆ ବଜାରରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଡ୍ରେନ ପାଣି ରାସ୍ତାକୁ ଆସି ତଳବଜାରରେ ମୁଖ୍ୟ ରାସ୍ତାରେ ପାଣି ଜମା ହୋଇ ରହୁଥିବାରୁ ଯାତାୟାତରେ ଅସୁବିଧା ଦେଖା ଦେଉଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା ଫଳରେ ଏହି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଛି। ଅନେକ ସ୍ଥାନରେ ପୂର୍ତ୍ତ ବିଭାଗ ଅଧିନରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି। ରାସ୍ତା ପାର୍ଶ୍ୱରେ ଶୁଖିଲା ଗଛ ଗୁଡ଼ିକ ରହିଥିବାରୁ କେତେବେଳେ ଯେ ଭାଙ୍ଗି ପଡ଼ି କିଛି ଅଘଟଣ ନ ଘଟିବ କହିହେବ ନାହିଁ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନଦେଇ ନିଦାବିଷ୍ଟୁ ସାଜିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଗଣିଆକୁ ଜଣେ ସ୍ଥାୟୀ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

■ ସାର୍ବଜନୀନ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

୬୪ ବର୍ଷରେ ପୂଜା; ଚୁଲିଚାନ୍ଦାକୁ ଗୁରୁତ୍ୱ

ନୟାଗଡ଼, ୧୦।୮ (ସମିସ): ନୟାଗଡ଼ ସହରରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ଦୁର୍ଗାପୂଜା କମିଟି ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଣପୁର ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ପୌରଧ୍ୟକ୍ଷା ନିରୁପମା ଖଟେଇ, ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏ ବର୍ଷ କିପରି ଭଲ ଭାବରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେବ ସେଥି ନିମନ୍ତେ ଆଲୋଚନା କରାଯାଇଥିଲା। ସାର୍ବଜନୀନ ଦୁର୍ଗା ପୂଜା କରାଯାଇଛି। ପୂର୍ବ ବର୍ଷ ଭଳି ଏବର୍ଷ ସମସ୍ତଙ୍କୁ ନିୟମ ମୁତାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୟାଗଡ଼ ସହରର ସର୍ବ ପୁରାତନ ପୂଜା ଅନୁଷ୍ଠାନ ହେଉଛି ସାର୍ବଜନୀନ ଦୁର୍ଗାପୂଜା କମିଟି। ବିଗତ ୬୪ ବର୍ଷ ତଳେ ତତକାଳୀନ ପ୍ରଶାସନିକ ଅଧିକାରୀ ଭ୍ରମରବର ଜେନା ଓ କିଛି ସାଧାରଣ ଜନତାଙ୍କ ମିଳିତ ଉଦ୍ୟମରେ ଏହି ଅନୁଷ୍ଠାନ ଗଢ଼ି ଉଠିଥିଲା। ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ି ତୋଳିବା ଲକ୍ଷରେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଅନୁଷ୍ଠାନର ସଭାପତି ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରାରମ୍ଭିକ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି

କମିଟିର ସମ୍ପାଦକ ସୁମନ କୁମାର ସାହୁ ବିଗତ ବର୍ଷରେ ୪ ଲକ୍ଷ ୮୫ ହଜାର ଟଙ୍କା ଆୟ କରାଯାଇଥିବା ବେଳେ ୪ ଲକ୍ଷ ୯୫ ହଜାର ୮ ଶହ ଟଙ୍କା ବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏବର୍ଷ ପୂଜା ପାଇଁ ୫ ଲକ୍ଷ ୫୦ ହଜାର ଟଙ୍କାର ଆବଶ୍ୟକତା ନିମନ୍ତେ ଆଲୋଚନା କରାଯାଇଥିଲା। ନୟାଗଡ଼ ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଚୁଲି ଚାନ୍ଦାକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ସମସ୍ତ କାଉନସିଲରଙ୍କ ତତ୍ତ୍ୱାବଧାନରେ ଚୁଲି ଚାନ୍ଦା ଆଦାୟ କରିବା ପାଇଁ ନିଷ୍ପତି ଗ୍ରହଣ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ କୁମାର ପ୍ରଧାନ, ଶ୍ରୀକାନ୍ତ ଖଟେଇ, ଜାନକୀ ବଲ୍ଲଭ ଜେନା, ବାଲାଜି ସାହୁ, ନେତ୍ରାନନ୍ଦ ସାହୁ, ରୁଦ୍ର ନାରାୟଣ ରଥ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତ ରଖିଥିଲେ। ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରାଯିବା ସହ ଅନାବଶ୍ୟକ ବ୍ୟୟକୁ ବାଦ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜାକୁ ସୁଚାରୁରୂପେ ପରିଚାଳନା ପାଇଁ ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଦାୟିତ୍ୱ ନିର୍ବାହ କରିବାକୁ ନୟାଗଡ଼ ବିଧାୟକ ପ୍ରସ୍ତାବ ଦେଇଥିଲେ।

କୃଷି ସମବାୟ ସମିତି ସଭାପତିଙ୍କ ଜରୁରୀ ବୈଠକ

ଓଡଗାଁ, ୧୦।୮ (ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏକପ୍ରକାର ଦେବାଳିଆ ଅବସ୍ଥାରେ ପହଞ୍ଚିଥିବା ବେଳେ ସମବାୟ ସମିତି ସ୍ତରରୁ ଏଥିରୁ ବର୍ତ୍ତିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏପରିସ୍ଥଳେ ରବିବାର ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲି. ଅନ୍ତର୍ଗତ ଓଡ଼ଗାଁ ଶାଖା ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ମାନଙ୍କୁ ନେଇ ଏକ ଜରୁରୀ ବୈଠକ ବ୍ୟାଙ୍କ୍ ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନଙ୍କ ଆବାହକତ୍ୱରେ ଓଡ଼ଗାଁ ସ୍ଥିତ ମୋ' ପରିବାର, ଅନୁଷ୍ଠାନର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ହେଲେ ଏଥିରେ ଓଡଗାଁ ପ୍ରାଥମିକ କୃଷି ସମବାୟ ସମିତି ପରିଚାଳନା କମିଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଥିବା ବେଳେ ଓଡଗାଁ ବ୍ୟତିରେକ ୨ ସଭାପତି ଅନୁପସ୍ଥିତ ଥିବା ବେଳେ ୧୫ ସମବାୟ ସମିତି ସଭାପତି ଏହି ବୈଠକରେ ଉପସ୍ଥିତ ରହିଥିଲେ। ସର୍ବସମ୍ମତିକ୍ରମେ କୁରାଳ ସମିତି ସଭାପତି

କାହ୍ନୁ ଚରଣ ପଣ୍ଡାଙ୍କୁ ଓଡଗାଁ କେନ୍ଦ୍ର ବ୍ୟାଙ୍କ ଶାଖାର ସମବାୟ ସମିତି ସଭାପତି ସମୂହଙ୍କ ସଭାପତି ଭାବେ ମନୋନୀତ କରାଯାଇଥିଲା। ସମବାୟ ବ୍ୟାଙ୍କର ବୃହତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତ୍ୟେକ ସମିତିର ସମସ୍ୟାକୁ ମିଳିମିଶି ସମାଧାନ କରିବାକୁ ନିଷ୍ପତି ଗ୍ରହଣ କରା ଯିବା ସହିତ ପ୍ରତି ମାସରେ ସଭାପତି ସଂଘର ଭ୍ରାମ୍ୟମାଣ ବୈଠକ କରାଯାଇ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ସ୍ଥିର ନିଷ୍ପତ୍ତି ଗ୍ରହଣ ହୋଇଥିବା ନିର୍ଦ୍ଦେଶକ ନିତ୍ୟାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

ସ୍ୱାଇଲ ନୟାଗଡ଼ ପକ୍ଷରୁ ବୃକ୍ଷରୋପଣ

ନୟାଗଡ଼, ୧୦।୮ (ସମିସ): ନୟାଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାଇଲ ନୟାଗଡ଼ ପକ୍ଷରୁ ପବିତ୍ର ଗହ୍ମା ପୂର୍ଣ୍ଣିମା ଅବସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଆଦର୍ଶ ଶ୍ମଶାନଠାରେ ସ୍ୱାଇଲ ନୟାଗଡ଼ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଭିଲ ସୋସାଇଟ୍ ପକ୍ଷରୁ ଗୋଦାବରିଶ୍ ସାହୁ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅନୀଲ କୁମାର ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ। ଶ୍ମଶାନ ପରିସରରେ ଅଁଳା, ନିମ୍ବ ଓ ଅନ୍ୟାନ ଫଳ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାଉନସିଲର କିଷାନ୍ ଦାଶ, ବିଜୟ ପଟ୍ଟନାୟକ, ବିଶ୍ୱଜିତ ନାୟକ, ନିହରା ରଞ୍ଜନ ପଟ୍ଟନାୟକ, ସୂର୍ଯ୍ୟପ୍ରସାଦ ଦାଶ, ନାଗଭୂଷଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ।

ଖଣ୍ଡପଡ଼ା ରାଜାଙ୍କ ସ୍ମୃତିରେ ସର୍ବଧର୍ମ ପ୍ରାର୍ଥନା

ଖଣ୍ଡପଡ଼ା, ୧୦।୮ (ସମିସ)

ଖଣ୍ଡପଡ଼ାର ସ୍ୱର୍ଗତ ରାଜାସାହେବ ତଥା ଦିବଂଗତ ଜନନେତା ଓଡ଼ିଶା ବିଧାନସଭାର ପୂର୍ବତନ ମନ୍ତ୍ରୀ ଓ ଉପବାଚସ୍ପତି ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଆତ୍ମାର ସଦଗତି ନିମନ୍ତେ ଆଜି ସନ୍ଧ୍ୟାରେ ଖଣ୍ଡପଡ଼ା ରାଜବାଟୀ ପରିସରରେ ସର୍ବଧର୍ମ ପ୍ରାର୍ଥନା ତଥା ସ୍ମୃତିସଭା ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଜିତେନ୍ଦ୍ର କୁମାର ଦାସ, ବରିଷ୍ଠ ଆଇନଜୀବୀ ତଥା ବାର୍ ଆସୋସିଏସନ ସଭାପତି ସଂଗ୍ରାମ କେଶରୀ ମିଶ୍ର, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂହ, ସମାଜସେବୀ ଅଖିଳ ମହାରଣା, ନବକିଶୋର ସାହୁଙ୍କ ସମେତ ବହୁ ଜନପ୍ରତିନିଧି, ବୁଦ୍ଧିଜୀବୀ, ସାମ୍ବାଦିକ ଓ ହିନ୍ଦୁ ସମାଜ, ପ୍ରଜାପିତା ବ୍ରହ୍ମକୁମାରୀ, ମୁସିଲିମ ସମ୍ପ୍ରଦାୟ, ଖ୍ରୀଷ୍ଟିଆନ ସମ୍ପ୍ରଦାୟର ପ୍ରଚାରକ ମାନେ ଯୋଗଦେଇ ସ୍ୱର୍ଗତ ରାଜା ସାହେବଙ୍କୁ ମନେ ପକାଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରାର୍ଥନା କରିଥିଲେ। ବରିଷ୍ଠ ଆଇନଜୀବୀ ବିକ୍ରମ କେଶରୀ ଦେଓ, ସମାଜସେବୀ ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ରମେଶ ମହାନ୍ତି, ସୁଶାନ୍ତ ମହାରଣା, ଜିତେନ୍ଦ୍ର କାଟିଆ, ପରମେଶ୍ୱର ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

ନୂଆରାଜାଙ୍କୁ ସମବେଦନା ଜଣାଇଲା ସାମ୍ବାଦିକ ସଂଘ

ଭାପୁର, ୧୦।୮ (ସମିସ): ଖଣ୍ଡପଡ଼ାର ପୂର୍ବତନ ବିଧାୟକ ରାଜ୍ୟ ବିଧାନସଭାର ଉପ ବାଚସ୍ପତି, ମନ୍ତ୍ରୀ ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଅକାଳ ବିୟୋଗରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ସହ ରାଜ୍ୟରେ ଶୋକର ଛାୟା ଖେଳିଯାଇଥିଲା। ନିର୍ବିବାଦୀୟ ବ୍ୟକ୍ତିତ୍ୱ ସ୍ୱର୍ଗତ ବିଭୁତି ଭୂଷଣଙ୍କ ମୃତ୍ୟୁ ପରେ ତାଙ୍କର ଏକମାତ୍ର ପୁଅ ତଥା ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ଅତ୍ୟନ୍ତ ଶୋକାତୁର ହୋଇପଡ଼ିଛନ୍ତି। ତାଙ୍କର ଏହି ଅସମୟରେ ଭାପୁର ପେଷାଦାର ସାମ୍ବାଦିକ ସଂଘର ସଭାପତି ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ, ଗୀତିକାର ପଣ୍ଡା, ମନୋଜ କିଶୋର ସାହୁ, ପ୍ରଭାତ କୁମାର ବରାଡ଼ ରବିବାର ଖଣ୍ଡପଡ଼ା ରାଜବାଟୀରେ ପହଞ୍ଚି ସିଦ୍ଧାର୍ଥ ଶେଖରଙ୍କୁ ସମବେଦନା ଜଣାଇବା ସହ ପରିବାରକୁ ଧୈର୍ଯ୍ୟ ଧରିବାକୁ କହିଥିଲେ।

ଯୁବକଙ୍କ ମୃତଦେହ ଠାବ

ଥୁଆମୂଳରାମପୁର, ୧୦।୮ (ସମିସ):କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ଅଧୀନସ୍ଥ ଗୁଣପୁରପଞ୍ଚାୟତ କିରକିଚା ଗ୍ରାମର ଭଙ୍ଗା ଅଙ୍ଗନବାଡ଼ିକେନ୍ଦ୍ରରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇ କର୍ଲାପାଟ ଥାନାକୁ ଖବର ଦେଇଥିଲେ। ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକା ସାଇଣ୍ଟିଫିକ୍ ଟିମ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗାଁ ଲୋକଙ୍କ ସହଯୋଗ ନେଇ ଯୁବକଙ୍କ ମୃତଦେହ ଚିହ୍ନଟ ଓ ପ୍ରାଥମିକ ତଦନ୍ତ ପାଇଁ ଚେଷ୍ଟା କରି ମଧ୍ୟ କିଛି ଜାଣି ପାରିନଥିଲେ। ତଦନ୍ତ ପ୍ରକ୍ରିୟାରେ ସହାୟତା ପାଇଁ ସନ୍ଧାନୀ କୁକୁର ଅଣାଯାଇଥିଲା। କିଛି ସମୟର ତଦନ୍ତ ପରେ ମୃତ ଯୁବକ ପାଖରେ ପଡ଼ିଥିବା କିଛି ମୋବାଇଲ ନମ୍ବର ଲେଖାଥିବା ଏକ କାଗଜ ପୁଲିସ ପାଇଥିଲା। ସେହି ନମ୍ବରରୁ ଯୋଗାଯୋଗ କଲାପରେ ମୃତ ବ୍ୟକ୍ତି ଜଣକ ଭବାନୀପାଟଣା ବ୍ଲକ କର୍ଲାପଡ଼ା ଥାନା କଲମ ପଞ୍ଚାୟତ ତେନ୍ତୁଲିପଡ଼ାର ରତ୍ନାକର ନାଏକଙ୍କ ପୁଅ ଧରଣୀଧର (୩୦) ବୋଲି ଜଣାପଡ଼ିଥିଲା।ପରେ କର୍ଲାପଡ଼ା ଥାନା ଓ ସେ ଗ୍ରାମକୁ ଫୋନ୍ କରିବା ସହ ମୃତ ବ୍ୟକ୍ତିଙ୍କ ଫୋଟୋ ପଠାଇଲା ପରେ ତାଙ୍କ ବାପା ରତ୍ନାକର ଓ ତାଙ୍କ ପରିବାର ଲୋକେ ଆସିଥିଲେ। ପରିବାରଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି। କର୍ଲାପାଟ ପୁଲିସ ଶବ ଚିହ୍ନଟ ପରେ ଶବକୁ ପରିବାରର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

ଆଜିଠୁ ସାମୂହିକ ଛୁଟିରେ ଯିବେ ଅମଲା

ତରଭା, ୧୦।୯ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ ତରଭା ତହସିଲ କାର୍ଯ୍ୟାଳୟର ସମସ୍ତ ଅମଲା ଅଗଷ୍ଟ ୧୧ ତାରିଖରୁ ସାମୂହିକ ଛୁଟିରେ ଯାଉଛନ୍ତି। ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ବିରେନ୍ଦ୍ର ରଥ, ବରିଷ୍ଠ ରାଜସ୍ୱ ସହାୟକ ଶିବାନନ୍ଦ ବାଘ, ପ୍ରେମାନନ୍ଦ କୁଅଁର, ଅଚ୍ୟୁତ ଭୋଇ, ରଞ୍ଜିତା ମେହେର, କଳାକାହ୍ନୁ ପଧାନ, ପ୍ରଶାନ୍ତ ନାଗ, ତନ୍ମୟବାଘ, ସଞ୍ଜୟମେହେରପ୍ରମୁଖ୧୧ତାରିଖରୁଛୁଟିରେରହିବେବୋଲି ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏଙ୍କୁ ଲିଖିତ ଅବଗତ କରାଇଛନ୍ତି।

ଓଲଟିଲା ଧାନ ବୋଝେଇ ଟ୍ରକ୍

ଲାଞ୍ଜିଗଡ଼, ୧୦।୮ (ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନମ୍ବର ରାଜ୍ୟ ରାଜପଥର କିଡିଙ୍ଗ ବେହେରା ପୋଲରେ ଏକ ଧାନ ବୋଝେଇ ଟ୍ରକ୍ (ସିଜି-୦୬-ଜି-ୱାଇ ୬୩୬୬) ଓଲଟି ପଡ଼ିଛି। ଟ୍ରକଟି ଭାରସାମ୍ୟ ହରାଇ ବେହେରା ପୋଲ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଏଥିରେ ଡ୍ରାଇଭର ଓ ସହଯୋଗୀ ସାମାନ୍ୟ ଆଘାତ ହୋଇଛନ୍ତି। ଟ୍ରକଟି ରାୟପୁର ଛତିଶଗଡ଼ରୁ ଧାନ ବୋଝେଇ କରି ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା।

୧୦୦୦ଲିଟର ମହୁଲ ପୋଚ ନଷ୍ଟ

ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ହରଭଙ୍ଗା ଥାନା ଅଧିକାରୀ ନଳିନୀ କାନ୍ତ ଦାଶଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ତଳଙ୍ଗା ପଞ୍ଚାୟତରେ ଚଢ଼ଉ କରିଥିଲେ। ବଡଭୁରୁତା, ଭୁରୁତା, ପତକାବାଲି ଗାଁରେ ଚଢ଼ଉ କରି ୪୦୦ଲିଟର ଦେଶୀ ମହୁଲ ପୋଚ ନଷ୍ଟ କରିଥିବା ସହ ମଦ ତିଆରିର ବିଭିନ୍ନ ସରଞ୍ଜାମ ଜବତ କରିଥିଲେ। ଚଢ଼ଉରେ ଥାନା ଅଧିକାରୀ ସମେତ ଏଏସ୍‌ଆଇ ଜିତେନ୍ଦ୍ର ମେହେର, ହାବିଲଦାର ସନ୍ତୋଷ କହଁର, କନେଷ୍ଟବଳ ନିରଞ୍ଜନ ପୁଷ୍ଟି ଓ ଆଇଆରବି ଯବାନ ସାମିଲ ଥିଲେ। ଅନ୍ୟପଟେ ବ୍ଲକର ରାସ୍ତିକଟା, ଚଣ୍ଡୀପୁର ଓ ନୂଆପଡ଼ା ଗ୍ରାମରେ ବୌଦ୍ଧ ପୁଲିସ ଓ ଅବକାରୀ ବିଭାଗ ଚଢ଼ଉ କରି ୬୦୦ଲିଟର ମହୁଲପୋଚ ନଷ୍ଟ କରିଛନ୍ତି। ଚଢ଼ଉରେ କୌଣସି ଅଭିଯୁକ୍ତ ଗିରଫ ହୋଇନାହାଁନ୍ତି।

ଶ୍ରାବଣୀ ଉଷାକର୍ମ ଯଜ୍ଞ ଉତ୍ସବ

ଶଗଡ଼ା, ୧୦।୮ (ସମିସ): କଣ୍ଟାମାଳ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରାବଣୀ ଉଷାକର୍ମ ଯଜ୍ଞଉତ୍ସବ ତଥା ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଶନିବାର ଠାରୁ ଆରମ୍ଭ ହୋଇ ଆସନ୍ତା ୧୫ ତାରିଖ ପର୍ଯ୍ୟ ଚାଲିବ ବୋଲି ସୂଚନା ମିଳିଛି। ନିରଞ୍ଜନ ଆଚାର୍ଯ୍ୟ ଓ ସଭାପତି ଲକ୍ଷ୍ମଣ ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ପ୍ରଥମ ଦିବସରୁ ରୁଣ୍ଡି ମହୁଲ ଆଶ୍ରମରେ କୁଞ୍ଜ ବିହାରୀ ସାହୁ ଓ ପତ୍ନୀ ମହେନ୍ଦ୍ରି କର୍ତ୍ତା ଭାବରେ ସହଯୋଗ କରିଥିଲେ। ଦ୍ୱିତୀୟ ଦିନ ସ୍ମୃତି ସଦନ ଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ତୃତୀୟ ଦିବସ କଣ୍ଟାମାଳ ସତସଙ୍ଗ ବିହାର ନିକଟସ୍ଥ ଚୈତନ୍ୟ ରଣା ଓ ଧର୍ମପତ୍ନୀ ସୁଶୀଳା ରଣାଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ନିରଞ୍ଜନାଚାର୍ଯ୍ୟ ପୌରାହିତ୍ୟରେ ଯଜ୍ଞେଶ୍ୱାସ୍ରବ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ରଣା ପରିବାର ସହ ସବିତା ସାହୁ ଓ ପୁଷ୍ପାଞ୍ଜଳି ଭୋଇ ସହଯୋଗ କରିଥିଲେ।

ଦେବାନସାହେବପଡ଼ାରେ ବନ୍ଧୁମିଳନ

ଭବାନୀପାଟଣା, ୧୦।୮ (ସମିସ): ସ୍ଥାନୀୟ ଦେବାନସାହେବପଡ଼ାସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଇଚ୍ଛାପୁର ଗ୍ରାମର ଯୁବତୀମାନଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବିନୋଦିନୀ ଦାଶ, ସ୍ୱର୍ଣ୍ଣପ୍ରଭା ମିଶ୍ର, ସାବିତ୍ରୀ ମୁଣ୍ଡ, ପଙ୍କଜିନୀ ପୁରୋହିତ, ସରୋଜିନୀ ଆଚାର୍ଯ୍ୟ, ବୈଜୟନ୍ତୀମାଳା ମିଶ୍ର, ବିଜୟଲକ୍ଷ୍ମୀ ଦାଶ, ପ୍ରେମଦିନି, କଳ୍ପନା ଆଚାର୍ଯ୍ୟ, ମାମି ଆଚାର୍ଯ୍ୟ, ସୁମି ଆଚାର୍ଯ୍ୟ, ରଞ୍ଜିତା ଆଚାର୍ଯ୍ୟ, ମିନାକ୍ଷୀ ରଥ, ସଂଯୁକ୍ତା ଆଚାର୍ଯ୍ୟ, ରମିତା ମିଶ୍ର, ଶାନ୍ତିଲତା ମିଶ୍ର, ଚନ୍ଦ୍ରପ୍ରଭା ମିଶ୍ର, ଭୁବନି ମିଶ୍ର, ଅଳି ଆଚାର୍ଯ୍ୟ, ପିଙ୍କି ପାଣିଗ୍ରାହୀ, କଲ୍ୟାଣୀ ମହାପାତ୍ର, ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପିଲାଦିନର ସ୍ମୃତି ମନେ ପକାଇଥିଲେ।

ହର୍ ଘର୍ ତିରଙ୍ଗା ପାଇଁ ପ୍ରସ୍ତୁତି

ବୌଦ୍ଧ, ୧୦।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଡିଏସପି ଆନନ୍ଦ ଚନ୍ଦ୍ର ଡୁଙ୍ଗଡୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

'କଳାହାଣ୍ଡିର କୃଷି ଓ କୃଷକ' ସମ୍ପର୍କିତ ଖୋଲା ଆଲୋଚନା

କୃଷି ବିଶ୍ୱବିଦ୍ୟାଳୟ ପାଇଁ ଉଠିଲା ଦାବି

ଭବାନୀପାଟଣା, ୧୦।୮ (ସମିସ):

ଭବାନୀପାଟଣାରେ 'କଳାହାଣ୍ଡିର କୃଷି ଓ କୃଷକ' ସମ୍ପର୍କିତ ଖୋଲା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷପରେ କଳାହାଣ୍ଡି ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିଗଣ ଗୋଟିଏ ଛାତତଳେ କୃଷି ଓ କୃଷକ ପ୍ରସଙ୍ଗକୁ ଏକ ନିଆରା ଢଙ୍ଗରେ ଉପସ୍ଥାପନ କରିଛନ୍ତି। କଳାହାଣ୍ଡି ଜିଲ୍ଲାରେ କୃଷିଭିତ୍ତିକ ଶିଳ୍ପ ସ୍ଥାପନ ଓ କୃଷି ଉତ୍ପାଦର ବିପଣନ ଏକ ପ୍ରମୁଖ ପ୍ରସଙ୍ଗ। ଜିଲ୍ଲାରେ ଅନେକ କୃଷି ସମସ୍ୟା ରହିଛି। ସେଥିମଧ୍ୟରୁ ଉପଯୁକ୍ତ କୃଷି ଭିତ୍ତିଭୂମି ପାଇଁ ଜମିଜମାର ରେକର୍ଡ ସଂଶୋଧନ ସହ ଅଭାବୀ ବିକ୍ରି ସମସ୍ୟାର ସମାଧାନ କରାଯିବାର ଆବଶ୍ୟକତା ରହିଛି। ଖାଲି ପଡ଼ିଥିବା ଜାଗାକୁ କୃଷି ଉପଯୋଗୀ କରାଯିବାର କୌଶଳ ନିର୍ଣ୍ଣୟ ଆବଶ୍ୟକ। ବିଭିନ୍ନ ସରକାରୀ ଯୋଜନା ଦ୍ୱାରା ଚାଷ ଓ ଚାଷୀଙ୍କୁ ଗୁରୁତ୍ୱ ଦିଆଯିବା ସହ କୃଷି ଶ୍ରମିକ ବିଶେଷ କରି ମହିଳା କୃଷି ଶ୍ରମିକ ଓ ଶିକ୍ଷିତ ଯୁବକ ଯୁବତୀଙ୍କୁ ପ୍ରୋତ୍ସାହିତ କରାଯିବାର ସମୟ ଆସିଛି। ମନରେଗା ଭଳି ଯୋଜନାକୁ ଚାଷ ଓ ଚାଷୀଙ୍କ ହିତ ପାଇଁ ବିନିଯୋଗ କରାଯିବା ଉଚିତ। ରାଜ୍ୟରେ ଚାଷୀଙ୍କ ଉନ୍ନତି ପାଇଁ କୃଷି କମିସନ ସ୍ଥାପନ, କୃଷି ଯନ୍ତ୍ରପାତି ଓ ଉପକରଣ କିଣିବାରେ ରିହାତି, ସଘନ ଚାଷ ପ୍ରଣାଳୀର ବ୍ୟବହାର, କୃଷି ଭିତ୍ତିକ ପ୍ରୋସେସିଂ ୟୁନିଟ ସ୍ଥାପନ, ସୁବ୍ୟବସ୍ଥିତ ବଜାର, ଷ୍ଟୋରେଜ ପଏଣ୍ଟ, ଜିଲ୍ଲାବ୍ୟାପି ଶୀତଳ ଭଣ୍ଡାର ସ୍ଥାପନ, ଚାଷୀ ଦ୍ୱାରା ଉତ୍ପାଦିତ ଫସଲ ମଧ୍ୟରୁ ୮୦ ପ୍ରତିଶତ ମଣ୍ଡିରେ ବିକ୍ରି ଓ ବାଧ୍ୟତାମୂଳକ ୨୦ ପ୍ରତିଶତ ବିହନ ଭାବେ ବ୍ୟବହାର, କୃଷକ ସଂଗଠନଗୁଡ଼ିକୁ ସଶକ୍ତ କରିବା, ଆଖୁଚାଷକୁ ପ୍ରୋତ୍ସାହନ ଓ ଦେଶୀଗୁଡ଼ ପ୍ରସ୍ତୁତି ୟୁନି ସ୍ଥାପନ, ଗୋପାଳନ, ମତ୍ସ୍ୟ ଚାଷ, କଦଳୀ, ଆମ୍ବ ଓ ପିଆଜ ଚାଷ ପାଇଁ ପ୍ରୋତ୍ସାହନ, ପ୍ରବାହ ଜଳସେଚନ ବଦଳରେ ଉଠା ଜଳସେଚନ ଉପରେ ଗୁରୁତ୍ୱ, ବର୍ଜ୍ୟ ଜଳ ପରିଚାଳନା, ଛୋଟଛୋଟ ନଦୀର ସଂଯୋଗୀକରଣ, ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ ଶଯ୍ୟାରେ ଚାରାରୋପଣ, ସରକାରୀ ଗୋଦାମରେ ଗଚ୍ଛିତ ଚାଉଳର ସଦ୍ ବ୍ୟବହାର, ଭବାନୀପାଟଣା ଓ ଧର୍ମଗଡ଼ ଉପଖଣ୍ଡରେ ୨ଟି ବିଶାଳ ଗାଈଗୋରୁ, ଛେଳି ମେଣ୍ଢା ବଜାର ସ୍ଥାପନ, କପା ମଣ୍ଡି ସ୍ଥାପନ, ଜଳପୁରୁଷ କାର୍ଜୀ ମାଝୀଙ୍କ ଦ୍ୱାରା ନିର୍ମିତ କେନାଲର ପୁନଃରୁଦ୍ଧାର, ଲାଞ୍ଜିଗଡ଼ ବ୍ଲକରେ ରେତ କେନାଲର ସମ୍ପ୍ରସାରଣ, ନିୟମଗିରି ଅଧିବାସୀଙ୍କ ଉତ୍ପାଦିତ ଜଙ୍ଗଲଜାତ ଦ୍ରବ୍ୟର ଠିକ ବିକ୍ରିବଟା, ଚାଷ ଓ ଚାଷୀଙ୍କ ମଧ୍ୟରେ ଦଲାଲରାଜ ଶେଷ କରିବା, ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ କୃଷିକୁ ପ୍ରୋତ୍ସାହନ, ମଣ୍ଡି ବ୍ୟବସ୍ଥାରେ ଉନ୍ନତି, ଜିଲ୍ଲାରେ କୃଷି ବିଶ୍ୱ ବିଦ୍ୟାଳୟ ସ୍ଥାପନର ଆବଶ୍ୟକତା ରହିଛି। ସାରା ରାଜ୍ୟରେ କୃଷିରେ ଅଗ୍ରାଧିକାର ହାସଲ କରିଥିବା କଳାହାଣ୍ଡି ପାଇଁ ଏକ ସ୍ୱତନ୍ତ୍ର ପଲିସୀର ଆବଶ୍ୟକତା ରହିଛି ଏବଂ ଜିଲ୍ଲାର କୃଷି ପ୍ରସଙ୍ଗ ବିଧାନସଭାରେ ଉଠିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖକ ଓ ଗବେଷକ ଉମାଶଙ୍କର କର, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଶାନ୍ତନୁ ବେହେରା, ସୁଶାନ୍ତ ମହାପାତ୍ର, ବିଶିଷ୍ଟ ଚାଷୀ କୃଷ୍ଣ ନାଗ, ପ୍ରଶାନ୍ତ ପାଟଯୋଶୀ, ଦୀପ୍ତିରଞ୍ଜନ ପ୍ରହରାଜ, ଭବାନୀପାଟଣା ସମବାୟ ବ୍ୟାଙ୍କର ସଭାପତି ଗିରୀଶ ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟପକ୍ଷରେ ପ୍ରବୋଧ ରଥ ସାମ୍ବାଦିକମାନଙ୍କ ଏଭଳି ଭୂମିକାକୁ ପ୍ରଶଂସା କରିବା ସହିତ ବିଭିନ୍ନ ତଥ୍ୟ ସମ୍ବଳିତ ପ୍ରସ୍ତାବ ବାସ୍ତବ ରୂପନେବା ଜରୁରୀ ବୋଲି ମତଦେଇଥିଲେ। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିବାବେଳେ ପ୍ରଶାନ୍ତ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଆବାହକ ବିଧାୟକ ଶ୍ରୀ ମିଶ୍ର ଆଗାମୀ ଦିନରେ ଜିଲ୍ଲାର କୃଷିଭିତ୍ତିକ ପ୍ରସଙ୍ଗ ଗୁଡ଼ିକୁ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ଦୃଢତାର ସହିତ ପ୍ରକାଶ କରିଥିଲେ। ଏଥିରେ ଜିଲ୍ଲାର ୧୩ଟି ବ୍ଲକ ଅଞ୍ଚଳରୁ ଶତାଧିକ ସାମ୍ବାଦିକଙ୍କ ସହ ଚାଷୀ, ବୁଦ୍ଧିଜୀବୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ପାଠ ପଢ଼ିବାକୁ ଯାଇଥିବା ପୁଅକୁ ଅପହରଣ

ଥୁଆମୂଳରାମପୁର, ୧୦।୮ (ସମିସ): ରବିବାର ଅପରାହ୍ନ ୫ଟା ରେ ନିଜ ପୁଅକୁ କେହି ଅପହରଣ କରିନେଇଥିବା ନେଇ ଉଡିଗୁଣାର ଟାକୁ ମାଝୀ ଥୁଆମୂଳରାମପୁର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଥୁଆମୂଳ ରାମପୁର ପୁଲିସ ଥାନା ଅଧୀନସ୍ଥ ଉଡିଗୁଣାର ଟାକୁ ମାଝୀଙ୍କ ପୁଅ ବିଶ୍ୱ ବିଶ୍ୱନାଥ(୧୫) ଭବାନିପାଟଣା ବିଶ୍ୱ ବିଦ୍ୟାଳୟରେ ପାଠ ପଢୁଛି। ଗତ ୪ତାରିଖ ଦିନ ୫ହଜାର ଟଙ୍କା ନେଇ ଘରରୁ ବାହାରି ଭବାନିପାଟଣା ଯାଇଥିଲା। କିନ୍ତୁ ଗତ ୭ ତାରିଖ ଦିନ ବିଶ୍ୱନାଥର ମୋବାଇଲ ନମ୍ବରରୁ ଅନ୍ୟ କେହି ଜଣେ ଫୋନ କରି ତୁମ ପୁଅ

ଆମ ପାଖରେ ଅଛି। ୧୫ ହଜାର ଟଙ୍କା ଦିଅ ନଚେତ ତୁମ ତୁମ ପୁଅକୁ ଜୀବନରେ ମାରି ଦିଆଯିବ ବୋଲି ଧମକ ଦେଇଥିଲେ। ଯାହା ଶୁଣିବା ପରେ ନିଜେ ଟାକୁ ମାଝୀ ଭବାନିପାଟଣା ଯାଇ ବିଶ୍ୱନାଥର ସାଙ୍ଗମାନଙ୍କୁ ବିଶ୍ୱନାଥ ସମ୍ବନ୍ଧରେ ପଚାରି ବୁଝିଥିଲେ। କିନ୍ତୁ ବିଶ୍ୱନାଥ ତାଙ୍କ ନିକଟକୁ ପହଞ୍ଚି ନଥିବା ସେମାନେ ସୂଚନା ଦେଇଥିଲେ। ପୁଣି ରବିବାର ସକାଳେ ବିଶ୍ୱନାଥର ମୋବାଇଲ ନମ୍ବରରୁ ପୁଣି ଫୋନ ଆସିଥିଲା। ସେମାନେ ଉତରପ୍ରଦେଶର କାନପୁର ଠାରେ ଥିବା କହିବା ସହ ଶୀଘ୍ର ଟଙ୍କା ନେଇ ଯିବା ପାଇଁ ଧମକ ଦେଇଥିଲେ।ଏନେଇ ବାପା ଟାକୁ ମାଝୀ ଥୁଆମୂଳରାମପୁର ଥାନାର ଦ୍ୱାରସ୍ଥ ହୋଇ ପୁଅକୁ ଠାବ କରିବା ପାଇଁ ଅନୁରୋଧ କରିଛନ୍ତି।

ବ୍ଲକ୍ ଉପାଧ୍ୟକ୍ଷଙ୍କ ଉଦ୍ୟମରେ ଫେରିଲେ ୩ ଯୁବତୀ

କୋକସରା, ୧୦।୮ (ସମିସ): ତାମିଲନାଡୁ ତ୍ରିପୁରକୁ ସିଲେଇ କରିବାକୁ ଯାଇ ନିର୍ଯାତିତ ହେଉଥିବା କୋକସରା ଅଞ୍ଚଳର ୩ଜଣ ଯୁବତୀଙ୍କୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଛି। କୋକସରା ଅଞ୍ଚଳର କିଛି ଯୁବତୀଙ୍କ ସହ ଏହି ଯୁବତୀମାନେ ଗତ ୮ ମାସ ତଳେ ତାମିଲନାଡୁ ତ୍ରିପୁରକୁ ସିଲେଇ କରିବା ପାଇଁ ଯାଇଥିଲେ। ସେଠାକାର ଏକ ସିଲେଇ କେନ୍ଦ୍ରରେ କାମ କରୁଥିଲେ; ହେଲେ ସିଲେଇ କେନ୍ଦ୍ରରେ ସେମାନଙ୍କୁ ଅଳ୍ପ କିଛି ଟଙ୍କା ଦେଇ ୧୨ ଘଣ୍ଟାରୁ ଅଧିକ ପରିଶ୍ରମ କରାଯାଉଥିଲା। ଏହା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କିମ୍ବା ଘରକୁ ଯିବାକୁ କହିଲେ ଛୁଟି ନ ଦେଇ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ଯୁବତୀମାନେ ତାଙ୍କ ଘର ଲୋକଙ୍କୁ ଜଣାଇବା ସହ କୋକସରା ବ୍ଲକ ଉପାଧ୍ୟକ୍ଷଙ୍କୁ ମଧ୍ୟ ଜଣାଇଥିଲେ। ଶ୍ରୀ ଅଗ୍ରୱାଲ ଏହି ଯୁବତୀମାନଙ୍କୁ ଉଦ୍ଧାର କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସିଲେଇ କେନ୍ଦ୍ରର ମାଲିକଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଯୁବତୀଙ୍କ ଭାଇଙ୍କୁ ତ୍ରିପୁରପଠାଇସେମାନଙ୍କୁ ଉଦ୍ଧାରକରାଯାଇଛି। ଏବେ ସେମାନେ ନିଜ ଗାଁକୁ ଫେରିଛନ୍ତି।

ରାଷ୍ଟ୍ରୀୟ ସମ୍ମାନର ସହ ଯବାନଙ୍କ ଅନ୍ତିମ ସଂସ୍କାର

କୋମନା, ୧୦।୮ (ସମିସ):ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଖଇରଭାଡ଼ି ଗ୍ରାମର ଯବାନ ପରମାନନ୍ଦ ମାଝୀ ଗତ ଦୁଇଦିନ ତଳେ ୩୫୩ ନଂ ଜାତୀୟ ରାଜପଥର କ୍ରିଷ୍ଣା ଓ ଉଦ୍ୟାନବନ୍ଦର ମଧ୍ୟ ଭାଗରେ ଥିବା ବୁଲାଣିରେ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ମୃତ୍ୟୁ ହୋଇଥିଲା। ସହିଦ ପରମାନନ୍ଦ ୧୯-ବିହାରର ରେଜିମେଣ୍ଟ ରେ କାର୍ଯ୍ୟରତ ଥିବା ବେଳେ ୮ ତାରିଖ ଦିନ ଛୁଟିରେ ଘରକୁ ଆସିଥିଲେ। ସନ୍ଧ୍ୟା ବେଳେ ମାମୁଁ ଭଣଜା ମିଶି କୌଣସି କାମରେ କୋମନା ଯାଉଥିବା ବେଳେ ପଛପଟୁ ଟ୍ରକ୍ ଆସି ମାଡି ଯାଇଥିଲା। ଯାହାଫଳରେ ଘଟଣା ସ୍ଥଳରେ

ଉଭୟଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ବିହାର ରେଜିମେଣ୍ଟର ବିଭିନ୍ନ ଅଧିକାରୀ ନୂଆପଡ଼ା ପହଞ୍ଚି ଯବାନଙ୍କ ମର ଶରୀରକୁ ରାଷ୍ଟ୍ରୀୟ ସମ୍ମାନ ଦିଆ ଯାଇଥିଲା।ରବିବାର ପୂର୍ବାହ୍ନ ୧୧ ଟାରେ ମରଶରୀର ଗାଁରେ ପହଞ୍ଚିବା ପରେ ଗାଁ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରୁ ମର ଶରୀରକୁ କୁରେଶ୍ୱର ଓ ଖଇରଭାଡି ଗାଁରେ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ପୂର୍ବତନ କଳାହାଣ୍ଡି ସଂସଦ ବସନ୍ତ ପଣ୍ଡା, ପୂର୍ବତନ କୁରେଶ୍ୱର ସରପଞ୍ଚ ଅନ୍ତ ସାହୁ, ସରପଞ୍ଚ ସତ୍ୟବାନ ସାହୁ, ୧୯- ରେଜିମେଣ୍ଟର ବହୁ ପଦାଧିକାରୀ, ଗ୍ରାମବାସୀ ତଥା ଲକ୍ଷାଧିକ ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ଶେଷରେ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ମୃତଦେହ ସଂସ୍କାର କରାଯାଇଥିଲା।

ଛେଳିକିଣା କାରବାରରେ ଯୁବକଙ

ଧାନ କ୍ଷେତରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତେଲକୋଇ,୧୦।୮ (ସମିସ): ତେଲକୋଇ ଥାନା ଓରିଆ ଗ୍ରାମର ଏକ ଧାନ କ୍ଷେତରୁ ଜଣେ ଯୁବକଙ୍କ ମୃତଦେହ ସନ୍ଦେହ ଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ମୃତକ ହେଲେ ସେହି ଗ୍ରାମର ସେନାପତି ନାଏକ (୩୨)। ଖବର ପାଇ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଅଙ୍ଗନବାଡ଼ି ଛାତରୁ ନାବାଳକର ମୃତଦେହ ଉଦ୍ଧାର

ଯୋଡ଼ା,୧୦।୮ (ସମିସ): ଯୋଡ଼ା ଥାନା ବିଲେଇପଦା ସ୍ଥିତ ପୁରୁଣା ଅଙ୍ଗନବାଡି କେନ୍ଦ୍ରର ଛାତ ଉପରୁ ଜଣେ ନାବାଳକର ମୃତଦେହ ଉଦ୍ଧାର ହୋଇଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ନାବାଳକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତକ ବିଲେଇପଦା ମୁଣ୍ଡା ସାହିର ଗୋବିନ୍ଦ ବବୋଙ୍ଗାଙ୍କ ୭ ବର୍ଷର ପୁଅ ଅରୁଣ ବବୋଙ୍ଗା ବୋଲି ଜଣାପଡ଼ିଛି। ମୃତଦେହ ଉଦ୍ଧାର କରି ଯୋଡ଼ା ପୁଲିସ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ପିକ୍‌ଅପ୍ ଭ୍ୟାନ୍ ଜବତ; ୯ ଗୋରୁ ଉଦ୍ଧାର

ତୁରୁମୁଙ୍ଗା,୧୦।୮ (ସମିସ): ବେଆଇନ ଗୋ ଚାଲାଣ ସମୟରେ ଶନିବାର ବିଳମ୍ବିତ ରାତିରେ ସାହାରପଡା ବ୍ଲକ ଚାତରପାଣି ନିକଟରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ବନ କର୍ମଚାରୀ ଜବତ କରି ସାହାରପଡା ଫାଣ୍ଡିର ଜିମା ଦେଇଛନ୍ତି। ଗାଡ଼ି ଭିତରୁ ୯ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ହାତୀ ପାଟ୍ରୋଲିଂ କରୁଥିବା ସମୟରେ ପିକ୍‌ଅପ୍ ଭ୍ୟାନ୍‌ଟି ଦ୍ରୁତଗତିରେ ଯାଉଥିବା ଦେଖି ବନ କର୍ମଚାରୀ ଉକ୍ତ ଗାଡି ଅଟକାଇ ଥିଲେ। ପରେ ଗାଡ଼ିରେ ଗୋରୁ ଥିବା ଦେଖି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଘଟଣା ସ୍ଥଳରୁ ଗୋ ମାଫିଆ ଫେରାର ହୋଇଯାଇଥିବା ବେଳେ ସାହାରପଡା ଫାଣ୍ଡି ପୁଲିସ ଗାଡିକୁ ଜବତ କରି ଉଦ୍ଧାର ଗୋରୁଙ୍କୁ କରଞ୍ଜିଆ ଗୋଶାଳାରେ ଛାଡି ଘଟଣାର ତଦନ୍ତ କରୁଛି।

ବନବିଭାଗ ପକ୍ଷରୁ ରକ୍ଷାବନ୍ଧନ

ହାଟଡ଼ିହୀ,୧୦।୮ (ସମିସ): ଆନନ୍ଦପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ହଦଗଡ଼ ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାଳିଆମ୍ବ, ସଙ୍କଟପାଲିଆ, ସୁଜୁନାପାଳ, ହରଡ଼ବାଡ଼ି ଆଦି ସ୍ଥାନରେ ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ସଦସ୍ୟାଙ୍କ ସହଯୋଗରେ ଏହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳାମାନେ ବୃକ୍ଷକୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିବା ସହିତ ଗଛରେ ରାକ୍ଷୀ ବାନ୍ଧିଥିଲେ। ବନପାଳ ମଳୟ କୁମାର ସାହୁ, ଲକ୍ଷ୍ମୀଧର କିସ୍କୁ, ବନରକ୍ଷୀ ଜ୍ୟୋତିରଞ୍ଜନ ମାଝୀ, ରଶ୍ମୀରଞ୍ଜନ ରାଉତ, ଅଜୟ କୁମାର ସେଠୀ, ଦିନେଶ ମାଝୀ ପ୍ରମୁଖ ଯୋଗଦେଇ ଜୀବଜଗତ ପାଇଁ ବୃକ୍ଷର ଭୂମିକା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। କାଳିଆମ୍ବ ଜଙ୍ଗଲ କମିଟି ସଭାପତି ସୁବର୍ଣ୍ଣ ଦଣ୍ଡପାଟ, ସୁକାନ୍ତ ନାୟକ, ଶାନ୍ତିଲତା ନାଇକ, ମାମା ନାଏକ, ହରଡବାଡି କମିଟିର ଉପସଭାପତି ସୁମତୀ ନାଏକ, ଯଶୋଦା ସେଠୀ, ଭାନୁମତୀ ନାଏକ, ସୁଜୁନାପାଳର ସଭାନେତ୍ରୀ ଝରଣା ପଲେଇ, ସୁମିତ୍ରା ନାଏକ, ଯଶୋଦା ମୁଣ୍ଡାଙ୍କ ସମେତ ଶତାଧିକ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ବିଜୟକୁମାର ସାଓ ବିବେକାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କୁଶଳେଶ୍ୱର କଲେଜ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ବେଲବାହାଳି/ଆନନ୍ଦପୁର,୧୦।୮ (ସମିସ): ଘଷିପୁରା ବ୍ଲକ୍ ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ସାହୁଙ୍କୁ ବାଙ୍ଗୀ ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦ, ବାଙ୍କୀ ତରଫରୁ ବିଶିଷ୍ଟ ସଂସ୍କୃତି ସାଧକ ଭାବେ ସମ୍ବର୍ଦ୍ଧିତ କରାଯାଇଛି। ସାରସ୍ୱତ ସାଧକ ବାହାଦୁର ପାଟଶାହାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ ଡ. ବିମ୍ବାଧର ବେହେରା ମୁଖ୍ୟଅତିଥି, ଢେଙ୍କାନାଳ କଲେଜ ଅଧକ୍ଷ ଡ. ସମୀର କୁମାର ସାହୁ ମୁଖ୍ୟବକ୍ତା, ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ସାହୁଙ୍କ ସଫଳତା ପାଇଁ କଲେଜର ଅଧକ୍ଷ ସଞ୍ଜୟ କୁମାର ମିଶ୍ର, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି।

ସୋସୋ ମେଡିକାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା

ନିୟମିତ ଆସୁ ନାହାନ୍ତି ଡାକ୍ତର; ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ

ହାଟଡ଼ିହୀ,୧୦।୮ (ସମିସ)

ହାଟଡ଼ିହୀ ବ୍ଲକ ତଥା ଶାଳଣିଆଁ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧୀନ ସୋସୋ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପାଇଁ ଡ଼ାକ୍ତର ବ୍ୟବସ୍ଥା ଥିଲେ ସୁଦ୍ଧା ନିୟମିତ ଡ଼ାକ୍ତର ନଆସିବାରୁ ରୋଗୀମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଫାର୍ମାସିଷ୍ଟଙ୍କ ହାତରେ ସ୍ୱାସ୍ଥ୍ୟ ସେବା ଚାଲିଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏକାଧିକ ଯୋଜନା କରିବା ସହ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଲୋକଙ୍କୁ ମାଗଣାରେ ଚିକିତ୍ସା ଠାରୁ ଆରମ୍ଭ କରି ମାଗଣା ଔଷଧ ଯୋଗାଇ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବାସ୍ତବ କ୍ଷେତ୍ରରେ ଯୋଜନା ଗୁଡିକ କାର୍ଯ୍ୟକାରୀ ହୋଇପାରୁନି। ଏଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳି ପାରୁନଥିବା ଅଭିଯୋଗ ହେଉଛି। ୧୯୩୦ ମସିହାରୁ ଆରମ୍ଭ ହୋଇଥିବା ସୋସୋ ସ୍ୱାସ୍ଥ୍ୟ କେନ୍ଦ୍ରଟିରେ ଏବେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ମାସ ମାସ ଧରି

ଡାକ୍ତର ନଥିବାରୁ ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟସେବା ଚାଲିଛି। ସନ୍ଧ୍ୟାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ କେହି ରହୁନଥିବାରୁ ସ୍ଥାନୀୟ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଏ ଅଞ୍ଚଳର ଲୋକମାନଙ୍କ ପାଇଁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସୋସୋ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କରିଛନ୍ତି। ଡାକ୍ତରଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କର୍ମଚାରୀଙ୍କ ପାଇଁ ନୂତନ ଗୃହ ନିର୍ମାଣ ହୋଇଛି ; ବିଭିନ୍ନ ପରୀକ୍ଷାନିରୀକ୍ଷା ପାଇଁ ଲ୍ୟାବ୍ ମଧ ତିଆରି ହେବା ସହିତ କର୍ମଚାରୀ ନିଯୁକ୍ତ ଅଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସୋସୋ, ବାଲିବରେଇ, ବାଙ୍ଗୋର, ପଡିଆରୀପଲୀ, କେ.ବାଲିପାଳ, ଢେଙ୍କା ଆଦି ପଞ୍ଚାୟତର ହଜାର ହଜାର ଲୋକ କରୁଥିବା ବେଳେ ଲୋକମାନେ ଏଠାରୁ ଭଲ ସ୍ୱାସ୍ଥ୍ୟ ସେବା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସେମାନଙ୍କ ଆଶା ପୂରଣ ହୋଇପାରିଲା ନାହିଁ। ତେଣୁ ସେମାନେ ସାମାନ୍ୟ ଅସୁସ୍ଥ ହେଲେ ପଡୋଶୀ ଭଦ୍ରକ ଜିଲ୍ଲାର ଆଗରପଡା କିମ୍ବା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଯାଉଛନ୍ତି। ଏହା ବ୍ୟତୀତ ସେମାନଙ୍କୁ ୩୦କି.ମି. ଦୂର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ଯିବାକୁ ମଧ ପଡୁଛି। ସୋସୋ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ରୋଗୀ ସେବା ଠିକ୍ ଭାବରେ ମିଳୁ ନଥିବାରୁ ସ୍ଥାନୀୟ ବାସିନ୍ଦାମାନେ ବାରମ୍ବାର ପ୍ରଶାସନ ନିକଟରେ ଦାବି କରିଥିଲେ ବି କିଛି ସୁଫଳ ମିଳୁନି। ତେଣୁ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ନେଇ ଜାଣିବାକୁ ମିଳିଛି। ଯଦି ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ସହ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଉପଖଣ୍ଡ ବ୍ରାହ୍ମଣ ମହାସଂଘର ବୈଠକ

ଆନନ୍ଦପୁର୧୦।୮ (ସମିସ): ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଂଘର ସପ୍ତମ ମହାସଭା ରବିବାର ଘସିପୁରା ବ୍ଲକ୍ ଭୋଳନୂଆଗାଆଁ ବୀର ଗଦାଧରପୁର ଶାସନସ୍ଥ ଓଙ୍କାରେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହାସଭା ଅଧିବେଶନରେ ମୁଖ୍ୟଅତିଥି ଭାବରେ ଓଡ଼ିଶା ବ୍ରାହ୍ମଣ ସମାଜ ମହାସଂଘର ସଭାପତି ଡଃ ସଦାନନ୍ଦ ଦୀକ୍ଷିତ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ବ୍ରାହ୍ମଣ ସମାଜ ମଧ୍ୟରେ ଐକ୍ୟ ଓ ସଂହିତା ରକ୍ଷା, ମହାନ ସଂସ୍କୃତିର ସୁରକ୍ଷା, ବେଦକର୍ମକାଣ୍ଡର ପ୍ରଚାର ପ୍ରସାର ଓ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବରେ ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ଯୋଗାଚାର୍ଯ୍ୟ ରାଜେନ୍ଦ୍ର ପାଢ଼ୀ, ଅନ୍ୟତମ ବକ୍ତା ପ୍ରବଚକ ନରହରି ଦାଶ ଯୋଗଦେଇ ସନାତନ ହିନ୍ଦୁ ଧର୍ମ ଓ ବ୍ରାହ୍ମଣ ସମାଜ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଆନନ୍ଦପୁର ଉପଖଣ୍ଡ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ଶରତ ମିଶ୍ର, ଉପଦେଷ୍ଟା ମଧୁସୂଦନ ମିଶ୍ର, କାର୍ଯ୍ୟକାରୀ ସଭାପତି ଶାନ୍ତନୁ ମିଶ୍ର, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ସଂଯୋଜକ ମଦନ ମୋହନ ମିଶ୍ର, ସମ୍ମାନିତ ଅତିଥି ଭାବରେ ହଳଧର ପଣ୍ଡା, ସାରଙ୍ଗ ନନ୍ଦ, ଅବସର ପ୍ରାପ୍ତ ଶିକ୍ଷକ ସୁବାଷ ମିଶ୍ର ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବ୍ରାହ୍ମଣମାନଙ୍କୁ ସୁଙ୍ଗଠିତ କରି ସଂସ୍କୃତିକୁ ବଞ୍ଚାଇ ରଖିବା ସହିତ ଉତ୍ତରପିଢ଼ୀଙ୍କୁ ବୈଦିକ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଥିଲେ। ଆୟୋଜକ ବୀର ଗଦାଧରପୁର ଶାସନର ଗ୍ରାମୀନ ଶ୍ରୀହର୍ଷ ଶତପଥୀ, ମଦନମୋହନ ଶତପଥୀ, ଭାଗବତ ମିଶ୍ର,ଜୟନ୍ତ ମିଶ୍ର, କେଦାର ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଟୁକୁଣା ଶାସନ, ଆନନ୍ଦପୁର ଶାସନ, ଜନାର୍ଦ୍ଦନପୁର ଶାସନ, ବୀରଗୋବିନ୍ଦପୁର ଶାସନ, ଗଦାଧରପୁର ପୁର ଶାସନ, ବଳଭଦ୍ରପୁର ଶାସନ, ଲକ୍ଷ୍ମୀ ନାରାୟଣପୁର ଶାସନ, ରୁଦ୍ର ନାରାୟଣପୁର ଶାସନ, ସାଇଁକୁଳ, ସୁଆଁପଦା, ଲୁଣାହାର,ପଚାଙ୍ଗ, ସାଳବଣୀ, ଡଅଁର, ବଳରାମପୁର, ବନ୍ତ, ଅଡାଳପଙ୍କ, ଆପଣ୍ଡା, ବସନ୍ତିଆ, ଦନେଇପୁର ଶାସନ, ରୁକୁଣାଦେଇପୁର ଶାସନ, ଟୋଳଙ୍କପଡା ସମେତ ବହୁ ଶାସନର ଦୁଇ ଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ବ୍ରାହ୍ମଣମାନେ ଯୋଗଦେଇଥିଲେ। ପଚାଶ ଜଣ ବରିଷ୍ଠ କର୍ମକର୍ତ୍ତା ଓ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ତଥା ବ୍ରାହ୍ମଣ ମହାସଂଘର ସହ ସମ୍ପାଦକ ଭାଗୀରଥୀ ଦାଶ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସାମ୍ବାଦିକ ତଥା ଉପଦେଷ୍ଟା ମଦନ ପାଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭୋଳନୂଆଗାଆଁ ଶାସନର ଭରତ ମିଶ୍ର ବିଭିନ୍ନ ଶାସନରୁ ଯୋଗଦେଇଥିବା ସମସ୍ତ କର୍ମକର୍ତ୍ତା ବ୍ରାହ୍ମଣ ଦେବତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦଧିବାମନଙ୍କ ମନ୍ଦିରରେ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଓ ରାକ୍ଷୀ ପୂର୍ଣ୍ଣିମା

ବେଲବାହାଳି/ଆନନ୍ଦପୁର,୧୦।୮ (ସମିସ): ଘଷିପୁରା ବ୍ଲକ୍ କେଶଦୁରାପାଳ ଦଧିବାମନ ଜୀଉ ମନ୍ଦିରରେ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମ ଉତ୍ସବ ସହ ରାକ୍ଷୀ ପୂର୍ଣ୍ଣିମା ପାଳନ ହୋଇଯାଇଛି। ଶ୍ରୀ ଜୀଉଙ୍କର ନୀତିକାନ୍ତି ସମାପନ କରାଯିବା ପରେ ମହାପ୍ରଭୁଙ୍କୁ ବେଶ ସୁଙ୍ଗାର କରାଯାଇଥିଲା। ପରମ୍ପରା ଅନୁଯାୟୀ ପାଟ ବୈସ୍ୟ ସମ୍ପ୍ରଦାୟର ସେବକମାନେ ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଶ୍ରୀଜୀଉଙ୍କର ପୂଜାର୍ଚ୍ଚନା କରିଥିଲେ। ପୁରାତନ କାଳରୁ ଏହି ପାଟ ବୈସ୍ୟମାନେ ବଂଶାନୁକ୍ରମେ ଏହି ମନ୍ଦିରରେ ଏହି ସେବାପୂଜା କାର୍ଯ୍ୟ କରିଥାନ୍ତି ଏହା ଏକ କୃଷି ଭିତ୍ତିକ ପର୍ବ। କୃଷି କାର୍ଯ୍ୟ ସମାପନ ପରେ ଏହି ବୈସ୍ୟ ସମାଜ ନିଜ ବ୍ୟବ୍ୟସାୟ ପାଇଁ ନିଜ ନିଜ ଘରେ ପାଟରା ଦ୍ରବ୍ୟ ଗୁଡ଼ିକୁ ପୂଜାର୍ଚ୍ଚନା କରି ମହାପ୍ରଭୁ ବଳଭଦ୍ର ଜୀଉଙ୍କ ଉଦ୍ଦେଶ୍ୟରେ ସଜ ବସାଇ ବନ୍ଦାପନା କରିଥାନ୍ତି ଓ ମଣ୍ଡା ପିଠା ନୈବେଦ୍ୟ ଆକାରରେ ଭୋଗ ଲାଗି କରିଥାନ୍ତି। ପରେ ମନ୍ଦିର ରୁ ସେମାନଙ୍କର ବ୍ୟବସାୟ ଆରମ୍ଭ କରିଥାନ୍ତି। ଏଥିରେ ପାଟରା ସମ୍ପ୍ରଦାୟର ଶତାଧିକ ଲୋକ ସାମିଲ ହୋଇଥିଲେ। ମହାପ୍ରଭୁଙ୍କ ଜନ୍ମ ଉଦ୍ଦେଶ୍ୟରେ କେଶଦୁରାପାଳ ଗୋପୀନାଥପୁର ଶାସନର ବ୍ରାହ୍ମଣମାନେ ଶ୍ରୀ ଜୀଉଙ୍କର ଏକ ମାଟି ପିତୁଳା ସ୍ଥାନୀୟ ରେମାଳ ନଦୀ କୂଳରେ ନିର୍ମାଣ କରାଇ ମନ୍ଦିର ପୁରୋହିତ ଓ ପୂଜା ଆଚାର୍ଯ୍ୟଙ୍କ ସମେତ ସମସ୍ତ ବ୍ରାହ୍ମଣ ଏହାକୁ ଯିବ ନ୍ୟାସ ଦେବା ପରେ ପରମ୍ପରା ଅନୁଯାୟୀ କାକରା ପିଠା ନୈବେଦ୍ୟ ଭାବେ ଭୋଗ ଲଗାଯାଇଥିଲା। ପରେ ପ୍ରସାଦକୁ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।

ବଜ୍ରପାତରେ ଜଣେ ମୃତ

କେନ୍ଦୁଝର,୧୦।୮ (ସମିସ): କେନ୍ଦୁଝର ସଦର ବ୍ଲକ୍ କୋଡିପଶା ଡ୍ୟାମରେ ଗାଧେଇବାକୁ ଯାଉଥିବା ବେଳେ ବଜ୍ରପାତ ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଆଉ ଦୁଇଜଣ ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ କେନ୍ଦୁଝର ସହରରୁ ୩ ଜଣ ସାଙ୍ଗ ଏକ ସ୍କୁଟିରେ ଗାଧେଇବାକୁ କୋଡିପଶା ଡ୍ୟାମକୁ ଯାଇଥିଲେ। ଡ୍ୟାମରେ ସ୍କୁଟି ରଖି ଗାଧୋଇବାକୁ ଯିବା ବେଳେ ମଧ୍ୟାହ୍ନ ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ (୧୫) ମୃତ୍ୟୁବରଣ କରିଥିବାବେଳେ ତାଙ୍କ ସାଙ୍ଗ ବୈଦରାଜ ସାହିର ସମୀତ ରଣସିଂହ (୧୭) ଏବଂ ଡାଙ୍କୁଣିଆ ସାହିର ଅଂଶୁ ନାଏକ (୧୬) ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅଛନ୍ତି। ଏନେଇ କେନ୍ଦୁଝର ଟାଉନଥାନାରେ ୮୦/୨୦୨୫ ଅନୁସାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ପୁଲିସର ଚଢ଼ଉ; ବେଆଇନ ମହୁଲ ପଚ ନଷ୍ଟ

ତୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍‌ରେ ନଦୀ କୂଳରେ ବେଆଇନ ଭାବରେ ଦେଶୀ ମହୁଲମଦ ପ୍ରସ୍ତୁତ ଚାଲିଥିବା ସମୟରେ ପାଟଣା ଓ ସାହାରପଡ଼ା ଫାଣ୍ଡି ପୁଲିସ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପଚକୁ ନଷ୍ଟ କରିବା ସହ ମଦରନ୍ଧା ସରଞ୍ଜାମକୁ ଜବତ କରିଛି। ଚଢ଼ଉ ଦେଖି ମାଫିଆ ଫେରାର ହୋଇଯାଇଥିଲେ।

ଜୁଆ ଖେଳ ଉପରେ ଚଢ଼ଉ; ଜଣେ ଗିରଫ

ତୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ବୁଢ଼ାବଣ ସାପ୍ତାହିକ ହାଟରେ ଶନିବାର ଜୁଆଖେଳ ହେଉଥିବା ଖବରପାଇ ସାହାରପଡ଼ା ଫାଣ୍ଡି ଅଧିକାରୀ ଚଢ଼ଉ କରି ପଳସାପଡା ଗ୍ରାମର ଗୋବିନ୍ଦ ବିଶ୍ୱାଳଙ୍କୁ ଗିରଫ କରିବା ସହ ୯ ଶହ ଟଙ୍କା ସମେତ ଡଲା, ଗୁଟି ଏବଂ ପାଲି ଜବତ କରିଛନ୍ତି।

କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନରେ ରକ୍ଷାବନ୍ଧନ

ଆନନ୍ଦପୁର,୧୦।୮ (ସମିସ): ଆନନ୍ଦପୁର ଉପଖଣ୍ଡର ଅଗ୍ରଣୀ ଘରୋଇ ଶିକ୍ଷା ଅନୁଷ୍ଠାନ କନକ ମଞ୍ଜରୀ ବାଲ୍ ଶିକ୍ଷା ସଂସ୍ଥାନର ୩୮ତମ ରକ୍ଷାବନ୍ଧନ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନ ମୋହନ ଦାଶ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଧର ମହାରଣା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମନିଷା ପ୍ରିୟଦର୍ଶିନୀ, ସଂସ୍କୃତି ମହାରଣା, ବିଷ୍ଣୁପ୍ରିୟା ସାହୁ, ବାସୁଦେବ ସାହୁଙ୍କ ଦ୍ୱାରା ରାଷ୍ଟ୍ରୀୟ ବନ୍ଦନା ଗାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଆଚାର୍ଯ୍ୟା ରୋନାଲୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ଆଚାର୍ଯ୍ୟ ଶ୍ରୀଲୋଚନ ପୁହାଣ, ରବିନ୍ଦ୍ର କୁମାର ସାହୁ, ସତ୍ୟଜିତ ସାହୁ, କାଳନ୍ଦୀ ମହାରଣା, ନଟବର ସାହୁ, ଚିତ୍ରସେନ ସାହୁ ଆଚାର୍ଯ୍ୟାମାନଙ୍କ ମଧ୍ୟରେ ରୋନାଲୀ ଜେନା, ଜ୍ୟୋସ୍ନାମୟୀ ନାୟକ, ସନ୍ଧ୍ୟାରାଣୀ ପଟ୍ଟନାୟକ, ରଶ୍ମିତା ସିଂ, ଚିନ୍ମୟୀ ରାଉତ, ସ୍ନିଗ୍ଧା ସରିତା ମହାରଣା, ପଦ୍ମିନୀ ରାଉତ, ଦିପ୍ତୀମୟୀ ବେହେରା, ସେବକ ଶଙ୍କର୍ଷଣ ରାଉତ ସେବିକା ଶାନ୍ତି ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିପର୍ଯ୍ୟସ୍ତ ପଣ୍ଡୁଆ ମୁସଲିମ୍ ବସ୍ତି ରାସ୍ତା; ମରାମତି ଦାବି

ରାମଚନ୍ଦ୍ରପୁର,୧୦।୮ (ସମିସ): ଘସିପୁରା ବ୍ଲକ୍ ପଣ୍ଡୁଆ ପଞ୍ଚାୟତ ଅନେକ ସାହି ରାସ୍ତା ପାଣି କାଦୁଅରେ ଭର୍ତ୍ତି ହୋଇଥିବାବେଳେ ୬ନଂ ୱାର୍ଡ ମୁସଲିମ୍ ବସ୍ତିର ରାସ୍ତା ସାମାନ୍ୟ ବର୍ଷାରେ ପାଣି କାଦୁଅରେ ଭର୍ତ୍ତିର୍ ହୋଇଯାଉଛି। ଯାହା ଫଳରେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି ମୁସଲିମ୍ ବସ୍ତିବାସୀନ୍ଦା। ରାସ୍ତା କଡରେ ଡ୍ରେନେଜ୍ ସୁବିଧା ନଥିବାରୁ ଜଳ ନିଷ୍କାସନ ହୋଇ ନପାରି ରାସ୍ତା ଉପରେ ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। କୋମଳମତି ଶିଶୁମାନେ ଏହି ରାସ୍ତାରେ ବିଦ୍ୟାଳୟକୁ ଯିବା ଆସିବା କରୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ସ୍ଥାନୀୟ ସରପଞ୍ଚ କିମ୍ବା ପ୍ରଶାସନିକ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି। ବିଗତ ଦିନରେ ଜ୍ୱର, ଝାଡ଼ା, ବାନ୍ତି, ଡାଇରିଆ ଜନିତ ରୋଗରେ ପଡି ଅନେକ ଡାକ୍ତରଖାନାକୁ ଯାଇଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଏହି ରୋଗର ପ୍ରମୁଖ କାରଣ ହୋଇଥିବା ବେଳେ ଏହାର ନିରାକରଣ କିମ୍ବା ପ୍ରତିକାର ଦିଗରେ ପ୍ରଶାସନିକସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ତୁରନ୍ତ ସାହିକୁ କଂକ୍ରିଟ୍ ରାସ୍ତା ନିର୍ମାଣ ସହ ସହ ଡ୍ରେନ୍ ବ୍ୟବସ୍ଥା କରିବା ପାଇଁ ମୁସଲିମ୍ ବସ୍ତିର ଶିରାଜୁଜିନ ଖାଁ, ରବି ଆହେମଦ ଖାଁ, ବସିର ହେମତ ଖାଁ, ରିଆଜୁଜିନ ଖାଁ, ରାଜେଦା ବିବି, ମରିଏମ୍ ବିବି, ନିନି ବିବି ପ୍ରମୁଖ ଦାବି କରିଛନ୍ତି।

ହରଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ

କେନ୍ଦୁଝର,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ହର ଘର ତିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରୁଛି। ଏହି ପରିପ୍ରେକ୍ଷୀରେ ରବିବାର କଲେକ୍ଟରେଟ୍ କ୍ୟାମ୍ପସରେ ବିଭିନ୍ନ ଅଧିକାରୀ, କର୍ମଚାରୀ ଏବଂ ସ୍ୱେଚ୍ଛାସେବକମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ସ୍ୱାଧୀନତା ଦିବସ ପାଳନ ପୂର୍ବରୁ କେନ୍ଦୁଝରର ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡିକର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ବିଶେଷ ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ସଫେଇ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖଙ୍କ ସମେତ କେନ୍ଦୁଝରଗଡ଼ ପୌରପାଳିକାର ସମସ୍ତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଏହି ଅଭିଯାନର ଅଂଶ ସ୍ୱରୂପ ନାଗରିକମାନଙ୍କୁ ସେମାନଙ୍କ ଘରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଏକତା ଏବଂ ଗର୍ବର ବାର୍ତ୍ତା ପ୍ରସାର କରିବା ପାଇଁ ତ୍ରିରଙ୍ଗା ସହିତ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରାଯାଇଛି।

କାମରେ ଲାଗିଲାନି

ଖତ ଖାଉଛି ଓପନ୍ ଜିମ୍ ସରଞ୍ଜାମ

ବାଲେଶ୍ୱର,୧୦।୮ (ସମିସ)

ଦୀର୍ଘ ବର୍ଷ ହେଲା ପଡ଼ିରହିଛି ଓପନ୍ ଜିମ୍ ସରଞ୍ଜାମ। ସହରର ବିଭିନ୍ନ ସ୍ଥାନରେ ହୋଇଥିବା ଓପନ୍ ଜିମ୍‌ରେ ଲଗାନଯାଇ ପଡ଼ି ପଡ଼ି ଖତ ଖାଉଛି। ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଅନେକ ଓପନ୍ ଜିମ୍ ସରଞ୍ଜାମ ପଡିରହିଥିବା ଦେଖିବାକୁ ମିଳିଛି। ଯାହା ଉପରେ ବର୍ତ୍ତମାନ ଗଛଲଟା, ଜଙ୍ଗଲ ମାଡିଗଲାଣି। ନୂଆ ସରଞ୍ଜାମ ଗୁଡ଼ିକ ପଡିରହି ନଷ୍ଟ ହେବାକୁ ବସିଲାଣି। ଅନ୍ୟପଟେ ଅଧିକାଂଶ ୱାର୍ଡରେ ଓପନ୍ ଜିମ୍ ଫଳକ ଲାଗିଛି, ଲୁହା ଖୁଣ୍ଟ ଲାଗିଛି ହେଲେ ଜିମ୍ ସରଞ୍ଜାମ ନାହିଁ। ଫଳରେ ଲୋକଙ୍କ କାମରେ ଲାଗି ପାରୁନାହିଁ। ଯାହାକୁ ନେଇ ସଚେତନ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ପୂର୍ବ ସରକାର ସମୟରେ ମୁକ୍ତା ତଥା ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନାରେ ବାଲେଶ୍ୱର ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଆରମ୍ଭ ହୋଇଥିଲା ଓପନ୍ ଜିମ୍ ନିର୍ମାଣ। ପୌରପାଳିକାର ସମସ୍ତ ୱାର୍ଡରେ ଏହି ଓପନ୍ ଜିମ୍ ନିର୍ମିତ ହୋଇଛି। ସହରର ରାସ୍ତା କଡ, ପାର୍କ, ପୁଲିସ କଲୋନି, ଓଭରବ୍ରିଜ ତଳ ଆଦି ସମସ୍ତ ୱାର୍ଡରେ ଏହି ଜିମ୍ ନିର୍ମାଣ ହୋଇଛି। ଚେଷ୍ଟ ପ୍ରେସ୍, ଲେଗ୍ ଟ୍ରେନର୍, ହିପ୍ ଟ୍ୱିଷ୍ଟର, ବ୍ରିଜ୍ ଲେଡର୍, ନି ହିପ୍ ରାଇଜ୍ ଆଦି ବିଭିନ୍ନ ଜିମ୍ ସରଞ୍ଜାମ ଲଗାଯାଇଥିଲା। କିନ୍ତୁ ଅଧିକାଂଶ ଓପନ୍ ଜିମ୍ ସ୍ଥାପନ ହୋଇଥିଲେ ବି ସରଞ୍ଜାମ ଲାଗି ନ ଥିଲା। ଯାହା ଏବେ ବି ସେମିତି ରହିଛି। ଗୋଟିଏ ଗୋଟିଏ ଜିମ୍ ନିର୍ମାଣ ପାଇଁ ପାଖାପାଖି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଅନେକ ଜିମ୍ ଅସମ୍ପୂର୍ଣ୍ଣ ହୋଇରହିଛି। କାମ ଶେଷ ନ ହୋଇ ମଧ୍ୟ ଅଟକଳ ମୂଲ୍ୟ, ପ୍ରକଳ୍ପ ଆରମ୍ଭ ଓ ଶେଷ ହୋଇଥିବା ତାରିଖ ନାଗରିକ ଫଳକରେ ରହିଛି। ହେଲେ ଅନେକ ଅଧପନ୍ତରିଆ। ସରକାର ବଦଳିବା ପରେ ମୁକ୍ତା ଯୋଜନାରେ କାମ ବନ୍ଦ ହୋଇଯାଇଛି। ଏମିତିକି ଯାହା ବି କାମ ହେଉଥିଲା ନିର୍ବାଚନ ପରେ ସବୁ ବନ୍ଦ ହୋଇଯାଇଛି। ଫଳରେ ଓପନ୍ ଜିମ୍ ପାଇଁ ଆସିଥିବା ସମସ୍ତ ସାମଗ୍ରୀ ପୌରପାଳିକା କାର୍ଯ୍ୟାଳୟ ପରିସରରେ ପଡ଼ିରହିଛି। ସାମଗ୍ରୀ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ବି ତାହା ଓପନ୍ ଜିମ୍‌ରେ ଲାଗି ପାରୁନାହିଁ। ଯାହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି।

ଏ ବାବଦରେ ପୌରାଧ୍ୟକ୍ଷା ସବିତା ସାହୁ କହିଛନ୍ତି, ଅନେକ ଜାଗାରେ ଓପନ୍ ଜିମ୍ ହୋଇଯାଇଛି। ଆଉ କିଛି ଜାଗାରେ ଥିବା ଓପନ୍ ଜିମ୍‌ରେ ସରଞ୍ଜାମ ଫିଟିଂ ହେବ। ଫିଟିଂ ପାଇଁ ଲୋକ ବାହାରୁ ଆସନ୍ତି। ମାସକୁ ଥରେ ଆସି ଏସବୁ ଫିଟିଂ କରନ୍ତି। କିଛି ଦିନ ତଳେ ଆସିଥିଲେ କିଛି ଜିମ୍‌ରେ ଫିଟିଂ କରାଯାଇଛି। ଏସ୍ ଏଚ ଜି ଗ୍ରୁପ୍ କିଛି ଓପନ୍ ଜିମ୍ କାମ କରିଦେଲେ ପୁଣି ସେମାନେ ଆସି ନୂଆ ସାମଗ୍ରୀ ଫିଟିଂ ସହ ମରାମତି ବି କରିଦେବେ। ଯେଉଁଗୁଡିକ କାର୍ଯ୍ୟାଳୟ ପରିସରରେ ଅଛି ସେଗୁଡିକ ହିଁ ଲାଗିବ। ମୁକ୍ତା ଯୋଜନାରେ ଏସବୁ କାମ ପାଇଁ ଆସିଥିଲା। ହେଲେ ନିର୍ବାଚନ ପରଠୁ କାମ ବନ୍ଦ। ମାତ୍ର ଗ୍ରାଣ୍ଟରୁ ଖର୍ଚ୍ଚ କରି ଏସବୁ ସରଞ୍ଜାମ ଲଗାଇବା ପାଇଁ ସରକାର କହିଛନ୍ତି। ଏବେ ସେସବୁ ଲାଗିଯିବ। ଆଉ ଦୁଇଟି ସେଟ୍‌ର ସରଞ୍ଜାମ ରହିଛି'।

ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ

ବାଲେଶ୍ୱର,୧୦।୮ (ସମିସ): ସ୍ଥାନୀୟ ଡା. ଯଦୁନାଥ ମହାବିଦ୍ୟାଳୟରେ ଇତିହାସ ବିଭାଗ ଆନୁକୂଲ୍ୟରେ +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ତୃପ୍ତିଲତା ଦାଶଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟ ଦୟାନିଧି ମହାପାତ୍ର ଯୋଗଦାନ କରି ଚରିତ୍ର ନିର୍ମାଣ, ବ୍ୟକ୍ତିତ୍ୱର ବିକାଶ କରିବା ସହ ଶିକ୍ଷାଗତ ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଭାଗୀୟ ପୂର୍ବତନ ମୁଖ୍ୟ ଲକ୍ଷ୍ମୀକାନ୍ତ ସାହୁ, ଅନ୍ୟତମ ସମ୍ମାନନୀୟ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ସଂଗୀତା ନନ୍ଦ, ବିଭାଗୀୟ ମୁଖ୍ୟା ଜ୍ୟୋତ୍ସ୍ନା ଦାସ, ଅଧ୍ୟାପକ ରସାନନ୍ଦ ବାଗ, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ବାରିକ, ଡ. ମନିଷା ବର୍ଦ୍ଧନ, ଡ. ମଧୁସ୍ମିତା ଦାସ, ସ୍ମୃତିସ୍ନିଗ୍ଧା ପଣ୍ଡା ଉପସ୍ଥିତ ଥିଲେ। +୩ ତୃତୀୟ ବର୍ଷର ଛାତ୍ରୀ ମନୀଷା ମଣ୍ଡଳ ଦିବସର ଆଭିମୁଖ୍ୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଇତିହାସ ବିଭାଗର +୩ ତୃତୀୟ ବର୍ଷର ଛାତ୍ରୀ ରଞ୍ଜିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ତର ଓଡ଼ିଶା ବିଦ୍ୟୁତ୍ ଉପଭୋକ୍ତା ସଂଘର ଜରୁରି ବୈଠକ

ବାଲେଶ୍ୱର,୧୦।୮ (ସମିସ): ଗିରିଜା ଶଙ୍କର ଦାସଙ୍କ ଆବାହକତ୍ୱରେ ସାଂପ୍ରତିକ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟା ଓ ତା'ର ସମାଧାନ ପାଇଁ ସ୍ଥାନୀୟ ଷ୍ଟେସନ କ୍ଲବ୍ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଇଆରସି ପବ୍ଲିକ ନୋଟିସ ଜରିଆରେ ସାଧାରଣ ଉପଭୋକ୍ତାଙ୍କ ଠାରୁ ସେମାନଙ୍କର ଯଦି କୌଣସି ବିଦ୍ୟୁତ୍ ଶକ୍ତି ବ୍ୟବହୃତ ସମ୍ପର୍କୀୟ ଅଭିଯୋଗ ଥାଏ, ତେବେ ଆସନ୍ତା ୧୪/୮/୨୫ ସୁଦ୍ଧା ଅନଲାଇନ ଜରିଆରେ ଆପତ୍ତି ନେବା ପାଇଁ ସୁଯୋଗ ପ୍ରଦାନ କରିଛନ୍ତି। ଆସନ୍ତା ୧୩ ତାରିଖ ବୁଧବାର ଅପରାହ୍ନ ୪ଟା୩୦ରେ ବାଲେଶ୍ୱର ସହରରେ ଷ୍ଟେସନ ଛକ ନିକଟସ୍ଥ ଷ୍ଟେସନ କ୍ଲବ୍‌ରେ ହେବାକୁ ଉପଭୋକ୍ତା ସଂଘର ବୈଠକରେ ମତାମତ ଦେବାକୁ ନିବେଦନ କରାଯାଇଛି।

'ଆହାର'ରେ ଅଣ୍ଡା ଦେବାକୁ ସରକାରଙ୍କୁ ଚିଠି ଲେଖିଲେ

ବାଲେଶ୍ୱର,୧୦।୮ (ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଅନେକ ବିକାଶ ମୂଳକ କାମ ହୋଇଛି। ସେହିପରି ଆହାର ଯୋଜନାରେ ସାଧାରଣ ଲୋକମାନେ ୫ ଟଙ୍କାରେ ଭାତ, ଡାଲମା, ଖଟା ଖାଇପାରୁଛନ୍ତି। ଯଦି ଏହାସହିତ ପ୍ରୋଟିନ ଖାଦ୍ୟ ଦିଆଯାଏ ତେବେ ସେମାନଙ୍କ ପାଇଁ ଭଲ ହେବ। ସେଥିପାଇଁ ଓଡ଼ିଶା ସରକାରଙ୍କୁ ଚିଠି ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗରେ ଗବେଷଣା କରୁଥିବା ଏବଂ ରୋହିଦସ ସୋରେନ୍ ଡ଼ିଗ୍ରୀ ମହାବିଦ୍ୟାଳୟ ଇତିହାସ ବିଭାଗରେ ଅଧ୍ୟାପକ ଭାବେ କାର୍ଯ୍ୟରତ ବିକାଶ କୁମାର ଦଳାଇ। "ଆହାର ଯୋଜନା" ଅନ୍ତର୍ଗତ ୫ଟଙ୍କିଆ ଭୋଜନରେ ଗୋଟିଏ ଦିନ (ରବିବାର) ରେ ଗୋଟିଏ ଅଣ୍ଡା ଦିଆଯିବାର ବ୍ୟବସ୍ଥା କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ବାଲେଶ୍ୱର, ୧୦।୮ (ସମିସ): ପବିତ୍ର ରାକ୍ଷୀପୂର୍ଣ୍ଣିମା ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ୧୬୩ତମ ଜୟନ୍ତୀ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ ସୁବାଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାବନ୍ଧିକ ଡ ପ୍ରହଲ୍ଲାଦ ଚରଣ ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପିକା ଡ ପ୍ରଣତୀ ନନ୍ଦ ଯୋଗଦେଇଥିଲେ। ପରିଷଦର ଯୁଗ୍ମ ସମ୍ପାଦକ ରାଜଶ ଗିରି ମଂଚ ଆହ୍ୱାନ କରିଥିବ ବେଳେ କାର୍ଯ୍ୟ ନିର୍ବାହୀ ସଦସ୍ୟା ସ୍ମୃତି ଦାସ ଧନ୍ୟବାଦ ଦେଇଥିଲେ। ଫକୀରମୋହନ ଓ ଗଙ୍ଗାଧର ସାମାଜିକ, ସାରସ୍ୱତ ଓ ସାଂସ୍କୃତିକ ଭାବବିନିମୟକୁ ସ୍ମରଣ କରି ଓଡ଼ିଶା ଭାଷା ବିକାଶ ଆନ୍ଦୋଳନ ଦ୍ୱାରା ଆୟୋଜିତ ବାଲେଶ୍ୱର ବରପାଲି ସମ୍ପ୍ରତି ଯାତ୍ରାରେ ଫକୀରମୋହନ ସାହିତ୍ୟ ପରିଷଦର ଅନେକ ସଦସ୍ୟ ଅଂଶ ଗ୍ରହଣ କରିଛନ୍ତି।

ନିଶା ନିବାରଣ ସଚେତନତା ଶୋଭାଯାତ୍ରା

ଜଳେଶ୍ୱର, ୧୦।୮ (ସମିସ): ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବୀର ସିଦୋ କାହ୍ନୁ ସଂଘ, ବସ୍ତା ଏବଂ ଆମ୍ବେଦକର ସମତା ମଂଚ ମିଳିତ ଆନୁକୂଲ୍ୟରେ ନିଶାକୁ ନିଶାକୁ ବର୍ଜନ ପାଇଁ ଅଞ୍ଚଳରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ମ୍ୟୁନିସିପାଲିଟି, ଭୋଗରାଇ ବ୍ଲକ ଓ ବାଲିଆପାଳ ବ୍ଲକ ହୋଇ ବସ୍ତା ବ୍ଲକର ମଥାନି ଛକ ନିକଟରେ ୧୪୦କି.ମି ରାସ୍ତା ପରିକ୍ରମା କରିବା ସହିତ ଲୋକଙ୍କୁ ନିଶାକୁ ବର୍ଜନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ଏହି ସଚେତନତା ଶୋଭାଯାତ୍ରା ଜଳେଶ୍ୱର ଆମ୍ବେଦକର ସମତା ମଞ୍ଚର ସଭାପତି ଅଶୋକ କୁମାର ଜେନାଙ୍କ ନେତୃତ୍ୱରେ ନୀରୋଜ ବେହେରା, ଦିନେଶ କିସ୍କୁ, ରମେଶ ଚନ୍ଦ୍ର ହେମ୍ବ୍ରମ ହେମ୍ବ୍ରମ ପ୍ରମୁଖଙ୍କ ସହିତ ବସ୍ତା ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ।

ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

ବାଲେଶ୍ୱର, ୧୦।୮ (ସମିସ): ସାମାଜିକ ସଂଗଠନ 'ମାନବ ଅଧିକାର ସୁରକ୍ଷା ସଂସଦ' ମାସ୍ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଜିମାବାଦର ବହିଘର-ବିଦ୍ୟାଭାରତୀ ପରିସରସ୍ଥିତ ସଂସ୍କୃତି ସଭାଗୃହଠାରେ ସଂଗଠନର ଅଧ୍ୟକ୍ଷ ଅଭୟ ଦାସଙ୍କ ସଭାପତିତ୍ୱ ଓ ସଦସ୍ୟା ଆଶ୍ରିତା ତରେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବରେ ସମାଜସେବୀ ବିକ୍ରମ ପଣ୍ଡା, ବିଶପ୍ ଡି ବି ହୃଦୟ, ଚଳଚ୍ଚିତ୍ର ଅଭିନେତା ଓ ପ୍ରଯୋଜକ ଦେବ୍, ଆଡ଼ଭୋକେଟ୍ ପର୍ଶୁରାମ ପ୍ରଧାନ, ସୁଦର୍ଶନ ଜେନା, ଗୋପାଳ ଚନ୍ଦ୍ର ଜେନା, ହରିପଦ ଭୂୟାଁ, ବିଜୟ ଆଚାର୍ଯ୍ୟ, ବିଜୟ ଦାସ ଅଧିକାରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମଞ୍ଜୁଲତା ବଳ, ଆଡ଼ଭୋକେଟ୍ ଜ୍ଞାନରଞ୍ଜନ ମିଶ୍ର, ଦେବାଶିଷ ପଣ୍ଡା, ବିଦ୍ୟାଧର ନାୟକ, ଜ୍ୟୋତିର୍ମୟୀ ଶତପଥୀ, ପ୍ରଦ୍ୟୁମ୍ନ ନାୟକ ପ୍ରମୁଖ ରାକ୍ଷୀ ପୂର୍ଣ୍ଣମୀ ପର୍ବ ସଂପର୍କରେ ଆଲୋଚନା କରିଥିଲେ।

ଶିଶୁ ବିକାଶ ବିଦ୍ୟାମନ୍ଦିର : ଚାନ୍ଦମାରୀ ପଡିଆସ୍ଥିତ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ପବିତ୍ର ରାକ୍ଷୀପୂର୍ଣ୍ଣିମା ପାଳିତ ହୋଇଛି। ଅତିଥି ଭାବେ ସୁଧାଂଶୁ ଶେଖର ପଣ୍ଡା, ଅବସର ପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ରାଜକିଶୋର ରାଉତ, ୱାର୍ଡ କାଉନସିଲର ଦେବାଶିଷ ସିଂହ, ଜିତେନ୍ଦ୍ର କୁମାର ପ୍ରମାଣିକ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଅଚାର୍ଯ୍ୟ ରଶ୍ମିରଞ୍ଜନ ପଣ୍ଡା ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହଦେବଖୁଣ୍ଟା ସହରାଞ୍ଚଳ ହସ୍ପିଟାଲର ଡାକ୍ତର ଲମ୍ବୋଦର ବଳ ଏବଂ ସମସ୍ତ କର୍ମଚାରୀ ମାନଙ୍କୁ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟର ଗୁରୁଜୀ ଦୟାନିଧି ଗୁରୁଜୀ, ଦୀନବନ୍ଧୁ ଗୁରୁଜୀ, ଗାୟତ୍ରୀ ଗୁରୁମା, ଶିବାନୀ ଗୁରୁମା, ରଞ୍ଜିତା ଗୁରୁମା, ପୂର୍ଣ୍ଣିମା ଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଜିଲ୍ଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ୧୮ ରୁ ଗଣଧାରଣା

ବାଲେଶ୍ୱର,୧୦।୮ (ସମିସ): ଚଳିତ ଅଗଷ୍ଟ ମାସ ୧୮ ତାରିଖରୁ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସପ୍ତାହବ୍ୟାପୀ ଗଣଧାରଣା ପାଇଁ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ କ୍ରିୟାନୁଷ୍ଠାନ କମିଟିର ଏକ ସ୍ୱତନ୍ତ୍ର ବୈଠକରେ ଶନିବାର ଦିନ ନିଷ୍ପତ୍ତି ନିଆଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସାମାଜିକ ସଂଗଠନ ଓ ବହୁ ଗଣସଂଗଠନମାନଙ୍କର ନେତୃମଣ୍ଡଳୀ ଯୋଗଦେଇ ବାଲେଶ୍ୱର ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ସଂପର୍କରେ ଆଲୋଚନା କରିଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମେଡିକାଲ୍ କଲେଜ୍ ପର୍ଯ୍ୟନ୍ତ କୌଣସିଠାରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ମିଳୁନାହିଁ। ଏମ୍ସ ସାଟେଲାଇଟ୍ ସେଣ୍ଟରରେ ସ୍ୱାସ୍ଥ୍ୟସେବା ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବହୁ ସଦସ୍ୟ ପ୍ରକାଶ କରିଥିଲେ। ମେଡିକାଲ୍ କଲେଜ୍ ସଂଲଗ୍ନ ହସପିଟାଲ୍‌କୁ ପ୍ରସ୍ତାବିତ ରାସ୍ତା ନିର୍ମାଣ ପାଇଁ ଭୂମି ଅଧିଗ୍ରହଣ କାର୍ଯ୍ୟ ସରିଥିଲେ ମଧ୍ୟ ନିର୍ମାଣ କାମ ଏବେବି ଅନିଶ୍ଚିତତା ମଧ୍ୟରେ ରହିଛି। ତେଣୁ ଆମ୍ବୁଲାନ୍ସ ଗାଡ଼ିଗୁଡ଼ିକ ରେମୁଣା ଛକ ଅତିକ୍ରମ କରିବାରେ ବିଳମ୍ବ ହେଉଛି। ଅନ୍ୟପକ୍ଷରେ ବିଶେଷଜ୍ଞ ଡାକ୍ତର ନ ଥିବାରୁ ହୃଦରୋଗ ଓ ସ୍ନାୟୁରୋଗ ପ୍ରଭୃତିର ଚିକିତ୍ସା ପାଇଁ ରୋଗୀମାନେ କଟକ-ଭୁବନେଶ୍ୱର ଯାଉଛନ୍ତି। ବହୁ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ଖାଲିପଡ଼ିଥିବାରୁ ରୋଗୀସେବା ବ୍ୟାହତ ହେଉଛି। ବାଲେଶ୍ୱର ଜିଲ୍ଲାରେ ଉପଯୁକ୍ତ ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ଦାବିରେ ଏହି ଗଣଧାରଣା ଦିଆଯିବାକୁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ସପ୍ତାହବ୍ୟାପୀ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନଙ୍କ ସମେତ ବାଲେଶ୍ୱର ସିଭିଲ୍ ସୋସାଇଟି, ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବିଭିନ୍ନ ଶ୍ରମିକ ସଂଗଠନ, ମହିଳା ସଂଗଠନ, ବୁଦ୍ଧିଜୀବୀ ଓ ସାଂସ୍କୃତିକ ସଂଗଠନ ପ୍ରଭୃତିରୁ ପ୍ରତିନିଧିତ୍ୱ କରି ହୃଷିକେଶ ସାହୁ, ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବିପ୍ଳବ ମହାନ୍ତି, ଅନ୍ତର୍ଯ୍ୟାମୀ ପ୍ରଧାନ, ମନୋଜ ନାୟକ, ଲୀଳା ଭଟ୍ଟାଚାର୍ଯ୍ୟ, ଶତ୍ରୁଘ୍ନ ମଲ୍ଲିକ, ଇଂ. ବନମାଳୀ ନାୟକ, ବସନ୍ତଲତା ପଟ୍ଟନାୟକ, ପ୍ରଭାକର ବେହେରା, ଲକ୍ଷ୍ମୀପ୍ରିୟା ଜେନା, ଭରତଚନ୍ଦ୍ର ସେଠୀ, ଅରୁଣ ଜେନା, ମମତା ଦାସ, ତରୁଣ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଡ. କେଶବ ଚରଣ ପଣ୍ଡା, ଶ୍ୟାମସୁନ୍ଦର ଜେନା, ଅକ୍ରୁଳ କୁମାର ଦାସ, ବିଜନ ଦେ, ଡା. ତାରାକାନ୍ତ ନନ୍ଦ, ସଂଯୁକ୍ତା ବେହେରା, ଡ. କ୍ଷିତୀଶ୍ୱର ଦାଶ, ଅକ୍ଷୟ କୁମାର ତ୍ରିପାଠୀ, ଶଚୀନ୍ଦ୍ର ଦାସ, ସହିଲ୍ ଖାନ୍, ପଦ୍ମଲୋଚନ ଦତ୍ତ ଓ ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯଦି ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟା ଗୁଡ଼ିକର ସୁସମାଧାନ ନ କରନ୍ତି, ତେବେ ଜିଲ୍ଲାସ୍ତରରେ ଆଇନ ଅମାନ୍ୟ ଆନ୍ଦୋଳନ ଓ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପାଇଁ ବୈଠକରେ ଚେତାବନୀ ଦିଆଯାଇଛି।

କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର,୧୦।୮ (ସମିସ): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ପ୍ରୟାସ ଜାରି ରଖୁଥିବା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ବୈଠକରେ ଉପସ୍ଥାପନା କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସଂପର୍କରେ କହିଥିଲେ। ଏହି ସମୟରେ ସରକାର ବଲାଙ୍ଗୀର ଠାରେ କୃଷି ମହାବିଦ୍ୟାଳୟ ଓ ସୋନପୁର ଠାରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସମସ୍ତ ୮ ଜଣ ବିଧାୟକ ଓ ସାଂସଦଙ୍କୁ ଡକାଯାଇ ଆସନ୍ତା ୧୩ ତାରିଖ ବେଳକୁ ସର୍କିଟ୍ ହାଉସ୍‌ରେ ଏକ ବୈଠକ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ଡ. ପଣ୍ଡା କହିଛନ୍ତି। ଭୂପତି ପାତ୍ର, ମହେଶ୍ୱର ପଣ୍ଡା, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଅକ୍ଷୟ କୁମାର ତ୍ରିପାଠୀ, ଡ. କ୍ଷୀତିଶ୍ୱର ଦାଶ, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ଭାଗିରଥୀ ମହାନ୍ତି, ରବି ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏସ୍ଏସ୍ ଶାନ୍ତି କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୧୦।୮ (ସମିସ): ଗୋଧିବସାସ୍ଥିତ ଏସ୍ ଏସ୍ ଶାନ୍ତି କ୍ଲବର ରୌପ୍ୟ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଶିବିରକୁ ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଯୁବନେତା ମାନସ ଦାସ ପଟ୍ଟନାୟକ, ପୂର୍ବତନ କାଉନସିଲର ଚିତ୍ତ ରଞ୍ଜନ ପଣ୍ଡା, ପୂର୍ବତନ କାଉନସିଲର ସୁଜିତ ଦେବ, କାଉନସିଲର ସତ୍ୟ ଶିବସୁନ୍ଦର ଦାସ, ସିଦ୍ଧାର୍ଥ ମହାପାତ୍ର, ସୁଶାନ୍ତ ସାହୁ, ସତ୍ୟଜିତ ମହାପାତ୍ର ପ୍ରମୁଖ ଅତିଥି ରୂପେ ଉକ୍ତ ଶିବିରରେ ଉପସ୍ଥିତ ଥିଲେ ଓ କ୍ଲବର ଉପଦେଷ୍ଟା ଗୋପାଳ ଥାପା ଓ ସଭାପତି ବିଶାଳ ପାତ୍ର କ୍ଲବର ରୌପ୍ୟ ଜୟନ୍ତୀ ଅବସରରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଶିବିରରୁ ସର୍ବମୋଟ ୫୭ ୟୁନିଟ ରକ୍ତ ସଂଗୃହିତ ହୋଇଛି।

ସମାଜସେବା ବିଭାଗର ବିଶେଷ କାର୍ଯ୍ୟକ୍ରମ

ବାଲେଶ୍ୱର,୧୦।୮ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ସମାଜ ସେବା ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ ବାଲେଶ୍ୱରର ଦୃଷ୍ଟିହୀନ ବିଦ୍ୟାଳୟ ଓ ଉତ୍କଳ ବାଳାଶ୍ରମରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ତଥା ସମାଜ ସେବା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ବିଭାଗର ଛାତ୍ରଛାତ୍ରୀମାନେ ଦୃଷ୍ଟିହୀନ ବିଦ୍ୟାଳୟର ପିଲାମାନଙ୍କୁ ରାକ୍ଷୀ ବାନ୍ଧି, ମିଠା ବଣ୍ଟନ କରିଥିଲେ ଓ ସେମାନଙ୍କ ସହ ବାର୍ତ୍ତାଳାପ କରିଥିଲେ।

ଜିଲ୍ଲା ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର,୧୦।୮ (ସମିସ): ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା କାର୍ଯ୍ୟାଳୟ ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟକୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟନ କରିଛନ୍ତି। ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଅତିଥିଭାବେ ଯୋଦେଇଥିଲେ।

ବିରଳ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ରକ୍ଷାବନ୍ଧନ

ବାଲେଶ୍ୱର, ୧୦।୮ (ସମିସ)

ସଦର ବ୍ଲକର ଦୁବଲାଗଡି ପଞ୍ଚାୟତ କାର୍ଯ୍ୟାଳୟରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ତଥା ଦୁବଲାଗଡି ପଞ୍ଚାୟତ କାର୍ଯ୍ୟାଳୟ, ଆସୋସିଏସନ୍ ଫର୍ ବାଇଓଡାଇଭର୍ସିଟି କଞ୍ଜର୍ଭେସନ, ଆମ ଦୁନିଆ, କ୍ୟାମ୍ପ ଉଇଥ କେୟାର, ମୁନ୍ କମ୍ୟୁନିକେସନ, ଅରଣ୍ୟକ, କଷାଫଳ ସାମୁଦ୍ରିକ ଥାନା, ଯୁବ ବିକାଶ ପ୍ରମୁଖ ଅନୁଷ୍ଠାନର ମିଳିତ ସହଯୋଗରେ ବିରଳ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ୯ମ ରକ୍ଷା ବନ୍ଧନ ଉତ୍ସବ ଦୁବଲାଗଡି ପଞ୍ଚାୟତ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ ବିରଳ ନୀଳରକ୍ତ କଙ୍କଡ଼ାର ସୁରକ୍ଷା ପାଇଁ ସମୁଦ୍ର କୂଳବର୍ତ୍ତୀ ସମସ୍ତ ପଞ୍ଚାୟତରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଏବିସିର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ନୀଳରକ୍ତ କଙ୍କଡ଼ାର ଜୀବନ ଶୈଳୀ ଓ ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରବୀର ସାହୁ ଏବଂ ସମ୍ମାନିତ ଅତିଥି କଷାଫଳ ସାମୁଦ୍ରିକ ଥାନା ଅଧିକାରୀ ରଶ୍ମିରେଖା ମହାଲିକ, କବି ଗଗନ କୁମାର ସେଠୀ ଓ ୩୦ ନଂ ଜୋନ ଜିଲ୍ଲା ପରିଷଦ ଶିରିଶ ଚନ୍ଦ୍ର ଦତ୍ତ ଯୋଗଦେଇ ନୀଳରକ୍ତ କଙ୍କଡ଼ାର ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅରଣ୍ୟକର ମୁଖ୍ୟ କବି ସୁଧାକର ସେଠୀ ନୀଳରକ୍ତ କଙ୍କଡ଼ା ଆଧାରିତ କବିତା ପାଠ କରିଥିବା ବେଳେ ମୁନ୍ କମ୍ୟୁନିକେସନ ମୁଖ୍ୟ ଅବନୀ ଜେନା ନିଜ ଅନୁଭବର କଥା ରଖିଥିଲେ। ସମାଜସେବୀ ସହଦେବ ସାହୁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ନୀଳରକ୍ତ କଙ୍କଡ଼ାର ଯୁବ ଗବେଷିକା ସୁଶ୍ରୀ ଉପାସନା ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ ର ସଭାପତି ଶିଳ୍ପୀ କେଶୁଦାସ ସଭାପତିତ୍ୱ କରିଥିବା ବେଳେ 'ଆମ ଦୁନିଆ'ର ମୁଖ୍ୟ ଗୋବିନ୍ଦ ପ୍ରସାଦ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୁବଲାଗଡି ବେଳାଭୂମି ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

ଖଣି ଅଧିକାରୀଙ୍କ ବିରୋଧରେ ବାଲି ମାଫିଆଙ୍କ ଚକ୍ରାନ୍ତ ଭିଡିଓ ଭାଇରାଲ

ଜଳେଶ୍ୱର, ୧୦।୮ (ସମିସ) : ବାଲେଶ୍ୱର ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ ଯୋଜନାର ଭିଡ଼ିଓ ଏବେ ଭାଇରାଲ ହେଉଛି । ଯୋଜନା ଭିଡ଼ିଓ ଅନୁସାରେ ଖଣି ବିଭାଗ ବହୁତ ଚେକିଂ କରୁଛି, ଆଉ ନୁହେଁ, ଆଗରେ ଚାରୋଟି ଗାଡ଼ି ଠିଆ କରାଇ ଦେବା, ପଛରୁ ଆସି ଚପେଇ ଦବୁ, ସବୁ ସଫା । ପଚାରିଲେ କହିବୁ ବ୍ରେକ ଫେଲ ହେଲା, ମାସେ କି ଦେଢ଼ ମାସ ଗାଡ଼ି ଠିଆ ହେବ । ସେହି ମାଲି ମକର୍ଦ୍ଦମା । ତିନି ଚାରି ବର୍ଷ ଗାଡ଼ି ଆଗକୁ ପୋଲିସ, ତହସିଲଦାର ଓ ମାଇନିଙ୍ଗ କେହି ଆସିବେନି । ଏପରି ଚକ୍ରାନ୍ତ ଭିଡ଼ିଓ ଏବେ ଜଳେଶ୍ୱର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଯାହାର ଓଡିଓ, ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରିବୁଲି ଭାଇରାଲ ହେବାରେ ଲାଗିଛି । ଚୋରା ବାଲି ଚାଲାଣରେ ଖଣି ବିଭାଗ ବାରମ୍ବାର ଯାଞ୍ଚ କରିବା ସହିତ ବାଲି ଗାଡ଼ି ଗୁଡ଼ିକ ଜବତ କରୁଥିବାରୁ ଏଭଳି ଚକ୍ରାନ୍ତ ହେଉଥିବା ଆଲୋଚନା ହେଉଛି । ହତ୍ୟା ପାଇଁ ମାଲିକ ଡ୍ରାଇଭରକୁ ନିର୍ଦ୍ଦେଶ ଦେଉଥିବା ସମୟର ଭିଡ଼ିଓ ଭାଇରାଲ ହେବା ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଏ ନେଇ ବାଲେଶ୍ୱର ଖଣି ଅଧିକାରୀଣୀ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ବାଲେଶ୍ୱର ଏସପିଙ୍କୁ ଫୋନ ଯୋଗେ ଜଣାଇବା ସହିତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି ।

ବିଶ୍ୱ ଆଦିବାସୀ ଦିବସ ପାଳିତ

ଭୋଗରାଇ, ୧୦।୮ (ସମିସ) : ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଥାନାଛକ ଠାରେ ପ୍ରତିବର୍ଷ ପରି ଏବର୍ଷ ଭୋଗରାଇ ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ମଞ୍ଚର ସଭାପତି କୃଷ୍ଣମୋହନ ମୁର୍ମୁଙ୍କ ଅଧକ୍ଷତାରେ ମଞ୍ଚର ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ଶ୍ରମିକ ନେତା ଅଧୀରଗିରୀ ଗୋସ୍ୱାମୀ, ସମ୍ପାଦକ ରାମଜିତ ବେଶ୍ରା ବକ୍ତବ୍ୟ ପ୍ରଦାନ କରିଥିଲେ । ନାରାନେତ୍ରୀ ରାଇମତ ମୁର୍ମୁ, ଯୋଗେନ ମୁର୍ମୁ, ରାମ ମୁର୍ମୁ, ମାଳତି ବେଶ୍ରା, ଶିବଶଙ୍କର ହେମ୍ରମ ପ୍ରମୁଖ ବହୁ ଆଦିବାସୀ ଯୋଗ ଦେଇଥିଲେ । ସିପିଆଇ(ଏମ) ନେତା ଆଇନଜୀବୀ ବିଶ୍ୱଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଅନ୍ଧ ମୁକ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ସୋର, ୧୦।୮ (ସମିସ) : ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୋର ବିଧାୟକ ମାଧବ ଧଡ଼ା

ସୋର ଗୋପୀନାଥ ପୁର ପଞ୍ଚାୟତ ଅଧୀନସ୍ଥ ମଙ୍ଗଳପୁର ଭାଗବତ ମାନସିକ ଅନଗ୍ରସର ଓ ବାକଶକ୍ତି ହୀନ ସ୍ୱତନ୍ତ୍ର ବିଦ୍ୟାଳୟରେ କୁନି କୁନି ପିଲାଙ୍କ ସହିତ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି । ସ୍କୁଲର ସମ୍ପାଦକ ଘନଶ୍ୟାମ ନାୟକ ଏକ ସଭାର ଆୟୋଜନ କରିଥିଲେ । ଉକ୍ତ ସଭାରେ ସମାଜସେବୀ ଜୟନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ । ଅନ୍ୟତମ ଅତିଥିଭାବେ ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ବାରିକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କମଳାକାନ୍ତ ଘଡେଇ ପ୍ରମୁଖ ସ୍କୁଲର ଦିବ୍ୟାଙ୍ଗ ପିଲାମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଶେଷରେ ସ୍କୁଲର ଶିକ୍ଷକ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ ।

ସାମ୍ବାଦିକ ପ୍ରଣବ ସାହୁଙ୍କ ସ୍ମୃତିସଭା

କାଳିପଦା, ୧୦।୮ (ସମିସ) : ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ଗ୍ରାମର ପ୍ରାକ୍ତନ ସାମ୍ବାଦିକ ପ୍ରଣବ କୁମାର ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭା ରବିବାର ତାଙ୍କ ବାସଭବନଠାରେ ପାଳିତ ହୋଇ ଯାଇଛି । ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭ୍ୟ ତଥା ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରାଜ, ବସ୍ତା ବିଧାୟିକା ସୁବାସିନୀ ଜେନା, ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ବାଲିଆପାଳ ସାରସ୍ୱତ ସହରର ସ୍ରଷ୍ଟା ଅଧ୍ୟାପକ ଡ. ସୁକାନ୍ତ ଗିରି, କବି ଡ. କାଳିପଦ ପଣ୍ଡା, ଡ. ବଂକିମ ଚନ୍ଦ୍ର ଜେନା, ଜଳେଶ୍ୱର ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ନାଥ ଗିରି, ଅନିରୁଦ୍ଧ ମଣ୍ଡଳ ପ୍ରମୁଖ ମଂଚାସୀନ ହୋଇଥିଲେ । ଏହି ସମୟରେ ସ୍ୱର୍ଗତଃ ସାହୁଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ । ବଡଭାଇ ଅଧକ୍ଷ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମଣିପାହାଡ଼ରେ ରକ୍ଷାବନ୍ଧନ ଉତ୍ସବ

ସୋର, ୧୦।୮ (ସମିସ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଦେବସଭା ପରିଚାଳିତ ମଣିପାହାଡ଼ ଶିବ ମନ୍ଦିର ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ସଭାପତି ଅଖିଳରାମ ଜେନା, ସଂପାଦକ ଦେବେନ୍ଦ୍ର କୁମାର ପ୍ରଧାନ ଏହାକୁ ପରିଚାଳନା କରୁଥିବା ବେଳେ ଅତିଥି ଭାବେ ଇଂ. ସୁନ୍ଦର ମୋହନ ମହାପାତ୍ର, ସୁଜାତା ମହାପାତ୍ର, ବିଭିନ୍ନ ସ୍ଥାନରୁ ଅତିଥିମାନେ ଯୋଗଦେଇ ଗଛରେ ରାକ୍ଷୀ ବାନ୍ଧିଥିଲେ । ଏଥିରେ ଅଚ୍ୟୁତ ପଣ୍ଡା, ନିକୁଞ୍ଜ ବିହାରୀ ଦାସ, ଶମ୍ଭୁନାଥ ବେହେରା, ଅଚ୍ୟୁତାନନ୍ଦ ଜେନା, ଗୋଲକ ପାତ୍ର, ନରେନ୍ଦ୍ର ସାମଲ ଯୋଗଦେଇଥିବା ବେଳେ ଦେବାଶିଷ ପଣ୍ଡା ଓ ନିରଂଜନ ପ୍ରାକୃତିକ ପଦାର୍ଥରେ ରାକ୍ଷୀ ପ୍ରସ୍ତୁତ କରିଥିଲେ ।

ଚାଷ ଜମିକୁ ମାଡ଼ିଲା ଲୁଣା ଜୁଆର

କାଳିପଦା, ୧୦।୮ (ସମିସ)

ବାଲିଆପାଳରେ ବନ୍ୟା ଦାଉ ଯାଇଛି କି ନାହିଁ ଏବେ ପୁଣି ଲୁଣା ଜୁଆର ମାଡ଼ । ଗତକାଲିଠୁ ବଙ୍ଗୋପସାଗର ଲୁଣା ଜୁଆର ସୁବର୍ଣ୍ଣ ରେଖା ନଦୀ ମୁହାଁଣ ଦେଇ ନଦୀ, କୋଷ୍ଟ କେନାଲ, ପାସି ଖାଳ ଆଦିରେ ପ୍ରବେଶ କରିଛି । କୋଷ୍ଟ କେନାଲରେ ଲୁଣା ଜୁଆର ପଶିବା ଯୋଗୁଁ କୁଣ୍ଡୁଳି, ବାଲିକୁଟୀ, ଜାମାକୁଣ୍ଡା, ଡଗରା, ଚୌମୁଖ, ବଡାଶ ଆଦି ପଞ୍ଚାୟତର ଚାଷଜମିର ଧାନ ତଳି ପାଣିରେ ବୁଡି ରହିଛି । ଦିନେ ଦୁଇ ଦିନ ମଧ୍ୟରେ ତଳି ପଚି ସଢ଼ି ଯିବ । ତାହାଛଡା ଲୁଣା ପାଣି ନିଷ୍କାସିତ ନ ହୋଇ ଦିନ ଦିନ ଧରି ରହିବ । ଏହିସବୁ ଜମିରେ ଆଦୌ ଧାନ ଚାଷ ହେବ ନାହିଁ ବୋଲି ଖଗେଶ୍ୱର ଜେନା, ମୁକୁନ୍ଦ ଟୁଡୁ, ଗଗନ କୁମାର ସେଠୀ, ଲୋକନାଥ ନାୟକ, ଚିନ୍ତାମଣି ମହାକୁଡ଼, ବିଷ୍ଣୁପଦ ମାହାଳିକ, ଗୁଣାକର ସାମନ୍ତ, ମୁରାରୀ ମୋହନ ସାହୁ, ସୁନୀଲ କୁମାର ମହାନ୍ତି ପ୍ରମୁଖ ଆଶଙ୍କା ବ୍ୟକ୍ତ କରିଛନ୍ତି । ଲୁଣା ଜୁଆର କବଳରୁ ଚାଷକୁ ରକ୍ଷା କରିବା ପାଇଁ ଆଡି ବନ୍ଧ ମରାମତି ଜରୁରୀ ବୋଲି ଏମାନେ ମଧ୍ୟ କହିଛନ୍ତି । ପ୍ରଶାସନ ଓ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

● ସୁବର୍ଣ୍ଣରେଖାରେ ଭାସିଯିବା ଘଟଣା

୩୬ ଘଣ୍ଟା ଧରି ତନାଘନା, ଦୁଇ ଭଉଣୀଙ୍କ ମିଳିନି ପତ୍ତା

ଜଳେଶ୍ୱର, ୧୦।୮ (ସମିସ) : ଜଳେଶ୍ୱରସ୍ଥିତ ଶିଖରପୁର ବାଲୁଙ୍କେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ ସୁବର୍ଣ୍ଣରେଖା ନଦୀକୁ ଜଳ ଉଠାଇବା ପାଇଁ ଯାଇଥିବା ଦୁଇ ଭଉଣୀ ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ଘଟଣାରେ ୩୬ଘଣ୍ଟା ଧରି ଖୋଜାଖୋଜି ପରେ ମଧ୍ୟ ଦୁଇ ଭଉଣୀର ପତ୍ତା ପାଇନାହିଁ । ଓଡ୍ରାଫ ଟିମ୍ ସୂଚନା ଅନୁସାରେ କାଲି ଶିଖରପୁର ଘାଟ ନିକଟରେ ସକାଳ ପାଖାପାଖି ୬ଟା

ସମୟରେ ଚକହରି ଗ୍ରାମର କାହ୍ନୁ ଚରଣ ଦାସଙ୍କ ଝିଅ ନନ୍ଦିନୀ (୧୪) ଓ ନନ୍ଦିତା (୧୨) ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ଜଳେଶ୍ୱର ଓ ବାଲିଆପାଳରୁ ୨ଟି ଓଡ୍ରାଫ ଟିମ୍, ଦମକଳ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ ଉଦ୍ଧାର କରାଯାଇ ପାରିନଥିଲା । ତେବେ ଆଜି ସକାଳଠୁ ଓଡ୍ରାଫର ଗୋଟିଏ ଟିମ୍ ଓ ଅଗ୍ନିଶମ ବିଭାଗର ଗୋଟିଏ ଟିମ ଶିଖରପୁର ନଦୀ ଘାଟ ଠାରୁ ରାଜଘାଟ, ଚୁରମାରା, ପଶ୍ଚିମବାର୍ଡର ପନ୍ତିଘାଟ ପର୍ଯ୍ୟନ୍ତ ଖୋଜାଖୋଜି କରାଯାଇଥିଲା କିନ୍ତୁ ଦୁଇ ନାବାଳିକା ଭଉଣୀର ପତ୍ତା ମିଳିପାରିନାହିଁ ।

ଛାତ୍ର ଓ ଯୁବ ବିଜେଡିର ବିକ୍ଷୋଭ

ବାହାନଗା, ୧୦।୮ (ସମିସ) : ବାହାନଗା ବ୍ଲକ ଛାତ୍ର ଏବଂ ଯୁବ ବିଜେଡି କର୍ମୀଙ୍କ ପକ୍ଷରୁ ନାରୀ ସୁରକ୍ଷା ଦାବିରେ ଗୋପାଳପୁର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ବିଶାଳ ଶୋଭାଯାତ୍ରା କରି ଗୋପାଳପୁର ଥାନାରେ ପହଞ୍ଚି ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ଦିନକୁ ଦିନ ନାରୀ ଅସୁରକ୍ଷିତ ହୋଇ ପଡୁଥିବା ବେଳେ ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ବିଫଳ ସହ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ବୋଲି ଛାତ୍ର ଏବଂ ଯୁବ ବିଜେଡି କର୍ମୀମାନେ ନାରାବାଜି କରିଥିଲେ । ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଜୟରାମ ଦାଶଙ୍କ ତତ୍ତ୍ୱାବଧାନରେ ବାହାନଗା ଛାତ୍ର ବିଜେଡି ଜିଲ୍ଲା ସମ୍ପାଦକ ସରୋଜ ମିଶ୍ର, ଛାତ୍ର ବିଜେଡିର ବାହାନଗା ବ୍ଲକ

ସଭାପତି ମନୋଜ ବେହେରାଙ୍କ ନେତୃତ୍ୱରେ ଛାତ୍ର ଏବଂ ଯୁବ ବିଜେଡିର କର୍ମୀମାନେ ଗୋପାଳପୁର ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଗୋପାଳପୁର ଥାନା ଅଧିକାରୀ ଅଶୋକ ବାରିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ ଛାତ୍ର ଏବଂ ଯୁବ ବିଜେଡିର ସଦସ୍ୟ ସୌଭାଗ୍ୟ ମିଶ୍ର, ରେହାନ ଶେଖ, ପ୍ରଦୀପ ମହାପାତ୍ର, ନିର୍ମାଲ୍ୟ ଦାସ, ସଞ୍ଜୟ ବେହେରା ପ୍ରମୁଖ ସାମିଲ ଥିଲେ ।

ବିଶ୍ୱ ଆଦିବାସୀ ଦିବସ ପାଳିତ

ଜଳେଶ୍ୱର, ୧୦।୮ (ସମିସ) : ଆଦିବାସୀ ସେଙ୍ଗେଲ ଅଭିଯାନ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ବିଶ୍ୱ ଆଦିବାସୀ ଦିବସକୁ ଜଳେଶ୍ୱର ଏଲ.ଆଇ.ସି. ନିକଟସ୍ଥ ବିଶ୍ୱାଳ ଭବନରେ ପାଳନ ହୋଇଯାଇଛି । ଏହି ଦିବସରେ ଆଦିବାସୀ ମାନଙ୍କର ତିନୋଟି ପ୍ରମୁଖ ଦାବି ଉପରେ ବିଶେଷ ଆଲୋଚନା କରାଯାଇଥିଲା । ପ୍ରକୃତି ପୂଜକ ଆଦିବାସୀ ମାନଙ୍କର "ସାର୍ନା ଧର୍ମ"କୁ ଚଳିତ ବର୍ଷରେ ହିଁ ମାନ୍ୟତା ଦେଇ ଜନଗଣନାରେ ଅବିଳମ୍ବେ ସାମିଲ କରାଯାଉ । ଦ୍ୱିତୀୟରେ ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାକୁ ଝାରଖଣ୍ଡ ରାଜ୍ୟରେ ପ୍ରଥମ ଓ ଓଡ଼ିଶାରେ ଦ୍ୱିତୀୟ ରାଜ୍ୟଭାଷାର ମାନ୍ୟତା ଅବିଳମ୍ବେ ଦିଆଯାଉ । ତୃତୀୟରେ ଆଦିବାସୀ ସମାଜରେ ବଂଶାନୁଗତ ମାଝୀ ପାର୍ଗାନା ବ୍ୟବସ୍ଥା ସୁଧାର ସହିତ ଜନତାନ୍ତ୍ରିକ ବ୍ୟବସ୍ଥା ଅବିଳମ୍ବେ ଲାଗୁ କରାଯାଉ । ଏହା ସହିତ ଆଦିବାସୀ ମାନଙ୍କର ଭାଷା, ରୋଜଗାର, ଶିକ୍ଷା, ଅନ୍ଧବିଶ୍ୱାସ, ନିଶା ନିବାରଣ ଦିଗରେ ଅଧିକ ସଚେତନତା ହେବା ଆବଶ୍ୟକ ବୋଲି ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ରେମୁଣାର ସେଙ୍ଗଲ ମହିଳା ମୋର୍ଚ୍ଚା ସଭାପତି ମିନା ମୁର୍ମୁ, ଜଳେଶ୍ୱର ଯୁବ ମୋର୍ଚ୍ଚା ସଭାପତି କାହ୍ନୁ ମୁର୍ମୁ, ବିନୋଦ ହାଁସଦା, ରଘୁ, ଭୀମ, ପାନ ହାଁସଦା, ବସ୍ତା ସିଦୁ କାହ୍ନୁ ସେଚେଦ ସେମଲେଦ୍ ର ସଭାପତି ଓ ସମ୍ପାଦକ ହାଡିବନ୍ଧୁ କିସ୍କୁ ଏବଂ ବୈଦ୍ୟନାଥ ମୁର୍ମୁ ସମେତ ବହୁ ଆଦିବାସୀ ଭାଇଭଉଣୀ ଉପସ୍ଥିତ ହୋଇଥିଲେ । ଏଥିରେ ଆଦିବାସୀ ସେଙ୍ଗେଲ ଅଭିଯାନ ବାଲେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମାର୍ଣ୍ଡି ସଭାପତିତ୍ୱ କରିଥିବାବେଳେ ଜଳେଶ୍ୱର ବ୍ଲକ ଆଦିବାସୀ ଚାକିରିଆ ସଂଘ ସଭାପତି ପିଥ ଟୁଡୁ ମଞ୍ଚ ଆହ୍ୱାନ ଏବଂ ସେଙ୍ଗେଲ କର୍ମୀ ରତ୍ନାକର ହାଁସଦା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସିମୁଳିଆ ମଇତାପୁର ରୟାଲ ଗ୍ରୁପ ଅଫ୍ ପବ୍ଲିକ ସ୍କୁଲ ପକ୍ଷରୁ ରକ୍ଷାବନ୍ଧନ

୫୦୦ ତାଳ ଚାରାରୋପଣ

ସୋର, ୧୦।୮ (ସମିସ) : ସଂପ୍ରତି ବଜ୍ରପାତକୁ ରୋକିବା ଏବଂ ଜଙ୍ଗଲୀ ହାତୀମାନଙ୍କର ଖାଦ୍ୟ ପାଇଁ କେଶାରୀପୁର ପରିବେଶ ବଞ୍ଚଅ ସମିତି ତରଫରୁ ବୋଇତା ପାହାଡଳତ ତ୍ରିକୁଟେଶ୍ୱର ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୫୦୦ ତାଳଗଛ, ଏବଂ ନିମ୍ବ, ଆମ୍ବ, ପିଜୁଳି, ପଣସ ଆଦି ଚାରାରୋପଣ କରାଯାଇଛି । ପ୍ରସ୍ତର ଶିଳ୍ପୀ ଗୋଲକ ପାତ୍ର, ନରେନ୍ଦ୍ର ସାମଲ, ମହେନ୍ଦ୍ର ସାହୁ, ନରେନ୍ଦ୍ର ବାରିକ, ପ୍ରଶାନ୍ତ ମଳିକ, ରବୀନ୍ଦ୍ର ମଳିକ, ସୁରେନ୍ଦ୍ର ସେଠୀ, ସଂଜୀବ ମହାରାଣା ଓ ସମିତି ସଭ୍ୟ ମୁକେଶ ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସୋରରେ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

ସୋର, ୧୦।୮ (ସମିସ) : ସୋର ସାଇ କଲ୍ୟାଣ ମଣ୍ଡପ ପରିସରରେ ସୋରର ଆଗ୍ରହୀ ଫୁଟବଲ ପ୍ରେମୀମାନଙ୍କୁ ନେଇ ଏକ ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ଫୁଟବଲ ଖେଳାଳି ରାଜେନ୍ଦ୍ର ମହାନ୍ତି, ସେକ୍ ରହେମାନ୍, ସୁନାରାମ ସରେନ, ମହେଶ୍ୱର ପତି, ଦିଲ୍ଲୀପ ମହାନ୍ତି, ସଂଜୟ କୁମାର ନାୟକ, ଅବଦୁଲ ଉଦୁଦ୍ ଖାନ୍, ହରିଶ ଚନ୍ଦ୍ର ସିଂହ, ସୟେଦ ଫେକ ଆଲାମ, କୈଳାଶ ଚନ୍ଦ୍ର ନାୟକ, ମହେଶ୍ୱର ବେହେରା, ନିଶାକର ମହାନ୍ତି, ମନୋଜ ରାୟ, କୈଳାଶ ବିଶ୍ୱାଳ, ସେକ୍ ଅଲିମୁଲ୍ଲା ପୂର୍ବରୁ ସୋରରେ ରମେଶଚନ୍ଦ୍ର ଫୁଟବଲ୍ ମେମୋରିଆଲ ଟୁର୍ଣ୍ଣାମେଣ୍ଟକୁ ପୂର୍ନଜୀବିତ କରିବା ପାଇଁ ଏହି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଆସନ୍ତା ଡିସେମ୍ବର ମାସରେ କଲେଜ ପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଆବାହକ ସୌମ୍ୟଶାନ୍ତ ଅମ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

ଅନ୍ତେବାସୀଙ୍କ ଗହଣରେ ରକ୍ଷାବନ୍ଧନ ଉତ୍ସବ

ଖଇରା, ୧୦।୮ (ସମିସ) : ପାର୍ବତୀପୁର ବାସିନ୍ଦା ତଥା ଭାଜପା ରାଜ୍ୟ ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ଇଂ. ରାଜେଶ ମହକୁଡ ଚଳିତ ଥରର ରକ୍ଷା ବନ୍ଧନ ଉତ୍ସବକୁ ନିଆରା ଢଙ୍ଗରେ ପାଳିଛନ୍ତି । ପତ୍ନୀ ସୂର୍ଯ୍ୟାଂଶୀ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ସହ ଖଇରା ବ୍ଲକର ଡଗରପଡାସ୍ଥିତ ବିବେକଭାରତୀ ସେବାଶ୍ରମରେ ଅନ୍ତେବାସୀ ଭାବେ ରହୁଥିବା ଅସହାୟ ଅନାଥ ପିଲାଙ୍କ ହାତରେ ରାକ୍ଷାବାନ୍ଧିବା ସହ ଖାତା, କଲମ, ପେନସିଲ ସହ ଖେଳ ସାମଗ୍ରୀ ବଣ୍ଟନ କରିଥିଲେ ।

ସାଇ ପବ୍ଲିକ୍ ସ୍କୁଲରେ ରକ୍ଷାବନ୍ଧନ

ଖଇରା, ୧୦।୮ (ସମିସ) : ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଉତ୍ସର୍ଗୀକୃତ ମନୋଭାବରେ କାର୍ଯ୍ୟରତ ସାମାଜିକ ସଂଗଠନ ଆପଣ ଏକା ନୁହଁନ୍ତି ଟ୍ରଷ୍ଟ ଖଇରା ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ରକ୍ଷାବନ୍ଧନ ଉତ୍ସବ ନିରାଡମ୍ବରେ ପାଳନ କରିଛନ୍ତି । ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ଗୋପମଣି ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଅନ୍ତେବାସୀଙ୍କ ହାତରେ ରାଖି ବାନ୍ଧିବା ସହ ମିଠା ଖୁଆଇଥିଲେ ।

ଘର କାନ୍ଥ ଭିତରେ ବିପଦସଙ୍କୁଳ ବିଜୁଳି ଖୁଣ୍ଟ

ନୂତନ ଖୁଣ୍ଟ ବସାଇ ବିଦ୍ୟୁତ୍ ସଂଯୋଗ ଦେଲା ବିଭାଗ

ବାହାନଗା, ୧୦।୮ (ସମିସ)

ବାହାନଗା ବ୍ଲକ ଗୋପାଳପୁର ବିଦ୍ୟୁତ ସେକ୍ସନର ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ଜଣେ ବ୍ୟକ୍ତିଙ୍କ ଘର ଭିତରେ ବିଦ୍ୟୁତ ଖୁଣ୍ଟ ରଖାଯାଇ ବିପଦସଙ୍କୁଳ ଭାବେ ବିଦ୍ୟୁତ ସଂଯୋଗ ଦିଆଯିବା ଘଟଣାରେ "ସକାଳ"ରେ ଖବର ପ୍ରସାରଣ ପରେ ଆକ୍ସନ ମୋଡକୁ ଆସିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ଏବଂ ବିଦ୍ୟୁତ ବିଭାଗ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଘରର କାନ୍ଥ ଭିତରେ ଥିବା ବିଜୁଳି ଖୁଣ୍ଟରୁ ବିଦ୍ୟୁତ ସଂଯୋଗକୁ ବିଚ୍ଛିନ୍ନ କରି ନୂତନ ଖୁଣ୍ଟ ବସାଇ ବିଜୁଳି ସଂଯୋଗ ଦେଇଛି ବିଭାଗ । ଗୋପାଳପୁର କଲେଜ ନିକଟରେ ଜୈନିକ ବ୍ୟକ୍ତିଙ୍କ ଘର ମଧ୍ୟରେ ବିଦ୍ୟୁତ ଖୁଣ୍ଟ ବସିଥିବାବେଳେ ବାରମ୍ବାର ବିଦ୍ୟୁତ ବିଭାଗକୁ ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟକୁ ହଟାଇବାକୁ ଅଭିଯୋଗ କରି ଆସୁଥିବା ବେଳେ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁନଥିଲା । ଏମିତି କି

ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

ଝାରସୁଗୁଡ଼ା,୧୦।୮ (ସମିସ)

ନୂତନ ହସ୍ପିଟାଲରେ ମିଳିଲାନି ଚିକିତ୍ସା

ଝାରସୁଗୁଡ଼ା ସହର ସୁନାରୀମୁଣ୍ଡା ଛକରେ ଥିବା ଘରୋଇ ହୋଟେଲ ସମ୍ମୁଖରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଡମାଳ ଅଞ୍ଚଳର କ୍ରିଷ୍ଟା ଓରାମ (୧୫) ପ୍ରାଣ ହରାଇ ଥିବାବେଳେ ୫ ଜଣ ଗୁରୁତର ହୋଇଛନ୍ତି। ଗରୁତର ମାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି। ଝାରସୁଗୁଡ଼ାର ଏକଘରୋଇସ୍କୁଲରଛାତ୍ରମାନେବାଲେଶ୍ୱରକୁ ଖୋ ଖୋ ଖେଳିବାକୁ ଯାଇ ରବିବାର ଝାରସୁଗୁଡ଼ା ଫେରିଥିଲେ। ସେମାନଙ୍କୁ ରେଳ ଷ୍ଟେସନରେ ସ୍ୱାଗତ କରାଯିବା ପରେ ୩ ଜଣ ସାଙ୍ଗଙ୍କ ସହ କାରରେ କ୍ରିଷ୍ଟା ଯାଦବ, ଉମିତ ଓରାମ, ମେଘନାଦ ଓରାମ ସୁନାରୀମୁଣ୍ଡାରୁ ଝାରସୁଗୁଡ଼ା ସହର ପଟକୁ ଆସୁଥିଲେ। ଏତିକି ବେଳେ ହୋଟେଲ ଉତ୍କଳ କଣ୍ଟିନେଣ୍ଟାଲ ପାଖରେକାରଟି ଭାରସାମ୍ୟ ହରାଇ ନିକଟରେ ଥିବା ଡିଭାଇଡରରେ ପିଟି ହୋଇଥିଲା। ସ୍ଥାନୀୟ ଲୋକ ଟାଉନ ଥାନା ପୁଲିସ ସହାୟତାରେ ସମସ୍ତଙ୍କୁ ନୂତନ ଭାବେ ଖୋଲାଯାଇଥିବା ଝାରସୁଗୁଡ଼ା ମଙ୍ଗଳ ବଜାର ସ୍ଥିତ ସ୍ୟାଟେଲାଇଟ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅଭାବ ଏବଂ ଆବଶ୍ୟକ ଚିକିତ୍ସା ସାମଗ୍ରୀର ଅଭାବ ଯୋଗୁଁ ଚିକିତ୍ସା ହୋଇପାରିଲା ନାହିଁ। ଫଳରେ ଆହତ ମାନଙ୍କୁ ପୁଣି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାରେ ବିଳମ୍ବ ହେବାରୁ କ୍ରିଷ୍ଟା ଓରାମ ପ୍ରାଣ ହରାଇ ଥିଲେ। ଅନ୍ୟ ଗୁରତର ମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତ କ୍ରିଷ୍ଟା, ଆହତ ଉମିତ ଓ ମେଘନାଦ ବଡମାଳ ଅଞ୍ଚଳର ନୂଆଁ କେମ୍ପଡାର ହୋଇଥିବା ବେଳେ ଅନ୍ୟ ୩ ଜଣଙ୍କ ପରିଚୟ ମିଳି ପାରିନାହିଁ। ନୂତନ ଭାବେ ଖୋଲିଥିବା ସ୍ୟାଟେଲାଇଟ ହସ୍ପିଟାଲରେ ଚିକିତ୍ସା ମିଳି ପାରିନଥିବାରୁ ଉତ୍ତେଜନା ଦେଖା ଦେଇଥିଲା।

ଏକ ଟଙ୍କିଆ ଚିକିତ୍ସା ଶିବିର

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଗୁମାଡେରାରେ ମା' ମେଡିକେୟାର ପକ୍ଷରୁ ୧ ଟଙ୍କିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ରବିବାର ଶିବିରରେ ଚର୍ମରୋଗ ବିଶେଷଜ୍ଞ ଡ.ରାଜ ଶର୍ମା, ଶିଶୁରୋଗ ବିଶେଷଜ୍ଞ ଅମର ଧଳ, ସ୍ତ୍ରୀରୋଗ ବିଶେଷଜ୍ଞ ସନ୍ତୋଷ ପାଣିଗ୍ରାହୀଙ୍କ ସହ ଡାକ୍ତର ସବ୍ୟସାଚି ଦେବ ପ୍ରମୁଖ ଯୋଗ ଦେଇଥିଲେ। ବେଲପାହାଡ ଏବଂ ଆଖପାଖ ଅଞ୍ଚଳର ୧୯୮ ଜଣ ରୋଗୀ ଚିକିତ୍ସା ସେବାର ଲାଭ ନେଇଛନ୍ତି। ଗରିବ ରୋଗୀଙ୍କୁ ମାତ୍ର ୧ ଟଙ୍କାରେ ଚିକିତ୍ସା ସେବା ଯୋଗାଇ ଦେବା ଶିବିରର ଲକ୍ଷ୍ୟ ବୋଲି ଆୟୋଜକ ବସନ୍ତ ମହାନ୍ତି ପ୍ରକାଶ କରିଛନ୍ତି। ପ୍ରତି ରବିବାର ଏହି ୧ ଟଙ୍କିଆ ଚିକିତ୍ସା ଶିବିର ଆୟୋଜନ କରାଯିବ ବୋଲି ସେ କହିଥିଲେ।

ଝାରସୁଗୁଡ଼ାର ଜ୍ୟୋତିଷ ଲଣ୍ଡନରେ ସମ୍ମାନିତ

ଝାରସୁଗୁଡ଼ା,୧୦।୮ (ସମିସ): ଭାରତୀୟ ସଂଗଠନ ଏବଂ ୟୁକେ ସଂଗଠନ ଦ୍ୱାରା ମିଳିତ ଭାବେ ୩୯ ତମ ଅନ୍ତର୍ଜାତୀୟ ଜ୍ୟୋତିଷ ସମ୍ମିଳନୀ ଗତ ୨୨ ଜୁଲାଇରେ ଆୟୋଜିତ ହୋଇଯାଇଛି। ସମ୍ମିଳନୀରେ ଝାରସୁଗୁଡ଼ାର ଡ.ଅଜିତ ମୋହନଙ୍କୁ ଭିଭିଆଇପି ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଡ.ଅଜିତ ଅଟିଜିମ୍ ଶିଶୁ ଏବଂ ବ୍ୟକ୍ତିମାନଙ୍କ ସମସ୍ୟା ଉପରେ ଗୁରୁତ୍ୱାରୋପ କରି ଚିକିତ୍ସା ଜ୍ୟୋତିଷ ମାଧ୍ୟମରେ ସେମାନଙ୍କର ଚିକିତ୍ସା ପାଇଁ ଗୁରୁତ୍ୱାରୋପ କରିଥିଲେ। ଯେଉଁଠାରେ ଚିକିତ୍ସା ବିଜ୍ଞାନ ଏପର୍ଯ୍ୟନ୍ତ ଶିଶୁଙ୍କଠାରେ ଅଟିଜିମ୍‌ର ମୂଳ କାରଣ ଏବଂ ଏହାର ଚିକିତ୍ସା ଖୋଜୁଛି, ସେଠାରେ ଜ୍ୟୋତିଷ ଶାସ୍ତ୍ର ପରିସ୍ଥିତିର ପ୍ରଭାବଶାଳୀ ପ୍ରତିକାର ଏବଂ ଚିକିତ୍ସା ମାଧ୍ୟମରେ ଆରୋଗ୍ୟ ଲାଭ ପାଇଁ ବହୁତ ଉନ୍ନତ ବୋଲି ଡ.ଅଜିତ ବ୍ୟାଖ୍ୟା କରିଥିଲେ। ତାଙ୍କୁ ଲଣ୍ଡନ (ୟୁକେ) ସମ୍ମିଳନୀରେ, ପ୍ରାୟ ୨୨ଟି ଦେଶର ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ଗହଣରେ, ଜ୍ୟୋତିଷରେ ଉତ୍କୃଷ୍ଟ ଗବେଷଣା ପାଇଁ ୟୁକେରେ ଶ୍ରେଷ୍ଠ ଦଶ ଜ୍ୟୋତିଷ ଭାବେ ପୁରସ୍କୃତ କରାଯାଇଥିଲା। ୟୁଏସଏର ଡ.ଆଲେକ୍ସ ଟ୍ରେନୋୱେଥ୍ ଏବଂ ହଂକଂର ଡ.ଈଶ୍ୱର ପ୍ରସାଦ ଦୁଲାଲ ଡ.ଅଜିତଙ୍କ ସଫଳତା ପାଇଁ ପ୍ରଶଂସା କରିଥିଲେ।

କୋଶଳ ଦାବିରେ ବୈଠକ

ଝାରସୁଗୁଡ଼ା,୧୦।୮ (ସମିସ): କୋଶଳ ରାଜ୍ୟ ଦାବି ନେଇ ଝାରସୁଗୁଡ଼ାରେ କୋଶଳ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଛି। ନାରାୟଣ ମହାପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଶଳ ରାଜ୍ୟ ଦାବିକୁ ଜୋରଦାର କରିବା ପାଇଁ ଜିଲ୍ଲାର ସମସ୍ତ ସଂଗଠନ ଗୁଡିକୁ ସାମିଲ କରି ବ୍ୟାପକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସଂଗଠନର ଝାରସୁଗୁଡ଼ା ଜିଲ୍ଲା ସଂଯୋଜକ ଭାବେ ଗୌରୀ ଶଙ୍କର ତନ୍ତୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଝାରସୁଗୁଡ଼ା ସହର ସଂଯୋଜକ ଭାବେ ନୋବେଲ୍ ଶର୍ମା, ବ୍ରଜରାଜନଗର ସହର ସଂଯୋଜକ ଭାବେ ନାରାୟଣ ଅଗ୍ରୱାଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। କୋଶଳ କ୍ରାନ୍ତି ଦଳ, କୋଶଳ ସେନା ଓ ସମନ୍ୱୟ ସମିତିର ଗଣେଶ ମଟାରୀ, ବିକାଶ ରୋହିଦାସ, ଚାଷୀ ନେତା ସୁରେନ୍ଦ୍ର ସାହୁ, ସଂଗଠକ ବସନ୍ତ ପଣ୍ଡା, ସନ୍ତୋଷ ପାଣିଗ୍ରାହୀ, ସଞ୍ଜୀବ ଗୁପ୍ତା, ପ୍ରମୋଦ ରାଉତ, ରିତେଶ ଶର୍ମା, ଲମ୍ବୋଦର ପଟେଲ, ମାୟାରାମ ବାରଲା ପ୍ରମୁଖଙ୍କ ସହ ବହୁ ଯୁବକ ଉପସ୍ଥିତ ଥିଲେ।

ଶ୍ମଶାନଘାଟରେ ଚାରାରୋପଣ

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ପୌରପରିଷଦ ୱାର୍ଡ ନମ୍ବର ୧ ସରବାହାଲ କିଷାନପଡ଼ା ଓ ଗୌଡ଼ପଡ଼ା ବାସିନ୍ଦାଙ୍କ ଦ୍ୱାରା ତାଙ୍କ ବେହେରା ପାଲି ରାସ୍ତା ଉପରେ ଥିବା ବହୁ ପୁରୁଣା ଶ୍ମଶାନଘାଟରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଅନେକ ଫଳମୂଳ ଗଛ ସହିତ ମହୁଲ, ବଉଳ, ବାଉଁଶ ଓ ଔଷଧୀୟ ବୃକ୍ଷରୋପଣ ହୋଇଛି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ, ସମାଜସେବୀ ପ୍ରଭାକର ଓରାମ, ଅଞ୍ଚଳର କୁଶବନ୍ତ ସେହୁଲ, ସରୋଜ ଗୌଡ, ଡମ୍ବରୁଧର ସେହୁଲ, ପ୍ରମୋଦ ଦାସ, ମୁନି କିସାନ, ମୁନୁ ଘୁଷି ପ୍ରମୁଖ ସହଯୋଗ କରିଥିଲେ।

ପୂର୍ବତନ ଶିକ୍ଷକଙ୍କୁ ସାକ୍ଷାତକାର ଅଭିଯାନ

ବରଗଡ଼,୧୦।୮ (ସମିସ): ବରଗଡ଼ର ସର୍ବପୁରାତନ ବିଦ୍ୟାଳୟ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ଏକ ନିଆରା ପଦକ୍ଷେପ ଯୋଗୁଁ ସବୁ ମହଲରେ ପ୍ରଶଂସିତ ହେଉଛନ୍ତି। ଜର୍ଜ ହାଇସ୍କୁଲର ପୂରାତନ ଶିକ୍ଷକ ମାନଙ୍କୁ ସାକ୍ଷାତକାର ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ହିନ୍ଦି ଶିକ୍ଷକ ମହାବୀର ଶର୍ମାଙ୍କ ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିବା ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦାଶଙ୍କ ସହ ଶିକ୍ଷକ ସୁରେଶ ଦାଶ, ରଞ୍ଜିତ ନାଏକ, ଶିକ୍ଷୟିତ୍ରୀ କୁମୁଦିନୀ ପାଣିଗ୍ରାହୀ ପ୍ରମୁଖ ଯାଇଥିଲେ। ଶ୍ରୀ ଶର୍ମା ତାଙ୍କ ପୁତ୍ର ରାଜେଶ, ଦିନେଶ, ପୁତ୍ରବଧୂ ସୁଷମା, କବିତା, ନାତି ଆଦିତ୍ୟ, ଦକ୍ଷ, ଶ୍ରେୟାଂସଙ୍କ ସହିତ ବର୍ତ୍ତମାନ ୯୦ ବର୍ଷ ବୟସରେ ମଧ ବେଶ ଖୁସିରେ ଥିବା ପ୍ରକାଶ କରିଥିଲେ।

ବିଦ୍ୟାଳୟରେ ବଜ୍ରପାତ ଓ ସାପକାମୁଡ଼ା ସଚେତନତା

ପଦ୍ମପୁର,୧୦।୮ (ସମିସ): ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଘନାମାଲରେ ବଜ୍ରାଘାତ ଓ ସାପକାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ସାହୁ ଓ ହିନ୍ଦୀ ଶିକ୍ଷକ ପବିତ୍ର ବାରିକଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଶିକ୍ଷକଙ୍କ ଉପସ୍ଥିତିରେ ଗାଁରେ ଜନସାଧାରଣ ମାନଙ୍କୁ ନେଇ ସଚେତନତା ସଭା ହୋଇଥିଲା। ଏଥିରେ ସାପକାମୁଡା ଓ ବଜ୍ରାଘାତରେ ଆହତ ହୋଇଥିବା ଲୋକମାନଙ୍କୁ ତୁରନ୍ତ ଚିକିତ୍ସାଳୟକୁ ପହଞ୍ଚାଇବା ନେଇ ପରାମର୍ଶ ଦିଆଯାଇଥିଲା।

ସାମ୍ବାଦିକଙ୍କ ମାତୃ ବିୟୋଗ

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ାର ସାମ୍ବାଦିକ ପ୍ରଶାନ୍ତ ମାଝୀଙ୍କ ମାତା ପଦ୍ମା ମାଝୀଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ୬ ତାରିଖ ରାତିରେ ତାଙ୍କର ପରଲୋକ ହୋଇଥିଲା। ଖବରପାଇ ଝାରସୁଗୁଡ଼ାର ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ୩ ମାସ ତଳେ ସାମ୍ବାଦିକଙ୍କର ପିତାଙ୍କର ଦେହାନ୍ତ ହୋଇଥିବା ବେଳେ ଏବେ ମାଆଙ୍କ ମୃତ୍ୟୁ ପୁରା ପରିବାରକୁ ଶୋକାକୂଳ କରିଛି। ବିଟିଏମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାମ୍ବାଦିକ ପୁତ୍ର ପ୍ରଶାନ୍ତ ମାଝୀ ମୁଖାଗ୍ନି ଦେଇଥିଲେ।

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜନ ହେବ ସେମିନାର

ଝାରସୁଗୁଡ଼ା,୧୦।୮ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟପକ୍ଷରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଜରିଆରେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ମିରର ଥିଏଟରରେ ନାଟକକୁ ନେଇ ସେମିନାର ଆୟୋଜନ ହେବ। ଆସନ୍ତା ୧୨ ତାରିଖ ଏହି ସେମିନାର ଆୟୋଜନ ସହ ମିରର ଥିଏଟରର ୩୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ପଶ୍ଚିମ ଓଡ଼ିଶାରେ ପ୍ରଥମ କରି ନାଟକକୁ ନେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସେମିନାର ଆୟୋଜନ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେମିନାରରେ ନାଟକର ଦାର୍ଶନିକ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯିବ। ଏହାସହ କବିତା ଆସର, ନାଟକ ପାହାଚିହ୍ନା ପ୍ରଦର୍ଶନ କରାଯିବ ବୋଲି ମିରର ଥିଏଟର ପକ୍ଷରୁ ସୂଚନା ଦିଆଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମିରର ଥିଏଟର ପ୍ରତିଷ୍ଠାତା ଡ.ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସହ ଜେନାମଣି ସେଟ, ସରୋଜ ମିର୍ଦ୍ଧା, ସନ୍ତୋଷ ସାହୁ, ଥବିର କଲୋ ପ୍ରମୁଖ ଉପସ୍ଥିତ ଥିଲେ।

କୋଇଲି ଘୁଘର ଶୈବ ପୀଠରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୧୦।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୋଇଲିଘୁଘର ଶୈବ ପୀଠରେ ବିଜେପି ପକ୍ଷରୁ ସ୍ୱଚ୍ଛତା ହିଁ ସୁସ୍ଥତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ 'ସ୍ୱଚ୍ଛ ଭାରତ' ପରିପ୍ରେକ୍ଷୀରେ ରବିବାର ଲଖନପୁର ମଣ୍ଡଳ ସଭାପତି ଟିକେତ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ଲଖନପୁର ମଣ୍ଡଳ ସଭାପତି ରାଜ ସାହୁ, ମଣ୍ଡଳ ପ୍ରତିନିଧି କ୍ଷିତିଭୂଷଣ ପ୍ରଧାନ, ରାଜ୍ୟ ପରିଷଦ ସଭ୍ୟା ଆରତୀ ପ୍ରଧାନ, ଜିଲ୍ଲା ବିଜେପି ଆଦିବାସୀ ମୋର୍ଚ୍ଚାର ସଭାପତି ଉତ୍ତମ ନେଗି, କଦମ ଡିହି ସମିତି ସଭ୍ୟ ପବିତ୍ର ବିଶ୍ୱାଳ, ଉଦିତ ପଟେଲ, ତୋଫାନ ପ୍ରଧାନ ଓ ଅନେକ କାର୍ଯ୍ୟକର୍ତ୍ତା ଯୋଗ ଦେଇ କୋଇଲିଘୁଘରରେ ସଫାସୁତୁରା କରିବା ସହ ସ୍ୱଚ୍ଛତା ହିଁ ସୁସ୍ଥତାର ବାର୍ତ୍ତା ଦେଇଥିଲେ।

ଖୁଦୁରୁକୁଣୀ ଓଷା ଆରମ୍ଭ

ରିଆମାଳ,୧୦।୮ (ସମିସ): ଭାଦ୍ରବ ମାସର ପ୍ରଥମ ରବିବାର ଥିବାରୁ ରିଆମାଳ ବ୍ଲକ୍‌ର ଗାଁ ଗାଁରେ ଖୁଦୁରୁକୁଣୀ ପୂଜା ଆରମ୍ଭ ହୋଇଛି। ଜଗନ୍ନାଥ ସାହି ସ୍ଥିତ କାମନା ଗୁଡି ନିକଟରେ ଥିବା ପୂଜା ମଣ୍ଡପ, ପରା, ବୁଢ଼ାପାଳ, ବୁଡିଦୋ, ଟିଙ୍କବିର, ପଳସମା ସମେତ ବିଭିନ୍ନ ପଞ୍ଚାୟତରେ ପୂଜା ମଣ୍ଡପରେ ଶତାଧିକ ମହିଳା ଓ ବାଳିକା ମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରିଛନ୍ତି। ଭକ୍ତ ମାନେ ଖୁଦୁରୁକୁଣୀ ବ୍ରତ ପୁରାଣ ପଢ଼ିଥିଲେ। ପୂଜା ସମୟରେ ଧୂପ, ଦୀପ, ଶଙ୍ଖ, ହୁଳହୁଳି ମଧ୍ୟରେ ଠାକୁରାଣୀଙ୍କୁ ଖୁଦ ଭଜା, ଲିଆ, ଉଖୁଡା, କାକୁଡି, ଖସା ଲଡୁ ଓ ନାନାଦି ଫଳରେ ଆଦି ଭୋଗ ଭାବେ ଅର୍ପଣ କରିଥିଲେ। ତେବେ ଖୁଦଭଜା ଠାକୁରାଣିଙ୍କର ସବୁଠୁ ପ୍ରିୟ ବୋଲି ବିଶ୍ୱାସ ରହିଛି। ମାଁଙ୍କୁ 'ଖୁଦରକୁଁଣୀ' ବା ଖୁଦ ପାଇଁ ବାଇ ବୋଲି ଶ୍ରଦ୍ଧାରେ କୁହାଯାଇଥାଏ। ଯାହା ପାଇଁ ତାଙ୍କର ନାମ ଖୁଦୁରୁକୁଣୀ ହୋଇଛି ବୋଲି ଆସ୍ଥା ରହିଛି।

୧୯୪ ବର୍ଗ ସ୍କୁଲକୁ ମଧ୍ୟାହ୍ନ ଭୋଜନ ଦେବାକୁ ଦାବି

ଲଖନପୁର ବ୍ଲକ୍ ଓଷ୍ଟା ପକ୍ଷରୁ ସମ୍ବିଧାନ ସମ୍ମିଳନୀ

ଇବଥର୍ମାଲ,୧୦।୮ (ସମିସ): ଲଖନପୁର ବ୍ଲକ୍ ଆଞ୍ଚଳିକ ହାଇସ୍କୁଲ ଖଇରକୁନି ସମ୍ମିଳନୀ କକ୍ଷରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଝାରସୁଗୁଡ଼ା ଶାଖା ଲଖନପୁରରେ ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା କମିଟି ସଭାପତି ସନ୍ୟାସୀ ପଟେଲ, ଉପଦେଷ୍ଟା ଉମାକାନ୍ତ ପଣ୍ଡା, ଉପସଭାପତି ବିପଦ ଭଞ୍ଜନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ହରେକୃଷ୍ଣ ପଟେଲ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କେଶବ ସା ସଭା ପରିଚାଳନା କରିଥିଲେ। ଲଖନପୁର ବ୍ଲକ୍ ଓଷ୍ଟା ସମ୍ପାଦକ ନନ୍ଦଲାଲ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ବିଶେଷ କରି ୧୯୪ ବର୍ଗର ସ୍କୁଲକୁ ୨୫ରୁ ୩୦ବର୍ଷ କାମ କରିବା ପରେବି ସରକାର ଟଙ୍କାଟିଏ ଅନୁଦାନ ନଦେବା ବିଷୟରେ ଆଲୋଚନା ହୋଇଥିଲା। ଏହି ବର୍ଗର ସ୍କୁଲରେ ପାଠ ପଢୁଥିବା ନବମ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗତବର୍ଷ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲ୍ଲାରେ ଡିଏମ୍‌ଏଫ୍ ଫଣ୍ଡରୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ବେଳେ ଚଳିତ ବର୍ଷ ତାହା ବନ୍ଦ ହୋଇଯାଇଛି। ଫଳରେ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଥିବା ମାତ୍ର ୭ଟି ଏହି ବର୍ଗର ସ୍କୁଲରେ ଡିଏମଏଫ୍ ଫଣ୍ଡ ଜରିଆରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଉଛି, ନୂତନ ଅନୁଦାନପ୍ରାପ୍ତ ସ୍କୁଲ ମାନଙ୍କରେ ଅବସର ନେଉଥିବା ତଥା କାମରୁଥିବା ଶିକ୍ଷକ କର୍ମଚାରୀ ମାନଙ୍କ ସରକାର ପେନସନ ବ୍ୟବସ୍ଥା କରିବା ଦାବି ମଧ ସମ୍ମିଳୀରେ ଉଠିଥିଲା। ଜିଲ୍ଲା ନେତୃତ୍ୱ ତାର ଉତ୍ତର ରଖିବା ସହ ମଧ୍ୟାହ୍ନ ଭୋଜନ ସକାଶେ ଜିଲ୍ଲା ପ୍ରତିନିଧି ମଣ୍ଡଳୀ ଯାଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଥିଲେ।

ଏହି ଅବସରରେ ନିର୍ବାଚନ ଅଧିକାରୀଙ୍କ ସହମତି ଭିତ୍ତିରେ ବ୍ଲକ୍ ଓଷ୍ଟା ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ନୂତନ ସଭାପତି ଭାବେ ଲୋକେଶ୍ୱର ସେଟ୍, ଉପସଭାପତି ଭାବେ ମନୋହର ପ୍ରଧାନ, ପଙ୍କଜିନୀ ବଡ଼େଇ, ସମ୍ପାଦକ ଭାବେ ନନ୍ଦଲାଲ ସାହୁ, ସହ ସମ୍ପାଦକ ଭାବେ ସନ୍ତୋଷ ବଳିୟାରସିଂହ, ମଞ୍ଜୁଲତା ନାଏକ, ବ୍ଲକ୍ ଇସି ସଦସ୍ୟ ଭାବେ ନବିନ ଚନ୍ଦ୍ର ଭୋଇ, ରୁଦ୍ର ଚରଣ ଭୋଇ, ପ୍ରମୋଦ ସାହୁ, ସୁଶାନ୍ତ ନାଏକ, ରମେଶ ଖମାରୀ, ପଞ୍ଚାନନ ପାଣିଗ୍ରାହୀଙ୍କୁ ମନୋନୀତ କରା ଯାଇଥିଲା। ନୂତନ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ଓଷ୍ଟା ଉପଦେଷ୍ଟା ଉମାକାନ୍ତ ପଣ୍ଡା ଶପଥ ପାଠ କରାଇଥିଲେ।

ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

ନ୍ୟୁ ଷ୍ଟାର କୋଚିଂ ସେଣ୍ଟର

ଝାରବନ୍ଧ ବ୍ଲକ୍‌ରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବା ପାଇଁ ଅଣ୍ଟା ଭିଡିଛି ଝାରବନ୍ଧ ନ୍ୟୁ ଷ୍ଟାର କୋଚିଂ ସେଣ୍ଟର। ସେଣ୍ଟର ପ୍ରତିଷ୍ଠାତା ଏଲକେ ମହାପାତ୍ରଙ୍କ ଉଦ୍ୟମରେ କୋଚିଂ ସେଣ୍ଟର ଗଢ଼ି ହୋଇଛି। ଛାତ୍ରଛାତ୍ରୀ କିପରି ଆଦର୍ଶ ବିଦ୍ୟାଳୟ, ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ ଏବଂ ଦଶମ ଶ୍ରେଣୀରେ ମଧ ସଫଳତା ହାସଲ କରିବେ ତାହା ସେଣ୍ଟରର ଉଦ୍ଦେଶ୍ୟ ରହିଛି। ଚଳିତ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଅବସରରେ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ନେଇ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ଛାତ୍ରୀ ମାନେ ଛାତ୍ର ମାନଙ୍କୁ ଏବଂ ସମସ୍ତ ଶିକ୍ଷକଙ୍କୁ ରାକ୍ଷୀ ବାନ୍ଧିଥିଲେ। କୋଚିଂ ସେଣ୍ଟର ଶିକ୍ଷକ ଏସକେ ମହାପାତ୍ର, ଅଭିଳାଷ କୌଶଳ, ସୁନୀଲ କୌଶଳ, ମନୀଷା ଭୋଇ, ନେହା ମିର୍ଦ୍ଧା ଏବଂ ଅନିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୈନିକଙ୍କୁ ରାକ୍ଷୀ ବାନ୍ଧିଲେ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ବିଦ୍ୟାର୍ଥୀ

ବରଗଡ଼,୧୦।୮ (ସମିସ): ବରଗଡ଼ରେ ଅବସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲର ବିଦ୍ୟାର୍ଥୀମାନେ ଭାଇ-ଭଉଣୀଙ୍କ ପବିତ୍ର ସ୍ନେହର ପ୍ରତୀକ ରାକ୍ଷୀ ପୂର୍ଣ୍ଣିମାକୁ ସୈନିକମାନଙ୍କୁ ରାକ୍ଷୀ ବାନ୍ଧି ପାଳନ କରିଛନ୍ତି। ଏହି ଅବସରରେ ସଂସ୍କାର ସ୍କୁଲର ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡିଆ, ଶିକ୍ଷକ ବିରଜୁ ପ୍ରସାଦ, ଏଥରିନ କୁଜୁର ମ୍ୟାଡାମ୍ ଓ ସଞ୍ଚିତା ମ୍ୟାଡାମ୍‌ଙ୍କ ସହିତ ଛାତ୍ରୀମାନେ ପଥର୍ଲାଠାରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପକୁ ଯାଇ ସୈନିକମାନଙ୍କୁ ରାକ୍ଷୀ ବାନ୍ଧି ରାଷ୍ଟ୍ରର ସୁରକ୍ଷା ନିମନ୍ତେ ତାଙ୍କର ଅବଦାନକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ଏହାପରେ ସଦର ଥାନାକୁ ଯାଇ ପୁଲିସ କର୍ମଚାରୀମାନଙ୍କୁ ରାକ୍ଷୀ ବାନ୍ଧି ଥିଲେ। ସ୍କୁଲର ସଂଯୋଜିକା ମମତା ସିହ୍ନା ଛାତ୍ରୀମାନଙ୍କ ସହିତ ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ଏବଂ ଟାଉନ୍ ଥାନାକୁ ଯାଇ, ସେଠାରେ ପୁଲିସ କର୍ମଚାରୀମାନଙ୍କୁ ସମ୍ମାନ ସ୍ୱରୂପ ରାକ୍ଷୀ ବାନ୍ଧି ସମାଜ ପାଇଁ ତାଙ୍କର କର୍ତ୍ତବ୍ୟ ପାଳନ ପ୍ରତି ଧନ୍ୟବାଦ ପ୍ରକାଶ କରିଥିଲେ। ସୈନିକ ଏବଂ ପୁଲିସ କର୍ମଚାରୀମାନଙ୍କୁ ସମ୍ମାନ ଏବଂ ଧନ୍ୟବାଦ ଦେବା ପାଇଁ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ଏହା ଏକ ଛୋଟ ପ୍ରୟାସ ବୋଲି ସ୍କୁଲର ପ୍ରିନ୍ସିପାଲ୍ କରନ ସାହୁ କହିଥିଲେ।

ଏବିଭିପି

ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ଼ ନଗର ତରଫରୁ ବରଗଡ଼ ପୁଲିସ ଥାନା ଓ ଅଗ୍ନିଶମ ବିଭାଗର ଭାଇ ମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନ ପାଳନ କରାଯାଇଛି। ବିଶେଷ ଭାବେ ସମ୍ବଲପୁର ବିଭାଗର ବିଭାଗ ସଂଯୋଜକ ସଂକେତ ସାହୁ, ବରଗଡ଼ ଜିଲ୍ଲା ସଂଯୋଜକ ପ୍ରାଞ୍ଜଳ କୁଆଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପିଣ୍ଟୁ ବରର୍ଡ଼ି, ସମ୍ବଲପୁର ବିଭାଗ ଛାତ୍ରୀ ପ୍ରମୁଖ ଆଞ୍ଚଲ୍ ଚୌଧୁରୀ, ପ୍ରତ୍ୟାସା ବୋହିଦାର, ନଗର ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ରୋଷ୍ନି ପାଇକ୍, ଉଜାଲା ବେହେରା, ନଗର ଖେଲୋ ଭାରତ ପ୍ରମୁଖ ରୋସନ ଗଡିତିଆ ଉପସ୍ଥିତ ଥିଲେ।

ନୃସିଂହବନରେ ପ୍ରକୃତିପ୍ରେମୀ

ପାଇକମାଳ: ପାଇକମାଳ ନୃସିଂହନାଥ ନିକଟରେ ଥିବା ନୃସିଂହବନରେ ପ୍ରକୃତିପ୍ରେମୀ ମାନେ ନିଆରା ଢଙ୍ଗରେ ରାକ୍ଷା ବନ୍ଧନ ପାଳିଛନ୍ତି। ଏହି ଅବସରରେ ଅଶ୍ୱସ୍ତ ବୃକ୍ଷକୁ ଦେବତା ରୂପେ ପୂଜାର୍ଚ୍ଚନା କରିଛନ୍ତି। ପ୍ରକୃତି ବନ୍ଧୁ ବଡ ଶତପଥୀ ଓ ବିଭୁତି ମୁଣ୍ଡଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବୃକ୍ଷ ଦେବତାଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା। ଫରେଷ୍ଟର ରମେଶ ପଧାନ, ରୋହିତ ମାଝୀ, ଫରେଷ୍ଟ ଗାର୍ଡ ଶାନ୍ତନୁ ପଧାନ ଓ ଅନ୍ୟାନ୍ୟ ବନ ବିଭାଗ କର୍ମଚାରୀ ମାନଙ୍କ ସହ ଜର୍ଜଗଡ ଗାଁର ଏସଏଚଜି ଗ୍ରୁପର ମହିଳା ମାନେ ରାକ୍ଷୀ ବାନ୍ଧିଥିଲେ। ଶେଷରେ ଫରେଷ୍ଟର ଶ୍ରୀ ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସକାଳ
THE SAKALA

ପାଳିମୀ ଜନତା ନୋଡାଲ ଉଚ୍ଚବିଦ୍ୟାଳୟ

ଜରାଜୀର୍ଣ୍ଣ ଗୃହରେ ଚାଲିଛି ପାଠପଢା; ଶିକ୍ଷକ ଅଭାବ

ଗୋବିନ୍ଦପୁର, ୧୦।୮ (ସମିସ)

ଆଳି ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପାଳିମୀ ଜନତା ନୋଡାଲ ଉଚ୍ଚବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଶିକ୍ଷକ ଓ ଶ୍ରେଣୀ ଗୃହ ଅଭାବ ଯୋଗୁଁ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଜନତା ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୨୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪ ଜଣ ଶିକ୍ଷକ ଥିବାବେଳେ ଆହୁରି ୪ ଜଣ ଶିକ୍ଷକଙ୍କ ଆବଶ୍ୟକ ରହିଛି। ଶିକ୍ଷକ ଅଭାବ ଯୋଗୁଁ ପାଠପଢାରେ ସମସ୍ୟା ସୃଷ୍ଟି ହେଉଛି। ଶ୍ରେଣୀ ଗୃହ ବିପଦସଂକୁଳ ଅବସ୍ଥାରେ ଥିବାବେଳେ ଏହି ଗୃହରେ ପାଠପଢା ଚାଲିଛି। ମହାବାତ୍ୟା ପରେ କର୍ଣ୍ଣାଟକ ସରକାରଙ୍କ ସହାୟତାରେ ନିର୍ମିତ ଶ୍ରେଣୀ ଗୃହ ମରାମତି ଅଭାବରୁ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏହି ବିପଦପୂର୍ଣ୍ଣ ଗୃହରେ ଏବେ ପାଠପଢା ଚାଲିଛି। ନିକଟରେ ଆଜବେଷ୍ଟସ ଘର ଭାଙ୍ଗିଯାଇଛି। ଏହି ଗୃହରେ ପାଠପଢା ହୋଇପାରୁନି। ଏହି ଗୃହକୁ ଭାଙ୍ଗି ପକ୍କା ଘର ନିର୍ମାଣ କରିବାକୁ ଦାବି ହେଉଛି। ୧୯୬୩ରେ ସ୍ଥାନୀୟ ଅଞ୍ଚଳର ଲୋକ ଓ ବୁଦ୍ଧିଜୀବୀ ଏହି ଶିକ୍ଷାନୁଷ୍ଠାନ ନିର୍ମାଣ କରିଥିଲେ। ଏହି ବିଦ୍ୟାଳୟରୁ ପାଠପଢି ଅନେକ ବ୍ୟକ୍ତି ଆଜି ବିଭିନ୍ନ ପଦପଦବୀରେ ଅବସ୍ଥାପିତ ଓ ସମାଜରେ ପ୍ରତିଷ୍ଠିତ ହୋଇଛନ୍ତି। ଅଥଚ ବିଦ୍ୟାଳୟର ପୂର୍ବ ଗୌରବ ନଷ୍ଟ ହେଉଛି। ତୁରନ୍ତ ଏହି ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଓ ଶ୍ରେଣୀ ଗୃହ ମରାମତି, ନୂତନ ପକ୍କାଘର ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ଦାବି କରିଛନ୍ତି। ନଚେତ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ

ପଟ୍ଟାମୁଣ୍ଡାଇ,୧୦।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ପଟ୍ଟାମୁଣ୍ଡାଇ ସଦ୍‌ଭାବନା କେନ୍ଦ୍ରରେ ସଞ୍ଚାଳିକା ଶଶୀରେଖା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, କସ୍ତୁରୀ କଳା ନିକେତନ ଅଧ୍ୟକ୍ଷ କୃପାସିନ୍ଧୁ ନାୟକ ଓ ଶିକ୍ଷକନେତା ବିଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ଷାବନ୍ଧନ ଉତ୍ସବର ମହତ୍ୱ, ଗାରିମା, ଭାଇଭଉଣୀର ଅତୁଟ ସମ୍ପର୍କ ବିଷୟରେ ଆଲୋକପାତ କରି ଭାରତୀୟ ସଂସ୍କୃତି ଓ ପରମ୍ପରା ରକ୍ଷା ସହ ସାମାଜିକ ଶାନ୍ତି ମୈତ୍ରୀ ପ୍ରତିଷ୍ଠା କ୍ଷେତ୍ରରେ ରକ୍ଷାବନ୍ଧନ ଉତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମତ ପ୍ରକାଶ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ଶାଖା ମାଉଣ୍ଟଆବୁରୁ ରଞ୍ଜନ ଭାଇ ଓ ଅର୍ଜୁନ ଭାଇ ଯୋଗ ଦେଇଥିଲେ। ଏ ଅବସରରେ ବ୍ରହ୍ମାକୁମାରୀ ଭଉଣୀମାନେ ଉପସ୍ଥିତ ସମସ୍ତ ଭାଇଙ୍କ ହାତରେ ରାଖୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାରୀ ସ୍ମୃତି, ବିହିତ, ପୁଷ୍ପା, ଦୀପ୍ତି ଓ ଜ୍ଞାନ ମଞ୍ଜରୀ ଭଉଣୀ ପରିଚାଳନା କରିଥିଲେ।

ଦୁଇ ବାଇକ୍ ଧକ୍କା, ୩ ଆହତ

ଆଳି,୧୦।୮ (ସମିସ): ଆଳି-ଚାନ୍ଦବାଲି ରାସ୍ତାର ଈଶାନେଶ୍ୱର ମନ୍ଦିର ଛକ ନିକଟରେ ଆଜି ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁର୍ଘଟଣା ତିନିଜଣ ଯୁବକ ଆହତ ହୋଇଥିବା ଜଣାପଡିଛି। ଆଳି ଥାନା ଚଣ୍ଡୀଆଗଡି ଅଞ୍ଚଳର ଆଦିତ୍ୟ ଶର୍ମା, ଶିବୁନ ଦାସ ଓ ଗୋପ ଅଞ୍ଚଳର ବରାହ ଜେନା ଘରକୁ ଫେରୁଥିବା ସମୟରେ ଈଶାନେଶ୍ୱର ମନ୍ଦିର ଛକ ନିକଟରେ ଦୁଇ ବାଇକ ପରସ୍ପରଙ୍କୁ ମୁହାଁମୁହିଁ ଧକ୍କା ଦେବା ଫଳରେ ଆଦିତ୍ୟଙ୍କ ବାମ ଗୋଡ଼ ଓ ମୁଣ୍ଡ, ଶିବୁନଙ୍କ ମୁଣ୍ଡ ଓ ବାମ ଗୋଡ଼ ସହିତ ବରାହଙ୍କ ମୁହଁ ଓ କାନରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟଲୋକେ ସମସ୍ତଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଆଦିତ୍ୟଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ସମାଜସେବୀଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୦।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନ ଅନ୍ତର୍ଗତ ଜୟକୃଷ୍ଣପୁର ଗ୍ରାମର ସମାଜସେବୀ ଅଶୋକ ବେହୁରାଙ୍କ ପରଲୋକ ଘଟିଛି। ସେ ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ଗ୍ରାମର ହନୁମାନ ମନ୍ଦିର, ଲକ୍ଷ୍ମୀପୂଜା ଆଦି କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ କରୁଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଜନଶକ୍ତି ପାର୍ଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଡେରାବିଶ, ୧୦।୮ (ସମିସ): ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋସ୍ଥ ଗାନ୍ଧୀପୀଠ ପରିସରରେ ଜନଶକ୍ତି ପାର୍ଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶଙ୍କ ନେତୃତ୍ୱରେ ଖଗେଶ୍ୱର ପଲାଇ, ଚନ୍ଦ୍ରଶେଖର ରଣା, ମନୋଜ ରଣା, ରମେଶ ସେଠୀ, ରଞ୍ଜିତ ପରିଡ଼ା, ଅକ୍ଷୟ କର, ପଙ୍କଜ ପଣ୍ଡା, ବାବୁଲି ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଭାରତର ଅଖଣ୍ଡତା ରକ୍ଷା କରିବା ପାଇଁ ଶପଥ ନେଇଥିଲେ। ଏଥିସହ ଗାନ୍ଧୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ଏକାଦଶ ବ୍ରତ ସତ୍ୟ, ଅହିଂସା, ବ୍ରହ୍ମଚାର୍ଯ୍ୟ, ରଚନାତ୍ମକ କାର୍ଯ୍ୟ, ସ୍ୱଚ୍ଛତା, ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ ଇତ୍ୟାଦି ପଥରେ ପରିଚାଳିତ ହେବାକୁ କହିଥିଲେ।

ବଳଦେବଜୀଉ ଗୋମଙ୍ଗଳ ସମିତିରେ ଗୋ-ପୂଜନ

ଡେରାବିଶ,୧୦।୮ (ସମିସ): ଡେରାବିଶ ବ୍ଲକ୍ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ନୀଳିକଣାସ୍ଥ ବଳଦେବଜୀଉ ଗୋମଙ୍ଗଳ ସମିତିରେ ଗୋସେବା ଓ ଗୋପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ସମିତି ପରିସରରେ ଥିବା ସମସ୍ତ ଗୋମାତାଙ୍କ ସ୍ନାନାଦି କାର୍ଯ୍ୟ କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଉପସ୍ଥିତ ଗୋପ୍ରେମୀ ଗୋମାତାଙ୍କୁ ଫଳ, ପିଠା, ମିଠା ଆଦି ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରିବା ସହ ରାଖୀ ବାନ୍ଧିଥିଲେ। ଏହି କାର୍ଯ୍ୟକ୍ରମକୁ ଫକିର ଖଟୁଆ, ବିଧୁଭୂଷଣ ମହାପାତ୍ର, ସୁଶୀଳ ସାମଲ, ତରୁଣ ପ୍ରଧାନ, ଶାରଦା ପ୍ରସାଦ ସିଂ, ନାରାୟଣ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଶ୍ରୀନିବାସ ବରାଳ, ବିଶ୍ୱମୋହନ ଦାସ, ଭାରତୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ତୁଳସୀ କ୍ଷେତ୍ରରେ ଭଜନ ସମାରୋହ

କେନ୍ଦ୍ରାପଡ଼ା,୧୦।୮ (ସମିସ): ବଳଭଦ୍ରଙ୍କ ଜନ୍ମୋତ୍ସବରେ ରଥଦାଣ୍ଡରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ସୁନାମ ଧନ୍ୟ କଳାକାର ଯୋଗ ଦେଇଥିଲେ। ସାଧୁ ସ୍ୱାମୀ ବିଶ୍ୱରୂପାନନ୍ଦ ଗିରିଙ୍କ ଦ୍ୱାରା ପୂଜାର୍ଚ୍ଚନା ସମ୍ପନ୍ନ ପରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସିଦ୍ଧ ବଳଦେବଜୀଉ ଭଜନ ସମାରୋହ ପରିଷଦ ସଦସ୍ୟଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରଥଦାଣ୍ଡରେ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ପରିଷଦର ସଭାପତି ନୃସିଂହ ପତ୍ରୀ, ସମ୍ପାଦକ ସୁଧାଂଶୁ ପଣ୍ଡା, ସଦସ୍ୟ ଅମିତାଭ ସୁଆର, ଜ୍ୟୋତିରଞ୍ଜନ ପତ୍ରୀ, କମଳାକାନ୍ତ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ରାଜେନ୍ଦ୍ର ପ୍ରସାଦ ପତି, ସଞ୍ଜୟ ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

'ହର୍ ଘର୍ ତିରଙ୍ଗା' ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୦।୮ (ସମିସ): 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏ ନେଇ ବିଜେପି ବ୍ରାହ୍ମଣୀ ମଣ୍ଡଳ ସଭାପତି ଆରୋଶିଷ ରାଉତଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ପ୍ରତିନିଧି ଦୟାନିଧି ବଳ, ମଣ୍ଡଳ ସାଧାରଣ ସମ୍ପାଦକ ଶକ୍ତିରଞ୍ଜନ ବିଶ୍ୱାଳ, ଉପସଭାପତି କିଶୋର ରାଉତ, କୋଷାଧ୍ୟକ୍ଷ ତୀର୍ଥସାରଥୀ ଦାସ, ଉପସଭାପତି ଦୀପକ ଭଦ୍ର, ପୂର୍ବତନ ଜିଲ୍ଲା ଯୁବ ସଭାପତି ବିନ୍ଦୁସାଗର ଦାସ, ଉପସଭାପତି ଦୀପକ ଦାସ, ନିରଞ୍ଜନ ସାମଲ, ସମର୍ଥ ବିଶ୍ୱାଳ, ସମୀର ଦାସ, ଅଚ୍ୟୁତାନନ୍ଦ ଦାସ, ବିକ୍ରମ ପରିଡା, ବ୍ରଜବିହାରୀ ଧଳ, ଜିତେନ୍ଦ୍ର ସ୍ୱାଇଁ, ସୌଭାଗ୍ୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୧୩, ୧୪, ୧୫ରେ ହେବାକୁ ଥିବା ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଜ୍ୟୋତିପ୍ରକାଶଙ୍କୁ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ

ପଟ୍ଟାମୁଣ୍ଡାଇ,୧୦।୮ (ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଯୁବ ସମାଜସେବୀ ଜ୍ୟୋତିପ୍ରକାଶ ପ୍ରଧାନଙ୍କୁ ଜେସ୍ ଫାଉଣ୍ଡେସନ ପକ୍ଷରୁ ସନ୍ଥ ଭକ୍ତ ଚରଣ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ନୟାଗଡ ଜିଲ୍ଲା ରଣପୁରସ୍ଥ ପ୍ରଶାନ୍ତ ହୋଟେଲ ସଭାଗୃହରେ ଆୟୋଜିତ ରାଜ୍ୟସ୍ତରୀୟ ସନ୍ଥ ଭକ୍ତଚରଣ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବରେ ରାଜ୍ୟର ବହୁ ସେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ। ଜେସ ଫାଉଣ୍ଡେସନ ପକ୍ଷରୁ ସମ୍ପାଦକ ପ୍ରିୟବ୍ରତ ପାଢ଼ୀ ଯୋଗଦେଇ ସମ୍ମାନ ପ୍ରଦାନ କରିଥିଲେ। ଜ୍ୟୋତିପ୍ରକାଶ ପ୍ରଧାନଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଡେରାବିଶ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଡେରାବିଶ, ୧୦।୮ (ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ମିନି ଷ୍ଟାଡ଼ିୟମରେ ଡେରାବିଶ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦୁଇଟି କ୍ୱାର୍ଟରଫାଇନାଲ୍ ଓ ଗୋଟିଏ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଆଜି ପୂର୍ବାହ୍ନରେ ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ଆଳି ଓ ନଗସପୁର ମଧ୍ୟରେ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ନଗସପୁର ୩-୨ରେ ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରଫାଇନାଲ୍ ଡେରାବିଶ ଟିମ୍ ୨-୦ ଗୋଲରେ ଗରଦପୁରର ଜାହାନିଆ ଫୁଟବଲ ଟିମ୍‌କୁ ହରାଇ ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା। ଅପରାହ୍ନରେ ନଗସପୁର ଓ ଡେରାବିଶ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଡେରାବିଶ ୧-୦ ଗୋଲରେ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଆସନ୍ତା ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଆଜି ଖେଳକୁ ଆଶିଷ ଦାସ ପରିଚାଳନା କରିଥିବାବେଳେ ପ୍ରକାଶ ଦୁବେ ଓ ମହେଶ୍ୱର ସେନାପତି ଲାଇନ୍‌ରେ ସହାୟତା କରିଥିଲେ। ଆୟୋଜକ କମିଟିର ସତ୍ୟଜିତ ଲେଙ୍କା, ଭବାନୀ ସିଂ, ଦିଲ୍ଲୀପ ସେନାପତି, ବିଶ୍ୱଜିତ ନାୟକ, ଭାଗ୍ୟଧର ବାରିକ ପ୍ରମୁଖ ପରିଚାଳନା କରିଥିଲେ।

ଧର୍ମପ୍ରାଣଙ୍କ ପରଲୋକ

ଆଳି, ୧୦।୮ (ସମିସ): ବଡ଼ାମ୍ବିଳା ପଞ୍ଚାୟତ କଳଦିଆ ଗ୍ରାମର ଧର୍ମପରାୟଣ ବ୍ୟକ୍ତି କାହ୍ନୁଚରଣ ବାରିକଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ସେ ସାରସ୍ୱତ ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଥିବାବେଳେ ଜଣେ ଧର୍ମପରାୟଣ, ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ନମୌଜା ଅଞ୍ଚଳ ସହିତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିବାବେଳେ ବଡପୁଅ ଶ୍ରୀକାନ୍ତ ବାରିକ ମୁଖାଗ୍ନି ଦେଇଥିଲେ।

ରକ୍ତଦାନ ଶିବିର; ୧୦୫ ୟୁନିଟ୍ ସଂଗୃହୀତ

ରାଜନଗର,୧୦।୮ (ସମିସ): ସ୍ଥାନୀୟ କେସି ମଣ୍ଡପରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଧନେଶ୍ୱର ସାହୁ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୦୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରାଜନଗର ଥାନା ଆଇଆଇସି ନରେଶ ସାହୁ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଶିବିରରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ବିଶ୍ୱଜିତ ବେହେରା, ଡାକ୍ତର ସମ୍ରାଟ ଜେନା, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଘନଶ୍ୟାମ ମିଶ୍ର, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ ଉପସ୍ଥିତ ଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭୋଳ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ପ୍ରଧାନ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ବେହେରା, ବରିଷ୍ଠ ନେତା ବିଜୟ ନାୟକ, କୈଳାସ ପରିଡା, ଦିଲ୍ଲୀପ ପାତ୍ର, ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ଅଧିକାରୀ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନେତା ରମେଶ ବେହେରା, ଅମଲ ପ୍ରଧାନ, ଅରୁଣ ସାହୁ, ନବଘନ ପାତ୍ର, ପୃଥ୍ୱୀରାଜ ପାତ୍ର, ଗୋପୀବଲ୍ଲଭ ନାୟକ, ଦିଲ୍ଲୀପ ସାହୁ, ନଟବର ସେଠୀ, ନାରିନେତ୍ରୀ ମିନତୀ ପାତ୍ର , ସୁଜାତା ନାୟକ, ସରପଞ୍ଚ ସସ୍ମିତା ମହାନ୍ତି, ଦିବାକର ସେଠୀ, ପୁରୁଷୋତ୍ତମ ସୂତାର, ଭାରତ ରାଉତ, ନରେଶ ବେହେରା, ସର୍ବେଶ୍ୱର ମହାନ୍ତି, ମୋହନ ଦାସ, ବିଶ୍ୱମ୍ଭର ବେହେରା, ସମୀର ବେହେରା, ଧର୍ମାନନ୍ଦ ପରିଡା, ଦେବଦୁଲାଲ ମଣ୍ଡଳ, ଯୁବ ନେତା ପ୍ରଭାତ ବେହେରା, ବିଚିତ୍ର ମଲ୍ଲିକ, ତ୍ରିଲୋଚନ ବାରିକ, ଆର୍ତ୍ତବନ୍ଧୁ ମହାନ୍ତ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ଲେଙ୍କା, ତାପସ ପରିଡ଼ା ପରିଚାଳନା କରିଥିଲେ।

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୧୦।୮ (ସମିସ): ହରିଆନାର ଗୁରଗାଁଓର ମାରୁତିକୁଞ୍ଜରେ ନିର୍ମିତ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ୧୦୮ ମହିଳା ଶ୍ରଦ୍ଧାଳୁ ନୂଆବସ୍ତ୍ର ପିନ୍ଧି ନିକଟସ୍ଥ ଜଳାଶ୍ରୟରୁ କଳସରେ ଜଳ ଆଣି ଶୋଭାଯାତ୍ରାରେ ଆସି ମନ୍ଦିର ନିକଟ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। କେନ୍ଦ୍ରାପଡ଼ାରୁ ଯାଇଥିବା ପଣ୍ଡିତ ମାନସ ଷଡ଼ଙ୍ଗୀ ପୂଜକ ଟିମଙ୍କ ଦ୍ୱାରା ଯଜ୍ଞ ମଣ୍ଡପ ଶୁଦ୍ଧ, ଗୋପୂଜା, ସୂର୍ଯ୍ୟପୂଜା କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ମାର୍ଶାଘାଇର ଯୁବ ଇଞ୍ଜିନିୟର ତଥା ଗୁରଗାଁଓର ପ୍ରବାସୀ ଓଡ଼ିଆ ଇଂ ସୌମ୍ୟରଞ୍ଜନ ରଥ ଓ ପତ୍ନୀ ଟିକିନା ପଣ୍ଡା କର୍ତ୍ତା ରହିଛନ୍ତି। ସୋମବାର ପୂର୍ଣ୍ଣାହୁତି ଦିଆଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।

ଗଡ଼ରୋମିତରେ 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ

ମହାକାଳପଡ଼ା,୧୦।୮ (ସମିସ): ମହାକାଳପଡ଼ା ତହସିଲ ଅଧୀନ ଗଡ଼ରୋମିତ ପଞ୍ଚାୟତରେ 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତହସିଲଦାର ଶିବ ମଲିକ ଉପସ୍ଥିତ ରହି ଜନସାଧାରଣଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହିତ ଦ୍ରୁତ ସମାଧାନ ପାଇଁ ଶୁଣାଣି କରିଥିଲେ। ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଗଡ଼ରୋମିତ ସରପଞ୍ଚ ପ୍ରିୟଙ୍କା ସାମଲ, ଅତିରିକ୍ତ ତହସିଲଦାର, ବିଭାଗୀୟ ସହାୟକ, ରାଜସ୍ୱ ନିରୀକ୍ଷକ, ଅମିନଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ରାଜସ୍ୱ ବିଭାଗ ଅଧୀନ ୨ଖାନା ସଂଶୋଧନ, ଇ-ପାଉତି, ମ୍ୟୁଟେସନ ମାମଲା, ବସୁନ୍ଧରା ସ୍କିମ, ମିସ ସାର୍ଟିଫିକେଟ, ବନ୍ଦୋବସ୍ତ ଆଦି କାମ ଏହି ଶିବିରରେ କରାଯାଇଥିବାବେଳେ ୨୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା।

ବଳଦେବଜୀଉ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଡେରାବିଶ, ୧୦।୮ (ସମିସ): ଚାନ୍ଦୋଳସ୍ଥ ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର କର୍ମକର୍ତ୍ତା ନିକଟସ୍ଥ ଅସୁରେଶ୍ୱରର ମଦର ଟେରେସା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରିବା ସହ ସେମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ପରେ ଦିବ୍ୟାଙ୍ଗ ପିଲାଙ୍କ ହାତରେ ରାଖୀ ବାନ୍ଧିଥିଲେ। ଅପରାହ୍ନରେ କର୍ମକର୍ତ୍ତା ରାସ୍ତାରେ ବୁଲୁଥିବା ଗାଈଗୋରୁଙ୍କୁ ଦୁର୍ଘଟଣାରୁ ରକ୍ଷା କରିବା ପାଇଁ ସେମାନଙ୍କ ବେକରେ ରେଡିୟମ ବ୍ୟାଣ୍ଡ ବାନ୍ଧିଥିଲେ।

ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

ଆଳି,୧୦।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଆଦ୍ୟାଶକ୍ତି ଭବନରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଆର୍ନ୍ତଜାତିକ ଫୁଟବଲ ଖେଳାଳି ତଥା ଜାତୀୟ ମହିଳା ଫୁଟବଲ ପ୍ରଶିକ୍ଷକ ଆଲୋଚନା ସେନାପତି ଯୋଗ ଦେଇଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ସଂଯୁକ୍ତା ରକ୍ଷାବନ୍ଧନ ସ୍ନେହ, ସୁରକ୍ଷା ଓ ବିଶ୍ୱାସର ପ୍ରତୀକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଳି ଓ ରାଜକନିକା ବ୍ଲକ୍ ଅନ୍ତର୍ଗତ ୩୦ଟି ପଞ୍ଚାୟତର ୨୭୦ରୁ ଊର୍ଦ୍ଧ୍ୱ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ।

ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ

ଡେରାବିଶ, ୧୦।୮ (ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମିନତୀ ସେଠୀ, ଝରଣା ପରିଡ଼ା ଓ ମଞ୍ଜୁ ନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ନିର୍ମାଣ ଶ୍ରମିକ ଉପସ୍ଥିତ ହୋଇ ପ୍ରଥମେ ସଂଘର ପ୍ରତିଷ୍ଠାତା ଅଶୋକ କୁମାର ତ୍ରିପାଠୀଙ୍କୁ ପୁଷ୍ପ, ଚନ୍ଦନ ଦେଇ ରାଖୀ ବାନ୍ଧିଥିଲେ। ପରେ ଗରଦପୁର ବ୍ଲକ୍ ସଭାପତି ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ ସାମଲ, ମନୋଜ ପରିଡ଼ାଙ୍କ ସମେତ ସଂଘର ଅନ୍ୟ ପୁରୁଷ ଶ୍ରମିକଙ୍କ ହାତରେ ରାଖୀ ବାନ୍ଧିଥିଲେ। ସେହିପରି ଚାନ୍ଦୋଳସ୍ଥ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ଚାନ୍ଦୋଳ ଶାଖାର ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ପିଙ୍କି ଭଉଣୀଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ପଲେଇ ସରପଞ୍ଚ ଅକ୍ଷୟ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶାଖାର ଭଉଣୀମାନେ ଉପସ୍ଥିତ ଭାଇମାନଙ୍କ ହାତରେ ରାଖୀ ବାନ୍ଧିଥିଲେ। ଅନ୍ୟପକ୍ଷରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଡେରାବିଶ ଶାଖା ପକ୍ଷରୁ ଛତାସ୍ଥ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବାଲିଆସ୍ଥ ଡେରାବିଶ ଅଗ୍ନିଶମ ସେବା କେନ୍ଦ୍ର ଓ ଡେରାବିଶ ପୁଲିସ୍ ଷ୍ଟେସନ୍ ସମେତ ଆଦିବାସୀ ବସ୍ତି ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ରାଖୀ ବାନ୍ଧି ଥିଲେ।

ବନ୍ୟାରେ ବୁଡ଼ିଲା ଚାଷଜମି; ଉଜୁଡ଼ିଗଲା ଫସଲ

ଆଳି, ୧୦।୮ (ସମିସ)

ବ୍ରାହ୍ମଣୀ ଓ ଖରସ୍ରୋତାର ଶାଖା କାଣୀ ନଦୀରେ ଦୁଇଥର ବନ୍ୟା ଆସିବା ଫଳରେ ବ୍ୟାପକ ଜମିରେ ଫସଲ ନଷ୍ଟ ହୋଇଛି। ଏ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ହେଉଛି। ଆଳି ଙ୍ଗବନ୍ଧ ବାହାରେ ଥିବା ଗାଁ ନରେନ୍ଦ୍ରପୁର, ମାଣିକପାଟଣା, ଦଶିପୁର, ସାହୁପଡ଼ା, ତଅାଁଳାଡିହା, ଜାମୁଦଣ୍ଡା, ପତ୍ରପୁର ଆଦି ଗ୍ରାମର ଚାଷଜମି ବନ୍ୟାରେ ପ୍ରଭାବିତ ହୋଇଛି। ସେହିପରି ଙ୍ଗବନ୍ଧ ଭିତରେ ଥିବା ବଡାମ୍ବିଳା ପଞ୍ଚାୟତର ବେତା, ବଡାମ୍ବିଳା ନୂଆଗାଁ, କଳଦିଆ, ବାଲିଅଡା ସମେତ ଅଟାଳ ପଞ୍ଚାୟତର ଧନେଶ୍ୱରପୁର, ଅଟାଳ, କେନାଙ୍ଗ, ଖନ୍ଦୋଳ, କୁଣ୍ଡିଲୋ, ପୁରିଲୋ, କୋଚିଳା, ସେହିପରି ବାଳକାଟୀ ପଞ୍ଚାୟତର ସାନଆଙ୍କୋ, ବଡଆଙ୍କୋ, ରାଣୀପୋଖରୀ ଆଦି ଗ୍ରାମର ଦୁର୍ବଳ ଙ୍ଗବନ୍ଧ ଓ ବିପର୍ଯ୍ୟସ୍ତ କଲଭର୍ଟ ଦେଇ ନଦୀକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟାପାଣି ପଶିଯିବାରୁ ଶହ ଶହ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିଲା। ଏଥିସହ ଲଘୁଚାପଜନିତ ବର୍ଷାରେ ବିଲରେ ବର୍ଷା ପାଣି ଜମି ରହିଛି। ପ୍ରାୟ ୨୦ ଦିନ ଧରି ଜମିରୁ ପାଣି ଛାଡୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ପାଣିରେ ଧାନ ତଳି ପଚିଯାଇଥିବାବେଳେ ରୁଆ ହୋଇଥିବା ଧାନ ବନ୍ୟା ଜଳରେ ଭାସି ଯାଇଥିବା ଅସହାୟ ଚାଷୀ ଭାଗ୍ୟକୁ ନିନ୍ଦି ଛଟପଟ ହେଉଛି। ଫସଲ କ୍ଷତି ସହ ଗୃହପାଳିତ ପଶୁଙ୍କ ଖାଦ୍ୟ ଯୋଗାଇବା ଚାଷୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଏପଟେ ଚାଷୀଙ୍କ ପାଖରେ କୌଣସି ପ୍ରଶାସନିକ ଅଧିକାରୀ ପହଞ୍ଚି ନ ଥିବା ଚାଷୀ ଅରୁଣ ମହାନ୍ତି, ହରେକୃଷ୍ଣ ବିଶ୍ୱାଳ, କରୁଣାକର ପାଢ଼ୀ, ବିଜୟ ରାଉତ, କାହ୍ନୁଚାରଣ ବଳ, ଅଜୟ ପାଢ଼ୀ, ଦୁର୍ଯ୍ୟୋଧନ ମଲିକ, ପ୍ରତାପ ବିଶ୍ୱାଳ, ଉପେନ୍ଦ୍ର ନାଥ, ପ୍ରକାଶ ରାଉତ, ଶ୍ରୀକାନ୍ତ ରାଉତ, ରଞ୍ଜନ ପାତ୍ର, ପ୍ରଶାନ୍ତ ପାଢ଼ୀ, ସଂଗ୍ରାମ ପାତ୍ର, ଅର୍ଜୁନ ପାଢ଼ୀ, ଗଗନ ପାତ୍ର, ଅଜାମ୍ବର ପାତ୍ର ଓ ବୈଷ୍ଣବ ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଳି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ୩୪ଟି ପଞ୍ଚାୟତ ପାଇଁ ୩୪ଟି ଟିମ ଗଠନ କରାଯାଇ ଚାଷଜମିର କ୍ଷତି ଆକଳନ କରି ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ସିଏଚ୍‌ଓଙ୍କ ଅଭିଯୋଗ ଘଟଣା

ଆଜି ଆଭ୍ୟନ୍ତରୀଣ କମିଟିର ତଦନ୍ତ!

ଭଦ୍ରକ/ଭଣ୍ଡାରିପୋଖରୀ,୧୦।୮ (ସମିସ):

ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ୧୩ ଜଣ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ସୋମବାର ଅପରାହ୍ନରେ ହେବ ବୋଲି ଜଣାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲର ଜିଲ୍ଲାସ୍ତରୀୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଦନ୍ତ ଆରମ୍ଭ କରିବ ବୋଲି କମିଟି ଅଧ୍ୟକ୍ଷା ଡା. କନକଲତା ସାହୁ ସୂଚନା ଦେଇଛନ୍ତି। ମାତ୍ର ଏହି ତଦନ୍ତର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ଅଭିଯୋଗକାରୀଙ୍କୁ ସରକାରୀ କିମ୍ବା ବେସରକାରୀ ଭାବେ ସୂଚନା ଦିଆଯାଇ ନାହିଁ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରି ତଦନ୍ତର ସ୍ୱଚ୍ଛତା ପ୍ରତି ସନ୍ଦେହ ବ୍ୟକ୍ତ କରିଛନ୍ତି। ରବିବାର ଛୁଟି ଦିବସରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ସହାୟକ ପ୍ରଦୀପ୍ତ ପଣ୍ଡାଙ୍କ ସହ ତଦନ୍ତ ସମ୍ପର୍କରେ ଅବଗତ ହେବା ଲକ୍ଷ୍ୟରେ ଅଭିଯୋଗକାରୀମାନେ ଯୋଗାଯୋଗ କରିଥିଲେ ହେଁ ସେ କିଛି ଜାଣିନଥିବା ପ୍ରକାଶ କରିଥିଲେ। ଯାହାକୁ ନେଇ ଅଭିଯୋଗକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅଧିକ୍ଷକଙ୍କ ଦ୍ୱାରା ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ

ଅଭିଯୋଗକାରୀଙ୍କୁ ସୂଚନା ନାହିଁ

ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଋତୁସ୍ରାବ ଛୁଟି ପ୍ରଦାନରେ ପରୀକ୍ଷା ସର୍ତ୍ତ ଆରୋପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ ଆଣି ଗତ ଜୁଲାଇ ୮ ତାରିଖରେ ପ୍ରଥମେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ମେଲ ଯୋଗେ ଜଣାଇଥିଲେ ଅଭିଯୋଗକାରୀ। ପୁନଶ୍ଚ ଜୁଲାଇ ୧୫ ତାରିଖରେ ସିଡିଏମ୍‌ଓଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଗତ ଜୁଲାଇ ୨୮ ତାରିଖରେ ମେଡିକାଲର ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଉପସ୍ଥିତ ହୋଇ ଅଭିଯୋଗ ପ୍ରଦାନ କରିଥିଲେ। ମାତ୍ର ମେଡିକାଲର ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୋଗ ଗ୍ରହଣ କରିନଥିଲା ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ବାରମ୍ବାର ନିରାଶ ହେବା ପରେ ଅଭିଯୋଗକାରୀମାନେ ଗତ ଜୁଲାଇ ୨୮ ତାରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଥିଲେ। ପୁନଶ୍ଚ ଅଭିଯୋଗକାରୀମାନେ ଗତ ୭ ତାରିଖରେ ସିଡିଏମ୍‌ଓଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁନ୍ଥ କୁନ୍ଥ ହୋଇ ମେଡିକାଲ ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତଦନ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଅଭିଯୋଗକାରୀଙ୍କୁ କାହିଁକି ଅନ୍ଧାରରେ ରଖାଯାଇଛି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏଠାରେ ପ୍ରକାଶଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ୧୩ଜଣ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ ଡା. ସ୍ୱାଇଁଙ୍କ ବିରୋଧରେ ନାନା ଗୁରୁତର ଅଭିଯୋଗ ଆଣି ପ୍ରତିକାର ପାଇଁ ବିଭିନ୍ନ କାର୍ଯ୍ୟାଳୟରେ ଗୁହାରି କରିଆସୁଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାଚରଣ ବିଶ୍ୱାଳ ପ୍ରକାଶ କରିଛନ୍ତି।

ଦଶମଶ୍ରେଣୀ ଛାତ୍ର ନିଖୋଜ

ଭଣ୍ଡାରିପୋଖରୀ,୧୦।୮ (ସମିସ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାତଶୋଳା ଗ୍ରାମର ଦଶମ ଶ୍ରେଣୀର ଛାତ୍ର ଗୁରୁଶେଖର ଆଲଦା(୧୫) ଗତ ଜୁଲାଇ ୧୭ ତାରିଖରେ ଘରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଓଡିଆ ଓ କୁହ୍ଲ ଭାଷାରେ କହୁଥିବା ଛାତ୍ରର କକା ରଘୁନାଥ ଆଲଦା ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିବା ଜଣାଯାଇଛି। ଛାତ୍ରର ଉଚ୍ଚତା ୪ ଫୁଟ ୪ ଇଞ୍ଚ ଓ ନୀଳ ରଙ୍ଗର ଟି ସାର୍ଟ ସହ ଟ୍ରାକ ପ୍ୟାଣ୍ଟ ପିନ୍ଧିଥିଲେ। ଏ ସମ୍ପର୍କରେ ସୂଚନା ମିଳିଲେ ମଞ୍ଜୁରୀରୋଡ ଫାଣ୍ଡି କିମ୍ବା ନିକଟସ୍ଥ ପୁଲିସକୁ ଜଣାଇବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

ଗାନ୍ଧୀ ବାଳାଶ୍ରମରେ ରକ୍ଷା ବନ୍ଧନ ଉତ୍ସବ

ଭଦ୍ରକ,୧୦।୮ (ସମିସ): ଭଦ୍ରକ ଗରଦପୁରସ୍ଥ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ନିଆରା ଢ଼ଙ୍ଗରେ ପାଳିତ ହୋଇଛି। ତିହିଡ଼ି ସ୍ଥିତ ଅଗ୍ରଣୀ ଶିଶୁ ଯତ୍ନ ଅନୁଷ୍ଠାନ ଶାନ୍ତି ଆଶ୍ରମର ଶିଶୁମାନେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇଥିଲେ। ଏହି ଅବସରରେ ବାଳାଶ୍ରମ ସମ୍ପାଦକ ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଶାନ୍ତି ଆଶ୍ରମର ସମ୍ପାଦକ ତଥା ବରିଷ୍ଠ ଅଧିବକ୍ତା ଅପୂର୍ବ ଦାସ, ଅଧିକ୍ଷକ ସରିତା ସାମଲ ପ୍ରମୁଖ ଯୋଗଦେଇଥିଲେ। ଅଧିକ୍ଷକ ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

ଧାମନଗରରେ ରକ୍ଷାବନ୍ଧନ ମହୋତ୍ସବ

ଧାମନଗର,୯ ।୮ (ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ପବିତ୍ର ରକ୍ଷାବନ୍ଧନ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବିଜେଡି, ବିଜେପି, କଂଗ୍ରେସ ନେତା ଓ ନେତ୍ରୀମାନଙ୍କ ସହ ଅଫିସ ଦପ୍ତରରେ ପହଞ୍ଚି ବହୁ ଅଧିକାରୀମାନଙ୍କ ହାତରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ରାକ୍ଷୀ ବାନ୍ଧିଥିବା ଦେଖିବାକୁ ମିଳିଛି। ଏଥିସହ ଭଗବାନ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ଗହ୍ମା ପୂର୍ଣ୍ଣିମା ଅବସରରେ ଗୃହପାଳିତ ପଶୁ ମୁଖ୍ୟତଃ ବଳଦ ଏବଂ ଗାଈଗୋରୁଙ୍କ ବନ୍ଦାପନା ସହ ସେମାନଙ୍କୁ ପିଠାପଣା ଭୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏନଏସି ଅନ୍ତର୍ଗତ ଧାମନଗର ରାପିତା ଗୌର ଗୋପୀନାଥ ଆଶ୍ରମରେ ଗହ୍ମା ପୂର୍ଣ୍ଣିମା ଓ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ ଠାକୁର ଶ୍ରୀରାଧା କୃଷ୍ଣଙ୍କ ଆଶୀଷ ପାଇବାକୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଭୋଗରାଗ ସହ ମଠ ମନ୍ଦିରକୁ ଯାଇ ଝୁଲଣ ବିମାନରେ ଭଗବାନଙ୍କୁ ଦର୍ଶନ କରିଥିଲେ। ତେବେ ଧାମନଗର ଅଞ୍ଚଳର ପୁର ପଲ୍ଲୀରେ ଗହ୍ମା ପୂର୍ଣ୍ଣିମା (ରକ୍ଷା ବନ୍ଧନ) ପର୍ବ ଭାବ ଓ ଭକ୍ତିର ସହ ସମାପନ ହୋଇଛି।

ଅନ୍ଧାରରେ ଦୋଳସାହି ଓ ଗୁଆମାଳ ପଞ୍ଚାୟତ

ଦୋବଲ,୧୦ ।୮ (ସମିସ): ତିହିଡି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତର କୋଣ ଅନୁକୋଣକୁ ଆଲୋକିତ କରିବା ପାଇଁ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା ବେଳେ ଅଧିକାଂଶ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଛି। ଏପରିସ୍ଥଳେ ଏହାର ମରାମତି ହେଉନଥିବା ନେଇ ଅଧିକାଂଶ ପଞ୍ଚାୟତର ଅନେକ ୱାର୍ଡ ଅନ୍ଧାର ରହୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଏହି ବ୍ଲକ ଅଧୀନ ଦୋଳସାଜି ଓ ଗୁଆମାଳ ମୁଖ୍ୟ ରାସ୍ତା ଅନ୍ଧାର ରହୁଥିବା ବେଳେ ଏହି ୨ ପଞ୍ଚାୟତର ବିଭିନ୍ନ ୱାର୍ଡରେ ଷ୍ଟ୍ରୀଟ ଲାଇଟ୍ ଦୀର୍ଘ ୨ବର୍ଷ ଧରି ଅଚଳ ହୋଇଥିବା ନେଇ ଅଧୀକାଂଶ ୱାର୍ଡ ଅନ୍ଧାର ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଅଚଳ ହୋଇପଡ଼ିଥିବା ଷ୍ଟ୍ରୀଟଲାଇଟ୍ ମରାମତି ପାଇଁ ଲକ୍ଷ୍ୟାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି।

ବଳଭଦ୍ର ପୂଜା ଓ ରକ୍ଷା ବନ୍ଧନ

ବନ୍ତ/ଆଗରପଡ଼ା,୧୦।୮ (ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ଶାସନରେ ବଳଭଦ୍ର ପୂଜା ଓ ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶାସନ ନିକଟସ୍ଥ ମହାଦେବ ପୁଷ୍କରିଣୀରୁ ୨୧ ଗୋଟି କଳସରେ ଜଳ ଅଣାଯାଇ ଗ୍ରାମ ବଜାର ପରିକ୍ରମା କରାଯିବା ପରେ ଶାସନ ସ୍ଥିତ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପୂଜକ ରାମ ଚନ୍ଦ୍ର ପାଣିଗ୍ରାହୀ, ଗୋବିନ୍ଦ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଚିନ୍ତାମଣି ପଣ୍ଡା, ପ୍ରଶାନ୍ତ ମିଶ୍ର, ମନୋଜ ପଣ୍ଡା, ଜିତେନ୍ଦ୍ର ମିଶ୍ର, ହରେକୃଷ୍ଣ ମିଶ୍ର, ବିଷ୍ଣୁ ପତି, ଜଗନ୍ନାଥ ପତି, ରବିନ୍ଦ୍ର ପତି, ପଦ୍ମନାଭ ପତି ପ୍ରମୁଖ ଏହା ସହିତ ଆଜି ଭାଇ ଭଉଣୀଙ୍କ ପର୍ବ ରକ୍ଷା ବନ୍ଧନ ଉତ୍ସବ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି।

● ଅଧାରେ ଅଟକିଛି ଠିକା ଉଚ୍ଛେଦ

ଚିନ୍ତାରେ ପ୍ରାଥମିକ ଶିକ୍ଷକ

ଭଦ୍ରକ,୧୦।୮ (ସମିସ): ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ ଅଧାରେ ଅଟକି ଯାଇଛି। ଯାହାକୁ ପ୍ରାଥମିକ ଶିକ୍ଷମାନେ ଚିନ୍ତାରେ ପଡିଛନ୍ତି। ଦୀର୍ଘ ୨୫ ବର୍ଷ ହେବ ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି ଚାଲୁ ରହିଛି। ଚଳିତ ବର୍ଷ ଏପ୍ରିଲ ୨ରେ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଠାଯାଇ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ପ୍ରସ୍ତାବ ଅନୁମୋଦନ କରାଯାଇ ସରକାରଙ୍କୁ ଆଗତ କରାଯାଇଥିଲା। ଏହି ପଲିସିରେ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କର ୬ ବର୍ଷ ଚାକିରି କାର୍ଯ୍ୟକାଳକୁ ଗଣନା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ପ୍ରସ୍ତାବକୁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସ୍ୱାଗତ ଜଣାଇଲା। କିନ୍ତୁ ଏହି ପ୍ରସ୍ତାବ ବିଭାଗ ତରଫରୁ ପ୍ରକାଶ ପାଇବା ପରେ ହଠାତ ଏହାକୁ ୱେବସାଇଡରୁ ଉଠାଇ ନିଆଯାଇଛି। ଯାହାଫଳରେ ଶିକ୍ଷକମାନେ ଏବେ ଦ୍ୱିଧାରେ ଅଛନ୍ତି। ଏହି ଯୁଗାନ୍ତକାରୀ ନିଷ୍ପତ୍ତିକୁ ଆଇନ୍‌ରେ ପରିଣତ କରି ପ୍ରାଥମିକ ଶିକ୍ଷାରେ ଅଢେଇ ଦଶନ୍ଧି ଧରି ପ୍ରଚଳିତ ଥିବା କୁତ୍ସିତ ଠିକା ପ୍ରଥାକୁ ଉଚ୍ଛେଦ କରିବା ଲାଗି ସଂଘ ଦାବି କରିଛି। ବର୍ତ୍ତମାନ ଆସୁଥିବା ନୂତନ ଯୁବକମାନଙ୍କୁ ସିଧସଳଖ ସ୍ଥାୟୀ ନିଯୁକ୍ତି ଦେବା ଏବଂ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ଦରମାରେ ପରିବର୍ତ୍ତନ କରି ଅବିକଳ କେନ୍ଦ୍ରୀୟ ହାରରେ ଦରମା ଦେବା ଏବଂ ପୁରୁଣା ୬ ବର୍ଷ ନିମନ୍ତେ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ସଂଘ ସଭାପତି ଅରବିନ୍ଦ ଦିକ୍ଷୀତ, ସମ୍ପାଦକ ପ୍ରଣୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ରାଉତ୍, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ୍ ଖାନ ଶିକ୍ଷକ ନେତା ଗୟାଧର ଦାସ, ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ସୁକାନ୍ତ ନାୟକ, ନିଳାଦ୍ରୀ ତ୍ରିପାଠୀ, ବିମଳ ଦାସ,ସଞ୍ଜୟ ନନ୍ଦ, ସୁକାନ୍ତ ବେହେରା, ସନାତନ ଦାସ, ନରେନ୍ଦ୍ର ସାହୁ, ପର୍ଶୁରାମ ନାୟକ,ପ୍ରକାଶ ନାୟକ, ଅନୁପ ସାହୁ, ପ୍ରମୋଦ କର ପ୍ରଭାସ ପଣ୍ଡା, ପରମେଶ୍ୱର ମଳିକ, ଆନନ୍ଦ ଦାସ ଚନ୍ଦ୍ରକାନ୍ତ ଶୁକ୍ଳ ପ୍ରଶାନ୍ତ ବାରିକ, ହେମନ୍ତ ମଲ୍ଲିକ, କମଳ ପାଇକରାୟ, ଶରତ ଥାଟୋଇ, ସନ୍ତୋଷ ପାଣିଗ୍ରାହୀ,ପୁଷ୍ପ ମଞ୍ଜରୀ ସାହୁ, ଝାନ୍‌ସିରାଣୀ ରାଉତ୍ ପ୍ରମୁଖ ଦୃଢ଼ ଦାବି ଜଣାଇଛନ୍ତି।

ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ଛାତ୍ରଜାଗୃତୀ ଅଭିଯାନ

ଭଣ୍ଡାରିପୋଖରୀ,୧୦।୮ (ସମିସ): ସୌମ୍ୟାଶ୍ରୀ ସ୍ମୃତିରେ ନାରୀ ସୁରକ୍ଷା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଛାତ୍ର ଜାଗୃତୀ ଅଭିଯାନ ନାମରେ ବାଲେଶ୍ୱର ଠାରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ ହୋଇଛି। ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଭଣ୍ଡାରିପୋଖରୀରେ ରବିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ଆବାହକ ଅକ୍ଷୟ କୁମାରଙ୍କ ସମେତ ସଦସ୍ୟମାନେ ପଦଯାତ୍ରାରେ ଯୋଗଦେଇଥିଲେ। ଏଥିରେ ବିଜୁ ଜନତା ଦଳ ଶ୍ରମିକ ସଂଗଠନ ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସବୁସ୍ତରରେ ଆନ୍ଦୋଳନ ହୋଇଛି। ଏହା ହାସଲ ନହେବା ଯାଏ ଓ ରାଜ୍ୟରେ ନାରୀ ସୁରକ୍ଷା ନିଶ୍ଚିତ ହେବା ପାଇଁ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ।

ଶବ ବୁହା ଗାଡ଼ି କିଣାରେ ଅନିୟମିତତା



ଧାମନଗର,୧୦ ।୮ (ସମିସ): ଧାମନଗର ଏନ୍‌ଏସିରେ ଶବବୁହା ଗାଡି କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧାମନଗର ଏନ୍‌ଏସ ତରଫରୁ ସ୍ୱର୍ଗରଥ ନାମରେ ଏକ ଶବବୁହା ଗାଡି କିଣିବା ପାଇଁ ୨୦୧୪ରେ ଟେଣ୍ଡର ପ୍ରକାଶ ପାଇଥିଲା। ଏହି ଟେଣ୍ଡରଟିକୁ ଭୁବନେଶ୍ୱର ସ୍ଥିତ ଏକ ଠିକା ସଂସ୍ଥା ୨୪ ଲକ୍ଷ ୭୦ ହଜାର ଟଙ୍କାରେ ହାତେଇଥିଲା। ତେବେ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଦତ୍ତ ବୋଲୋରୋ ପିକ୍‌ଅପ୍ ଭ୍ୟାନ୍‌କୁ ଅନ୍ ରୋଡ ମୁଲ୍ୟ ପ୍ରାୟ ୧୦ ରୁ ୧୨ ଲକ୍ଷ

ଭିଜିଲାନ୍ସ ତଦନ୍ତ ଦାବି

ଟଙ୍କା ହେଉଥିବା ବେଳେ କିପରି ଏନ୍‌ଏସି ଅଧିକାରୀ ଏହାକୁ ୨୪ଲକ୍ଷ ୭୦ହଜାର ଟଙ୍କାରେ ଟେଣ୍ଡର ପାସ କରିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ସମ୍ପର୍କରେ ଏନଏସି ଅଧିକାରୀଙ୍କୁ ତଥ୍ୟ ମାଗିବାରୁ, ତଥ୍ୟ ନେବାର ଥିଲେ ସୂଚନା ଅଧିକାର ଆଇନ ବଳରେ ମାଗି ନିଅନ୍ତୁ ବୋଲି କହି ତଥ୍ୟ ଦେବାକୁ ମାନ କରିଥିଲେ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସହରବାସୀ ଦାବି କରିଛନ୍ତି।

ଚିନ୍ତା ଚେତନା ସାହିତ୍ୟ ସଂସଦର ମୌସୁମୀ ଆସର

ବନ୍ତ/ଆଗରପଡ଼ା,୧୦।୮ (ସମିସ): ଆଗରପଡ଼ା ଇଲେଭେନ ଷ୍ଟାର କ୍ଳବ୍ ପରିସରରେ ଚିନ୍ତା ଚେତନା ସାହିତ୍ୟ ସଂସଦ ପକ୍ଷରୁ ମୌସୁମୀ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବାଞ୍ଛାନିଧି ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ଶିକ୍ଷାବିତ ପ୍ରଭାସ ମହାପାତ୍ର, ସୁସାହିତ୍ୟିକ କୃଷ୍ଣଚନ୍ଦ୍ର ଜେନା ଯୋଗଦେଇଥିଲେ। ସଂସଦ ସଂପାଦକ ପ୍ରଣୟ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଚିତ୍ତରଂଜନ ସାମନ୍ତରାୟ, କୁଳମଣୀ ସାହୁ, ବାଙ୍କବିହାରୀ ସାହୁ, କାବୁଲା ବେହେରା, ମନୋଜ ବେହେରା, କୃପାସିନ୍ଧୁ ମୁଦୁଲି, ସରୋଜ ବେହେରା, ତପନ ସାହୁ, ସୁରେଶ ଜେନା, କୁଞ୍ଜବିହାରୀ ବିଶ୍ୱାଳ, ନୃସିଂହ କର ପ୍ରମୁଖ କବିତା ପାଠ କରିଥିଲେ।

ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧାମନଗର,୧୦।୮ (ସମିସ): ଧାମନଗର ସରକାରୀ ଫିଡର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଖୁଣ୍ଟିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାହିସ୍ତା ବେଗମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଯସେଠୀ, ଭାବଗ୍ରାହୀ ଖୁଣ୍ଟିଆ, ସନ୍ଧ୍ୟାକାମିନୀ ବିଶ୍ୱାଳ, ଏମ୍‌ଡି ମୁଜାଫର ହୋସେନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ପଣ୍ଡା, ଶିକ୍ଷକ ଅରୁଣ ଜେନା, ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ସେଠୀ, ପୂର୍ବତନ ସଭାପତି ତଥା ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ବିଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଖୁଣ୍ଟିଆଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କ ଧର୍ମପତ୍ନୀ ସତ୍ୟଭମା ଖୁଣ୍ଟିଆ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଏମ୍‌ଡି ସାକୁଦ୍ଦିନ ଅହେମ୍ମଦ, ବିଣାପାଣି ପଣ୍ଡା, ସୁଶାନ୍ତ ସେଠୀ, ରିଜୁଆନା ବେଗମ, ହଲିମା ନେସା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍ ଏଚ୍‌ଜୀ ଗ୍ରୁପର ମହିଳାମାନେ ପରିଚାଳନାରେ ସହଯୋଗ କରିଥିଲେ।

ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ

ବନ୍ତ/ଆଗରପଡ଼ା,୧୦ ।୮ (ସମିସ): ବନ୍ତ ବ୍ଲକ ପୁରୁଷଣ୍ଡ ସେବା ସମବାୟ ସମିତି ନୂତନ କାର୍ଯ୍ୟାଳୟ ଗୃହକୁ ରବିବାର ସଭାପତି ପ୍ରଶାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଭାପତି ବୃକ୍ଷରୋପଣ କରିବା ସହିତ ବୋର୍ଡ଼ ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।

ସମିତି ସଂପାଦକ ରାଜେନ୍ଦ୍ର ବେଜ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, ଦିଲୀପ ପୁରାଣ, ଯୁବନେତା ଦୀପକ ମହାନ୍ତି, ଶେଖ ଇନୁସ, ଉପସଭାନେତ୍ରୀ ଫାତିମା ବିବି, ବାବୁରାମ ମଲ୍ଲିକ, ନୃସିଂହ ଖୁଣ୍ଟିଆ, ବିଷ୍ଣୁ ସାହୁ, ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମବାୟ ବିଭାଗ ପକ୍ଷରୁ ମଂଜୁର ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହୋଇଥିଲା।

ବିଭିନ୍ନ ସ୍ଥାନରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ

ଭଦ୍ରକ,୧୦।୮ (ସମିସ)

ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ ଓ ରାନ୍ଦିଆ ରାମେଶ୍ୱର ସାହିତ୍ୟ ସଂସଦ ସହଯୋଗରେ ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମହେନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ଭଦ୍ରକ ଜିଲ୍ଲାର ଏହି ପ୍ରାଚୀନ ସାହିତ୍ୟ ଅନୁଷ୍ଠାନରେ ସଂସଦର ସଭାପତି ଡ. ଦୁର୍ଯ୍ୟୋଧନ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ କଲେଜର ଓଡ଼ିଆ ଅଧ୍ୟାପକ ଡ.ସମ୍ବିତ ଶୁଭଙ୍କର ଖୁଣ୍ଟିଆ, ଅନ୍ୟତମ ବକ୍ତା ଶିକ୍ଷାବିତ ଗୋବର୍ଦ୍ଧନ ସାମଲ ଯୋଗଦେଇଥିଲେ। କବୟିତ୍ରୀ ପ୍ରତିଭାମଂଜରୀ ଜେନାଙ୍କ ଦ୍ୱିତୀୟ କବିତା ସଙ୍କଳନ "ଶୂନ୍ୟ ଅଭିସାର' ପୁସ୍ତକକୁ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସୋମା ଚାନ୍ଦ ଉନ୍ମୋଚନ କରିଥିଲେ। ପରିଷଦର ସମ୍ପାଦକ ପ୍ରଫେସର ଡ. ଶଶଧର ଦାସ ଉନ୍ମୋଚିତ କବିତା ପୁସ୍ତକର ସମୀକ୍ଷା କରିଥିଲେ। କବି ଡ. ଭରତ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଶଶଧର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଦୁଃଶାସନ ଗାହାଣ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଗୋଲୋକ ବିହାରୀ ସାହୁ, ହରିଶ ଚନ୍ଦ୍ର ଦାସ, ପବିତ୍ର ପାଣିଗ୍ରାହୀ, ଡ.କାମିନୀବାଳା ମିଶ୍ର, ଅଧ୍ୟାପକ ଚିନ୍ମୟ ଜେନା, ଉଷାରାଣୀ ଜେନା, ମଧୁସ୍ମିତା ନାୟକ, କବି ଚୈତାଳୀ ଖିଲାର, ରମେଶ ଚନ୍ଦ୍ର ଦାସ, ବିପ୍ଳବ ହୋତା, ରଶ୍ମିତା ନାଥ ପ୍ରମୁଖ ବହୁ କବି, ଲେଖକ ଯୋଗଦେଇଥିଲେ। ସଂସଦର ବରିଷ୍ଠ କର୍ମକର୍ତ୍ତା ପ୍ରଫେସର ଡ.ବଳରାମ ମିଶ୍ର ଓ ଡ. ପ୍ରହଲ୍ଲାଦ ପତି ସହଯୋଗ କରିଥିଲେ।

ଜିଲ୍ଲା ସଂସ୍କୃତି ଭବନ

ଭଦ୍ରକ: ଜିଲ୍ଲା ସଂସ୍କୃତି ଭବନଠାରେ ନାଟ୍ୟଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୃଷିକବି ଅରୁଣ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଥିବା ପ୍ରକୃତି ପ୍ରେମ, ବିଶ୍ୱପ୍ରିତୀ ଓ ସାବଲିଳତା ସମ୍ବନ୍ଧରେ ସେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ହୃଦାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ସମାଜସେବୀ ଶ୍ରୀହର୍ଷ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସମାଜସେବୀ ଜଗନ୍ନାଥ କର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। କଳାକାର କାଳିନ୍ଦୀ ମଲ୍ଲିକ ମଞ୍ଚକୁଞ୍ଚ ଆହ୍ୱାନ ଓ କବି ମନୋଜ ପଣ୍ଡା ମଞ୍ଚ ସଂଚାଳନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କନକଲତା ରାଉତଙ୍କ ରଚିତ ପୁସ୍ତକ ଭକ୍ତି ଗୀତିମାଳାକୁ ଲୋକାର୍ପଣ କରାଯାଇଥିଲା। ନାଟ୍ୟାଚାର୍ଯ୍ୟଙ୍କ କନ୍ୟା ଶଶୀପ୍ରଭା ପଣ୍ଡା ଓ ମଇତାପୁର ଆଦର୍ଶ କୃଷକ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ମନ୍ଦିରାର ଶିକ୍ଷୟିତ୍ରୀ ଶ୍ୱେତପଦ୍ମାଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନେ ମେହେରଙ୍କ ରଚିତ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଯନ୍ତ୍ରାଂଶରେ ବିଭୁତି ଭୂଷଣ ପଣ୍ଡା ଓ ସୁକୁମାର ପାଣିଗ୍ରାହୀ ସହଯୋଗ କରିଥିଲେ। ଆଧାପିକା ଆରତୀ ଜେନା, ମାଷ୍ଟର ଚିଣ୍ଟୁ, ରମେଶ ବିଶ୍ୱାଳ, ପ୍ରିୟଂଶି ରାଉତ, ଜୟଶ୍ରୀ ବିଶ୍ୱାଳ, ବିନୀତା ନାୟକ, ସଂଗ୍ରାମକେଶରୀ ଦାସ, ସମୀକ୍ଷା ମହାନ୍ତି, ଶୁଭଲକ୍ଷ୍ମୀ ପଣ୍ଡା, ସନ୍ତୋଷି ମିଶ୍ର, ସନାତନ ଦାସ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କବି ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଚାଷୀଙ୍କୁ ମିଳୁନି କେନାଲ ପାଣି | ଜଳକର ଦେଇ ହତାଶ

ଶୁଣିଲାନି ବିଭାଗ; କେନାଲ ସଫା କଲେ ଚାଷୀ

ଜମନକିରା,୧୦।୮ (ସମିସ)

ଜମନକିରା ତହସିଲ ଅଧୀନ ଖଇରଡିହି ମୌଜା ଉପର ମୁଣ୍ଡରେ ଭାଦେଲବସା ନାଳ ପ୍ରବାହିତ ହେଉଛି। କିଛି ବର୍ଷ ତଳେ ଭାଦେଲବସା ନାଳରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏକ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ଖଇରଡିହି ଗାଁ ସମେତ ଜମନକିରା ମୌଜାର ପ୍ରାୟ ଶହ ଶହ ଏକର ଜମିକୁ ଜଳସେଚନ ହେଉଥିଲା। ଖଇରଡିହିରୁ ଜମନକିରା ପର୍ଯ୍ୟନ୍ତ ଚେକ ଡ୍ୟାମ୍‌ରୁ ତଳମୁଣ୍ଡ ଚାଷ ଜମିକୁ ମୁଖ୍ୟ କେନାଲ ଓ ଶାଖା କେନାଲ ମାଧ୍ୟମରେ ଜଳସେଚିତ ହେଉଥିଲା। କିନ୍ତୁ କ୍ଷୁଦ୍ରଜଳ ସେଚନ ବିଭାଗ (ଏମ୍ ଆଇ) ପକ୍ଷରୁ ପ୍ରତିବର୍ଷ ମୁଖ୍ୟ କେନାଲ ସାଙ୍ଗକୁ ଶାଖା କେନାଲ ସବୁ ମରାମତି ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ତାର ମୂଳ ଅସ୍ତିତ୍ୱ ହରାଇବାକୁ ବସିଲାଣି। ମୁଖ୍ୟ କେନାଲ ଏବଂ ଶାଖା କେନାଲ୍ ବିଭିନ୍ନ କାରଣରୁ ଭାଙ୍ଗିରୁଜି ଯିବାରୁ ଜମିକୁ ଆଦୌ ପାଣି ମାଡ଼ି ପାରୁନାହିଁ। ବର୍ତ୍ତମାନ ପରିସ୍ଥିତିରେ ଚାଷ କାର୍ଯ୍ୟ କରିଥିବା ଅଧିକାଂଶ ଜମି ମାଟି ଫାଟି ଆଁ କଲାଣି। ଖଇରଡିହି-ଜମନକିରା ମୁଖ୍ୟ କେନାଲ ଭାଙ୍ଗି ଯାଇଥିବାରୁ ପ୍ରାୟ ୫ ଶହ ଏକର ଚାଷ ଜମି ଶୁଖିଲା ପଡ଼ିଛି। ପ୍ରାୟ ୩ ବର୍ଷ ହେଲା ଏହି ଚାଷଜମି ଜଳସେଚିତ ହୋଇପାରୁ ନାହିଁ ବୋଲି ଯୁବ ଚାଷୀ ଅର୍ଜୁନ ମୋହନ ପଧାନ କହିଛନ୍ତି।। ଆଜକୁ ୩ ବର୍ଷ ହେବ କେନାଲ ମରାମତି ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଚାଷୀ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏସମ୍ପର୍କରେ କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଏଥିପ୍ରତି ଦୃଷ୍ଟି ଦେଲେ ନାହିଁ। ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ବିଭାଗ ନିଶ୍ଚିତ ପଦକ୍ଷେପ ନେବ ଏହି ଆଶା ମଉଳିଗଲା। ଏହାର ବିକଳ୍ପ ବ୍ୟବସ୍ଥା ନିଜେ ନ କଲେ ଚାଷକାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କାରେ ସଭିଏଁ ଚାଷୀ କଥାବାର୍ତ୍ତା ହୋଇ କେନାଲ ମରାମତି ପାଇଁ ନିଷ୍ପତ୍ତି ନେଲେ। ଶନିବାର ଯୁବ ଚାଷୀ ଅର୍ଜୁନ ମୋହନ ପଧାନ ନେତୃତ୍ୱରେ ନିରାକାର ମହାକୁଲ, ମହାଦେବ ରଣା, ଭାସ୍କର ରଣା, ଶ୍ୟାମସୁନ୍ଦର ସାହୁ, ଗୋବିନ୍ଦ ପଧାନ, ସରୋଜ ସାହୁ, ରଞ୍ଜିତ ଦେହୁରୀ, ଅଜିତ୍ ପଧାନ, ଗଣେଶ ରଣା, ସନ୍ତୋଷ ମହାକୁଲ୍ , ମନୋଜ ପଧାନ ଓ ଗୁଣନିଧି ସାହୁ ପ୍ରମୁଖ ଶାଖା କେନାଲ କଂକ୍ରିଟ କାମ କରି ମରାମତି କରିଥିଲେ। ପ୍ରତି ବର୍ଷ ଜଳକର ନ ଦେଲେ ବିଭିନ୍ନ ରାଜସ୍ୱ ମାମଲାକୁ ଅଧିକାରୀ ଖାରଜ କରୁଥିବା ବେଳେ ଏପଟେ ଜଳକର ବାବଦକୁ ଟଙ୍କା ଗଣି ଚାଷୀ ଠିକ୍ ସମୟରେ ଜଳସେଚନ ପାଇଁ ପାଣି ବୁନ୍ଦାଏ ପାଇ ପାରୁନାହୁଁ ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।

ପଣ୍ଡରା ସମାଜ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଜଜମନକିରା,୧୦।୮ (ସମିସ): ତରଣୀ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ପ୍ରାଦେଶିକ ପଣ୍ଡରା ସମାଜ ତରଫରୁ ମୁଣ୍ଡେନପାଲି ନୂତନ ଫୁଟବଲ ପଡ଼ିଆ ଚାରିପାଖରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ଗୌଡ଼ପାଲି ଫରେଷ୍ଟର କୃପାସିନ୍ଧୁ ପଧାନ, ମୁଖ୍ୟବକ୍ତା ଜଏଣ୍ଟ କମିଶନରଜି, ଏସଫଟି' ସମ୍ବଲପୁର ଶ୍ଳିଙ୍ଗରାଜ ପଧାନ (ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ) ତଥା ପ୍ରାଦେଶିକ ପଣ୍ଡରା ସମାଜ ସମ୍ବଲପୁର ସଭାପତି ମୋହନ ଦ୍ୱାରି, ଉପସଭାପତି ତରଣୀ ଦଣ୍ଡସେନା ତଥା ରଜନୀ କିସାନ, କୃଷ୍ଣଚନ୍ଦ୍ର ମିର୍ଦ୍ଧା, ଆନନ୍ଦ ଦଣ୍ଡସେନା, ପାର୍ଥସାରଥୀ ଦଣ୍ଡସେନ, କାଳିଆ ଦଣ୍ଡସେନା, ଅରୁଣ ବିଶି, ପଦ୍ମନ ବିଶି, ସନ୍ତୋଷ ଦଣ୍ଡସେନା, ପ୍ରଫୁଲ୍ଲ ମଲ୍ଲିକ, ପ୍ରଦୀପ ଦଣ୍ଡସେନା, ଅଶୋକ ଦଣ୍ଡସେନା, ଠାକୁର ମଲ୍ଲିକ, ଲକ୍ଷଣ କୁମାର ସାହା, କୁମାର ନାୟକ, ରବିନ୍ଦ୍ର କୁମାର ବିଶି, ଜନ୍ମ।ଜୟଦିଶ୍ରୀ, ଲକ୍ଷଣ ମହଲା, ମୁକୁନ୍ଦ ଦଣ୍ଡସେନାଙ୍କ ସମେତ ଗ୍ରାମର ବହୁ ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

୭୨୦ ରାକ୍ଷୀ ତିଆରି କରି ଉଦାହରଣ ସୃଷ୍ଟି କଲେ ଛାତ୍ରଛାତ୍ରୀ

ସମ୍ବଲପୁର,୧୦।୮ (ସମିସ): ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର (ଆର୍‌ଜିଭିଏମ୍) ଛାତ୍ରଛାତ୍ରୀମାନେ ଚଳିତ ରକ୍ଷାବନ୍ଧନ ଉପଲକ୍ଷେ ୭୨୦ଟି ରାକ୍ଷୀ ତିଆରି କରି ସାମାଜିକ ସଦ୍‌ଭାବନାର ବାର୍ତ୍ତା ଦେଇଛନ୍ତି। ନର୍ସରୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହି ହାତତିଆରି ରାକ୍ଷୀ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଛାତ୍ରୀମାନେ ସମାଜର ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କୁ ରାକ୍ଷୀ ବାନ୍ଧିଥିଲେ। ତନ୍ମଧ୍ୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଟ୍ରାଫିକ ପୁଲିସ, ପୁଲିସ ବଳ, ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଇଥିଲେ। ବିଦ୍ୟାଳୟ ପରିସରରେ ଏକ ରାକ୍ଷୀ ମେଳା ଆୟୋଜନ କରାଯାଇଥିଲା। ଏହି ସମସ୍ତ ଆୟୋଜନର ଦାୟିତ୍ୱ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ନେଇଥିଲେ। ବିଦ୍ୟାଳୟଅଧ୍ୟକ୍ଷ ଅଶୋକ କେଡିଆ, ପ୍ରଧାନଚାର୍ଯ୍ୟ ଶାଲୁ ରାଜପୁତ ଛାତ୍ରଛାତ୍ରୀଙ୍କ ଏହି ରଚନାତ୍ମକତା, ପ୍ରବନ୍ଧନ କୌଶଳ ଓ ସାମାଜିକ ବ୍ୟବହାରକୁ ପ୍ରଶଂସା କରିଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାକ୍ଷୀବନ୍ଧନ

ସମ୍ବଲପୁର,୧୦।୮ (ସମିସ): ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଆଇନଜୀବୀ ଜୟକୃଷ୍ଣ ବେହେରା ଯୋଗ ଦେଇଥିଲେ। ରାକ୍ଷୀ ବାନ୍ଧିବା ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ଶିବଶଙ୍କର ନନ୍ଦ ଶିଶୁମାନଙ୍କୁ ମାର୍ଗଦର୍ଶକ କରିଥିଲେ। ରାଜ୍ୟ ଶିକ୍ଷକ ସଂଘର ସମ୍ପାଦକ ବବ୍ରୁବାହନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ହେମନ୍ତ ପଣ୍ଡା, ହାସ୍ୟମୟୀ ବେହେରା, ଶୁଭଶ୍ରୀ ବଡ଼ପଣ୍ଡା, ସଂଯୁକ୍ତା ପାଢ଼ୀ, ସଞ୍ଜୟ ସାହୁ, ଗୀତା ମିର୍ଦ୍ଧା, ସଂଯୁକ୍ତା ମିଶ୍ର, ସଞ୍ଜୟ ସାହୁ, ବନିତା ସାହୁ ଓ ଅଭିଭାବକ ମାନେ ସହଯୋଗ କରିଥିଲେ।

କ୍ଲଷ୍ଟରସ୍ତରୀୟ ଦକ୍ଷତାବୃଦ୍ଧି ତାଲିମ ଶିବିର

ରେଢ଼ାଖୋଲ,୧୦।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟମିଶନ ଶକ୍ତି ସଭାଗୃହରେ ଏସଜି ଫାଉଣ୍ଡେସନ ପକ୍ଷରୁ ସ୍ମାର୍ଟ ସ୍କିଲ୍ ପ୍ରକଳ୍ପ ସମ୍ପର୍କରେ କ୍ଲଷ୍ଟରସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରେଢାଖୋଲ ଏବଂ କୁଚିଣ୍ଡା ବ୍ଲକ୍‌ରେ ସ୍ମାଟ୍‌ର୍ ସ୍କିଲ ୨.୦ ପ୍ରକଳ୍ପ ମାଧ୍ୟମରେ ସମସ୍ତ ଡବ୍ଲ୍ୟୁଡିଟି, ଡିଏଲ୍‌ସ୍‌ଏମାନଙ୍କର ସାଙ୍ଗଠନିକ ଅଭିବୃଦ୍ଧି, ପ୍ରାକୃତିକ ସମ୍ପଦର ପରିଚାଳନା, ଜଳ ବାୟୁ ପରିବର୍ତ୍ତନର ପରିଚାଳନା ଏବଂ ଆର୍ଥିକ ସୁପରିଚାଳନା ବିଷୟରେ ଆଲୋଚନା କରାଯାଇଥିଲା। ଜଳ ବିଭାଜିକା ଅଞ୍ଚଳ ଗୁଡ଼ିକରେ କୃଷକ, ମହିଳା ଓ ଭୂମିହୀନ ଲୋକଙ୍କ କୃଷି ଓ ଜୀବନ ଜୀବିକା ମାନରେ କିପରି ଅଭିବୃଦ୍ଧି ହୋଇପାରିବ ଏବଂ କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ଓ ଠିକ ଉପାୟରେ ବଜାର ଉପକରଣ କରାଯାଇ ପାରିବ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ସମ୍ବଲପୁର ମୃତ୍ତିକା ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ପଣ୍ଡା, ଉପନିର୍ଦ୍ଦେଶକ ସୌରଭ କୁମାର ସାହୁ, ଅନୁଷ୍ଠାନ ଓ ଦକ୍ଷତା ବିକାଶ ବିଶେଷଜ୍ଞ ମନୋଜ ରଞ୍ଜନ କୁମାର ଏବଂ ରିୱାର୍ଡ ପ୍ରକଳ୍ପର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ସୁବାସ ପାଣି ତାଲିମ ପ୍ରଦାନ କରିଥିଲେ। ଶିବିରକୁ ରଶ୍ମୀ ରଞ୍ଜନ ବିଶ୍ୱାଳ, ଅଶୋକ ମାହର ଓ ଜ୍ୟୋତି ରଞ୍ଜନ ସାହୁ ପରିଚାଳନା ଓ ସହଯୋଗ କରିଥିଲେ।ଶେଷରେ ରଶ୍ମୀ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ସମଲେଇ ମନ୍ଦିରରେ ପ୍ରତି ମାସର ଦୁଇ ରବିବାରେ ଭଜନ ସନ୍ଧ୍ୟା

ସମ୍ବଲପୁର,୧୦।୮ (ସମିସ): ଏଣିକି ପ୍ରତି ମାସର ଦୁଇଟି ରବିବାରରେ ସମ୍ବଲପୁରର ଆଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।ସୂଚନା ଅନୁସାରେ ରବିବାର ମା' ସମଲେଶ୍ୱରୀ ମନ୍ଦିର ପରିସରସ୍ଥିତ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟରେ ସଭାପତି ସଞ୍ଜୟ ବାବୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଭଜନ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ହୋଇଥିଲା। ଟ୍ରଷ୍ଟବୋର୍ଡର ସଭ୍ୟ ଏବଂ ସମ୍ବଲପୁରର ଅନେକ ସୁନାମଧନ୍ୟ ସଂଗୀତ ନିର୍ଦ୍ଦେଶକ, ଗାୟକ ତଥା କଳାକାରମାନେ ସାମିଲ ହୋଇଥିଲେ। ଅନେକ ଦିନରୁ ସଙ୍କଳ୍ପିତ ମା'ସମଲେଶ୍ୱରୀଙ୍କ ପୀଠରେ ଭଜନ ପରିବେଶଣ ପାଇଁ ମଞ୍ଜୁରୀ ମିଳିଥିଲା।ଭଜନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହଭାଗିତା ରହିବ।ଆସନ୍ତା ୧୭ ତାରିଖ ରବିବାର ଭଜନ ସନ୍ଧ୍ୟା ଆରମ୍ଭ ହେବ। ସଦସ୍ୟ ପ୍ରଫୁଲ୍ଲ ହୋତା, ଦେବ କୁମାର ଅଜମେରୀଆ, ସନ୍ତୋଷ ପୃଷେଠ, ବୀରେନ୍ଦ୍ର ରାଏ, କାର୍ଯ୍ୟନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ, ରଞ୍ଜନ ସାହୁ, ତ୍ରିଲୋଚନ ତ୍ରିପାଠୀ, ଦୁର୍ଗା ଦାଶ, ରତନ ପୂଜାରୀ, ଡ.ମୋହିତ ସ୍ୱାଇଁ, କୃଷ୍ଣ ବାଘ, ଦେବାଶିଷ ପାଢ଼ୀ, ଶଶାଙ୍କ ଶେଖର ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।

ଭାବପ୍ରବଣ କଳା ଗଙ୍ଗାଧର ସଂଗୀତ

ବରପାଲି,୧୦।୮ (ସମିସ)

ବରପାଲି: ପବିତ୍ର ଶ୍ରାବଣ ପୂର୍ଣ୍ଣମା ତିଥିରେ ଗଙ୍ଗାଧରଙ୍କ ଜୟନ୍ତୀ ଅବସରରେ ବରପାଲି ଉତ୍ସବମୁଖର ହୋଇପଡିଛି। ଚାରିଆଡେ ମେହେର ସଂଗୀତ ଶୁଣିବାକୁ ମିଳିଥିଲା। ଗଙ୍ଗାଧର ମେହେର କ୍ଲବ୍ ପକ୍ଷରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପୂର୍ବକ କବିଙ୍କ ଜନ୍ମ ପୀଠ କବି ଭବନରେ ପହଞ୍ଚି ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଶୋଭାଯାତ୍ରାରେ କ୍ଲବ୍‌ର ସଭ୍ୟ ମାନଙ୍କ ସହ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟର ଶତାଧିକ ଏନ୍‌ସିସି ଛାତ୍ର ଯୋଗ ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବ୍‌ର ମିଳିତ ଆନୁକୂଲ୍ୟରେ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ର ସଭାପତି ନରେନ୍ଦ୍ର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀ କାନ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ଡ.ଆଶୁତୋଷ ପ୍ରସାଦ ମିଶ୍ର, ସମ୍ମାନିତ ବକ୍ତା ଡ.ଲକ୍ଷ୍ମଣ ମେହେର ଯୋଗ ଦେଇଥିଲେ। ଏହି ଅବସରରେ ଚିତ୍ରକୁଟ ମେହେରଙ୍କ କିଚକ ବଧର ଗଦ୍ୟାନୁବାଦ ପୁସ୍ତକ ଓ ସରୋଜ ଦାଶଙ୍କ ପଦ୍ମରାଗ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା। ସଭାରେ ଜୟନ୍ତୀ କମିଟିର ଆବାହକ ଚିତ୍ତରଞ୍ଜନ ସାହୁ ଅତିଥିଙ୍କୁ ଆମନ୍ତ୍ରଣ କରିବା ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗା ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଗଙ୍ଗାଧର ଜ୍ୟୋତି ଯାତ୍ରାରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ପ୍ରସାଦ ଗୋୟଲ୍ ଉପସ୍ଥିତ ରହି ଜାତୀୟ ରାଜପଥରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଜ୍ୟୋତି ଯାତ୍ରାର ଶୁଭାରମ୍ଭ କରିଥିଲେ।

ବରପାଲି: ବରପାଲି ବ୍ଲକ୍ ବନ୍ଧପାଲି ଗାଁରେ ମେହେର ସମାଜ୍ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଗଙ୍ଗାଧରଙ୍କ ସଂଗୀତ ଗାନ ମାଧ୍ୟମରେ ଗାଁର ଲୋକଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯାଇଥିଲା। ବନ୍ଧପାଲି ଝାଏଁରେ କଳାପଟା ସଂସ୍ଥାର ସମ୍ପାଦକ ବ୍ୟଙ୍ଗ କବି ଭରତ ନାଏକ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଭରତ ମେହେର ଓ ସାଥିଙ୍କ ଦ୍ୱାରା ଗଙ୍ଗାଧର ସଂଗୀତ ଗାନ କରାଯାଇଥିଲା। ସଭାପତି ନବୀନ କିଶୋର ଗହିରଙ୍କ ସଭାପତିତ୍ୱରେ ପରିଚାଳିତ ସାରସ୍ୱତ ସଭାରେ ମୁଖ୍ୟ ବକ୍ତା ଭାବେ ଭାଷାବିତ ଉତ୍ପନ୍ନ ଭୋଇ, ସମ୍ମାନିତ ବକ୍ତା ଉପନ୍ୟାସିକ କବି ତେଜରୁ ବାରିକ୍, ସମ୍ମାନିତ ଅତିଥି ହାସ୍ୟ କବି ଦେବେନ୍ଦ୍ର ସାହୁ, ହାସ୍ୟ ତଡକା ଶିଶିର ପୁରୋହିତ, ଗୌଇଁତିଆ ଜିତେନ୍ଦ୍ରିୟ ସାହୁ, ଭଦ୍ର ବ୍ୟକ୍ତି ସନ୍ତୋଷ ଦାଶ କବି ଗଙ୍ଗାଧର ମେହେରଙ୍କ ଜୀବନି ତଥା କାବ୍ୟ କବିତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିନାୟକ ମେହେର, ହରିହର ମେହେର, ଧନେଶ୍ୱର ମେହେର, ହିରାଧର ମେହେର, କମଳ ପ୍ରସାଦ ମେହେର, ଲକ୍ଷ୍ମୀ କାନ୍ତ ମେହେର, ଗୁନିଆଁ ମେହେର, ନବିନ ମେହେର, ଝସକେତନ ମେହେର, ମୋତିରାମ ମେହେର, ହେମସାଗର ମେହେର, ଟିକେସ୍ୱର ମେହେର, ହେମନ୍ତ ମେହେର, ଭାଗ୍ୟବାନ ମେହେର, ଦିଗାମ୍ବର ମେହେର, ଯୁଧିଷ୍ଠିର ମେହେର, ଯୋଗେଶ୍ୱର ମେହେର ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଦୃତିଆ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼: ଭଟଲି ଛକ ନିକଟସ୍ଥ ଆର୍‌ଏସ୍‌ଏସ ଭବନ ପରିସରରେ ଟୁଗେଦର ଫର୍ ପ୍ଲେଜର ଗ୍ରୁପ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲ୍ଲା ଶିକ୍ଷା ନିରୀକ୍ଷକ ତଥା ସଦସ୍ୟ ଅକ୍ଷୟ ଭୋଇଙ୍କ ଅଧ୍ୟକ୍ଷତାରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାଶରଥି ସାହୁ ପ୍ରମୁଖ ଯୋଗ ଦେଇ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଦସ୍ୟ ଦେବାର୍ଚ୍ଚନ ସା 'ପ୍ରଣୟ ବଲ୍ଲରୀ' ଏବଂ ଭୁବନାନନ୍ଦ ପ୍ରଧାନ 'ତପସ୍ୱିନୀ' କାବ୍ୟରେ ସୀତାଙ୍କ ଚରିତ୍ର ଚିତ୍ରଣ, କେଶବ ପ୍ରଧାନ ଗଙ୍ଗାଧରଙ୍କ କ୍ଷୁଦ୍ର କବିତା ସମୂହ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଦସ୍ୟ ମୋହିନୀ ମୋହନ ବେହେରା, ରାଜେନ୍ଦ୍ର ନାରାୟଣ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭୁବନାନନ୍ଦ ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ରକ୍ଷା ବନ୍ଧନର ମହତ୍ତ୍ୱ ସମ୍ବନ୍ଧରେ ବିନୋଦ ପଣ୍ଡା ଆଲୋଚନା କରିଥିଲେ। ରାଜ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼: ରାଣା ପ୍ରତାପ ସ୍କୁଲରେ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସଂସ୍କୃତି ସଂସ୍କୃତ ସୁରକ୍ଷା ମଞ୍ଚର ଆବାହକ କପିଳ ବାଗ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଓ ଦୀପିକା କୁଲୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିବାବେଳେ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଅତାବିରା: ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ଜୟନ୍ତୀ ବିପୁଳ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶିଶିର ଭୋଇଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପୁଷ୍ପ ମେହେର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ପଧାନ ମୁଖ୍ୟବକ୍ତା, ପୂର୍ବତନ ସରପଞ୍ଚ ମକରଧ୍ୱଜ ଭୋଇ ଓ ସମିତି ସଭ୍ୟା ମଞ୍ଜୁଲତା ବଢ଼େଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନିମନ୍ତ୍ରିତ ଅତିଥି ଭାବେ ବିଜୟ ଜେସ୍ୱାଲ, ରାଜେନ୍ଦ୍ର ମହାକୁର, ଜୟଦେବ ମେହେର, ଅରବିନ୍ଦ ଦାଶ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଶିବାଜୀ ବିଶି, ମଧୁସୂଦନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀଙ୍କଦ୍ୱାରା ଗଙ୍ଗାଧର ମେହେରଙ୍କର ବିଭିନ୍ନ ସଂଗୀତ ପରିବେଷଣ କରାଯାଇଥିଲା। ଗଙ୍ଗାଧର ମେହେରଙ୍କ ସାହିତ୍ୟ ଉପରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନିକି ମହାପାତ୍ର ଗତ ଦଶମ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିକନ୍ଦ ମହାପାତ୍ର, ବାଳଗୋବିନ୍ଦ ବାବୁ, ଡ.ସଞ୍ଜୟ ମହାପାତ୍ର, ହରିଲାଲ ମେହେର, ଜୟଦେବ ମେହେର, ଅରବିନ୍ଦ ଦାଶ, ପ୍ରମୋଦ ଚନ୍ଦ୍ର ପ୍ରଧାନ, ଦୟାନିଧି ନାୟକ, ହରେକୃଷ୍ଣ ପ୍ରଧାନ ପ୍ରଭୃତି ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ପୁରସ୍କାର ରାଶିମାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନିରଞ୍ଜନ ପ୍ରଧାନ, ସୁଶ୍ରୀ ମୈତ୍ରୀ ସେଠ୍, ବାବୁଲାଲ ପ୍ରଧାନ, ରୋହିତ ଭୋଇ, ପ୍ରତାପରଣା, ବୀରେନ୍ଦ୍ର ଭୋଇ ପରିଚାଳନା କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

ଦହିତା: ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନିଜସ୍ୱ ଗାଁ ତେଣ୍ଡାପଦରରେ ଗଙ୍ଗାଧରଙ୍କ ୧୬୩ତମ ଜନ୍ମ ଜୟନ୍ତୀ ଉତ୍ସବ ରାଜବୋଦାସମ୍ବର ମେହେର (ଭୁଲିଆଁ) ସମାଜ ତରଫରୁ ପାଳିତ ହୋଇଯାଇଛି। ମେହେର ସମାଜର ପୂଜାରୀ ରଘୁ ମେହେର ଦ୍ୱୀପ ପ୍ରଜ୍ୱଳନ କରିଥିବା ବେଳେ ସଭାପତି କେତନ ମେହେର ସଭାପତିତ୍ୱ କରିଥିଲେ। ସମ୍ପାଦକ ଶ୍ରୁଶନ୍ନ ମେହେର ଗଙ୍ଗାଧର ଜୟନ୍ତିର ଉଦ୍ଦେଶ୍ୟ ଓ କାବ୍ୟ, ପ୍ରବନ୍ଧ ଉପରେ ବକ୍ତବ୍ୟ ରଖିଥିଲେ। କବିଙ୍କ ଜୀବନୀକୁ ଗୀତ ମାଧ୍ୟମରେ ଗୌରିଶଙ୍କର ମେହେର ପାଠ କରିଥିଲେ। ଶେଷରେ ଛାଲୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରକ୍ଷୀତ, ଭାଗ, ଦଶରଥ, କେଶବ, ମୁରଲୀ, ଶେଷ, ସଚ୍ଚିଦାନନ୍ଦ, ଜଗଦୀଶ, ଗଙ୍ଗାଧର, ଲୋଚନ, ସୁକ୍ରୁ, କାଲୁ ମେହେର ସହଯୋଗ କରିଥିଲେ।

ଭେଡେନ: ଭେଡେନ ବ୍ଲକ୍ ଲୁପୁରସିଂହା ରାଷ୍ଟ୍ରୀୟ ପୂର୍ଣ୍ଣାଙ୍ଗ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଓ ଗଙ୍ଗାଧର ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଉପେନ୍ଦ୍ର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ମୁକୁନ୍ଦ ଷଡଙ୍ଗୀ ଯୋଗ ଦେଇଥିଲେ। ଆଚାର୍ଯ୍ୟ ସତ୍ୟନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗଙ୍ଗାଧର ମେହେରଙ୍କ ଜୀବନୀ ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ରଚନା ପ୍ରତିଯୋଗିତାରେ ସିନିୟର ବିଭାଗରେ ପ୍ରଜ୍ଞା ପଧାନ, ଡୋଲାଶ୍ରୀ କର୍ମୀ, ସ୍ପନ୍ଦନ ଚାନ୍ଦ ଓ ଜୁନିୟର ବିଭାଗରେ ଦେବାଂଶୀ ବାବୁ, ଅନବେଶା ପ୍ରିୟଦର୍ଶିନୀ ପଣ୍ଡା, ସମ୍ବିତ ମହାପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ଦେବାଶିଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ପଦ୍ମପୁର: ପଦ୍ମପୁର ଉପଖଣ୍ଡର ଲଖମରା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ, ଜଗଦଳପୁର ଥାନାର ନିମନ୍ତ୍ରିତ ପୁଲିସ କର୍ମଚାରୀ ତଥା ଛାତ୍ରମାନଙ୍କୁ ଛାତ୍ରୀମାନେ ରାକ୍ଷୀ ବାନ୍ଧି ତାଙ୍କ ଠାରୁ ଭାଇର ସୁଭାଶିଷ ଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଞ୍ଚଳ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ସରୋଜ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ କେଶବ ଚନ୍ଦ୍ର ବାରିକ, ଇତିହାସ ଅଧ୍ୟପକ ମହେଶ୍ୱର ବଢ଼େଇ ପ୍ରମୁଖ ଯୋଗ ଦେଇ ଗଙ୍ଗାଧର ସାହିତ୍ୟ ଓ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଅଧ୍ୟାପିକା କୁମୁଦିନୀ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇଟି ଅଧ୍ୟାପିକା ତିଲୋତ୍ତମା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବରଗଡ଼: ବରଗଡ଼ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଅନୁଷ୍ଠିତ ସଭାରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ.ହଳଧର ନାଗ ଗଙ୍ଗାଧରଙ୍କ ବ୍ୟକ୍ତିତ୍ୱ ଏବଂ କବିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ବିକାଶ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡି ମୁରଲୀ କ୍ରୀଷ୍ଣା ଗଙ୍ଗାଧରଙ୍କ ନୀତି ଏବଂ ଆଦର୍ଶକୁ ଅନୁସରଣ କରି ଛାତ୍ରଛାତ୍ରୀ କିପରି ଜୀବନକୁ ଶୃଙ୍ଖଳିତ କରିପାରିବେ ସେ ବିଷୟରେ ଆଲୋକପାତ କରିଥିଲେ। ସଭାରେ ପଞ୍ଚାୟତ ମହାବିଦ୍ୟାଳୟର ଇଂରାଜୀ ଆସିଷ୍ଟାଣ୍ଟ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ। ନିର୍ଦ୍ଦେଶକ ଡ.ସମରେନ୍ଦ୍ରନାଥ ପଣ୍ଡା, ଏକ୍ସେକ୍ୟୁଟିଭ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ମୁରଲୀ କ୍ରୀଷ୍ଣା ଫାଉଣ୍ଡେସନ ଅଧୀନ ସୋସିଆଲ ୱେଲଫେୟାର ସ୍କୁଲର ଅଧ୍ୟକ୍ଷ ମାନଗୋବିନ୍ଦ ବ୍ରହ୍ମଚାରୀ, କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ମନୋଜ ତ୍ରିପାଠୀ, ବରିଷ୍ଠ ଅଧ୍ୟାପକ ପିଏମ ସାହୁ, ଏଚଆର ହେଡ କିରଣ ଆଚାର୍ଯ୍ୟ ସମେତ କ୍ରିଷ୍ଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଏସ୍ କାନ୍ତାରାଓ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ କୃତୀର ଆଲୋଚନା କରିଥିଲେ। ଗଙ୍ଗାଧର ଜୟନ୍ତୀ ଉପଲକ୍ଷେ ସ୍କୁଲର ସାହିତ୍ୟ ସଂସଦ ତରଫରୁ ଗଙ୍ଗାଧର ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସତୀ ସୀତାଙ୍କ ତପସ୍ୱିନୀ ଭାବେ ଅବଶିଷ୍ଟ ଜୀବନର କରୁଣ ଚିତ୍ରକୁ ନାଟ୍ୟ ଏବଂ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଶେଷରେ ସିନିୟର୍ ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ।

ବାଲେଶ୍ୱର ପାଇଁ ଗୌରବ ଆଣିଲେ ରବୀନ୍ଦ୍ର ପଟ୍ଟନାୟକ

ବାଲେଶ୍ୱର/ନୀଳଗିରି, (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଟିକସ ବିଲ୍, ୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର ପଟ୍ଟନାୟକ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟଦକ୍ଷତା ପୁଣି ଥରେ ଶ୍ରୀ ପଟ୍ଟନାୟକ ପ୍ରମାଣିତ କରିଛନ୍ତି ଓ ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ଯାହାର ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି । ସୂଚନାଯୋଗ୍ୟ, ରବୀନ୍ଦ୍ର ପୂର୍ବରୁ ଅନେକ ପ୍ରଶଂସନୀୟ ଆଇନଗତ ଖସଡାରେ କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ବାର ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ ରହିଛି। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ବାଲେଶ୍ୱର ଜିଲ୍ଲାର ନୀଳଗିରି ତଥା ସନ୍ତରାଗଡ଼ିଆ(କାହ୍ନୁପୁର) ଅଞ୍ଚଳ ପାଇଁ ରବୀନ୍ଦ୍ର ଗର୍ବ ଓ ଗୌରବ ଆଣିଥିବାରୁ ସାଧାରଣରେ ଚର୍ଚ୍ଚା ହେଉଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଠାରୁ ପୁରସ୍କୃତ

ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

ବନ୍ୟାର ସ୍ଥାୟୀ ପ୍ରତିକାର ଦାବି ଜୋର୍ ଧରିଲା

ବାଲେଶ୍ୱର(ଉତ୍ତର),୧୦।୮ (ସମିସ)

ବର୍ଷ ବର୍ଷ ଧରି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ନଦୀ ତଟବର୍ତ୍ତୀ ଗାଁ ସହିତ ଭୋଗରାଇର ୧୬ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବନ୍ୟା ଜଳ ନିଷ୍କାସନରେ ବିଳମ୍ବ ଘଟୁଥିବାରୁ ଅନେକ ଗାଁ କୁ ମାସାଧିକ କାଳ ଜଳ ବନ୍ଦୀ କରି ରଖୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ଦାବି ହୋଇ ଆସୁଛି। ଏ ନେଇ ବର୍ତ୍ତମାନ ଅଣ୍ଟା ଭିଡ଼ିଛି ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ। ମଞ୍ଚ ପକ୍ଷରୁ ବନ୍ୟାର ସ୍ଥାୟୀ ପ୍ରତିକାର ଓ ଚଳିତ ବର୍ଷ ବନ୍ୟା ଜନୀତ କ୍ଷୟକ୍ଷତି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଙ୍କୁ ପ୍ରଦାନ କରାଯାଇଛି। ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ଏଠାକୁ ଆସିଥିବା ଅବସରରେ ମଞ୍ଚ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସୂଚନା ଯୋଗ୍ୟ ଯେ ଗତ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ଥାନୀୟ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହିତ ବ୍ଲକର ନଦୀ କୁଳିଆ ଅଞ୍ଚଳ କୁହାଯାଉଥିବା ଆରୁହାବୃତ୍ତି-୧, ଖରିଦପିପଳ, କୁମ୍ଭୀରଗଡ଼ି, ଗବଗାଁ ଓ ନାଚିନ୍ଦା ପ୍ରଭୃତି ପଞ୍ଚାୟତ ପରିଦର୍ଶନରେ ଆସିଥିଲେ। ଉଲୁଡାଠାରେ ପଞ୍ଚାୟତର ଜନପ୍ରତିନିଧି ମାନଙ୍କୁ ଡାକି ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଗୋଛିଦା ସ୍ଲୁଇସ୍ ଠାରୁ ଆରୁହାବୃତ୍ତି-୧ ଗ୍ରାମର ସନ୍ତୋଷପୁର ଛକ ପର୍ଯ୍ୟନ୍ତ ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ, ମନୁନଗର ଠାରେ ସୁବର୍ଣ୍ଣରେଖା ନଦୀରେ ସ୍ପର ନିର୍ମାଣ ଓ ପଥର ପେଚିଂ କରାଯିବା ସହିତ ପୁରୁଣା ସ୍ପୋର ମରାମତି, ଆରୁହାବୃତ୍ତି-୨ ଗ୍ରାମ ଠାରୁ ରସଲପୁର ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ପଟରେ ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ, ପୋତି ହୋଇଯାଇଥିବା ସମସ୍ତ ଖାଲ ଓ ନାଳ ଖନନ ଓ ପୁନରୁଦ୍ଧାର, ନଥିପୁର ବଜାର ଛକଠାରୁ ସରିସାଗଞ୍ଜ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ବାରବାଟିଆ ବିଦ୍ୟାଧର ନୋଡାଲ ସ୍କୁଲ୍ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ଓ ଜଳନିଷ୍କାସନ ବ୍ୟବସ୍ଥା, ଆରୁହାବୃତ୍ତି-୧ ପଞ୍ଚାୟତ କାର୍ଯ୍ୟାଳୟ ଛକଠାରୁ ସନ୍ତୋଷପୁର ପର୍ଯ୍ୟନ୍ତ ରାସ୍ତାରେ ଗାଡଓ୍ୱାଲ ନିର୍ମାଣ, ନଥିପୁର ଛକଠାରୁ ମନୁନଗର ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀ ପର୍ଯ୍ୟନ୍ତ ଓଭର ବ୍ରିଜ୍ ନିର୍ମାଣ ଆଦି ଦାବି କରାଯିବା ସହିତ ବନ୍ୟା ଜନୀତ କ୍ଷୟକ୍ଷତିର ସଠିକ୍ ଆକଳନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ ରଖାଯାଇଛି। ମଞ୍ଚ ପକ୍ଷରୁ ଆବାହକ ତଥା ଆଇନଜୀବୀ ରାଜକିଶୋର ଜେନା, ଆରୁହାବୃତ୍ତି-୧ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ଜେନା,ସୁବ୍ରତ ସାହୁ, ବ୍ରଜକିଶୋର ପାଳ ଏବଂ ସମିତି ସଦସ୍ୟା ଅଞ୍ଜଳି ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ସ୍ମାରକପତ୍ର ର ନକଲ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଙ୍କୁ ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

● ରାସ୍ତାକୁ ଆସିଗଲେ ହାତୀପଲ

ଗଛରେ ପିଟିହୋଇ ବାଇକ ଆରୋହୀ ମୃତ

ବସ୍ତା ବ୍ଲକ, ୧୦।୮ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ପଟୁ ରାସଗୋବିନ୍ଦପୁର ଅଭିମୁଖେ ଜନୈକ ବାଇକ ଆରୋହୀ ଯାଉଥିବା ବେଳେ ରାସ୍ତା ଉପରେ ହାତୀ ପଲ ଦେଖି ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ଜଣା ପଡିଛି। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଜନୈକ ଯୁବକ ଏକ ବାଇକରେ ରାସଗୋବିନ୍ଦପୁର ଅଭିମୁଖେ ଯାଉଥିବା ବେଳେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବେତନାସିଆ ବଣ ଭିତରେ ହଠାତ ହାତୀ ପଲ ଦେଖି ଭୟରେ ଭାରସ୍ୟାମ ହରାଇ ରବିବାର ରାତିରେ ଏକ ଗଛ ରେ ପିଟି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ର ପରିଚୟ ମିଳିନଥିବା ବେଳେ ରାସଗୋବିନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମଦ ଜବତ, ଦୁଇ ବେପାରୀ ଗିରଫ

ଭୋଗରାଇ, ୧୦।୮ (ସମିସ) : ଭୋଗରାଇ ଅବକାରୀ ବିଭାଗ ପାଖରୁ ବିଭିନ୍ନ ସ୍ଥାନରୁ ଚଢ଼ଉ କରି ୨୨ ଲିଟର ଚୋରା ବେଙ୍ଗଲି ମାର୍କା ଚୋରା ମଦ ସହିତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ମଦବେପାରୀ ହେଲେ ଚନ୍ଦେନେଶ୍ୱର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପାଖରୁ ୭ ଲିଟର ବେଙ୍ଗଲୀ ଚୋରା ମଦ ବିନ୍ଧାପଦ୍ମପୁର ଗ୍ରାମର ସାଧନ ସେଠୀ ପାଖରୁ ୧୫ ଲିଟର ଚୋର ବେଙ୍ଗଲୀ ମଦ ଜବତ କରିଛନ୍ତି। ସେମାନଙ୍କ ନାମରେ ପୃଥକ ପୃଥକ କେସ ରୁଜୁ ହୋଇଅଛି।

ନବମଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ, ଯୁବକ ଅଟକ

ସିମୁଳିଆ, ୧୦।୮ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳର ଜନୈକା ନବମ ଶ୍ରେଣୀ ଛାତ୍ରୀ ଟିଉସନରୁ ଫେରୁଥିବାବେଳେ ତାଙ୍କୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଅଟକ ରଖିଛି। ସ୍ଥାନୀୟ ଅନ୍ତରା ଗ୍ରାମର ପ୍ରଶାନ୍ତ କୁମାର ସାମଲ ସମ୍ପୃକ୍ତ ଛାତ୍ରୀକୁ ଏକୁଟିଆ ଦେଖି କେନାଲ ବନ୍ଧ ପାଶ୍ୱର୍ରେ ଦୁଷ୍କର୍ମ କରିଥିଲା। ଅପରପକ୍ଷେ ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କେନାଲ ବନ୍ଧରେ ସନ୍ଦେହଜନକ ଭାବେ ଏକ ବାଇକ୍ ଥିବାର ଲୋକେ ଦେଖିବାକୁ ପାଇଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ଦୌଡ଼ିବାରୁ ଲୋକେ ତାକୁ କାବୁ

ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଜଘାଟ, ୧୦।୮ (ସମିସ): ବସ୍ତା ଥାନା ଦାଣ୍ଡି ଗ୍ରାମର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସ୍ତ୍ରୀ ଶାନ୍ତିଲତା (୫୭)ଙ୍କ ବିଷାକ୍ତ ସର୍ପ ଦଂଶନରେ ଆଜି ସନ୍ଧ୍ୟାରେ ବସ୍ତା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଶାନ୍ତିଲତା ଗତ କାଲି ନିଜ ଭାଇକୁ ରାକ୍ଷୀ ବାନ୍ଧିବାକୁ ସିଂଲା ଥାନା ତ୍ରୈଲୋକ୍ୟ ଗ୍ରାମକୁ ଯାଇଥିଲେ। ସେଠାରେ ଆଜି ଅପରାହ୍ନ ତିନିଟା ସମୟରେ ଏକ ବିଷାକ୍ତ ସର୍ପ ଦଂଶନ କରିଥିଲା। ପରିବାର ଲୋକ ଜାଣି ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଶାନ୍ତିଲତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଥିବା ଜଣାଯାଇଛି।

ଦୁଇ ଶିକାରୀ ଗିରଫ, ବନ୍ଧୁକ ଜବତ

ନୀଳଗିରି, ୧୦।୮ (ସମିସ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ଆଜି ଦୁଇ ସଶସ୍ତ୍ର ଦୁଇ ଶିକାରୀକୁ ଗିରଫ କରାଯିବା ସହିତ ଏକ ବନ୍ଧୁକ ଜବତ କରାଯାଇଛି । ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂର ପୁଅ ହଗୁରା ସିଂ, ଏବଂ ସିନ୍ଧୁରିଆ ଗ୍ରାମର ଶଙ୍କରା ସିଂର ପୁଅ ସନିଆ ସିଂ ଏକ ଦେଶୀ ବନ୍ଧୁକ ସହିତ ବାରୁଦ, ଛୁରୀ, ଫାସ,ନେଇ କୁଲଡିହା ଜଙ୍ଗଲରେ ଅବାଧ ପ୍ରବେଶ କରି ଶିକାର କରିବାକୁ ଯାଉଥିବା ବେଳେ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଥିଲେ। ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନୀଳଗିରି ସ୍ଥିତ କୁଲଡିହା ଅଫିସକୁ ଆଣିବା ପରେ ତାଙ୍କ ନାମରେ ମାମଲା ରୁଜ୍ଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ବାବା ଆଖଣ୍ଡଳେଶ୍ୱରଙ୍କ ମହାରୁଦ୍ରାଭିଷେକ

ଖଇରା,୧୦।୮ (ସମିସ): ଖଇରା ବଜାରବାସୀଙ୍କ ଆରାଧ ବାବା ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ଆଶ୍ୱିନ ମହାରୁଦ୍ରାଭିଷେକ ରବିବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ପରିଚାଳକ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଜିଲା ବ୍ରାହ୍ମଣ ସମିତିର ସମ୍ପାଦକ ଗୌରଚନ୍ଦ୍ର ଦାସ,ବୈଦ୍ୟନାଥ ଆଚାର୍ଯ୍ୟ, ଗୌରଚନ୍ଦ୍ର ପାଠୀ, ପ୍ରଫୁଲ୍ଲ ଶତପଥି, ବେଣୁଧର ମିଶ୍ର,ଜନାର୍ଦ୍ଦନ ମିଶ୍ର,କ୍ଷେତ୍ରବାସୀ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଶରତ ପଣ୍ଡା, ଆକାଶ ପଣ୍ଡା ଓ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। ଖଇରା ବ୍ଲକ ସମେତ ବାଲେଶ୍ୱର, ବାହନଗା, ସୋର, ଔପଦା ଓ ସିମୁଳିଆ ବ୍ଲକରୁ ଆଚାର୍ଯ୍ୟ ଓ ପଣ୍ଡିତ ଗଣ ଯୋଗ ଦେଇଥିଲେ।

ନିମ୍ନମାନର ଗାର୍ଡୱାଲ ଭାଙ୍ଗିଲେ ଗ୍ରାମବାସୀ

ଭୋଗରାଇ, ୧୦।୮ (ସମିସ) : ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାରେ ଆସୁଥିବା ଆର୍ଥିକ ଅନୁଦାନ ବ୍ୟାପକ ବାଟମାରଣା ହେଉଥିବାର ବାରମ୍ବାର ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଦେଉଳା ଗ୍ରାମର ୯ ନଂ ୱାର୍ଡର ଶ୍ୟାମ ପାତ୍ର ଘରଠାରୁ ଚଢେଇ ଗୁଡ଼ିଆ ପଡିଆ ପର୍ଯ୍ୟନ୍ତ ପଞ୍ଚମ ଏସ ଏଫ ସି ଅନୁମୋଦିତ ୨ ଲକ୍ଷ ଟଙ୍କା ବ୍ୟୟରେ ଗାଡ଼ୱାଲ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି । ଏଥି ସହିତ ଉକ୍ତ ନିମ୍ନ ମାନର କାର୍ଯ୍ୟକୁ ପୁନଃ ନିର୍ମାଣ କରାଯିବାକୁ ଗ୍ରାମବାସୀ ଜିଦ୍ ଧରିଛନ୍ତି । କାର୍ଯ୍ୟ ହେଉଥିବା ସ୍ଥାନରେ ଗ୍ରାମବାସୀ ମାନେ ମିଳିତ ହୋଇ ଭାଙ୍ଗି ଦେଇଛନ୍ତି । କଂକ୍ରିଟ କାର୍ଯ୍ୟବେଳେ ବିଭାଗୀୟ ଜେଇ ଅନୁପସ୍ଥିତ ରହିବାରୁ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ କରି ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଛନ୍ତି ।

ବାଇକରୁ ପଡ଼ି ଯୁବକ ଗୁରୁତର

ରାଜଘାଟ, ୧୦।୮ (ସମିସ): ବସ୍ତା ଥାନା ଗାନ୍ଧିଛକ-ବାଲିଆପାଳ ମୁଖ୍ୟରାସ୍ତା କୁଡିଆ ନିକଟରେ ଭାରସାମ୍ୟ ହରାଇ ବାଇକରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ନିଜ ବନ୍ଧୁ ଘରୁ ବାଲିଆପାଳ ଥାନା ଅସ୍ତି ପଞ୍ଚାୟତ ଡାଲୁଅ ଗ୍ରାମର ଉତ୍ତମ କୁମାର ପାତ୍ର ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ଦୁର୍ଘଟଣା ଗ୍ରସ୍ତ ବାଇକକୁ ପୁଲିସ ଉଦ୍ଧାରକାରି ଘଟଣାର ତଦନ୍ତ ଜାରିରଖିଥିବା ଦେଖିବାକୁ ମିଳିଛି।

ଯାତ୍ରା କମିଟି ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଯାତ୍ରା ପାର୍ଟି ମାଲିକ ଦର ନ କମାଇଲେ ଯାତ୍ରା ବନ୍ଦ ନିଷ୍ପତ୍ତି

ବାହାନଗା,୧୦।୮ (ସମିସ)

ଓଡିଶା ଯାତ୍ରା କମିଟି ମହାସଂଘର ବାହାନଗା ବ୍ଲକ ସ୍ତରୀୟ ଯାତ୍ରା କମିଟି କାର୍ଯ୍ୟକାରିଣୀ ବୈଠକ ଗୋପାଳପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ଓଡିଶା ଯାତ୍ରା କମିଟି ମହାସଂଘ ଦ୍ୱାରା ଗଠିତ ଏହି ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ବାହାନଗା ବ୍ଲକସ୍ତରୀୟ କମିଟି ସଭାପତି ରବୀନ୍ଦ୍ର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ମହାସଂଘର ରାଜ୍ୟ ସଂଯୋଜକ ତଥା କୋଷାଧ୍ୟକ୍ଷ ଇଂ ମାନସ ରଞ୍ଜନ ରାୟ ସାମନ୍ତ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସଭାପତି ତଥା ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ମୟୂରଭଞ୍ଜ ଜିଲ୍ଲା ସଭାପତି ବୀର କିଶୋର ମହାନ୍ତି, ରାଜ୍ୟ ସହ ସଂଯୋଜକ ଅଜିତ ମହାଳିକ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଶଙ୍କର୍ଷଣ ଦାସ, ନୀଳଗିରି ବ୍ଲକ ସଭାପତି ଦିବ୍ୟରଞ୍ଜନ ମହାପାତ୍ର, ପଞ୍ଚସଖା ଯାତ୍ରା କମିଟି ର ସମ୍ପାଦକ ଅନିରୁଦ୍ଧ ବାରିକ ପ୍ରମୁଖ ଯୋଗଦେଇ ଯାତ୍ରା ମାଲିକ ଓ ଯାତ୍ରା କଳାକାର ମାନଙ୍କ ଶୋଷଣ ନୀତି ପାଇଁ ଯାତ୍ରା କମିଟି ବୁଡିଯିବାକୁ ବସିଲାଣି ବୋଲି ପ୍ରକାଶ କରିଥିଲେ। ଏଥିରେ ବାହାନଗା, ସୋର ଏବଂ ରେମୁଣା ବ୍ଲକର ୨୮ ଟି ଯାତ୍ରା କମିଟି ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଦିନକୁ ଦିନ ଯାତ୍ରା ପାର୍ଟି ମାଲିକ ମାନେ ଗୋଟିଏ ଗୋଟିଏ ରାତି ପିଛା ୨ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ଯାହାଦ୍ୱାରା ଯାତ୍ରା କମିଟିକୁ ଟିକଟର ମୂଲ୍ୟ ବୃଦ୍ଧି କରିବାକୁ ପଡୁଛି। ଏହା ଫଳରେ ଅଧିକ ମୂଲ୍ୟର ଟିକଟ ଯୋଗୁଁ ଦର୍ଶକଙ୍କ ସଂଖ୍ୟା କମୁଛି। ଫଳରେ ପ୍ରତିବର୍ଷ ଯାତ୍ରା କମିଟି ଆର୍ଥିକ କ୍ଷତି ସହିବାକୁ ବାଧ ହେଉଛି। ଯାତ୍ରା ପାର୍ଟି ମାଲିକଙ୍କ ଲାଭଖୋର ମନୋବୃତ୍ତି ପାଇଁ ଆଗାମୀ ଦିନରେ ଯାତ୍ରା କଳା ଲୁପ୍ତ ହୋଇଯିବ। ଯାତ୍ରା କମିଟି ମହାସଂଘ ଯାତ୍ରା ପାର୍ଟି ମାଲିକ ମହାସଂଘକୁ ଆଲୋଚନା କରି ଦର ନିର୍ଦ୍ଧାରଣ କରିବାକୁ ଆହ୍ୱାନ କରିଛି। ତେବେ ମାଲିକ ମାନେ ଯଦି ରାତି ପିଛା ଦର ନ କମାଇବେ ତାହାଲେ କେହି ଯାତ୍ରା ପାଟି କୁ ନ ନେବା ପାଇଁ ଯାତ୍ରା କମିଟି ମହାସଂଘ ନିଷ୍ପତ୍ତି ନେଇଛି। କୌଣସି ଯାତ୍ରା କମିଟି କଣ୍ଟ୍ରାକ୍ଟ ମାଧ୍ୟମରେ ଯାତ୍ରା ନକରିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ଏ ବାବଦରେ ଓଡିଶା ଯାତ୍ରା କମିଟି ମହାସଂଘର ବାଲେଶ୍ୱର ଜିଲ୍ଲା ସମ୍ପାଦକ ତଥା ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ କହନ୍ତି ବର୍ତ୍ତମାନ ଯାତ୍ରାର ମାଲିକ ମାନେ ଯେଉଁ ଭଳି ଦର ରଖିଛନ୍ତି ସେହି ଦରରେ ଯାତ୍ରା କମିଟି ବଳି ପଡୁଛି। ତେଣୁ ଯାତ୍ରା ମାଲିକ ମାନେ ଏକଜୁଟ ହୋଇ ନିଜ ଭିତରେ କଥା ହୋଇ ରେଟ କମାନ୍ତୁ। କୌଣସି ଯାତ୍ରା କମିଟି କଣ୍ଟ୍ରାକ୍ଟ ମାଧ୍ୟମରେ ଯାତ୍ରା କରିବ ନାହିଁ ସମସ୍ତେ ପିସିରେ ଯାତ୍ରା କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯୋଧନ ବିଶ୍ୱାଳ, ଅନିରୁଦ୍ଧ ନାୟକ, ବିନୋଦ ବିଶ୍ୱାଳ, ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

ଇଂ.ଦେବଦତ୍ତ ଷଡ଼ଙ୍ଗୀଙ୍କ ସ୍ମୃତିସଭା

ଭଦ୍ରକ,୧୦।୮ (ସମିସ): ଦୁର୍ଘଟଣାରେ ପରଲୋକ ଘଟିଥିବା ଇଂ.ଦେବଦତ ଷଡଙ୍ଗୀଙ୍କ ଦ୍ୱାଦଶ ଅବସରରେ ସ୍ମୃତିସଭା ସ୍ଥାନୀୟ ବନ୍ତଛକ ସ୍ଥିତ ବାସଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ସ୍ୱାଭିମାନୀ, ପରୋପକାରୀ ମଣିଷ ଭାବେ ସର୍ବଦା ସମସ୍ତଙ୍କ ସ୍ମୃତିରେ ରହିବେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ତାଙ୍କ ବକ୍ତବ୍ୟରେ କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଆଶୋକ କୁମାର ନାୟକ, ଶ୍ରମିକନେତା ଦିବ୍ୟସିଂହ ନାୟକ, ସରକାରୀ ଓକିଲ ପ୍ରଦୀପ ମହାପାତ୍ର, କାଉନସିଲର ସାହିଦ ଖାଁ, ଯୁବନେତା ସୂର୍ଯ୍ୟକୁମାର ଦାସ, ସରୋଜ ନାୟକ, ତରୁଣ ରାୟ, ପ୍ରଶାନ୍ତ ମହାନ୍ତି, ସୁଶୀଲ ବେହେରା, ବିଜୟ ସେଠୀ ଓ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ୨ପୁଅ-ଚନ୍ଦନ ଓ ଚେତନ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

ପୁରସ୍କାର ବିତରଣ ଉତ୍ସବ

ଭଦ୍ରକ ୧୦।୮ (ସମିସ): ସ୍ଥାନୀୟ ବାଇପାସ ଠାରେ ଦର୍ଶନ ଏକାଡେମୀ ପକ୍ଷରୁ ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଦର୍ଶନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାର, ନୃତ୍ୟ ନିର୍ଦ୍ଦେଶକା ଅର୍ଚ୍ଚନା ବଳ, ଦେବଜ୍ୟୋତି ବିଶ୍ୱାଳ, ହିମାଂଶୁ ପଣ୍ଡା ପ୍ରମୁଖ ଯୋଗଦେଇ ଭଦ୍ରକର ଐତିହ୍ୟ, କଳା ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭକ୍ତି, ନିଷ୍ଠା, କର୍ତ୍ତବ୍ୟ, ଉଦ୍ୟମ, ପରିଶ୍ରମ ଓ ଏକାଗ୍ରତା ଫଳରେ ଆମେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବା ବୋଲି ମତ ଦେଇଥିଲେ। ଶେଷରେ ସଙ୍ଗୀତ ନିର୍ଦ୍ଦେଶକ ଭୋଳାନାଥ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

● ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଝୁଲଣ ଯାତ୍ରା

ବଡ଼ସିଂହାର ବେଶରେ ଦର୍ଶନ ଦେଲେ ବାବା

ଭଦ୍ରକ/ଆରଡି,୧୦।୮ (ସମିସ): ପ୍ରସିଦ୍ଧ ଶୈବପୀଠ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଝୁଲଣ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣ ଲାଗି ସରିବା ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜିତ କରାଯାଇ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା। ପରେ ସକାଳ ୫ଟାରୁ ଅପରାହ୍ନ ଯାଏଁ ଅଗଣିତ ଶ୍ରଦ୍ଧାଭକ୍ତ ଧାଡ଼ି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଅପରାହ୍ନରେ ଝୁଲଣ ଯାତ୍ରା ନୀତି ନିମନ୍ତେ ବାବାମଣିଙ୍କୁ ବଡ଼ସିଂହାର ବେଶରେ ସଜିତ କରାଯିବା ସହ ଚଳନ୍ତି ପ୍ରତିମା ହରଗୌରୀ ଓ ମଦନମୋହନ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ନାଟମଣ୍ଡପରେ ପ୍ରସ୍ତୁତ ଝୁଲଣ ବେଦୀକୁ ଅଣାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସେବାୟତ ଓ ଭକ୍ତମାନଙ୍କ ଦ୍ୱାରା ଶ୍ରୀ ବିଗ୍ରହମାନଙ୍କୁ ଝୁଲା ଯାଇଥିଲା।

ପୁରପଲ୍ଲୀରେ ଖୁଦୁରୁକୁଣୀ ଓଷା

ବାରିକପୁର,୧୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଆଜି ପ୍ରସିଦ୍ଧ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। ବିଶେଷ କରି କୁମାରୀମାନେ ବୋଇତ ବାଣିଜ୍ୟର ଗାଥା ଗାରିମା ବହନ କରୁଥିବା ଭାଇ ମାନଙ୍କ ଶୁଭ ମନାସୀ ଏହି ବ୍ରତ ରଖିଥାନ୍ତି। ୫ଟି ରବିବାରରେ ମା' ମଙ୍ଗଳାଙ୍କୁ କୁମାରୀମାନେ ପୂଜାର୍ଚ୍ଚନା କରିଥାନ୍ତି। ଉପଲକ୍ଷେ ବ୍ଲକର ମଞ୍ଜୁରୀରୋଡ଼, ନାଆମୀ, ଝୁଟୁଣା, ଆଖୁଆପଦା, ମାଳଦା, ରହଣିଆ, ସରସଦା, ତେସିଙ୍ଗା, ବିଷ୍ଣୁପୁର ପ୍ରମୁଖ ଅଞ୍ଚଳରେ ଆଜି ପ୍ରଥମ ପାଳି ଓଷା ଆରମ୍ଭ ହୋଇଛି। ଗାଁର କିଶୋରୀ ବାଳିକା ଓ ଯୁବତୀମାନେ ମା' ମଙ୍ଗଳାଙ୍କୁ ଆବାହନ କରି ପ୍ରାତଃ ପୂଜାର୍ଚ୍ଚନା କରିଛନ୍ତି। ସନ୍ଧ୍ୟାରେ କୁମାରୀ ମାନେ ସମବେତ ହୋଇ କୋଠଘର ମାନଙ୍କରେ ଖୁଦୁରୁକୁଣୀ ଓଷା ବହି ପାଠ କରିଥିବା ବେଳେ ମା' ମଙ୍ଗଳାଙ୍କୁ ଧୂପ, ଦୀପ, ନୈବେଦ୍ୟ ପ୍ରଦାନ କରିଛନ୍ତି। ଶ୍ରାବଣ ଓ ଭାଦ୍ରବ ମାସର ୫ଟି ରବିବାର ପାଳିରେ ଏହି ବ୍ରତ ପାଳନ ହେଉଥିବା ବେଳେ ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ହୋଇଥାଏ।

ଲୁଚି ଗଲାଣି ମେଳଣ ମଞ୍ଚ

ବାରିକପୁର,୧୦।୮ (ସମିସ): ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ମେଳଣ ମଞ୍ଚଟି ଧୀରେ ଧୀରେ ଜରାଜୀର୍ଣ୍ଣ ପାଲଟି ଗଲାଣି। ପ୍ରତ୍ୟେକ ବର୍ଷ ଫଗୁଣ ମାସରେ ଥାନା ଓ ମେଳଣ କମିଟି ପକ୍ଷରୁ ଅଞ୍ଚଳର ଗଣପର୍ବ ମୁନସୀ ମେଳଣ ଏଠାରେ ଅନୁଷ୍ଠିତ ହୋଇଥାଏ। ତିନିଦିନ ଧରି ଉତ୍ସବ ଆୟୋଜନ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ଥାନା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ ପେଣ୍ଡାଲ ନିର୍ମାଣ ପାଇଁ ତତ୍କାଳୀନ ଥାନା ଅଧିକାରୀ ତ୍ରିଲୋଚନ ସେଠୀ ୨୦୧୬-୧୭ ମସିହାରେ ଉଦ୍ୟମ ଆରମ୍ଭ କରିଥିଲେ। ତାଙ୍କ ପ୍ରଚେଷ୍ଟା ଯୋଗୁ ଏକ ୩୦ଫୁଟ ଲମ୍ବର ସ୍ଥାୟୀ ମେଳଣ ମଂଚ ନିର୍ମାଣ ହୋଇଥିଲା। ବର୍ଷରେ ତିନିଦିନ ଏହି ମଞ୍ଚଟିକୁ ଲୋକ ଦେଖୁଥିବା ବେଳେ ବାକି ୩୬୨ ଦିନ ରକ୍ଷଣାବେକ୍ଷଣ ଅଭାବରୁ ଏହା ଲତାଗୁଳ୍ମରେ ଅଚ୍ଛାଦିତ ହୋଇରହୁଛି। ବିଶେଷ କରି ଦୁର୍ଘଟଣାଗ୍ରସ୍ତ ଓ ଜବତ ଗାଡିଗୁଡ଼ିକ ମେଳଣ ମଞ୍ଚଟିକୁ ଏକ ପ୍ରକାର ଲୁଚେଇ ଦେଉଛି। ଫଳରେ ଗୌରବ ବହନ କରୁଥିବା ଉକ୍ତ ମେଳଣ ମଂଚ ଧୀରେଧୀରେ ଭଗ୍ନ ଆଡକୁ ଗତି କରୁଛି। ତେଣୁ ଏହା ଉପରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।

ଆଚାର୍ଯ୍ୟ ଦେବବ୍ରତଙ୍କ ଶ୍ରଦ୍ଧାଞ୍ଜଳି ସଭା

ଦୋବଲ,୧୦।୮ (ସମିସ): ଦୋବଲ ବୈଦିକ ସତସଙ୍ଗ ସମିତି ପରିସରରେ ରବିବାର ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସତସଙ୍ଗ ସମିତି ସଭାପତି କୃତିବାସ ତ୍ରିପାଠୀଙ୍କ ସଂଯୋଜନାରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ, ସମିତି ସମ୍ପାଦକ ପ୍ରମୋଦ କୁମାର ନାୟକ, ଶିକ୍ଷାବିତ ହୃଦାନନ୍ଦ କର, ଘନଶ୍ୟାମ ଥାଟେଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଦେବବ୍ରତ ଗଞ୍ଜାମ ଜିଲାର ଜଣେ ଜଣାଶୁଣା ବିଦ୍ୱାନ ଥିଲେ। ମୀମାଂସା ଦର୍ଶନର ସୁବେତ୍ତା ସହିତ ଆଧ୍ୟାତ୍ମିକ ପ୍ରେରଣା ଓ ମାର୍ଗ ଦର୍ଶକ ପ୍ରଦାନ କରି ବେଶ ପରିଚିତ ଥିଲେ। ତାଙ୍କ ବିୟୋଗ ସମଗ୍ର ଆର୍ଯ୍ୟ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବକ୍ତା ମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ସାମଲ, ଦଶରଥ ଗାହଣ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଓ ପ୍ରଶାନ୍ତ କୁମାର ସାହୁ, ପ୍ରଭାତ ସାମଲ, କମଳାକାନ୍ତ ଦାସ, ପଂଚାନନ ନାୟକ, ସୁଧାଂଶୁ ଶେଖର ବାରିକ,ଅକ୍ଷୟ କୁମାର ସାହୁ, କରୁଣାକର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଲୋଇସିଂହା ଡାକ୍ତରଖାନାରେ ନବଜାତକ ମୃତ୍ୟୁ ଘଟଣା

ପ୍ରଶାସନିକ ଛାନ୍‌ଭିନ ଆରମ୍ଭ

ବଲାଙ୍ଗିର, ୧୦।୮ (ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଡାକ୍ତରଖାନାରେ ନବଜାତ ମୃତ୍ୟୁ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାର ଛାନଭିନ ଆରମ୍ଭ ହୋଇଥିବା ଜଣାପଡ଼ିଛି। ଘଟଣା ସମୟରେ କିଏ ଡ୍ୟୁଟିରେ ଥିଲା, କେଉଁ ନର୍ସ ମହିଳାଙ୍କ ପ୍ରସବ କରିଥିଲେ। ତାହା ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ସୋମବାର ଏକ ଟିମ୍ ଡାକ୍ତରଖାନାକୁ ଆସି ତଦନ୍ତ କରିବାର ସୂଚନା ବିଶ୍ୱସ୍ତସୂତ୍ରରୁ ମିଳିଛି। ତେବେ ଡାକ୍ତରଖାନାର ଡାକ୍ତର ଓ ନର୍ସମାନଙ୍କ ଯୋଗୁଁ ନବଜାତକର ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିବା ବେଳେ ସମ୍ପୃକ୍ତ ମହିଳାଙ୍କ ଏବେ ବି ଚିକିତ୍ସା ଏକ ଘରୋଇ ଡାକ୍ତରଖାନାରେ କରାଯାଉଥିବା ଜଣାପଡ଼ିଛି।

ଶୁକ୍ରବାର ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜତାକ ମୃତ୍ୟୁ ଘଟଣାକୁ ନେଇ ପ୍ରଶାସନିକ ସ୍ତରରେ ଛାନ୍‌ଭିନ ଆରମ୍ଭ ହୋଇଛି। ଏହି ଘଟଣା ବିଷୟରେ ଡାକ୍ତରଖାନା ମେଡିକାଲ ଅଧିକାରୀଙ୍କ କହିବା ଅନୁସାରେ ଏନେଇ ସୂଚନା ପାଇବା ପରେ ସେ ନିଜେ ଏହାର ଯାଞ୍ଚ ଆରମ୍ଭ କରିଦେଇଥିଲେ। ପରେ ଏନେଇ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରେକର୍ଡ ପ୍ରଦାନ କରିବାକୁ କୁହାଯାଇଥିଲା। ଯାହାକି ପ୍ରଦାନ କରାଯାଇଅଛି। ଏହି ରେକର୍ଡ ଅନୁସାରେ ଘଟଣା ସମୟରେ କିଏ ଡ୍ୟୁଟିରେ ଥିଲା। କେଉଁ ଡାକ୍ତରଙ୍କ ଡ୍ୟୁଟି ଥିଲା ଓ କେଉଁ ଦୁଇ ଜଣ ନର୍ସ ପ୍ରସବ କରିଥିଲେ। ଉକ୍ତ ରେକର୍ଡ ଅନୁସାରେ ଘଟଣା ସମୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଦୁଇ ଦିନିଆ ଛୁଟିରେ ରହିଥିବାରୁ ସେ ଅନୁପସ୍ଥିତ ଥିଲେ। କିନ୍ତୁ ଜଣେ ଏମବିବିଏସ୍ ଡାକ୍ତର ସୁପ୍ରିୟା ନାଗ ଡ୍ୟୁଟିରେ ରହିଥିଲେ। ନର୍ସମାନେ ବିଶେଷ କରି ପ୍ରସବ କରାଇଥାନ୍ତି କିନ୍ତୁ ଡାକ୍ତର ପ୍ରଥମେ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥାନ୍ତି। ଯଦି କିଛି ସମସ୍ୟା ରହିଥାଏ ତେବେ ତାହା ଡାକ୍ତର ନିଜେ ଯାଞ୍ଚ କରିଥାନ୍ତି।କିନ୍ତୁ ସେହିଦିନ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ନଥିବାରୁ ନର୍ସମାନେ

ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ଲୋକ

ପ୍ରସବ କରାଇଥିଲେ। ପରେ ନବଜାତକର ଅବସ୍ଥା ଗୁରୁତର ହେବା ପରେ ଡ୍ୟୁଟିରେ ଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ମଧ୍ୟ ରହିଛନ୍ତି। ସେହି ସମୟରେ ସେ ଡାକ୍ତରଖାନାରେ ନଥିବା ବେଳେ ଫୋନରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା ଓ ସେ ଅକ୍ସିଜେନ ଦେଇ ରୋଗୀକୁ ସ୍ଥାନାନ୍ତର କରିବାକୁ କହିଥିଲେ। ତେବେ ସତରେ କଣ ଡାକ୍ତରଙ୍କ ଅନୁପସ୍ଥିତିରେ ବିନା ପରାମର୍ଶରେ ନର୍ସମାନେ ପ୍ରସବ କରାଉଛନ୍ତି। ଯଦି ସତ ତେବେ ତାହା ଏହା ଆଉ ଏକ ସାଂଘାତିକ ବିଷୟ। ଲୋଇସିଂହା ଡାକ୍ତରଖାନା ଉପରେ ଲୋଇସିଂହା ବ୍ଲକ, ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର କିଛି ପଞ୍ଚାୟତ, ଆଗଲପୁର ବ୍ଲକ, ସୋନପୁର ଜିଲ୍ଲାର କିଛି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ଡାକ୍ତରଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଖାଲି ପଡ଼ିଥିବା ବେଳେ ଜଣେ ସ୍ଥାନୀୟ ଡାକ୍ତରଙ୍କୁ ଏହି ଡାକ୍ତରଖାନାରେ ମନ୍ତ୍ରୀ ନିଜେ ନିଯୁକ୍ତି ଦେଇଥିଲେ। ତଥାପି ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଛି। ସୂଚନା ଯୋଗ୍ୟ ଯେ ଗତ ଶୁକ୍ରବାର ଲୋଇସିଂହା କୁମ୍ଭାରପଡ଼ାର ନବୀନ ରଣାଙ୍କ ସ୍ତ୍ରୀ ରିଙ୍କି ରଣାଙ୍କୁ ପ୍ରସବ ପାଇଁ ଭର୍ତ୍ତି କରିଥିଲେ।ତେବେ ରିଙ୍କିଙ୍କୁ ଡାକ୍ତରଖାନା ଭର୍ତ୍ତି କରିବା ପରେ ଦୁଇ ଜଣ ନର୍ସ ଲେବର ରୁମ୍‌କୁ ନେଇ ପ୍ରସବ କରାଇଥିଲେ। ତାହା ପୁଣି ବିନା ଡାକ୍ତରଙ୍କ ଉପସ୍ଥିତିରେ।ତେବେ ଜନ୍ମ ହେବା ପରେ ଶିଶୁ କୌଣସି ପ୍ରତିକ୍ରୀୟା କରିନଥିଲା।ପରେ ଶିଶୁକୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ପଠାଯାଇଥିଲା ସେଠାରେ ଡାକ୍ତର ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାରେ ପ୍ରସୂତୀଙ୍କ ପରିବାର ଲୋକ ଡାକ୍ତରଖାନାର ଅବହେଳାକୁ ଦାୟୀ କରିଥିବା ବେଳେ ଘଟଣାର ତଦନ୍ତ ଓ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିଥିଲେ।ତେବେ ପ୍ରସବ ସମୟରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତୀରିଙ୍କି ରଣାଙ୍କ ସ୍ୱାସ୍ଥ୍ୟବସ୍ଥା ଏବେବି ଖରାପ ରହିଥିବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ସ୍ୱାମୀ କହିଛନ୍ତି। ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ଗଛକୁ ରାକ୍ଷୀବାନ୍ଧି ପୂଜାର୍ଚ୍ଚନା

ଟିଟିଲାଗଡ଼, ୧୦।୮ (ସମିସ): ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଅଲଣ୍ଡା ଚୌଦ୍ୱାର ମହିମା ଆଶ୍ରମରେ ବୃକ୍ଷରୋପଣ ଓ ରକ୍ଷାବନ୍ଧନ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୨୦ ମସିହାରେ ପ୍ରଥମେ ବୃକ୍ଷମାନଙ୍କୁ ରାକ୍ଷୀ ବାନ୍ଧି ଓ ପୂଜାର୍ଚ୍ଚନା କରି ରକ୍ଷାବନ୍ଧନ ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ଶନିବାର ଦିନ ଅପରାହ୍ନ ସମୟରେ ଚୌଦ୍ୱାର ମହିମା ଆଶ୍ରମଠାରେ ସ୍ଥାନୀୟ ଅଲେଖ ମହିମା ଧର୍ମାବଲମ୍ବୀ ଭକ୍ତ, ଅଞ୍ଚଳର ପରିବେଶ ପ୍ରେମୀ ସମବେତ ହୋଇ ବୃକ୍ଷମାନଙ୍କୁ ପୂଜାର୍ଚ୍ଚନା କରିବା ସହ ରାକ୍ଷୀବାନ୍ଧି ଥିଲେ। ପରିବେଶପ୍ରେମୀ ତଥା ପ୍ରକୃତି ବନ୍ଧୁ ସାଇପ୍ରସାଦ ସାହୁଙ୍କ ନେତୃତ୍ୱରେ ଆଶ୍ରମ

ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିମା ଆଶ୍ରମର ମୁଖ୍ୟ ସାଧୁ ପରମାନନ୍ଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଶ୍ରମର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ବୃକ୍ଷ ତଥା ଔଷଧୀୟ ଗଛ ଅନେକ ପ୍ରକାରର ଲଗାଯାଇଥିଲା। ବୃକ୍ଷରୋପଣ ସମୟରେ ଅଲଣ୍ଡା ଗ୍ରାମର ଟଙ୍କ ପାଲ, ବିଷ୍ଣୁ ଭକ୍ତ, ଅଶୋକ ଭକ୍ତ, ମହତାବ ଭକ୍ତ, କୁଶଳ ଭକ୍ତ ଓ ପଣ୍ଡରିପାଣି ଗ୍ରାମର ଚୁଡାମଣି ଗହିର ପ୍ରମୁଖ ଚାରାରୋପଣ ସହଯୋଗ କରିଥିଲେ।ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଶ୍ରୀ ସାହୁ ଉତ୍ସାହିତ କରିଥିଲେ।

ଗଙ୍ଗାଧର ଜୟନ୍ତୀ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ

ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଟିକ୍ରାପଡ଼ା ଶ୍ରୀରାମ ମନ୍ଦିର ରେ ସ୍ୱଭାବ କବି ଗଙ୍ଗାଧର ଜୟନ୍ତୀ ଓ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ସଭାପତି କେଶବ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ମୁଖ୍ୟବକ୍ତା ଭାବରେ ଡ.ଅଶୋକ କୁମାର ସେଠୀ, ସମ୍ମାନିତ ବକ୍ତା ଭାବରେ ଆଦର୍ଶ ଶିକ୍ଷକ କପିଳ ପତି ଯୋଗ ଦେଇ ଗଙ୍ଗାଧର ସାହିତ୍ୟ ଉପରେ ବିଷଦ ଆଲୋଚନା କରି ବର୍ତ୍ତମାନ ସେହି ସାହିତ୍ୟର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ।

ସଭା ଆରମ୍ଭରେ ଗଙ୍ଗାଧରଙ୍କ ଫଟୋରେ ମାଲ୍ୟାର୍ପଣ କରାଯାଇଥିଲା। ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଦ୍ୟାଶକ୍ତି ନାରୀ ସଂଗଠନର ଭଉଣୀମାନେ ପୂଜ୍ୟପୂଜା ସଂଗଠନର ଭାଇମାନଙ୍କୁ ରାକ୍ଷୀବାନ୍ଧି ଦୀର୍ଘଜିବନ କାମନା କରିଥିଲେ। କାର୍ଯ୍ୟକ୍ରମକୁ ସନାଧର ବନଛୋର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଚୁଡେନ୍ଦ୍ର କୁମାର ବେହେରା, ଦୁର୍ଗା ଚରଣ ସାହୁ, ଅରୁଣ ଖୁଆସ, ନିହାରିକା ମିଶ୍ର, ସ୍ୱର୍ଣ୍ଣମୟୀ ମିଶ୍ର, ଦୀପ୍ତିମୟୀ ମିଶ୍ର, ରାଜଶ୍ରୀ ତ୍ରିପାଠୀ, ଆରତୀ ମିଶ୍ର, ମାଳତୀ ଉଦ୍‌ଗାତା, ପ୍ରଦୀପ ପସାୟତ, ରାମ ଶଙ୍କର ଶତପଥି, ଧର୍ମବ୍ରତ ରଥ ଓ ମଦନ ମୋହନ ରଥ ସହଯୋଗ କରିଥିଲେ।ଶେଷରେ ସୁରଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ନିର୍ଯାତନା ପ୍ରତିବାଦ

ଛାତ୍ରଛାତ୍ରୀଙ୍କ ସହ ବିଜେଡି କର୍ମକର୍ତ୍ତା ଘେରିଲେ ପାଟଣାଗଡ଼ ଥାନା

ପାଟଣାଗଡ଼, ୧୦।୮ (ସମିସ): ବିଜେପି ଶାସନରେ ସାରା ଓଡ଼ିଶାରେ ବଢ଼ି ଚାଲିଛି ଛାତ୍ରୀ ଓ ମହିଳା ନିର୍ଯାତନା। ପ୍ରତିବାଦରେ ରବିବାର ପାଟଣାଗଡ଼ ବ୍ଲକ ଏବଂ ପାଟଣାଗଡ଼ ଏନ୍‌ଏସିର ସମସ୍ତ କଲେଜର ଛାତ୍ରଛାତ୍ରୀଙ୍କ ସହିତ ବିଜୁ ଜନତା ଦଳ ତରଫରୁ ରବିବାର ପାଟଣାଗଡ଼ ଥାନା ଘେରଉ ସହ ପୁଲିସ ଡିଜିଙ୍କୁ ପାଟଣାଗଡ଼ ଥାନାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ସ୍ଥାନୀୟ ବ୍ରହ୍ମପୁରା ରଥଭଟା ଠାରେ ଜବାହରଲାଲ କଲେଜ ପାଟଣାଗଡ଼, ଘସିଏନ ଡିଗ୍ରୀ କଲେଜ, ଧୂମାଭଟା କଲେଜ, ଭଇଁଷା କଲେଜ, ବାଳିକା କଲେଜ ପାଟଣାଗଡ଼ ସହ ଅନ୍ୟାନ୍ୟ କଲେଜ ଗୁଡିକର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ପାଟଣାଗଡ଼ ଉପଖଣ୍ଡ ଅଞ୍ଚଳର ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରା ବାହାରି ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ପାଟଣାଗଡ଼ ଥାନାରେ ପହଞ୍ଚିଥିଲେ। ସେଠାରେପ୍ରତିବାଦ ସଭାରେ କଲେଜ ଛାତ୍ରୀ ଚିତ୍ର ରେଖା ବରିହା, ପୂଜା ବରିହା ପ୍ରମୁଖ ଆଦିବାସୀ ଛାତ୍ରୀ ନିଜ ହକ ଅଧିକାର ତଥା ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ପାଇଁ ସ୍ୱର ଉଠାଇଥିଲେ। ସେହିପରି ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର କହିଥିଲେ ଯେ ଗତ ୨୪ ବର୍ଷ ବିଜେଡି ଶାସନରେ ଛାତ୍ରୀ ଓ ନାରୀମାନେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନିଜକୁ ସୁରକ୍ଷିତ ମଣୁଥିଲେ

କିନ୍ତୁ ଗତ ତେର ମାସ ବିଜେପି ଶାସନରେ ମହିଳା ଓ ଛାତ୍ରୀ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି।ସାରା ରାଜ୍ୟରେ ସରକାର ଛାତ୍ରୀ, ମହିଳାଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଓ ମହିଳାଙ୍କ ପାଇଁ ସୁରକ୍ଷା ଆଇନ ଆଣନ୍ତୁ ଆଦି ଉଲ୍ଲେଖ ରହିଛି।ପରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କୁ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ବିଜୁ ଜନତା ଦଳ ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର, ଏନ୍‌ଏସି ଅଧକ୍ଷା ମାନସୀ ବିଶ୍ୱାଳ, ଏନ୍‌ଏସିର ଅନେକ କାଉନସିଲର, ବିଭିନ୍ନ ଜିଲ୍ଲାପରିଷଦ ସଭ୍ୟ, ସଭ୍ୟା, ବିଭିନ୍ନ ପଞ୍ଚାୟତ ଗୁଡିକର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ଜୟନ୍ତ କୁମ୍ଭାର, ଗୋବିନ୍ଦ ମେହେର, ସୁକୁମାର ବାରିକ, ବ୍ଲକ ଉପାଧାକ୍ଷା ଲକ୍ଷ୍ମୀ ମାଝୀ, ହିମାଞ୍ଚଳ ପଧାନ, ଗଣ୍ଡରାମ ବେହେରା ପ୍ରମୁଖଙ୍କ ସହ ବିଜେଡି ଦଳର କର୍ମକର୍ତ୍ତା ଓ ବିଭିନ୍ନ କଲେଜରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ସାମିଲ ଥିଲେ।

ରୋଟାରି କ୍ଲବ୍ ଅଫ୍ ଏଲିଟ୍ ପକ୍ଷରୁ ବୃକ୍ଷରୋପଣ

ବଲାଙ୍ଗିର, ୧୦।୮ (ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ସିଙ୍ଗାଣିମୁଣ୍ଡା ଗ୍ରାମଠାରେ ରୋଟାରି ଏଲିଟ ତରଫରୁ 'ଗ୍ରୀନ ଡ୍ରିମ'ମା'ଙ୍କ ନାଁରେ ଗୋଟିଏ ଗଛ

ସ୍ଲୋଗାନ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡର ବଲାଙ୍ଗିର ଶାଖାର ଆଞ୍ଚଳିକ ଅଧିକାରୀ ବବିତା ସିଂ ଯୋଗଦେଇ ରୋଟାରି ଏଲିଟର ସଭ୍ୟମାନଙ୍କୁ ଉତ୍ସାହିତ କରିଥିଲେ।ପ୍ରାୟ ୧୫୦ଟି ବିଭିନ୍ନ କିସମର ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲିଟ ସଭାପତି ଦର୍ଶନ ଭମର, ସମ୍ପାଦକ ମୁକେଶ ପଟେଲ ଓ ଏଲିଟର ସମସ୍ତ ସଭ୍ୟ ସଭ୍ୟା ଗ୍ରୀନ ଡ୍ରିମ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।ଆସନ୍ତା ଅଗଷ୍ଟ ୧୫ ଦିନ ବିଭିନ୍ନ କିସମର ଚାରା ରୋଟାରି ଏଲିଟ ତରଫରୁ ବଣ୍ଟନ କରା ହେବ ବୋଲି ସଭାପତି ଶ୍ରୀ ଦର୍ଶନ ଭମର କହିଛନ୍ତି।

ଦୁଇ ଗାଡ଼ି ସହ ଗଞ୍ଜେଇ ଜବତ, ୨ ଗିରଫ

ସଇଁତଲା, ୧୦।୮ (ସମିସ): ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ପୁଲିସ ଚଢ଼ଉ କରି ୧୦୦କେଜି ଗଞ୍ଜେଇ ଜବତ କରିବାର ସହ ୨ ଜଣଙ୍କୁ ଗିରଫ କରିଛି। ଚାରି ଚକିଆ ଗାଡି ଡ଼ିକି ଭିତରେ ଏକ ରୋଲ ବ୍ୟାଗ ଭିତରେ ଗଞ୍ଜେଇ ଚାଲାଣ କରୁଥିଲେ। ସୂଚନା ମତେ ବଲାଙ୍ଗିର ଜିଲ୍ଲା ସଇଁତଲା ପୁଲିସ ଚାରି ଚକିଆ ଦୁଇଟି ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇବା ପରେ ଲାନ୍ଥ ନଦୀ ବ୍ରିଜ ନିକଟରେ ପେଟ୍ରୋଲିଂ କରୁ ଥିବା ବେଳେ ଗୋଟିଏ ଗାଡିକୁ କାବୁ କରିବା ପରେ ଅନ୍ୟ ଗାଡି ପୁଲିସକୁ

ଦେଖି ଫେରାର ମାରିବାକୁ ଚେଷ୍ଟା କରୁଥିଲା। ପୁଲିସ ଦୁଇଟି ଗାଡିକୁ ଜବତ କରିବାରେ ସଫଳ ହୋଇଛି। ପରେ ଥାନାକୁ ଦୁଇ ଜଣ ଗଞ୍ଜେଇ ଚାଲାଣକାରୀକୁ ଆଣି ପଚରାଉଚରା କରିବା ପରେ ବୌଦ୍ଧରୁ ଟିଟିଲାଗଡ଼ ଦେଇ ରାୟପୁରକୁ ଗଞ୍ଜେଇ ଚାଲାଣ କରିବା ପାଇଁ ବ୍ୟବସ୍ଥା କରାଯାଉ ଥିଲା। ପୁଲିସ ୧୦୦ କେଜି ୨୩୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତମାନେ ସୁବର୍ଣ୍ଣପୁର ଜିଲ୍ଲାର ସଞ୍ଜୀବ ମିଶ୍ର ଓ ବୌଦ୍ଧର ଦେବନ୍ତ କର୍ଣ୍ଣ ବୋଲି ଜଣାପଡ଼ିଛି। ଦୁଇଟି ଚାରି ଚକିଆ ଗାଡି, ୧୫ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଜବତ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବା ନେଇ ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ ସୂଚନା ଦେଇଛନ୍ତି।

ସଇଁତଲା ଅଞ୍ଚଳରେ ସାର କଳାବଜାର

ସଇଁତଲା, ୧୦।୮ (ସମିସ): ସରକାର ଚାଷୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଉତ୍କୃଷ୍ଟମାନର ଧାନ ପାଇବା ପାଇଁ ବିଭିନ୍ନ କିସମର ସାର ସୁଲଭ ମୂଲ୍ୟରେ ଧାନ ଗୁଲା ତଥା ଲାଇସେନ୍ସପ୍ରାପ୍ତ ସାର ବ୍ୟବସାୟୀ ନିଯୁକ୍ତ କରିଛନ୍ତି। କିନ୍ତୁ ସଇଁତଲା ଅଞ୍ଚଳରେ ଚାଷୀଙ୍କୁ ଠିକ ଭାବରେ ସାର ଦିଆ ଯାଉନାହିଁ। ସାର ବସ୍ତା ଗୁଡିକ ଓଜନ କମ ରହୁଥିବା ବେଳେ କିଛି ଅସାଧୁ ବ୍ୟବସାୟୀ ନିମ୍ନମାନର ସାରକୁ ଅନ୍ୟ କମ୍ପାନୀ ସାର ବସ୍ତାରେ ଭରି ମେସିନ ସିଲେଇ କରି ଚାଷୀଙ୍କୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ ଚୋରା ଚାଲାଣ କରି ନିମ୍ନମାନର ସାର ଆଣି କିଛି ଅସାଧୁ ବ୍ୟବସାୟୀ ଚାଷୀଙ୍କୁ ଶୋଷଣ କରୁଛନ୍ତି। କିନ୍ତୁ କୃଷି ବିଭାଗ ଏ ସବୁ ଜାଣି ମଧ ଚୁପ ରହୁଛି। ବ୍ୟବସାୟୀ ଓ କୃଷି ଅଧିକାରୀଙ୍କ ମଧୁଚନ୍ଦ୍ରିକା ଚାଷୀଙ୍କୁ ଶୋଷଣ କରି ମାଲାମାଲ ହେଉଛନ୍ତି। ଏ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ସଇଁତଲା ବ୍ଲକର ସଇଁତଲା, ଖାସବାହାଲ, ଘୁନସର, ବେଲଗାଁ, ସିସକେଲା, କରମତଳା, ଟିକ୍ରାପଡ଼ା, ଝିକିଡୁଙ୍ଗରି ତଥା ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମ ଚେକ କରି ଯେଉ ବ୍ୟବସାୟୀ ଅସାଧୁ ଉପାୟ ଅବଲମ୍ବନ କରୁଛନ୍ତି ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି। ଏହାକୁ ନେଇ ଚାଷୀମାନେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

କେନ୍ଦୁମୁଣ୍ଡା କ୍ଲଷ୍ଟର ରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ସିନାପାଲି, ୧୦।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ କେନ୍ଦୁମୁଣ୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ 'ଆସ ସ୍କୁଲ ଯିବା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଏହି କାର୍ଯ୍ୟକ୍ରମରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଆଣିବା ପାଇଁ ପ୍ରୟାସ କରାଯିବ ସହ ତାଙ୍କର ପିତା ମାତାଙ୍କ ସହ ଆଲୋଚନା କରିବା ଓ ୨୦୧୯ ଶିକ୍ଷା ନୀତି ଆଧାରରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ କେହି ଯେମିତି ବଞ୍ଚିତ ନ ହେବେ ସେଥିପାଇଁ ଦୃଷ୍ଟି ଦେବାକୁ ଆହ୍ୱାନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମକୁ ସାର୍ବଜନୀନ କରିବା ପାଇଁ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବୁଦ୍ଧିଜୀବୀ ସାମିଲରହି ଶିକ୍ଷାକ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ କେନ୍ଦୁମୁଣ୍ଡା କ୍ଲଷ୍ଟର ସିଆରସିସି ମହେନ୍ଦ୍ର ବାଗ, ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣାନନ୍ଦ ନାଏକ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ଖର୍ସେଲ ସମେତ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଜନ ପ୍ରତିନିଧି ଯୋଗଦାନ କରିଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ସିନାପାଲି ବ୍ଲକର ବିଭିନ୍ନ କ୍ଲଷ୍ଟରରେ ହୋଇଛି।

ବେଲପଡ଼ା ପଞ୍ଚାୟତରେ ମନରେଗା ଅନିୟମିତତା

ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା, ୧୦।୮ (ସମିସ)

- ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ
- କାମ ନ କରି ଟଙ୍କା ଉଠାଇଥିବା ଅଭିଯୋଗ

କେନ୍ଦ୍ର ସରକାର ମନରେଗା ଯୋଜନାରେ ଗ୍ରାମାଞ୍ଚଳ ଶ୍ରମିକଙ୍କୁ ରୋଜଗାର ଯୋଗାଇ ଦେଉଥିବା ବେଳେ ପଞ୍ଚାୟତ ଅଧିନସ୍ଥ ଅନେକ ଗାଁର ଉନ୍ନତିମୂଳକ କାର୍ଯ୍ୟ ମନରେଗା ଯୋଜନାରେ ମେଟ୍ରିଆଲ କାମ କରାଯାଉଛି। ଯେଉଁଥିରେ ପୋଖରୀ କଡରେ ଗାଡୱାଲ ନିର୍ମାଣ, ପାହାଚ ନିର୍ମାଣ, କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି। ମେଟ୍ରିଆଲ କାମରେ ଅନେକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ବେଲପଡ଼ାରୁ ଗତ ୫ ତାରିଖଦିନ ଶତାଧିକ ବେଲପଡ଼ା ପଞ୍ଚାୟତବାସୀ ବଲାଙ୍ଗିର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ୬ଦଫା ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ପତ୍ରରେ ବେଲପଡ଼ା ପଞ୍ଚାୟତର ଦେଓଗାଁ ଠାରୁ ତେଲିପଦର ରାସ୍ତା ଉନ୍ନତୀକରଣ କାମ ମନରେଗା ଯୋଜନାରେ ଅଟକଳ ପରିମାଣ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଉଥିବା ବେଳେ ୩ଲକ୍ଷ ୫୭ ହଜାର ୧୦୬ ଟଙ୍କା ମିଥ୍ୟା ବିଲ କରି ଅର୍ଥ ଆତ୍ମସାତ କରାଯାଇଛି। ସେହିପରି ଦେଓଗାଁ ଗ୍ରାମର ଲୁହାଖୁନି ନାଳା କାର୍ଯ୍ୟ କରାଯାଇଛି। ଯାହାର ଅଟକଳ ପରିମାଣ ଦଶ ଲକ୍ଷ ଟଙ୍କା ଅଟେ। ହେଲେ ପ୍ରକୃତରେ ଜେସିବିରେ କିଛି କାମ କରାଯାଇଛି ଓ ୫ଲକ୍ଷ ୫୮ ହଜାର ୧୨ ଟଙ୍କା ଓ ପଦାର୍ଥ ସାମଗ୍ରୀ ବାବଦକୁ ୩ଲକ୍ଷ ୩୦ହଜାର ୨୭୫ ଟଙ୍କା ସବୁ ମିଶି ୮ ଲକ୍ଷ ୧ହଜାର ୨୮୭ ଟଙ୍କା ଆତ୍ମସାତ କରାଯାଇଛି। ଏହି କାର୍ଯ୍ୟରେ କୌଣସି ଶ୍ରମିକ ନିୟୋଜିତ ନ କରି ନକଲି ଶ୍ରମିକଙ୍କ ନାଁରେ ମିଥ୍ୟା ବିଲ କରି ଟଙ୍କା ଉଠା ଯାଇଛି। ବାଗବାହାଲ ଠାରୁ ଦେଓଗାଁ ରାସ୍ତା ପଞ୍ଚାୟତ ତରଫରୁ ମନରେଗାର ଯୋଜନାରେ ଫାଇଲ ମଞ୍ଜୁର ହୋଇଯାଇଛି। ସେହି କାମକୁ ଜେସିବି ମେସିନ ଓ ଟ୍ରାକ୍ଟରରେ ମାଟି ପକାଇ କାମ କରୁଥିବାରୁ ଯାତାୟତ କରୁଥିବା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଲପଡ଼ା ପଞ୍ଚାୟତର ୧୧ ଟି ଗ୍ରାମକୁ ନେଇ ଗଠିତ ସବୁ ଗ୍ରାମରେ ମନରେଗା ଯୋଜନାରେ କାମ ଚାଲିଛି। ଏବଂ ସବୁ ଗ୍ରାମରେ ସରକାରୀ ଅନୁଦାନ ଆତ୍ମସାତ କରି ଚାଲିଛନ୍ତି ଏହାର ପୁଙ୍ଖାନୁପୁଙ୍ଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ପ୍ରତୋକ ମନରେଗା କାମ ପଞ୍ଚାୟତର ଫାଇଲ ଅଟେ ସରପଞ୍ଚ ନିଜେ ଠିକା କାମ କରନ୍ତି। ପୁରୁଣା ଗାଁ ସାଥୀମାନଙ୍କର ସ୍ଥାନରେ ନୂତନ ଗାଁ ସାଥି ନିଯୁକ୍ତି କରି ତାଙ୍କୁ ସୁହାଇଲା ଭଳିଆ କାର୍ଯ୍ୟକରି ଅର୍ଥ ଆତ୍ମସାତ କରୁଛନ୍ତି। କାର୍ଯ୍ୟ ହେଉଥିବା ଗାଁର ଗାଁ ସାଥୀଙ୍କୁ ନ ଲଗାଇ ଅନ୍ୟ ଗାଁସାଥୀଙ୍କୁ ନିୟୋଜିତ କରାଯାଇଛି। ସବୁ ଜାଣିବା ଦାୟିତ୍ୱ ଥିବା ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ କିପରି ବିଲ କରୁଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଡିଓ କ୍ଷେତ୍ର ପରିଦର୍ଶନ କରୁନାହାଁନ୍ତି। ମନରେଗା ଦୁର୍ନୀତିର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ନଚେତ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ବେଲପଡ଼ା ପଞ୍ଚାୟତ ଦେଓଗାଁ ବାସୀ ଅଭିଯୋଗ ପତ୍ର ଉଲ୍ଲେଖ ରଖିଛନ୍ତି।